# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୪/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, September 4/2024 | Page 16 | ₹ 7.00

୫୦ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 281 | ମୂଲ୍ୟ ₹୭/-




**କଙ୍ଗନାଙ୍କ ପରବର୍ତ୍ତୀ ଫିଲ୍ମ 'ଭାରତ ଭାଗ୍ୟବିଧାତା'**

ଅଭିନେତ୍ରୀ କଙ୍ଗନା ରାଣାୱତ ମଙ୍ଗଳବାର ନିଜର ପରବର୍ତ୍ତୀ ପ୍ରୋଜେକ୍ଟ 'ଭାରତ ଭାଗ୍ୟବିଧାତା' ହୋଇଥିବା ଘୋଷଣା କରିଛନ୍ତି।

୦୨

୧୬

**ବୋପାନ୍ନା ସେମିଫାଇନାଲରେ**

ୟୁଏସ୍ ଓପନ ଟେନିସ ମିକ୍ସଡ ଡବଲ୍ସ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରୋହନ ବୋପାନ୍ନା।



# ୯ ମାଓବାଦୀ ନିହତ

## ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୩।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ ସହ ଗୁଳି ବିନିମୟରେ ମଙ୍ଗଳବାର ୯ ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି। ସେମାନେ ବ୍ୟବହାର କରୁଥିବା ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ମାଓବାଦୀ ଦମନ ଅଭିଯାନରେ ସର୍ଚ୍ଚ ଅପରେଶନ କରୁଥିଲେ। ଦାନ୍ତେୱାଡା ଓ ବିଜାପୁର ସୀମାବର୍ତ୍ତୀ ଅଞ୍ଚଳ ପଶ୍ଚିମବସ୍ତର ଡିଭିଜନରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

**ମହିଳା ବିରୋଧୀ ଭାବନା**

# ଅଜିତ, ଶରଦଙ୍କୁ ରୌପ୍ୟ



ଅଜିତ ସିଂ



ଶରଦ କୁମାର

## ସୁନ୍ଦର, ଥଙ୍ଗାଭେଲୁ, ଦୀପ୍ତିଙ୍କୁ ବ୍ରୋଞ୍ଜ

## ପାରାଲିମ୍ପିକ୍ସ ଇତିହାସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ: ମିଳିଲାଣି ୨୦ ପଦକ

ପ୍ୟାରିସ୍,୩।୯

ପ୍ୟାରିସ୍ ପାରାଲିମ୍ପିକ୍ସରେ ମଙ୍ଗଳବାର ଭାରତକୁ ୨ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ମିଳିଛି। ଟି୬୩ ପୁରୁଷ ହାଇଜମ୍ପରେ ଶରଦ କୁମାର ରୌପ୍ୟ ଓ ମାରିୟାପ୍ପାନ ଥଙ୍ଗାଭେଲୁ ବ୍ରୋଞ୍ଜ ଏବଂ ଏଫ୪୬ ପୁରୁଷ ଜାଭେଲିନ୍ ଥ୍ରୋରେ ଅଜିତ ସିଂ ରୌପ୍ୟ ଓ ସୁନ୍ଦର ସିଂ ଗୁର୍ଜର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ମହିଳା ଟି୨୦ ବର୍ଗର ୪୦୦ ମିଟର ରେସ୍‌ରେ ଦୀପ୍ତି ଜୀବନଜୀ ୫୫.୮୨ ସେକେଣ୍ଡର ଟାଇମିଂ ସହିତ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ହାଇଜମ୍ପ ଇଭେଣ୍ଟରେ ଶରଦ ୧.୮୮ ଓ ଟୋକିଓ ପାରାଲିମ୍ପିକ୍ସର ଗୋଲ୍ଡ ମେଡାଲିଷ୍ଟ ଥଙ୍ଗାଭେଲୁ ୧.୮୫ ମିଟର କ୍ଲିୟର କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟତମ ଭାରତୀୟ ଶୈଳେଶ କୁମାର ୧.୮୫ ମିଟର ଡେଇଁଥିଲେ ହେଁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଆମେରିକାର ଇଜରା ଫ୍ରେଚ୍ ୧.୯୪ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ପୁରୁଷ ଜାଭେଲିନ୍ ଥ୍ରୋରେ ଅଜିତ ବ୍ୟକ୍ତିଗତ ଶ୍ରେଷ୍ଠ ୬୫.୬୨ ଓ ସୁନ୍ଦର ସିଂ ସିଜନ ଶ୍ରେଷ୍ଠ ୬୪.୯୬ ମିଟର ଥ୍ରୋ କରିଥିଲେ। ଏଥିରେ କ୍ୟୁବାର ଭରୋନା ଗୋଞ୍ଜାଲେଜ ଗୁଲେଇର୍ମୋ ୬୬.୧୪ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟ ଭାରତୀୟ ଥ୍ରୋୟର ରିଙ୍କୁ ୬୧.୫୮ ମିଟର ସହିତ ୫ମ ସ୍ଥାନରେ ରହିଛନ୍ତି। ମହିଳା ଟି୨୦ ବର୍ଗର ୪୦୦ ମିଟର ☞ପୃଷ୍ଠା-୪

# ହାଇକୋର୍ଟ ବେଞ୍ଚ ବିଚାର ଚାଲିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୯ (ଅନିଲ ଦାସ)

ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ସରକାରଙ୍କ ବିଚାରାଧୀନ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ ଏହା ସ୍ପଷ୍ଟ କରିଛନ୍ତି। ଲୋକଙ୍କୁ ତ୍ୱରିତ୍ ନ୍ୟାୟ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୋମବାର ବିଜେଡି ସଭ୍ୟ କଳିକେଶ ନାରାୟଣ ସିଂହଦେଓଙ୍କ ବଲାଙ୍ଗୀରରେ ହାଇକୋର୍ଟର ସର୍କିଟ୍ ବେଞ୍ଚ ସ୍ଥାପନ ସମ୍ପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏ ସମ୍ପର୍କିତ ଆସିଥିବା ରାୟ ଅନୁସାରେ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବାର ଯଥାର୍ଥତା ନାହିଁ। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏଭଳି ଉତ୍ତର ରଖିବା ପରେ ଏହାକୁ ନେଇ ବିରୋଧୀ ଦଳ ଓ ଶାସକ ଦଳର ସଭ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ବେଞ୍ଚ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଆମେ କେତେ ବର୍ଷ ବିଚାରାଧୀନ ରଖିବା ବୋଲି ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ନେଇ ସରକାର ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଦ୍ୱନ୍ଦ୍ୱରେ ନ ପକାଇ ନେତୃତ୍ୱ ନିଅନ୍ତୁ ବୋଲି କଂଗ୍ରେସ ବିଧାୟକ ରଜନ ଏକ୍କା କହିଛନ୍ତି। ଭାଜପା ବିଧାୟକ ଲକ୍ଷ୍ମଣ ବାଗ କହିଛନ୍ତି, ଲୋକଙ୍କ ସୁବିଧାକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ।

# ବଳାତ୍କାର, ହତ୍ୟାର ଶିକାର ଯୁବତୀଙ୍କୁ ଗାଁ ମଶାଣିରେ ଜାଗା ମିଳିଲାନି

ନାକଟୀଦେଉଳ, ୩।୯ (ବୈକୁଣ୍ଠନାଥ ସାହୁ)

ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଜଣେ ଯୁବତୀଙ୍କ ମୃତଦେହକୁ ନିଜ ଗାଁ ଶ୍ମଶାନରେ ସତ୍କାର ପାଇଁ ସ୍ଥାନ ମିଳିଲାନାହିଁ। ଗାଁର କେତେଜଣ ଲୋକ ବିରୋଧ କରିବାରୁ ମୃତାଙ୍କ ଶବ ସତ୍କାର ପାଇଁ ଉଭୟ ପୋଲିସ ଏବଂ ସାଧାରଣ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଛି। ପୋଲିସ ମୃତାଙ୍କ ପରିବାରବର୍ଗଙ୍କୁ ସାଙ୍ଗରେ ଧରି ସତ୍କାର ପାଇଁ ୩ ଘଣ୍ଟା ମୃତଦେହକୁ ଏକ ଗାଡ଼ିରେ ବୋହି ଏ ଗାଁରୁ ସେ ଗାଁ ବୁଲିଥିବା ପରି ଏକ ଅଭାବନୀୟ ଚିତ୍ର ମଙ୍ଗଳବାର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ସାହେବୀ ଗ୍ରାମରେ। ଶେଷରେ ପ୍ରଶାସନ ମୃତଦେହକୁ ଗାଁଠାରୁ ୩୫କି.ମି. ଦୂର ରେଢ଼ାଖୋଲ ନେଇ ଏନ୍ଏସି ଶବଦାହ ଗୃହରେ ପରିବାରବର୍ଗଙ୍କ ଉପସ୍ଥିତିରେ ସତ୍କାର କରାଇଥିଲା। ଏହିଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ବଲପୁର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ୩ ଘଣ୍ଟା ମୃତଦେହ ଧରି ବୁଲିଲା ପୋଲିସ

ଗତ ୩୦ତାରିଖରେ ସାହେବୀ ଗାଁର ସମ୍ପୃକ୍ତା ୧୯ବର୍ଷୀୟା ଯୁବତୀ ଜଣକ ନିକଟସ୍ଥ ସୁଆଗିଝରଣ ନାଳକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ୩ ଦିନ ପରେ ତାଙ୍କ ଉଲଗ୍ନ ଗଳିତ ମୃତଦେହ ନିକଟସ୍ଥ କାଉଁଶୀଖୁଜ ଜଙ୍ଗଲରୁ ଜବତ ହୋଇଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଛି ଏବଂ ସାହେବୀ ଗ୍ରାମର ହରି ବେହେରାଙ୍କର ଏଥିରେ ହାତ ଅଛି ବୋଲି ସେମାନେ ସନ୍ଦେହକରି ନାକଟୀଦେଉଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। ନାଳରେ ଶୌଚ ସମୟରେ ସମ୍ପୃକ୍ତା ଯୁବତୀଙ୍କ ☞ପୃଷ୍ଠା-୪

# ପୀଡ଼ିତାଙ୍କ ମୃତ୍ୟୁ ଘଟିଲେ ବଳାତ୍କାରୀଙ୍କୁ ଫାଶୀ

## ପଶ୍ଚିମବଙ୍ଗ ବିଧାନସଭାରେ ବଳାତ୍କାର ନିରୋଧୀ ବିଲ୍ 'ଅପରାଜିତା' ଗୃହୀତ

କୋଲକାତା,୩।୯

ପଶ୍ଚିମବଙ୍ଗ ବିଧାନସଭାରେ ମଙ୍ଗଳବାର ବଳାତ୍କାର ନିରୋଧୀ ବିଲ୍ 'ଅପରାଜିତା' ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ପୀଡ଼ିତାଙ୍କର ମୃତ୍ୟୁ ହେଲେ ବଳାତ୍କାରୀଙ୍କୁ ଫାଶୀ ଦେବା ପାଇଁ ବିଲ୍‌ରେ ବ୍ୟବସ୍ଥା ରହିଛି। ପ୍ରଥମେ ଏହାକୁ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ପାଖକୁ ଏବଂ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପାଇଁ ପଠାଯିବ। ବଳାତ୍କାର, ଗଣବଳାତ୍କାର, ଶିଶୁଙ୍କ ପ୍ରତି ଯୌନ ଅପରାଧ ମାମଲାର ବିଚାର ପାଇଁ ରହିଥିବା କେନ୍ଦ୍ରୀୟ ଆଇନରେ ସଂଶୋଧନ ଆଣିବାରେ ପଶ୍ଚିମବଙ୍ଗ ପ୍ରଥମ ରାଜ୍ୟ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉକ୍ତ ବିଲ୍‌କୁ ଐତିହାସିକ ଏବଂ ଆଦର୍ଶ ବୋଲି କହିବା ସହ ଆର୍.ଜି. କର ମେଡିକାଲ କଲେଜରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି। ଅପରାଜିତା ମହିଳା ଓ ଶିଶୁ ବିଲ୍ (ପଶ୍ଚିମବଙ୍ଗ ଆପରାଧିକ ଆଇନ ଓ ସଂଶୋଧନ)୨୦୨୪ର ବ୍ୟବସ୍ଥା ଅନୁଯାୟୀ ବଳାତ୍କାର ପୀଡ଼ିତାଙ୍କ ପ୍ରତି ଅପରାଧୀଙ୍କର କୌଣସି କାର୍ଯ୍ୟ ଯୋଗୁ ଯଦି ତାଙ୍କର ମୃତ୍ୟୁ



ମମତା ବାନାର୍ଜୀ

ଘଟେ ବା ସେ ଚେତନ ଶକ୍ତି ହରାଇ ବସନ୍ତି, ତେବେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ଯେଉଁମାନେ କେବଳ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହେବେ, ସେମାନଙ୍କ ପାଇଁ ବିନା ପାରୋଲରେ ଆଜୀବନ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଉକ୍ତ ବିଲ୍ ଉପରେ ସ୍ୱୀକୃତି ଦେବା ନିମନ୍ତେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟପାଳଙ୍କୁ ଅନୁରୋଧ କରନ୍ତୁ ବୋଲି ମମତା କହିଛନ୍ତି। ଅନ୍ୟପକ୍ଷରେ ମହିଳାମାନଙ୍କ ସୁରକ୍ଷା ପାଇଁ ପ୍ରଭାବୀ ଆଇନ କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇ ନ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦିଅନ୍ତୁ ବୋଲି ମମତା ଦାବି କରିଛନ୍ତି। ପ୍ରସ୍ତାବିତ ଆଇନରେ ତ୍ୱରିତ ତଦନ୍ତ, ତୁରନ୍ତ ନ୍ୟାୟ ପ୍ରଦାନ ଏବଂ ଅପରାଧୀଙ୍କ ଦଣ୍ଡ ବଢ଼ାଇବା ବ୍ୟବସ୍ଥା ରହିଛି। ଆର୍.ଜି. କର ହସ୍ପିଟାଲରେ ବଳାତ୍କାର ଓ ହତ୍ୟା ଘଟଣାରେ ମମତା ଇସ୍ତଫା ଦିଅନ୍ତୁ ବୋଲି ଦାବି କରି ଭାଜପା ବିଧାୟକମାନେ ସ୍ଲୋଗାନ ଦେଇଥିଲେ। ଏହାର ଜବାବରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିଲ୍ ଗୃହୀତ କରାଇବାରେ ପ୍ରତିବନ୍ଧକ ସାଜିଥିବା ବିରୋଧୀ ଦଳ ନେତା ଶୁଭେନ୍ଦୁ ଇସ୍ତଫା ଦିଅନ୍ତୁ। କେନ୍ଦ୍ର ସରକାର ମଧ୍ୟ ବର୍ତ୍ତମାନର ☞ପୃଷ୍ଠା-୪

# ଛାତ୍ରଙ୍କୁ ଗୁଳିକରି ହତ୍ୟା କଲେ ଗୋରକ୍ଷକ

ଫରିଦାବାଦ,୩।୯

ହରିୟାଣାର ଫରିଦାବାଦରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କୁ ଗୋରୁ ଚାଲାଣକାରୀ ସନ୍ଦେହରେ ତଥାକଥିତ ଗୋରକ୍ଷକମାନେ ଗୁଳିକରି ହତ୍ୟା କରିଛନ୍ତି। ୫ ଜଣିଆ ଗୋରକ୍ଷକ ଟିମ୍ ଆର୍ଯ୍ୟନ ମିଶ୍ରାଙ୍କୁ କାର୍ ଯୋଗେ ୨୫ କିଲୋମିଟର ପର୍ଯ୍ୟନ୍ତ ଗୋଡ଼ାଇବା ପରେ ଗୁଳି ଚଳାଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଫରିଦାବାଦ ପୋଲିସ ଗିରଫ କରିଛି।

ଗତ ଅଗଷ୍ଟ ୨୩ରେ ଏହି ଘଟଣା ଘଟିଛି। ୧୯ ବର୍ଷୀୟ ଆର୍ଯ୍ୟନ ତାଙ୍କ ସାଙ୍ଗ ହର୍ଷିତ ଏବଂ ଶାଙ୍କିଙ୍କ ସହ ଏକ ଏସ୍‌ୟୁଭିରେ ନୁଡଲ୍ସ ଖାଇବାକୁ ଯାଇଥିଲେ। ଗିରଫ ଗୋରକ୍ଷକମାନେ ପୋଲିସକୁ କହିଛନ୍ତି, ଗୋରୁ ଚାଲାଣ ସମ୍ପର୍କରେ ସେମାନଙ୍କୁ ଖବର ମିଳିଥିଲା। ଉକ୍ତ ୩ ସାଙ୍ଗ ସେଥିରେ ସମ୍ପୃକ୍ତ ଥିବା ଭୁଲ୍‌ବଶତଃ ସେମାନେ ବିଶ୍ୱାସ କରିନେଇଥିଲେ। ଅନ୍ୟ ଏକ ଗାଡ଼ିରେ ଆସୁଥିବା ଗୋରକ୍ଷକମାନେ ଏସ୍‌ୟୁଭିକୁ ଅଟକିବାକୁ ଇସାରା ଦେଇଥିଲେ। ସେତେବେଳେ ହର୍ଷିତ ଗାଡ଼ି



ମୃତ ଆର୍ଯ୍ୟନ ମିଶ୍ରା

ଚଳାଉଥିବାବେଳେ ଆଗ ସିଟ୍‌ରେ ଆର୍ଯ୍ୟନ ଓ ପଛରେ ଶାଙ୍କି ଓ ଅନ୍ୟ ୨ ମହିଳା ବସିଥିଲେ। ସେମାନଙ୍କ ଇସାରାରେ ହର୍ଷିତ ଡରିଯାଇ ଜୋର୍‌ରେ ଗାଡ଼ି ଚଳାଇବାରୁ ଅଭିଯୁକ୍ତମାନେ ୨୫ କିଲୋମିଟର ପର୍ଯ୍ୟନ୍ତ ସେମାନଙ୍କୁ ପିଛା କରିବା ପରେ ଗୁଳି ଚଳାଇଥିଲେ। ଗୁଳି ଆର୍ଯ୍ୟନଙ୍କ ଦେହରେ ବାଜିବାରୁ ହର୍ଷିତ ଗାଡ଼ି ଅଟକାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଆର୍ଯ୍ୟନଙ୍କ ଛାତିକୁ ଆଉ ଏକ ଗୁଳି ମାରିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ☞ପୃଷ୍ଠା-୪

# ସ୍କୁଲରେ ତାଲା, ରାସ୍ତାରେ ପଢ଼ିଲେ ପିଲା

ବଇଣ୍ଡା,୩।୯ (ପରିକ୍ଷିତ ସାହୁ)

ସରକାରୀ ସ୍କୁଲ ପାଇଁ ଜମି ଦେଇଥିଲେ ମଧ୍ୟ ଜମି ମାଲିକଙ୍କ ସମ୍ପର୍କୀୟଙ୍କୁ ରୋଷେୟା ଭାବେ ନିଯୁକ୍ତି ମିଳିଲା ନାହିଁ। ଏଥିରେ ଖପ୍ପା ହୋଇ ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତି ଜଣକ ଜମି ବାବଦ କ୍ଷତିପୂରଣ ଦାବି କରି ଉକ୍ତ ସରକାରୀ ବିଦ୍ୟାଳୟରେ ମଙ୍ଗଳବାର ତାଲା ପକାଇ ଦେବାରୁ ରାସ୍ତା ଉପରେ ବସି ପାଠ ପଢ଼ିଛନ୍ତି ଛାତ୍ରୀଛାତ୍ର। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତର ସାନରୋହିଲା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଘଟଣାରୁ ପ୍ରକାଶ, ସାନରୋହିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଘରୋଇ ଜମିରେ ସ୍ଥାପନ ହୋଇଛି। ଏଥିପାଇଁ ଦୀର୍ଘବର୍ଷ ତଳୁ ଗ୍ରାମର ଜଣେ ବ୍ୟକ୍ତି ଜମି ପ୍ରଦାନ କରିଥିଲେ। ଏବେ ମଧ୍ୟ



ରଣିଆକଟା-କଦଳୀମୁଣ୍ଡା ରାସ୍ତା ଉପରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

ବିଦ୍ୟାଳୟ ଜମି ସମ୍ପୃକ୍ତ ଜମି ମାଲିକଙ୍କ ଉତ୍ତରାଧିକାରୀଙ୍କ ନାମରେ ରହିଛି। କିଛି ମାସ ପୂର୍ବେ ଉକ୍ତ ବିଦ୍ୟାଳୟରେ ରୋଷେୟା ନିଯୁକ୍ତି କରାଯାଇଥିଲା। ଏହି ପଦବୀରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ନିଯୁକ୍ତି ଦେବାକୁ ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତି ଜଣକ କହିଥିଲେ। ବିଦ୍ୟାଳୟ ପକ୍ଷରୁ ଏହି ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ହେଲେ ବିଦ୍ୟାଳୟ ପକ୍ଷରୁ ଆଉ ଜଣଙ୍କୁ ରୋଷେୟା ଭାବେ ନିଯୁକ୍ତ କରାଯାଇଥିଲା। ଏହାକୁ ନେଇ ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତି ଖପ୍ପା ☞ପୃଷ୍ଠା-୪

# ୨୦୨୫ରୁ ୭ ବର୍ଷ ଦେଖି ହେବନି ଶନି ବଳୟ

ୱାଶିଂଟନ, ୩।୯

ସୌର ଜଗତରେ ଶନି ସୂର୍ଯ୍ୟଙ୍କଠାରୁ ଷଷ୍ଠ ଗ୍ରହ ହୋଇଥିବା ସହ ଏହା ଦ୍ୱିତୀୟ ବୃହତ୍ତମ ଗ୍ରହ ମଧ୍ୟ। ଏହି ଗ୍ରହର ଚାରିପଟେ ଏକ ବଳୟ ଦେଖିବାକୁ ମିଳିଥାଏ ଯାହା ସାଧାରଣତଃ ଅନେକ କୋଟି ବରଫ କଣିକା ଏବଂ କ୍ଷୁଦ୍ର ପଥର ଖଣ୍ଡରେ ନିର୍ମିତ। ଉକ୍ତ ଚମତ୍କାର ବୈଶିଷ୍ଟ୍ୟ ଯୋଗୁ ଅନେକ ଶତାବ୍ଦୀ ଧରି ବହୁ ଜ୍ୟୋତିର୍ବିଜ୍ଞାନୀ ଏବଂ ମହାକାଶ ଉତ୍ସାହୀମାନେ ଶନି ଗ୍ରହ ପ୍ରତି ଆକର୍ଷିତ ହୋଇ ଆସିଛନ୍ତି। ତେବେ ଆସନ୍ତା ବର୍ଷ ମାର୍ଚ୍ଚରୁ ଏହି ଚମତ୍କାରୀ ବଳୟ ଅଦୃଶ୍ୟ ହୋଇଯିବ ବୋଲି ଗ୍ରହ ଏବଂ ପରିବେଶ ସମ୍ବନ୍ଧୀୟ ଆମେରିକୀୟ ୱେବସାଇଟ୍ 'ଆର୍ଥ ଡଟ୍ କମ୍'ରେ ଏକ ରିପୋର୍ଟ ପ୍ରକାଶିତ ହୋଇଛି। ତେବେ ବାସ୍ତବରେ ଶନି ଏହାର ବଳୟକୁ ହରାଇବ ନାହିଁ, କିନ୍ତୁ ୨୦୨୫ରୁ ଏହା ଦୃଶ୍ୟମାନ ହେବ ନାହିଁ ବୋଲି ଏହି ରିପୋର୍ଟ ପ୍ରକାଶ କରିଛି।



ଶନି ଗ୍ରହର ଗଠନ ଓ ବ୍ୟବସ୍ଥା ଅନୁଯାୟୀ ଏହା ୨୬.୭ ଡିଗ୍ରୀ ଆକ୍ସିଆଲ ଟିଲ୍ଟ ସହ ନିଜ ଅକ୍ଷ ପଥରେ ଘୂର୍ଣ୍ଣନ କରିଥାଏ। ଫଳରେ ପୃଥିବୀଠାରୁ ଏହାର ବଳୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦୃଶ୍ୟମାନ ହୋଇଥାଏ। ଯେହେତୁ ଶନି ଗ୍ରହର ଅକ୍ଷ ନିଜସ୍ୱ ପଦ୍ଧତିରେ ଘୂର୍ଣ୍ଣନ କରିଥାଏ, କିଛି ବର୍ଷ ପରେ ଏହାର ବଳୟ ପୃଥିବୀବାସୀଙ୍କ ଦୃଷ୍ଟିକୋଣରୁ ଧୀରେ ଧୀରେ ଲୁଚି ଯାଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ଶନି ଏବଂ ପୃଥିବୀର ବିଶେଷ ସ୍ଥିତି ଯୋଗୁ ଶନିର ବଳୟ ପୃଥିବୀ ପୃଷ୍ଠରୁ କମ୍ ଦୃଶ୍ୟମାନ ଅବା ଅଦୃଶ୍ୟ ହୋଇଯାଇଥାଏ। ତେବେ ଶନିର ବଳୟ ଦୃଶ୍ୟମାନ ନ ହେବା ଘଟଣା ଅସ୍ଥାୟୀ ବୋଲି ଉକ୍ତ ରିପୋର୍ଟ କହିଛି। ଶନି ଗ୍ରହ ସୂର୍ଯ୍ୟ ପରିକ୍ରମା କରିବା ସହ ପ୍ରତି ୨୯.୫ ବର୍ଷରେ ଏହି ଘଟଣାର ପୁନରାବୃତ୍ତି ଘଟିଥାଏ। ଉକ୍ତ ବିଶେଷ ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୪/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, September 4/2024 | Page 16 | ₹ 7.00
୫୦ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 281 | ମୂଲ୍ୟ₹୭/-



**କଙ୍ଗନାଙ୍କ ପରବର୍ତ୍ତୀ ଫିଲ୍ମ 'ଭାରତ ଭାଗ୍ୟବିଧାତା'**
ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ମଙ୍ଗଳବାର ନିଜର ପରବର୍ତ୍ତୀ ପ୍ରୋଜେକ୍ଟ 'ଭାରତ ଭାଗ୍ୟବିଧାତା' ହୋଇଥିବା ଘୋଷଣା କରିଛନ୍ତି।
୦୨

୧୬
**ବୋପାନ୍ନା ସେମିଫାଇନାଲରେ**
ୟୁଏସ୍ ଓପନ ଟେନିସ ମିକ୍ସଡ ଡବଲ୍ସ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରୋହନ ବୋପାନ୍ନା।



# ୯ ମାଓବାଦୀ ନିହତ

## ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି,୩।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ ସହ ଗୁଳି ବିନିମୟରେ ମଙ୍ଗଳବାର ୯ ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି। ସେମାନେ ବ୍ୟବହାର କରୁଥିବା ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ମାଓବାଦୀ ଦମନ ଅଭିଯାନରେ ସର୍ଚ୍ଚ ଅପରେଶନ କରୁଥିଲେ। ଦାନ୍ତେୱାଡା ଓ ବିଜାପୁର ସୀମାବର୍ତ୍ତୀ ଅଞ୍ଚଳ ପଶ୍ଚିମବସ୍ତର ଡିଭିଜନରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**
**ମହିଳା ବିରୋଧୀ ଭାବନା**

# ପୀଡ଼ିତାଙ୍କ ମୃତ୍ୟୁ ଘଟିଲେ ବଳାତ୍କାରୀଙ୍କୁ ଫାଶୀ

## ପଶ୍ଚିମବଙ୍ଗ ବିଧାନସଭାରେ ବଳାତ୍କାର ନିରୋଧୀ ବିଲ୍ 'ଅପରାଜିତା' ଗୃହୀତ

**କୋଲକାତା,୩।୯**

ପଶ୍ଚିମବଙ୍ଗ ବିଧାନସଭାରେ ମଙ୍ଗଳବାର ବଳାତ୍କାର ନିରୋଧୀ ବିଲ୍ 'ଅପରାଜିତା' ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ପୀଡ଼ିତାଙ୍କର ମୃତ୍ୟୁ ହେଲେ ବଳାତ୍କାରୀଙ୍କୁ ଫାଶୀ ଦେବା ପାଇଁ ବିଲ୍‌ରେ ବ୍ୟବସ୍ଥା ରହିଛି। ପ୍ରଥମେ ଏହାକୁ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ପାଖକୁ ଏବଂ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପାଇଁ ପଠାଯିବ। ବଳାତ୍କାର, ଗଣବଳାତ୍କାର, ଶିଶୁଙ୍କ ପ୍ରତି ଯୌନ ଅପରାଧ ମାମଲାର ବିଚାର ପାଇଁ ରହିଥିବା କେନ୍ଦ୍ରୀୟ ଆଇନରେ ସଂଶୋଧନ ଆଣିବାରେ ପଶ୍ଚିମବଙ୍ଗ ପ୍ରଥମ ରାଜ୍ୟ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉକ୍ତ ବିଲ୍‌କୁ ଐତିହାସିକ ଏବଂ ଆଦର୍ଶ ବୋଲି କହିବା ସହ ଆର୍.ଜି. କର ମେଡିକାଲ କଲେଜରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି। ଅପରାଜିତା ମହିଳା ଓ ଶିଶୁ ବିଲ୍ (ପଶ୍ଚିମବଙ୍ଗ ଆପରାଧିକ ଆଇନ ଓ ସଂଶୋଧନ)୨୦୨୪ର ବ୍ୟବସ୍ଥା ଅନୁଯାୟୀ ବଳାତ୍କାର ପୀଡ଼ିତାଙ୍କ ପ୍ରତି ଅପରାଧୀଙ୍କର କୌଣସି କାର୍ଯ୍ୟ ଯୋଗୁ ଯଦି ତାଙ୍କର ମୃତ୍ୟୁ ଘଟେ ବା ସେ ଚେତନ ଶକ୍ତି ହରାଇ ବସନ୍ତି, ତେବେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ଯେଉଁମାନେ କେବଳ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହେବେ, ସେମାନଙ୍କ ପାଇଁ ବିନା ପାରୋଲରେ ଆଜୀବନ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଉକ୍ତ ବିଲ୍ ଉପରେ ସ୍ୱୀକୃତି ଦେବା ନିମନ୍ତେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟପାଳଙ୍କୁ ଅନୁରୋଧ କରନ୍ତୁ ବୋଲି ମମତା କହିଛନ୍ତି। ଅନ୍ୟପକ୍ଷରେ ମହିଳାମାନଙ୍କ ସୁରକ୍ଷା ପାଇଁ ପ୍ରଭାବୀ ଆଇନ କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇ ନ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦିଅନ୍ତୁ ବୋଲି ମମତା ଦାବି କରିଛନ୍ତି। ପ୍ରସ୍ତାବିତ ଆଇନରେ ତ୍ୱରିତ ତଦନ୍ତ, ତୁରନ୍ତ ନ୍ୟାୟ ପ୍ରଦାନ ଏବଂ ଅପରାଧୀଙ୍କ ଦଣ୍ଡ ବଢ଼ାଇବା ବ୍ୟବସ୍ଥା ରହିଛି। ଆର୍.ଜି. କର ହସ୍ପିଟାଲରେ ବଳାତ୍କାର ଓ ହତ୍ୟା ଘଟଣାରେ ମମତା ଇସ୍ତଫା ଦିଅନ୍ତୁ ବୋଲି ଦାବି କରି ଭାଜପା ବିଧାୟକମାନେ ସ୍ଲୋଗାନ ଦେଇଥିଲେ। ଏହାର ଜବାବରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିଲ୍ ଗୃହୀତ କରାଇବାରେ ପ୍ରତିବନ୍ଧକ ସାଜିଥିବା ବିରୋଧୀ ଦଳ ନେତା ଶୁଭେନ୍ଦୁ ଇସ୍ତଫା ଦିଅନ୍ତୁ। କେନ୍ଦ୍ର ସରକାର ମଧ୍ୟ ବର୍ତ୍ତମାନର ଆଇନରେ ସଂଶୋଧନ କରି ଅପରାଧୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସହ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ସୁନିଶ୍ଚିତ କରାନ୍ତୁ ବୋଲି ମମତା କହିଥିଲେ। ଏଥିସହିତ ମମତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ୨ଟି ଚିଠି ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉତ୍ତରକୁ ମଧ୍ୟ ଗୃହରେ ଉପସ୍ଥାପନ କରିଥିଲେ। ବଳାତ୍କାର ମାନବ ଜାତି ପାଇଁ ଅଭିଶାପ। ଏଭଳି ଅପରାଧକୁ ରୋକିବା ପାଇଁ ସାମାଜିକ ସଂସ୍କାର ଆବଶ୍ୟକ। ମହିଳା ବିରୋଧୀ ଅପରାଧର ତୁରନ୍ତ ତଦନ୍ତ ପାଇଁ ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଅପରାଜିତା ଟାସ୍କଫୋର୍ସ ଗଠନ କରିବ ବୋଲି ମମତା କହିଛନ୍ତି।



ପଶ୍ଚିମବଙ୍ଗ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

# ହାଇକୋର୍ଟ ବେଞ୍ଚ ବିଚାର ଚାଲିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୯ (ଅନିଲ ଦାସ)**

ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ସରକାରଙ୍କ ବିଚାରାଧୀନ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ ଏହା ସ୍ପଷ୍ଟ କରିଛନ୍ତି। ଲୋକଙ୍କୁ ତ୍ୱରିତ୍ ନ୍ୟାୟ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୋମବାର ବିଜେଡି ସଭ୍ୟ କଳିକେଶ ନାରାୟଣ ସିଂଦେଓଙ୍କ ବଲାଙ୍ଗୀରରେ ହାଇକୋର୍ଟର ସର୍କିଟ୍ ବେଞ୍ଚ ସ୍ଥାପନ ସମ୍ପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏ ସମ୍ପର୍କିତ ଆସିଥିବା ରାୟ ଅନୁସାରେ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବାର ଯଥାର୍ଥତା ନାହିଁ। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏଭଳି ଉତ୍ତର ରଖିବା ପରେ ଏହାକୁ ନେଇ ବିରୋଧୀ ଦଳ ଓ ଶାସକ ଦଳର ସଭ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ବେଞ୍ଚ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଆମେ କେତେ ବର୍ଷ ବିଚାରାଧୀନ ରଖିବା ବୋଲି ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ନେଇ ସରକାର ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଦ୍ୱନ୍ଦ୍ୱରେ ନ ପକାଇ ନେତୃତ୍ୱ ନିଅନ୍ତୁ ବୋଲି କଂଗ୍ରେସ ବିଧାୟକ ରଜନ ଏକ୍କା କହିଛନ୍ତି। ଭାଜପା ବିଧାୟକ ଲକ୍ଷ୍ମଣ ବାଗ କହିଛନ୍ତି, ଲୋକଙ୍କ ସୁବିଧାକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ।

# ବଳାତ୍କାର, ହତ୍ୟାର ଶିକାର ଯୁବତୀଙ୍କୁ ଗାଁ ମଶାଣିରେ ଜାଗା ମିଳିଲାନି

**ନାକଟୀଦେଉଳ, ୩।୯ (ବୈକୁଣ୍ଠନାଥ ସାହୁ)**

ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଜଣେ ଯୁବତୀଙ୍କ ମୃତଦେହକୁ ନିଜ ଗାଁ ଶ୍ମଶାନରେ ସତ୍କାର ପାଇଁ ସ୍ଥାନ ମିଳିଲାନାହିଁ। ଗାଁର କେତେଜଣ ଲୋକ ବିରୋଧ କରିବାରୁ ମୃତାଙ୍କ ଶବ ସତ୍କାର ପାଇଁ ଉଭୟ ପୋଲିସ ଏବଂ ସାଧାରଣ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଛି। ପୋଲିସ ମୃତାଙ୍କ ପରିବାରବର୍ଗଙ୍କୁ ସାଙ୍ଗରେ ଧରି ସତ୍କାର ପାଇଁ ୩ ଘଣ୍ଟା ମୃତଦେହକୁ ଏକ ଗାଡ଼ିରେ ବୋହି ଏ ଗାଁରୁ ସେ ଗାଁ ବୁଲିଥିବା ପରି ଏକ ଅଭାବନୀୟ ଚିତ୍ର ମଙ୍ଗଳବାର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ସାହେବୀ ଗ୍ରାମରେ। ଶେଷରେ ପ୍ରଶାସନ ମୃତଦେହକୁ ଗାଁଠାରୁ ୩୫କି.ମି. ଦୂର ରେଢ଼ାଖୋଲ ନେଇ ଏନ୍‌ଏସି ଶବଦାହ ଗୃହରେ ପରିବାରବର୍ଗଙ୍କ ଉପସ୍ଥିତିରେ ସତ୍କାର କରାଇଥିଲା। ଏହିଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ବଲପୁର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ୩ ଘଣ୍ଟା ମୃତଦେହ ଧରି ବୁଲିଲା ପୋଲିସ

ଗତ ୩୦ତାରିଖରେ ସାହେବୀ ଗାଁର ସମ୍ପୃକ୍ତା ୧୯ବର୍ଷୀୟା ଯୁବତୀ ଜଣକ ନିକଟସ୍ଥ ସୁଆଗିଝରଣ ନାଳକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ୩ ଦିନ ପରେ ତାଙ୍କ ଉଲଗ୍ନ ଗଳିତ ମୃତଦେହ ନିକଟସ୍ଥ କାଉଁଶୀଖୁଜ ଜଙ୍ଗଲରୁ ଜବତ ହୋଇଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଛି ଏବଂ ସାହେବୀ ଗ୍ରାମର ହରି ବେହେରାଙ୍କର ଏଥିରେ ହାତ ଅଛି ବୋଲି ସେମାନେ ସନ୍ଦେହକରି ନାକଟୀଦେଉଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। ନାଳରେ ଶୌଚ ସମୟରେ ସମ୍ପୃକ୍ତା ଯୁବତୀଙ୍କ ☞ପୃଷ୍ଠା-୪



ପ୍ୟାରିସ୍ ପାରାଲିମ୍ପିକ୍ସର ୬ଷ୍ଠ ଦିନରେ ମହିଳା ଟି୫୪ ବର୍ଗ ୧୫୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିବାପରେ ଖୁସି ମନାଉଛନ୍ତି ଗ୍ରେଟ୍ ବ୍ରିଟେନର ସାମନ୍ଥା କିଙ୍ଗହର୍ନ।

# ଛାତ୍ରଙ୍କୁ ଗୁଳିକରି ହତ୍ୟା କଲେ ଗୋରକ୍ଷକ

**ଫରିଦାବାଦ,୩।୯**

ହରିୟାଣାର ଫରିଦାବାଦରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କୁ ଗୋରୁ ଚାଲାଣକାରୀ ସନ୍ଦେହରେ ତଥାକଥିତ ଗୋରକ୍ଷକମାନେ ଗୁଳିକରି ହତ୍ୟା କରିଛନ୍ତି। ୫ ଜଣିଆ ଗୋରକ୍ଷକ ଟିମ୍ ଆର୍ଯ୍ୟନ ମିଶ୍ରାଙ୍କୁ କାର୍ ଯୋଗେ ୨୫ କିଲୋମିଟର ପର୍ଯ୍ୟନ୍ତ ଗୋଡ଼ାଇବା ପରେ ଗୁଳି ଚଳାଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଫରିଦାବାଦ ପୋଲିସ ଗିରଫ କରିଛି।

ଗତ ଅଗଷ୍ଟ ୨୩ରେ ଏହି ଘଟଣା ଘଟିଛି। ୧୯ ବର୍ଷୀୟ ଆର୍ଯ୍ୟନ ତାଙ୍କ ସାଙ୍ଗ ହର୍ଷିତ ଏବଂ ଶାଙ୍କିଙ୍କ ସହ ଏକ ଏସ୍‌ୟୁଭିରେ ନୁଡଲ୍ସ ଖାଇବାକୁ ଯାଇଥିଲେ। ଗିରଫ ଗୋରକ୍ଷକମାନେ ପୋଲିସକୁ କହିଛନ୍ତି, ଗୋରୁ ଚାଲାଣ ସମ୍ପର୍କରେ ସେମାନଙ୍କୁ ଖବର ମିଳିଥିଲା। ଉକ୍ତ ୩ ସାଙ୍ଗ ସେଥିରେ ସମ୍ପୃକ୍ତ ଥିବା ଭୁଲ୍‌ବଶତଃ ସେମାନେ ବିଶ୍ୱାସ କରିନେଇଥିଲେ। ଅନ୍ୟ ଏକ ଗାଡ଼ିରେ ଆସୁଥିବା ଗୋରକ୍ଷକମାନେ ଏସ୍‌ୟୁଭିକୁ ଅଟକିବାକୁ ଇସାରା ଦେଇଥିଲେ। ସେତେବେଳେ ହର୍ଷିତ ଗାଡ଼ି ଚଳାଉଥିବାବେଳେ ଆଗ ସିଟ୍‌ରେ ଆର୍ଯ୍ୟନ ଓ ପଛରେ ଶାଙ୍କି ଓ ଅନ୍ୟ ୨ ମହିଳା ବସିଥିଲେ। ସେମାନଙ୍କ ଇସାରାରେ ହର୍ଷିତ ଡରିଯାଇ ଜୋର୍‌ରେ ଗାଡ଼ି ଚଳାଇବାରୁ ଅଭିଯୁକ୍ତମାନେ ୨୫ କିଲୋମିଟର ପର୍ଯ୍ୟନ୍ତ ସେମାନଙ୍କୁ ପିଛା କରିବା ପରେ ଗୁଳି ଚଳାଇଥିଲେ। ଗୁଳି ଆର୍ଯ୍ୟନଙ୍କ ଦେହରେ ବାଜିବାରୁ ହର୍ଷିତ ଗାଡ଼ି ଅଟକାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଆର୍ଯ୍ୟନଙ୍କ ଛାତିକୁ ଆଉ ଏକ ଗୁଳି ମାରିଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ☞ପୃଷ୍ଠା-୪



ମୃତ ଆର୍ଯ୍ୟନ ମିଶ୍ରା

# ସ୍କୁଲରେ ତାଲା, ରାସ୍ତାରେ ପଢ଼ିଲେ ପିଲା

**ବଇଣ୍ଡା,୩।୯ (ପରିକ୍ଷିତ ସାହୁ)**

ସରକାରୀ ସ୍କୁଲ ପାଇଁ ଜମି ଦେଇଥିଲେ ମଧ୍ୟ ଜମି ମାଲିକଙ୍କ ସମ୍ପର୍କୀୟଙ୍କୁ ରୋଷେୟା ଭାବେ ନିଯୁକ୍ତି ମିଳିଲା ନାହିଁ। ଏଥିରେ ଖପ୍ପା ହୋଇ ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତି ଜଣକ ଜମି ବାବଦ କ୍ଷତିପୂରଣ ଦାବି କରି ଉକ୍ତ ସରକାରୀ ବିଦ୍ୟାଳୟରେ ମଙ୍ଗଳବାର ତାଲା ପକାଇ ଦେବାରୁ ରାସ୍ତା ଉପରେ ବସି ପାଠ ପଢ଼ିଛନ୍ତି ଛାତ୍ରୀଛାତ୍ର। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତର ସାନରୋହିଲା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଘଟଣାରୁ ପ୍ରକାଶ, ସାନରୋହିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଘରୋଇ ଜମିରେ ସ୍ଥାପନ ହୋଇଛି। ଏଥିପାଇଁ ଦୀର୍ଘବର୍ଷ ତଳୁ ଗ୍ରାମର ଜଣେ ବ୍ୟକ୍ତି ଜମି ପ୍ରଦାନ କରିଥିଲେ। ଏବେ ମଧ୍ୟ ବିଦ୍ୟାଳୟ ଜମି ସମ୍ପୃକ୍ତ ଜମି ମାଲିକଙ୍କ ଉତ୍ତରାଧିକାରୀଙ୍କ ନାମରେ ରହିଛି। କିଛି ମାସ ପୂର୍ବେ ଉକ୍ତ ବିଦ୍ୟାଳୟରେ ରୋଷେୟା ନିଯୁକ୍ତି କରାଯାଇଥିଲା। ଏହି ପଦବୀରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ନିଯୁକ୍ତି ଦେବାକୁ ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତି ଜଣକ କହିଥିଲେ। ବିଦ୍ୟାଳୟ ପକ୍ଷରୁ ଏହି ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ହେଲେ ବିଦ୍ୟାଳୟ ପକ୍ଷରୁ ଆଉ ଜଣଙ୍କୁ ରୋଷେୟା ଭାବେ ନିଯୁକ୍ତ କରାଯାଇଥିଲା। ଏହାକୁ ନେଇ ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତି ଖପ୍ପା ☞ପୃଷ୍ଠା-୪



ରଣିଆକଟା-କଦଳୀମୁଣ୍ଡା ରାସ୍ତା ଉପରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

# ୨୦୨୫ରୁ ୭ ବର୍ଷ ଦେଖି ହେବନି ଶନି ବଳୟ

**ୱାଶିଂଟନ, ୩।୯**

ସୌର ଜଗତରେ ଶନି ସୂର୍ଯ୍ୟଙ୍କଠାରୁ ଷଷ୍ଠ ଗ୍ରହ ହୋଇଥିବା ସହ ଏହା ଦ୍ୱିତୀୟ ବୃହତ୍ତମ ଗ୍ରହ ମଧ୍ୟ। ଏହି ଗ୍ରହର ଚାରିପଟେ ଏକ ବଳୟ ଦେଖିବାକୁ ମିଳିଥାଏ ଯାହା ସାଧାରଣତଃ ଅନେକ କୋଟି ବରଫ କଣିକା ଏବଂ କ୍ଷୁଦ୍ର ପଥର ଖଣ୍ଡରେ ନିର୍ମିତ। ଉକ୍ତ ଚମତ୍କାର ବୈଶିଷ୍ଟ୍ୟ ଯୋଗୁ ଅନେକ ଶତାବ୍ଦୀ ଧରି ବହୁ ଜ୍ୟୋତିର୍ବିଜ୍ଞାନୀ ଏବଂ ମହାକାଶ ଉତ୍ସାହୀମାନେ ଶନି ଗ୍ରହ ପ୍ରତି ଆକର୍ଷିତ ହୋଇ ଆସିଛନ୍ତି। ତେବେ ଆସନ୍ତା ବର୍ଷ ମାର୍ଚ୍ଚରୁ ଏହି ଚମତ୍କାରୀ ବଳୟ ଅଦୃଶ୍ୟ ହୋଇଯିବ ବୋଲି ଗ୍ରହ ଏବଂ ପରିବେଶ ସମ୍ବନ୍ଧୀୟ ଆମେରିକୀୟ ୱେବସାଇଟ୍ 'ଆର୍ଥ ଡଟ୍ କମ୍'ରେ ଏକ ରିପୋର୍ଟ ପ୍ରକାଶିତ ହୋଇଛି। ତେବେ ବାସ୍ତବରେ ଶନି ଏହାର ବଳୟକୁ ହରାଇବ ନାହିଁ, କିନ୍ତୁ ୨୦୨୫ରୁ ଏହା ଦୃଶ୍ୟମାନ ହେବ ନାହିଁ ବୋଲି ଏହି ରିପୋର୍ଟ ପ୍ରକାଶ କରିଛି। ଶନି ଗ୍ରହର ଗଠନ ଓ ବ୍ୟବସ୍ଥା ଅନୁଯାୟୀ ଏହା ୨୬.୭ ଡିଗ୍ରୀ ଆକ୍ସିଆଲ ଟିଲ୍ଟ ସହ ନିଜ ଅକ୍ଷ ପଥରେ ଘୂର୍ଣ୍ଣନ କରିଥାଏ। ଫଳରେ ପୃଥିବୀଠାରୁ ଏହାର ବଳୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦୃଶ୍ୟମାନ ହୋଇଥାଏ। ଯେହେତୁ ଶନି ଗ୍ରହର ଅକ୍ଷ ନିଜସ୍ୱ ପଦ୍ଧତିରେ ଘୂର୍ଣ୍ଣନ କରିଥାଏ, କିଛି ବର୍ଷ ପରେ ଏହାର ବଳୟ ପୃଥିବୀବାସୀଙ୍କ ଦୃଷ୍ଟିକୋଣରୁ ଧୀରେ ଧୀରେ ଲୁଚି ଯାଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ଶନି ଏବଂ ପୃଥିବୀର ବିଶେଷ ସ୍ଥିତି ଯୋଗୁ ଶନିର ବଳୟ ପୃଥିବୀ ପୃଷ୍ଠରୁ କମ୍ ଦୃଶ୍ୟମାନ ଅବା ଅଦୃଶ୍ୟ ହୋଇଯାଇଥାଏ। ତେବେ ଶନିର ବଳୟ ଦୃଶ୍ୟମାନ ନ ହେବା ଘଟଣା ଅସ୍ଥାୟୀ ବୋଲି ଉକ୍ତ ରିପୋର୍ଟ କହିଛି। ଶନି ଗ୍ରହ ସୂର୍ଯ୍ୟ ପରିକ୍ରମା କରିବା ସହ ପ୍ରତି ୨୯.୫ ବର୍ଷରେ ଏହି ଘଟଣାର ପୁନରାବୃତ୍ତି ଘଟିଥାଏ। ଉକ୍ତ ବିଶେଷ ☞ପୃଷ୍ଠା-୪



## ସଂକ୍ଷେପରେ

### ଭେନେଜୁଏଲା ରାଷ୍ଟ୍ରପତିଙ୍କ ବିମାନକୁ ଜବତ କଲା ଆମେରିକା

ୱାଶିଂଟନ,୩।୯

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ବ୍ୟବହାର କରୁଥିବା ଏକ ବିମାନକୁ ଆମେରିକା ସରକାର ଜବତ କରିଛନ୍ତି। ଏକ ସେଲ୍ କମ୍ପାନୀ ଜରିଆରେ ଏହି ବିମାନ ବେଆଇନ ଭାବେ କିଣାଯିବା ସହ କଟକଣା ଓ ରପ୍ତାନି ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରାଯାଇ ଆମେରିକାରୁ ଚୋରାଚାଲାଣ କରାଯାଇଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଡାସଲ୍ଟ ଫାଲ୍‌କନ ୯୦୦ଇଏକ୍ସ ବିମାନକୁ ଡୋମିନିକାନ୍ ରିପବ୍ଲିକାନ୍‌ରେ ଜବତ କରାଯାଇ ଫ୍ଲୋରିଡ଼ା ଅଣାଯାଇଥିବା ଆଇନ ବିଭାଗ ପକ୍ଷରୁ କୁହାଯାଇଛି। ବିମାନ କିଣାରେ ସମ୍ପୃକ୍ତିକୁ ଲୁଚାଇବା ପାଇଁ ଭେନେଜୁଏଲା ନେତାଙ୍କ ସହଯୋଗୀମାନେ କାରିବିଆନ୍‌ର ଏକ ସେଲ୍ କମ୍ପାନୀକୁ ବ୍ୟବହାର କରିଥିଲେ। ଫ୍ଲୋରିଡ଼ା କମ୍ପାନୀର ଏହି ବିମାନ ଦାମ୍ ସେତେବେଳେ ୧୩ ନିୟୁତ ଡଲାର ଥିଲା। ଏହାକୁ ୨୦୨୩ ଏପ୍ରିଲରେ କାରିବିଆନ୍ ଦେଇ ଭେନେଜୁଏଲାକୁ ରପ୍ତାନି କରାଯାଇଥିଲା। ରାଷ୍ଟ୍ରପତି ମାଦୁରୋ ବିଦେଶ ଗସ୍ତ ବେଳେ ଏହି ବିମାନକୁ ବ୍ୟବହାର କରୁଥିଲେ।

### ଦୁର୍ଘଟଣାରେ ୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଚଣ୍ଡିଗଡ଼,୩।୯

ହରିୟାଣାର ଜିନ୍ଦ ଜିଲାରେ ଏକ ସଡ଼କ ଦୁର୍ଘଟଣାରେ ୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ସୋମବାର ମଧ୍ୟରାତ୍ରରେ ସେମାନଙ୍କ ଗାଡ଼ି ହିସାର-ଚଣ୍ଡିଗଡ଼ ଜାତୀୟ ରାଜପଥ ବିଧାରନା ଗ୍ରାମ ନିକଟରେ ଅଟକିଥିବାବେଳେ ଏକ କାଠ ବୋଝେଇ ଟ୍ରକ୍ ଏହାକୁ ଧକ୍କା ଦେଇଥିଲା। କୁରୁକ୍ଷେତ୍ର ଜିଲାର ଏହି ଶ୍ରଦ୍ଧାଳୁମାନେ ରାଜସ୍ଥାନର ଗୋଗମେଦିମନ୍ଦିର ଦର୍ଶନ ଲାଗିଯାଉଥିଲେ। ଆହତମାନଙ୍କୁ ପ୍ରଥମେ ଜିନ୍ଦର ନରୱାନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ହିସାରର ଆଗ୍ରୋହା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ତେଲଙ୍ଗାନା ବନ୍ୟାରେ ଯୁବ ବୈଜ୍ଞାନିକଙ୍କ ମୃତ୍ୟୁ

ହାଇଦ୍ରାବାଦ,୩।୯

ତେଲଙ୍ଗାନା ବନ୍ୟାରେ ୨୬ ବର୍ଷୀୟ କୃଷି ବିଜ୍ଞାନୀ ଡ. ନୁନାଭଥ ଅଶ୍ୱିନୀଙ୍କର


ଡ. ନୁନାଭଥ ଅଶ୍ୱିନୀ

ମୃତ୍ୟୁ ଘଟିଛି। ସେ ତେଲଙ୍ଗାନା ଷ୍ଟେଟ୍ ଏଗ୍ରିକଲ୍‌ଚରାଲ ୟୁନିଭର୍ସିଟିରୁ କୃଷିରେ ବି.ଏସ୍‌ସି ଇଣ୍ଡିଆନ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଏମ୍.ଏସ୍‌ସି ଏବଂ ପିଏଚ୍.ଡି କରିଥିଲେ। ଗାଁରୁ ପ୍ରଥମ ବୈଜ୍ଞାନିକ ହୋଇଥିବା ଅଶ୍ୱିନୀଙ୍କ ଖୁସିକୁ ବନ୍ୟା ଧୋଇନେଇଛି। ରବିବାର ସକାଳେ ଏକ କାର୍‌ରେ ହାଇଦ୍ରାବାଦ ଯାଉଥିବାବେଳେ ବନ୍ୟା ଆସି ଅଶ୍ୱିନୀଙ୍କ ସମେତ ତାଙ୍କ ବାପା ଏନ୍. ମୋତିଲାଲଙ୍କୁ ଭସାଇ ନେଇଥିଲା।

## ଆର୍.ଜି. କର କଳା ଇତିହାସ

# ଦୁର୍ନୀତି ମାମଲାରେ ସନ୍ଦୀପ୍ ଘୋଷ ନିଲମ୍ବିତ

କୋଲକାତା,୩।୯

ଆର୍.ଜି. କର ମେଡିକାଲ କଲେଜ ଆର୍ଥିକ ଅନିୟମିତତା ମାମଲାରେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ସିବିଆଇ ଗିରଫ କରିବାର ଦିନକ ପରେ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ନିଲମ୍ବନ କରିଛି। ତାଙ୍କ ବିରୋଧରେ ଆପରାଧିକ ତଦନ୍ତ ଚାଲିଥିବାରୁ ପଶ୍ଚିମବଙ୍ଗ ସର୍ଭିସେସ୍ (କ୍ଲାସିଫିକେଶନ, କଣ୍ଟ୍ରୋଲ ଆଣ୍ଡ ଅପିଲ୍) ରୁଲ୍‌ସ, ୧୯୭୧ର ରୁଲ୍ ୯(୧ସି) ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ଗତ ମାସ ୯ ତାରିଖରେ ଉକ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପରେ ସନ୍ଦୀପଙ୍କୁ ପ୍ରିନ୍ସିପାଲ ପଦରୁ ହଟାଯାଇ ତାଙ୍କୁ କାଲ୍‌କାଟା ନ୍ୟାଶନାଲ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ନିଯୁକ୍ତ କରାଯାଇଥିଲା। ଏହାକୁ ନେଇ ବିବାଦ ଜୋର୍‌ଦାର ହେବାରୁ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ଛୁଟିରେ ରହିବାକୁ କୁହାଯାଇଥିଲା।



ଆର୍ଥିକ ଅନିୟମିତତା ମାମଲାରେ ଗିରଫ ସନ୍ଦୀପଙ୍କୁ ୮ ଦିନ ପାଇଁ ସିବିଆଇ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସିବିଆଇ ସୋମବାର ସନ୍ଦୀପଙ୍କ ସମେତ ବିପ୍ଳବ ସିଂଘା, ସୁମନ ହାଜରା ଏବଂ ଅଫସର ଅଲି ଖାନଙ୍କୁ ଗିରଫ କରିଥିଲା। କୋଲକାତାର ସ୍ୱତନ୍ତ୍ର ସିବିଆଇ ଅଦାଲତ ସେମାନଙ୍କୁ ୮ ଦିନ ନିମନ୍ତେ ସିବିଆଇ ହାଜତକୁ ପଠାଇ ଦେଇଛନ୍ତି। ସିବିଆଇ ୧୦ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ୪ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ଅଫସର ଜାମିନ ଆବେଦନ କରିଥିବାବେଳେ କୋର୍ଟ ତାହାକୁ ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୯ ତାରିଖ ରାତିରେ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ୩ ଦିନ ପରେ ସନ୍ଦୀପ୍ ପ୍ରିନ୍ସିପାଲ ପଦବୀରୁ ଇସ୍ତଫା ଦେଇଥିଲେ। ସେ ପ୍ରିନ୍ସିପାଲ ଥିବାବେଳେ ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ଅଖତର ଅଲି ଅଭିଯୋଗ ଆଣିଥିଲେ। କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହାର ତଦନ୍ତ ଦାୟିତ୍ୱ ନେବା ପରେ ସନ୍ଦୀପଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଦୁର୍ନୀତି, ଠକେଇ ଏବଂ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗରେ ମାମଲା ରୁଜୁ କରିଥିଲା।

## ପୁରସ୍କାର ଫେରାଇଲେ ବେଙ୍ଗଲୀ ମଞ୍ଚ ନିର୍ଦ୍ଦେଶକ

କୋଲକାତା,୩।୯(ପି.ଟି.)


ବିପ୍ଳବ ବନ୍ଦୋପାଧ୍ୟାୟ

ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦରେ ସିଭିଲ୍ ସୋସାଇଟି ସଂଗଠନ ପକ୍ଷରୁ ବିକ୍ଷୋଭ ଜାରି ରହିଥିବାବେଳେ ଖ୍ୟାତନାମା ବେଙ୍ଗଲୀ ମଞ୍ଚ ଅଭିନେତା ବିପ୍ଳବ ବନ୍ଦୋପାଧ୍ୟାୟ ମଙ୍ଗଳବାର ତାଙ୍କ ପୁରସ୍କାର ଫେରାଇ ଦେଇଛନ୍ତି। ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ରଙ୍ଗମଞ୍ଚ ନିର୍ଦ୍ଦେଶକ ପୁରସ୍କାର ମିଳିଥିଲା। ନାଟ୍ୟକାର ଏବଂ ନିର୍ଦ୍ଦେଶକ ବନ୍ଦୋପାଧ୍ୟାୟଙ୍କୁ ଚଳିତ ବର୍ଷ ପଶ୍ଚିମବଙ୍ଗ ନାଟ୍ୟ ଏକାଡେମୀ ପକ୍ଷରୁ ୩୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ରାଜ୍ୟ ସରକାର ଏବଂ ପକ୍ଷପାତୀ ପୋଲିସ ବଳାତ୍କାର ଓ ହତ୍ୟା ଘଟଣାରେ ତଥ୍ୟ ଲୁଚାଇବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି। ଆର୍.ଜି. କର ଘଟଣା ପରେ ରାଜ୍ୟ ସରକାରଙ୍କ ନିର୍ଲଜ ସକ୍ରିୟତାରେ ମୁଁ ଲଜ୍ଜିତ ତଥା ବ୍ୟଥିତ ବୋଲି ବନ୍ଦୋପାଧ୍ୟାୟ କହିଛନ୍ତି।

## ରୁଷିଆର ମିଶାଇଲ ମାଡ଼ରେ ୪୧ ମୃତ, ୧୮୦ ଆହତ

କିଭ୍,୩।୯

ୟୁକ୍ରେନ୍‌ର ପୋଲଟାଭା ସହରର ଏକ ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲ ଉପରେ ରୁଷିଆ ସେନା ବାଲିଷ୍ଟିକ୍ ମିଶାଇଲ୍ ମାଡ଼ କରିବାରୁ ୪୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୮୦ ଜଣ ଆହତ ହୋଇଛନ୍ତି। ରୁଷିଆ ସୀମାଠାରୁ ୧୧୦ କିମି ଦୂରରେ ଅବସ୍ଥିତ ପୋଲଟାଭା ପ୍ରଦେଶର ରାଜଧାନୀରେ ଏହି ଆକ୍ରମଣ ହୋଇଥିଲା। ୨୦୨୨ ଫେବୃଆରୀ ୨୪ରୁ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏହା ରୁଷିଆର ସବୁଠୁ ବଡ଼ ଘାତକ ଆକ୍ରମଣ ବୋଲି କୁହାଯାଉଛି। ମିଶାଇଲ ଆକ୍ରମଣରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ୟୁନିକେଶନ୍ସ ବିଲ୍ଡିଂ ଆଂଶିକ ଧ୍ୱଂସ ହୋଇଛି। ଲୋକମାନେ ଏହାର ଭଗ୍ନାବଶେଷ ତଳେ ପୋତିହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଉଦ୍ଧାର କରାଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏୟାର ରେଡ୍ ଆଲର୍ଟ ବାଜିବାର କିଛି ସମୟ ପରେ ଏହି ଆକ୍ରମଣ ହୋଇଥିଲା। ଏହି ସମୟରେ ଲୋକେ ବୋମା ଆଶ୍ରୟସ୍ଥଳକୁ ଯାଉଥିଲେ ବୋଲି ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

# ନାବାଳିକାଙ୍କୁ ଅପହରଣ, ଗଣବଳାତ୍କାର

## ପୀଡ଼ିତାଙ୍କୁ ହତ୍ୟା କରି ନଦୀକୂଳରେ ଫିଙ୍ଗିଦେଲେ

ଗୟା,୩।୯ (ପି.ଟି.)



ବିହାରର ଗୟା ଜିଲାରେ ଏକ ଜଘନ୍ୟ ଅପରାଧ ଘଟଣା ସାମନାକୁ ଆସିଛି। ୬ ବର୍ଷର ବାଳିକାଙ୍କୁ ୨ ଜଣ ଯୁବକ ଅପହରଣ କରିନେଇ ବଳାତ୍କାର କରିବା ପରେ ହତ୍ୟା କରିଛନ୍ତି। ପୀଡ଼ିତାଙ୍କୁ ହତ୍ୟା କରିବା ପରେ ୨ ଅଭିଯୁକ୍ତ ତାଙ୍କ ମୃତଦେହକୁ ନେଇ ଉଚିତରଭାନ ଗ୍ରାମ ନିକଟ ମୋରହାର ନଦୀକୂଳରେ ଫିଙ୍ଗିଦେଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

ମୃତା ନାବାଳିକାଙ୍କ ପରିବାର ଦାଖଲ କରିଥିବା ଏତଲା ଅନୁଯାୟୀ ସୋମବାର ରାତିରେ ଝିଅଟି ଘରେ ଶୋଇଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିନେଇଥିଲେ। ତାଙ୍କୁ ହତ୍ୟା କରିବା ପୂର୍ବରୁ ଗଣବଳାତ୍କାର କରାଯାଇଥିଲା। ନଦୀକୂଳରେ ନାବାଳିକାଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଟିମ୍ ତୁରନ୍ତ ସେଠାରେ ପହଞ୍ଚିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପୋଲିସ ଗିରଫ କରିବା ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ଧରିନେଇ ମାଡ଼ ମାରିଥିଲେ। ଜେରା ବେଳେ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଛନ୍ତି। ତୁରନ୍ତ ନ୍ୟାୟ ଦାବିରେ ସ୍ଥାନୀୟ ଲୋକେ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ପଶ୍ଚିମବଙ୍ଗ ବଳାତ୍କାର ନିରୋଧୀ ବିଲ୍ ବନାମ ପୋକ୍‌ସୋ

ନୂଆଦିଲ୍ଲୀ,୩।୯

ପଶ୍ଚିମବଙ୍ଗ ବିଧାନସଭାରେ ବଳାତ୍କାର ନିରୋଧୀ ବିଲ୍ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ବଳାତ୍କାର ଓ ହତ୍ୟା ପାଇଁ ମୃତ୍ୟୁଦଣ୍ଡ ରହିଥିବାବେଳେ ଯୌନ ନିର୍ଯାତନା ପାଇଁ ସର୍ବନିମ୍ନ ଜେଲଦଣ୍ଡ ୭ ବର୍ଷକୁ ବୃଦ୍ଧି କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଆନୁଷଙ୍ଗିକ ବ୍ୟବସ୍ଥା, ଭାରତୀୟ ନାଗରିକ ସୁରକ୍ଷା ସଂହିତାର ବ୍ୟବସ୍ଥା ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ)ରେ ସଂଶୋଧନ ପାଇଁ ବିଲ୍‌ରେ ପ୍ରସ୍ତାବ ରହିଛି। ଏହି ଆଇନ ସବୁ ବୟସବର୍ଗର ପୀଡ଼ିତାଙ୍କ ପାଇଁ ଲାଗୁ ହେବ।

ପଶ୍ଚିମବଙ୍ଗର ପ୍ରସ୍ତାବିତ ବଳାତ୍କାର ନିରୋଧୀ ଆଇନରେ ସର୍ବନିମ୍ନ ଦଣ୍ଡ ବ୍ୟବସ୍ଥାକୁ ୩ ବର୍ଷରୁ ୭ ବର୍ଷକୁ ବୃଦ୍ଧି କରାଯାଇଛି। ବିଲ୍ ଅନୁଯାୟୀ ଯୌନ ଅପରାଧ ପାଇଁ ସର୍ବନିମ୍ନ ଦଣ୍ଡ ୭ ବର୍ଷରୁ କମ୍ ହେବ ନାହିଁ। ଆବଶ୍ୟକ ସ୍ଥଳେ ଏହାକୁ ଜରିମାନା ସହ ୧୦ ବର୍ଷକୁ ବୃଦ୍ଧି କରାଯାଇପାରେ। ଅନ୍ୟ ପକ୍ଷରେ ପୋକ୍‌ସୋ ଆଇନର ଧାରା ୮ରେ ଯୌନ ଅପରାଧୀଙ୍କ ପାଇଁ ସର୍ବନିମ୍ନ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ରହିଥିବାବେଳେ ଏହାକୁ ଆବଶ୍ୟକ ଜରିମାନା ସହ ୫ ବର୍ଷକୁ ବୃଦ୍ଧି କରାଯାଇପାରିବ।

ନୂଆ ବଳାତ୍କାର ନିରୋଧୀ ବିଲ୍ ଅନୁଯାୟୀ ୭ ଦିନ ମଧ୍ୟରେ ଶିଶୁର ବୟାନ ରେକର୍ଡ କରାଯିବ, ଯାହା କି ପୋକ୍‌ସୋ ଆଇନରେ ୩୦ ଦିନ ରହିଥିଲା। ନୂଆ ବେଙ୍ଗଲ ବିଲ୍‌ରେ ସ୍ୱତନ୍ତ୍ର ଅଦାଲତ ୩୦ ଦିନ ମଧ୍ୟରେ ବିଚାର ଶେଷ କରିବେ, ଯାହାକି ପୋକ୍ସୋ ଆଇନରେ ଅଦାଲତ ମାମଲା ଗ୍ରହଣ କରିବାର ୧ ବର୍ଷ ପର୍ଯ୍ୟନ୍ତ ରହିଥିଲା। ବେଙ୍ଗଲ ବଳାତ୍କାର ନିରୋଧୀ ବିଲ୍‌ରେ ଜଘନ୍ୟ ବଳାତ୍କାର ମାମଲାରେ ଆଜୀବନ କାରାଦଣ୍ଡ ଅର୍ଥାତ ଅପରାଧୀଙ୍କୁ ଜୀବନବ୍ୟାପୀ ଜେଲରେ ରହିବାକୁ ପଡ଼ିବା ସହ ଜରିମାନା କିମ୍ବା ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି। ପୋକ୍‌ସୋରେ ଏଥିପାଇଁ ସର୍ବନିମ୍ନ ୨୦ ବର୍ଷ ଜେଲଦଣ୍ଡ ରହିଥିବାବେଳେ ଏହାକୁ ଆଜୀବନକୁ ବୃଦ୍ଧି କରାଯାଇପାରିବ। ନୂଆ ବିଲ୍‌ରେ ଜରିମାନାରେ ପୀଡ଼ିତା କିମ୍ବା ତାଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ସ୍ୱତନ୍ତ୍ର ଅଦାଲତଙ୍କ ନିଷ୍ପତ୍ତି କ୍ରମେ ନିର୍ଦ୍ଧାରିତ ହେବ। ପାକ୍‌ସୋରେ ପୀଡ଼ିତାଙ୍କ ଚିକିତ୍ସା ଖର୍ଚ୍ଚ ଏବଂ ଥଇଥାନ ପାଇଁ ଆବଶ୍ୟକ ଖଫଖର୍ଚ୍ଚକୁ ଜରିମାନା ଭାବେ ଆଦାୟ କରାଯାଇଥାଏ।

# ଚଷମା ଆବଶ୍ୟକତା ଦୂର କରିବ ନୂଆ ଆଇଡ୍ରପ୍

ନୂଆଦିଲ୍ଲୀ,୩।୯

ଚଷମା ଆବଶ୍ୟକତାକୁ ଦୂର କରିବ ନୂଆ ଆଇଡ୍ରପ୍। ଭାରତର ଔଷଧ ନିୟାମକ ସଂସ୍ଥା ଡିସିଜିଆଇ ଉକ୍ତ ଆଇଡ୍ରପ୍‌କୁ ଅନୁମୋଦନ କରିଛି। ଅକ୍ଟୋବରରୁ ଏହା ୩୫୦ ଟଙ୍କାରେ ଉପଲବ୍ଧ ହେବାକୁ ଯାଉଛି। ମୁମ୍ବାଇର ଏଣ୍ଟୋଡ୍ ଫାର୍ମାସ୍ୟୁଟିକାଲ୍ସ ପ୍ରସ୍ତୁତ କରିଥିବା ପ୍ରେସ୍‌ଭୁ ଆଇଡ୍ରପ୍‌ସ ଚାଳିଶାଜନିତ ଦୃଷ୍ଟିଦୋଷ (ପ୍ରେସ୍‌ବିଓପିଆ) ଚିକିତ୍ସା ପାଇଁ ବ୍ୟବହାର କରାଯିବ। ବିଶ୍ୱବ୍ୟାପୀ ୧୦୯ରୁ ୧୮୦ କୋଟି ଲୋକ ଏହି ସମସ୍ୟାର ସମ୍ମୁଖୀନ। ସାଧାରଣତଃ ୪୫ ବର୍ଷ ପରେ ଏହି ସମସ୍ୟା ଆରମ୍ଭ ହୋଇ ପାଖାପାଖି ୭୦ ବର୍ଷ ପର୍ଯ୍ୟନ୍ତ ରହିଥାଏ। କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂସ୍ଥା (ସିଡିଏସ୍‌ସିଓ) ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି)ର ସୁପାରିସ କ୍ରମେ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ




ଅଫ୍ ଇଣ୍ଡିଆ (ଡିଜିସିଆଇ)ଠାରୁ ଏଣ୍ଟୋଡ୍ ଫାର୍ମାସ୍ୟୁଟିକାଲ୍ସ ଚୂଡ଼ାନ୍ତ ଅନୁମୋଦନ ହାସଲ କରିଛି। ଚଷମା ଆବଶ୍ୟକତା ଦୂର କରିବାରେ ଭାରତରେ ଏହା ପ୍ରଥମ ଆଇଡ୍ରପ୍ ହେବାକୁ ଯାଉଛି। ଆଇଡ୍ରପ୍‌ର ଅତ୍ୟାଧୁନିକ ଟେକ୍‌ନୋଲୋଜି ଯୋଗୁ ଏହାକୁ ଦୀର୍ଘବର୍ଷ ଯାଏ ସୁରକ୍ଷିତ ଏବଂ ଫଳପ୍ରଦ ଭାବେ ବ୍ୟବହାର କରାଯାଇପାରିବ।

## ତଟରକ୍ଷୀ ବାହିନୀର ହେଲିକପ୍ଟର ଦୁର୍ଘଟଣା, ୩ କ୍ରିଉ ସଦସ୍ୟ ନିଖୋଜ

ପୋରବନ୍ଦର, ୩।୯

ଗୁଜରାଟ ଉପକୂଳ ଆରବସାଗରରେ ଉଦ୍ଧାର କାର୍ଯ୍ୟ କରୁଥିବାବେଳେ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)ର ଏକ ଆଡଭାନ୍ସଡ୍ ଲାଇଟ ହେଲିକପ୍ଟର (ଏଏଲ୍‌ଏଚ୍) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ହେଲିକପ୍ଟରରେ ଥିବା ୪ ଜଣ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୩ ଜଣ କ୍ରିଉ ସଦସ୍ୟ ଏବେ ମଧ୍ୟ ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଥିବା ନେଇ ଆଇସିଜି ସୂଚନା ଦିଆଯାଇଛି। ପୋରବନ୍ଦର ନିକଟସ୍ଥ ଆରବସାଗରରେ 'ହରି ଲିଲା' ନାମକ ଏକ ଦୁର୍ଘଟଣାଗ୍ରସ୍ତ ମୋଟର ଟ୍ୟାଙ୍କରରୁ ଜଣେ କ୍ରିଉ ସଦସ୍ୟଙ୍କୁ ଉଦ୍ଧାର କରୁଥିବାବେଳେ ଆଇସିଜିର ଉକ୍ତ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ବ୍ରୁନେଇରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ



ବନ୍ଦର ସେରି ବେଗ୍‌ୱାନ, ୩।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବ୍ରୁନେଇ ରାଜଧାନୀ ବନ୍ଦର ସେରି ବେଗ୍‌ୱାନରେ ପହଞ୍ଚିଛନ୍ତି। ବ୍ରୁନେଇର କ୍ରାଉନ୍ ପ୍ରିନ୍ସ ହାଜି ଅଲ୍ ମୁହତାଦୀ ବିଲ୍ଲାହଙ୍କ ଉପସ୍ଥିତିରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ସେଠାର ଭାରତୀୟ ସମୁଦାୟ ମଧ୍ୟ ମୋଦିଙ୍କୁ ସ୍ୱାଗତ କରିଛନ୍ତି। ସେଠାରେ ଭାରତୀୟ ଉଚ୍ଚାୟୁକ୍ତର ନୂତନ କାର୍ଯ୍ୟାଳୟକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ବୁଧବାର ବ୍ରୁନେଇର ସୁଲତାନ ହାଜି ହସ୍‌ନଲ୍ ବୋଲ୍‌କିଆଙ୍କ ସହ ସେ ଦ୍ୱିପାକ୍ଷିକ ଆଲୋଚନା କରିବେ।

# ବିଶ୍ୱର ସବୁଠୁ ବୟସ୍କ କୁମ୍ଭୀର

ପ୍ରିଟୋରିଆ

ପୃଥିବୀର ସର୍ବ ପୁରାତନ ଜୀବଜନ୍ତୁମାନଙ୍କ ମଧ୍ୟରେ କୁମ୍ଭୀର ଅନ୍ୟତମ। ପ୍ରାୟତଃ ବିପଜ୍ଜନକ ଶିକାରୀ ଭାବେ କୁମ୍ଭୀର ଅନ୍ୟ ପ୍ରାଣୀମାନଙ୍କ ଉପରେ ଆକ୍ରମଣ କରିବାକୁ କୁଣ୍ଠାବୋଧ କରି ନଥାନ୍ତି। ଯେତେ ଶିକାର କଲେ ମଧ୍ୟ ସେମାନଙ୍କର ପେଟ କେବେ ମଧ୍ୟ ପୂରି ନ ଥାଏ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ପାଇବା ପରେ ମଧ୍ୟ କୁମ୍ଭୀରମାନେ ନିଜ ଶିକାରକୁ ଦେଖିବା ମାତ୍ରେ ଆକ୍ରମଣ କରିଥାନ୍ତି।



ଦକ୍ଷିଣ ଆଫ୍ରିକାର ସ୍କଟ୍ସବର୍ଗସ୍ଥିତ 'କ୍ରୋକ୍ ୱାର୍ଲ୍ଡ କଞ୍ଜରଭେଶନ୍ ସେଣ୍ଟର'ରେ ରହୁଥିବା ହେନ୍‌ରୀ ନାମକ ଏକ କୁମ୍ଭୀର ବିଶ୍ୱର ସବୁଠୁ ବୟସ୍କ ଜୀବନ୍ତ କୁମ୍ଭୀରର ଆଖ୍ୟା ପାଇଛି। ଏହି କୁମ୍ଭୀରର ଓଜନ ପ୍ରାୟ ୭୫୦ କିଲୋଗ୍ରାମ। ଏହାର ୬ଟି ସ୍ତ୍ରୀ ଓ ୧୦ ହଜାର ସନ୍ତାନ ରହିଛନ୍ତି। ରିପୋର୍ଟ ଅନୁଯାୟୀ, ୧୯୦୦ ମସିହା ଡିସେମ୍ବର ୧୬ରେ ଆଫ୍ରିକୀୟ ଦେଶ ବୋତ୍ସ୍ୱାନାର ବିଶ୍ୱସ୍ତରୀୟ 'ଓକାବାଙ୍ଗୋ ଡେଲ୍ଟା'ରେ ଏହି କୁମ୍ଭୀର ଜନ୍ମ ହୋଇଥିଲା। ତେଣୁ ଏବେ ଏହି ବୟସ୍କ କୁମ୍ଭୀରକୁ ୧୨୪ ବର୍ଷ ହେବ। ଏହାର ଲମ୍ବ ଏକ ମିନିବସ୍‌ର ଲମ୍ବ ସଦୃଶ ହେବ। ତେବେ ଗତ ୩ ଦଶନ୍ଧି ଧରି ହେନ୍‌ରୀ ଦକ୍ଷିଣ ଆଫ୍ରିକାର 'କ୍ରୋକ୍ ୱାର୍ଲ୍ଡ କଞ୍ଜରଭେଶନ୍ ସେଣ୍ଟର'ରେ ରହିଆସୁଛି।

ହେନ୍‌ରୀ ହେଉଛି ଏକ ନୀଳ କୁମ୍ଭୀର। ଏହି ପ୍ରଜାତି ମୁଖ୍ୟତଃ ଆଫ୍ରିକୀୟ ଦେଶଗୁଡ଼ିକରେ ଦେଖାଯାଇଥାନ୍ତି। ଏହି କୁମ୍ଭୀରମାନେ ହ୍ରଦ, ନଦୀ, ଜଳାଶୟ ସମେତ ବିଭିନ୍ନ ଜଳୀୟ ପରିବେଶରେ ବାସ କରନ୍ତି। ଘୃଣ୍ୟ ଶିକାରୀ ଭାବରେ ଏହି ପ୍ରଜାତିର କୁମ୍ଭୀର ବେଶ୍ ଜଣାଶୁଣା। ପ୍ରତିବର୍ଷ ଶହ ଶହ ଲୋକ ନୀଳ କୁମ୍ଭୀରମାନଙ୍କର ଆକ୍ରମଣରେ ପ୍ରାଣ ହରାଇଥାନ୍ତି।

## ଫୁରସତ୍

### କ୍ରିକେଟ ମ୍ୟାଚରେ ସଂସ୍କୃତ କମେଣ୍ଟ୍ରି

ବେଙ୍ଗାଲୁରୁ

କର୍ନାଟକର ରାଜଧାନୀ ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଥିବା ଏକ କ୍ରିକେଟ ମ୍ୟାଚର ଭିଡିଓ ଏବେ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ସଂସ୍କୃତ ଭାଷାରେ କମେଣ୍ଟ୍ରି କରୁଥିବା ନଜରକୁ ଆସିଛନ୍ତି। ଉକ୍ତ ବ୍ୟକ୍ତି ଜଣକ ସଂସ୍କୃତ ଭାଷାରେ ମ୍ୟାଚର ପରିସ୍ଥିତି ସମ୍ପର୍କରେ ବର୍ଣ୍ଣନା କରୁଛନ୍ତି। କର୍ନାଟକ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଏହି ନିଆରା କମେଣ୍ଟ୍ରି କରାଯାଉଛି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କୃତ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଟୁର୍ନାମେଣ୍ଟର ପ୍ରତ୍ୟେକ ମ୍ୟାଚ୍‌ରେ ସଂସ୍କୃତ କମେଣ୍ଟ୍ରି କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଖେଳ ଦେଖିବାକୁ ଆସିଥିବା କ୍ରୀଡ଼ାପ୍ରେମୀ ସଂସ୍କୃତ କମେଣ୍ଟ୍ରିକୁ ଉପଭୋଗ କରୁଥିବା ନଜର ଆସୁଛନ୍ତି।

### କଙ୍ଗନାଙ୍କ ପରବର୍ତ୍ତୀ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'

ମୁମ୍ବାଇ



ଅଭିନେତ୍ରୀ ତଥା ଲୋକ ସଭା ଏମ୍‌ପି କଙ୍ଗନା ରାଣାୱତ ମଙ୍ଗଳବାର ନିଜର ପରବର୍ତ୍ତୀ ପ୍ରୋଜେକ୍ଟ ବିଷୟରେ ଘୋଷଣା କରିଛନ୍ତି। ମନୋଜ ତାପାଡ଼ିଆଙ୍କର ନିର୍ଦ୍ଦେଶନାରେ ଏବଂ ବବିତା ଆଶିୱାଲ ଓ ଆଦି ଶର୍ମାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଥିବା 'ଭାରତ ଭାଗ୍ୟ ବିଧାତା' ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି ବୋଲି କଙ୍ଗନା କହିଛନ୍ତି। 'ୟୁନୋଇଆ ଫିଲ୍ମସ୍'ଏବଂ 'ଫ୍ଲୋଟିଂ ରକ୍ସ ଏଣ୍ଟରଟେନ୍‌ମେଣ୍ଟ' ପ୍ରଡକ୍ସନ ହାଉସ୍‌ର ବ୍ୟାନରରେ ଏହି ଫିଲ୍ମ ନିର୍ମାଣ ହେବ। ଦେଶଭକ୍ତିର ଥିମକୁ ନେଇ ଉକ୍ତ ଫିଲ୍ମ ଆଧାରିତ ରହିବ ବୋଲି କଙ୍ଗନା କହିଛନ୍ତି। ଦେଶ ସ୍ୱାଧୀନତାରେ ଅବଦାନ ଥିବା ସତ୍ତ୍ୱେ ମଧ୍ୟ ଚର୍ଚ୍ଚାକୁ ଆସି ନ ଥିବା ଅନେକ ନାୟକଙ୍କ କାହାଣୀ ଏହି ଫିଲ୍ମରେ ଉଲ୍ଲେଖ ରହିବ ବୋଲି ସେ କହିଛନ୍ତି। ତେବେ ଏହି ଫିଲ୍ମ କେବେ ରିଲିଜ୍ ହେବ, କେବେଠାରୁ ଏହାର ଶୁଟିଂ ଆରମ୍ଭ ହେବ ଏବଂ କେଉଁ କେଉଁ ଅଭିନେତା ଉକ୍ତ ଫିଲ୍ମରେ ଅଭିନୟ କରିବେ ସେନେଇ ସୂଚନା ମିଳିପାରିନାହିଁ। ସେନ୍‌ସର୍‌ସିପ୍ ମିଳି ନ ଥିବାରୁ କଙ୍ଗନାଙ୍କ 'ଏମର୍ଜେନ୍ସୀ' ଫିଲ୍ମର ରିଲିଜ୍ ଡେଟ୍‌କୁ ରବିବାର ସ୍ଥଗିତ କରାଯାଇଥିଲା। ଏହାରି ମଧ୍ୟରେ ନୂତନ ଫିଲ୍ମ ନେଇ କଙ୍ଗନାଙ୍କ ଘୋଷଣା ତାଙ୍କ ପ୍ରଶଂସକଙ୍କୁ ଉତ୍ସାହିତ କରିଛି।




# ହୋମ୍‌ଗାର୍ଡ ମୃତ, ଆଇଆଇସି ଗୁରୁତର

## ପୋଲିସ ଭ୍ୟାନ୍‌କୁ ଧକ୍କାଦେଲା ଆମ୍ବୁଲାନ୍ସ

ଉଦଳା,୩।୯
(ସନ୍ତୋଷ କୁମାର ବାଛିନୀ)

ଉଦଳା-ବାରିପଦା ରାଜ୍ୟ ରାଜପଥରେ ସୋମବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ୧୦୮ ଆମ୍ବୁଲାନ୍ସ ଏକ ପୋଲିସ ଭ୍ୟାନ୍‌କୁ ଧକ୍କାଦେବାରୁ ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ଆଇଆଇସିଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଉଦଳା ପୋଲିସ ଭ୍ୟାନ୍‌ରେ ଥାନା ଅଧିକାରୀ ବନମାଳୀ ବାରିକ, ଡ୍ରାଇଭର ସଦାନନ୍ଦ ସିଂ, ହୋମ୍‌ଗାର୍ଡ ଲକ୍ଷ୍ମୀଧର ମହାନ୍ତଙ୍କ ସମେତ ଅନ୍ୟ ୨ଜଣ କର୍ମଚାରୀ ପାଟ୍ରୋଲିଂରେ ଯାଇଥିଲେ। ଉଦଳା-ବାରିପଦା ରାଜ୍ୟ ରାଜପଥର ଉଦଳା ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପ ସମ୍ମୁଖରେ ପୋଲିସ ଭ୍ୟାନ୍ ଛିଡ଼ା କରି ୨ ବାଇକ୍ ଚାଳକଙ୍କୁ ଅଟକାଇ ଯାଞ୍ଚ କରୁଥିଲେ। ଏହି ସମୟରେ ହଠାତ୍ ଆମ୍ବୁଲାନ୍ସଟି ଦ୍ରୁତଗତିରେ ଆସି ପୋଲିସ ଭ୍ୟାନ୍‌କୁ ଧକ୍କାଦେଇଥିଲା। ଫଳରେ ପୋଲିସ ଭ୍ୟାନ୍ ୩ ପଲଟ ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ପୋଲିସ ଭ୍ୟାନ୍‌ରେ ବସିଥିବା ଆଇଆଇସି ବାରିକ ଏବଂ ଡ୍ରାଇଭର ସଦାନନ୍ଦ ଗୁରୁତର ହୋଇଥିବା ବେଳେ ହୋମ୍‌ଗାର୍ଡ ଲକ୍ଷ୍ମୀଧରଙ୍କ



ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଏବଂ ପୋଲିସ କର୍ମଚାରୀମାନେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆମ୍ବୁଲାନ୍ସର ହେଲ୍‌ପର ହେମନ୍ତ କୁମାର ନାଏକ ଓ ଫାର୍ମାସିଷ୍ଟ ସତ୍ୟଜିତ୍ ପଣ୍ଡା ମଧ୍ୟ ଗୁରୁତର ହୋଇଥିବା ବେଳେ ଡ୍ରାଇଭର ଅନନ୍ତ ନାଏକ ଆହତ ହୋଇଛନ୍ତି। ଆଇଆଇସି ଏବଂ ପୋଲିସ ଭ୍ୟାନ୍ ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ଖବରପାଇ ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାଏ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପୋଲିସ ହେପାଜତକୁ ନେବା ସହ ଚିକିତ୍ସା ନିମନ୍ତେ ପଠାଇଛି।

ଅନ୍ୟପକ୍ଷରେ ଦୁର୍ଘଟଣା ଖବରପାଇ ମଙ୍ଗଳବାର ସକାଳେ କାର୍ଯ୍ୟରତ ସମସ୍ତ ହୋମଗାର୍ଡ ଉଦଳା ଡାକ୍ତରଖାନା ପରିସରରେ ଏକଜୁଟ୍ ହୋଇଥିଲେ। ମୃତ ହୋମ୍‌ଗାର୍ଡ ଲକ୍ଷ୍ମୀଧରଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ତାଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦେବାକୁ ଦାବି କରିଥିଲେ। ହୋମ୍‌ଗାର୍ଡ ଡିଏସ୍‌ପି ଦୋଳମଣି ଭୋଇ ଡାକ୍ତରଖାନା ପରିସରରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ସହ ନୂଆ ନିୟମ ଅନୁସାରେ ମୃତ ହୋମଗାର୍ଡଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ। ଏହାସହ ରେଡ୍‌କ୍ରସ୍ ପକ୍ଷରୁ ତାଙ୍କ ପରିବାରକୁ ୧୦ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। ମାଜିଷ୍ଟ୍ରେଟ୍ ପ୍ରତୀକ ପଣ୍ଡାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ନାବାଳିକାଙ୍କୁ ଗଣବଳାତ୍କାର: ୨ ଯୁବକ ଗିରଫ

ପାଟଣା, ୩।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଧୀନ ରାଇଡିହା ସାପ୍ତାହିକ ହାଟରୁ ଜଣେ ୧୪ ବର୍ଷର ନାବାଳିକାଙ୍କୁ ଟେକି ନେଇ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପାଟଣା ଥାନା ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୯୨/୨୪) ରୁଜୁ କରି ୨ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସାହରପଡ଼ା ବ୍ଲକ ମାଛଗଡ଼ ପଞ୍ଚାୟତ ବାଉଁଶ ନାଳି ଗାଁର ଯୋଗେନ୍ଦ୍ର ମୁଣ୍ଡାଙ୍କ ପୁଅ ମୁନା (୨୦) ଓ ଗୌରାଙ୍ଗ ପୂର୍ତ୍ତିଙ୍କ ପୁଅ ଦିଲୀପ (୨୨)। ମଙ୍ଗଳବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତା ଓ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି କହିଛନ୍ତି।

ସୂଚନା ଅନୁଯାୟୀ, ନାବାଳିକା ଜଣକ ଶୁକ୍ରବାର ତାଙ୍କ ମା' ସହ ହାଣ୍ଡିଆ ବିକ୍ରି କରିବାକୁ ରାଇଡିହା ସାପ୍ତାହିକ ହାଟକୁ ଆସିଥିଲେ। ରାତି ୮ଟା ବେଳେ ଅଭିଯୁକ୍ତ ଯୁବକଦ୍ୱୟ ତାଙ୍କୁ ବୁଧୁ ସାହି ଜଙ୍ଗଲର ହୁଡ଼ିକୁ ଟେକିନେଇ ଗଣ ବଳାତ୍କାର କରିଥିଲେ। ଏନେଇ ସୋମବାର ରାତିରେ ପୀଡ଼ିତାଙ୍କ ମା' ପାଟଣା ଥାନାରେ ଅଭିଯୋଗ କରିବା ପରେ ମଙ୍ଗଳବାର ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।

# ଡେବ୍ରିଗଡ଼ ଅଭୟାରଣ୍ୟରେ 'ଖରସେଲ'ର ମୃତ୍ୟୁ

## ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ: ବନ ବିଭାଗ

ସମ୍ବଲପୁର,୩।୯
(ପ୍ରମୋଦ ବହିଦାର)



ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅଧୀନ ଡେବ୍ରିଗଡ଼ ଅଭୟାରଣ୍ୟରେ ଥିବା କେପ୍‌ଟିଭ୍ ହାତୀ ଖର୍‌ସେଲର ମୃତ୍ୟୁ ଘଟିଛି। ତାକୁ ପ୍ରାୟ ୬୫ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାହୁନ୍ତ ହେମଚନ୍ଦ୍ର ଭୁଏ, ଯତ୍ନ ନେଉଥିବା ସମସ୍ତ କର୍ମଚାରୀ, ପ୍ରାଣୀ ଚିକିତ୍ସକ, ପ୍ରାଣୀ ସ୍ୱାସ୍ଥ୍ୟସେବୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଅଭୟାରଣ୍ୟର ଖର୍‌ସେଲ ରହୁଥିବା ସ୍ଥାନରେ ତା'ର ମରଶରୀରକୁ ମଙ୍ଗଳବାର ସମାଧି ଦିଆଯାଇଛି। ସମାଧି ସ୍ଥଳରେ ଏକ ସ୍ମୃତିଫଳକ ଲଗାଯାଇଛି। ସୂଚନାଯୋଗ୍ୟ, ୧୯୯୮ ମସିହାରେ ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଖର୍‌ସେଲ ଜଙ୍ଗଲରେ ଥିବା ଏହି ହାତୀ ଆତଙ୍କ ଖେଳାଇଥିଲା। ଜଙ୍ଗଲ ସମୀପ ଗ୍ରାମକୁ ଆସି ଘର ଭାଙ୍ଗିବା ସହ କେତେଜଣଙ୍କୁ ମାରି ଭୟର ବାତାବରଣ ସୃଷ୍ଟି କରିଥିଲା। ଶେଷରେ ବନ ବିଭାଗ ତାକୁ ଟ୍ରାଙ୍କୁଲାଇଜକରି ଡେବ୍ରିଗଡ଼ ଅଭୟାରଣ୍ୟକୁ ନେଇଥିଲା। କିଛିଦିନ ସଙ୍ଗରୋଧରେ ରଖିବା ପରେ ମାହୁନ୍ତ ହେମଚନ୍ଦ୍ର ଭୁଏଙ୍କ ତତ୍ତ୍ୱାବଧାନରେ ତାକୁ ଜଙ୍ଗଲରେ ବିଚରଣ ପାଇଁ ଛଡ଼ାଯାଇଥିଲା। ଖର୍‌ସେଲ ଜଙ୍ଗଲରୁ ଅଣାଯାଇଥିବାରୁ ଡେବିଗ୍ରଡ଼ ଅଭୟାରଣ୍ୟ କର୍ତ୍ତୃପକ୍ଷ ହାତୀର ନାମକରଣ କରିଥିଲେ ଖର୍‌ସେଲ। ତେବେ ୨୦୦୫ ମସିହାରୁ ୨୦୦୯ ମଧ୍ୟରେ ଖର୍‌ସେଲ ଏକାଧିକ ଥର ଖସିଯିବାକୁ ବିଫଳ ଚେଷ୍ଟା କରିଥିଲା। ପରେ ସେ ଅଭୟାରଣ୍ୟରେ ନିଜକୁ ଖାପଖୁଆଇ ସ୍ୱାଚ୍ଛନ୍ଦରେ ବିଚରଣ କରୁଥିବା ଦେଖାଯାଇଥିଲା। ତେବେ ଗତ ୫-୬ ମାସ ହେଲା ଖର୍‌ସେଲର ଦୃଷ୍ଟିଶକ୍ତି କ୍ଷୀଣ ହେବା ସହ ମାଂସପେଶୀ ଓ ପାଦରେ ଯନ୍ତ୍ରଣା ହେବା ଆରମ୍ଭ ହୋଇଥିଲା। ଏହି କାରଣରୁ ଗତ କିଛିଦିନ ହେଲା ତା'ର ଗତିବିଧି ଧୀର ହୋଇଯାଇଥିଲା। ଏପରିକି ଖାଇବା ଓ ଚାଲିବା ମଧ୍ୟ କମିଯାଇଥିଲା। ଅଗଷ୍ଟ ୨୩ ତାରିଖରୁ ସେ ଆଉ ଛିଡ଼ା ହେବାକୁ ସକ୍ଷମ ନ ହୋଇ ଶୋଇ ରହୁଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୁର୍ଲା ପ୍ରାଣୀ ଚିକିତ୍ସାଳୟର ଡାକ୍ତରଙ୍କ ସହ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଭୁବନେଶ୍ୱର ସେଣ୍ଟର ଅଫ୍ ୱାଇଲ୍ଡଲାଇଫ ଷ୍ଟଡିଜ୍‌ର ପ୍ରାଣୀ ଚିକିତ୍ସା ବିଶେଷଜ୍ଞ ଡା. ଇନ୍ଦ୍ରାଣୀ ନାଥଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରୁଥିଲେ। ହେଲେ ମଙ୍ଗଳବାର ଖର୍‌ସେଲ ଶେଷ ନିଃଶ୍ୱାସ ତ୍ୟାଗକରିଛି। ସୂଚନାଯୋଗ୍ୟ, ୨୦୨୨ରେ ଭୁବନେଶ୍ୱରରେ ଡା. ନାଥଙ୍କ ଦ୍ୱାରା 'ଖେର୍‌ସେଲ୍'ର ଚକ୍ଷୁ ଦ୍ୱୟର ଅସ୍ତ୍ରୋପଚାର ହୋଇଥିଲା।

# ତାଲିମପ୍ରାପ୍ତ ୬ ଆଇଏଏସ୍ ଅଫିସର ଉପଜିଲାପାଳ ନିଯୁକ୍ତ

ଭୁବନେଶ୍ୱର,୩।୯(ଅନିଲ ଦାସ)

ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପରେ ରାଜ୍ୟ ସରକାର ୨୦୨୨ ବ୍ୟାଚର ୬ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥାନରେ ଉପଜିଲାପାଳ ଭାବେ ନିଯୁକ୍ତିଦେଇଛନ୍ତି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତଦନୁଯାୟୀ ଆଇଏଏସ୍ ଅଫିସର ଅକ୍ଷୟ ପିଲାଇଙ୍କୁ ବଣାଇ ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ଆଠଗଡ଼, ଅରୁଗୁଳା ସ୍ନେହାଙ୍କୁ ପଦ୍ମପୁର, ଅକଭରାମ ସସ୍ୟା ରେଡ୍ଡୀଙ୍କୁ ଜୟପୁର, ସମୀର କୁମାର ଜେନାଙ୍କୁ ତାଳଚେର ଏବଂ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ରାଇରଙ୍ଗପୁର ଉପଜିଲପାଳ ନିଯୁକ୍ତ କରାଯାଇଛି।




# ଡାକ୍ତରୀ ପଢ଼ିବେ ଜନଜାତି ଛାତ୍ର ସନାତନ

ଦାରିଙ୍ଗବାଡି, ୩।୯ (ଅରୁଣ ସାହୁ )

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦୁର୍ଗମ ଗ୍ରାମର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ର ସନାତନ ପ୍ରଧାନ ଏବେ ଡାକ୍ତରୀ ଛାତ୍ର। ସେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବ୍ରହ୍ମପୁର ଏମକେସିଜିରେ ନାମ ଲେଖାଇବାକୁ ଯାଉଛନ୍ତି। ଦାସିଙ୍ଗବାଡି ପଞ୍ଚାୟତର ତାଡିମାହା ବାସିନ୍ଦା କନେଶ୍ୱର ପ୍ରଧାନ ଓ ମାଧୁରୀଙ୍କ ପୁଅ ସନାତନ ଖଲ୍ଲିକୋଟ କଲେଜରେ ଦ୍ୱାଦଶ ପାସ୍ କରିଥିଲେ। ନିଟ୍ ପରୀକ୍ଷାରେ ଗୋଟିଏ ଚେଷ୍ଟାରେ ସଫଳତା ମିଳିବା ପରେ ଏବେ ସନାତନଙ୍କ


ସନାତନ ପ୍ରଧାନ

ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସେ ଭଲ ଡାକ୍ତର ହେବାକୁ ଅଧିକ ପରିଶ୍ରମ କରିବେ ବୋଲି କହିଛନ୍ତି। ପାଠପଢ଼ା ସମୟର ସଂଘର୍ଷକୁ ମନେପକାଇ ସନାତନ କହନ୍ତି, ବାପା ଜଣେ ହଳଦୀ ଚାଷୀ। ସ୍ୱଳ୍ପ ଆୟରେ ପରିବାର ଚଳାନ୍ତି। ଦ୍ୱାଦଶ ପରେ ଯୁକ୍ତ ୩ ଶିକ୍ଷା ପାଇଁ ବାପା ଅସମର୍ଥ ଥିଲେ। ଏପରି ସ୍ଥଳେ ସାଙ୍ଗ ସାଥୀଙ୍କଠାରୁ ବହି ଧାର ମାଗି ନିଟ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ ବୋଲି କହିଛନ୍ତି। ତାଙ୍କ ଗାଁରେ ଇଣ୍ଟରନେଟ ବ୍ୟବସ୍ଥା ନ ଥିବାରୁ ଗାଁଠାରୁ ଦୂର ଏକ ପାହାଡ଼ ଉପରେ ବସି ଇଣ୍ଟରନେଟରୁ ବିଭିନ୍ନ ପାଠ୍ୟ ସଂଗ୍ରହ କରି ତାକୁ ନୋଟ୍ କରି ପଢି ନିଟ୍ ପରୀକ୍ଷା ଦେଇଥିଲେ ବୋଲି ସନାତନ କହିଛନ୍ତି।

# ନୟାଗଡ଼ ଚିନିକଳ ପୁନରୁଦ୍ଧାର ପାଇଁ ସବୁଜ ସଙ୍କେତ

ନୟାଗଡ଼,୩।୯(ଲୋକନାଥ ମିଶ୍ର)

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳର ପୁନରୁଦ୍ଧାର ପାଇଁ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ ନୟାଗଡ଼ ସୁଗାର କମ୍ପ୍ଲେକ୍ସର ଡେପୁଟି ଡାଇରେକ୍ଟର ସବ୍ୟସାଚୀ ମିଶ୍ରଙ୍କ ମଧ୍ୟରେ ଭୁବନେଶ୍ୱରଠାରେ ଆଲୋଚନା ପରେ ସବୁଜ ସଙ୍କେତ ମିଳିଛି। ଚିନିକଳ ପୁନରୁଦ୍ଧାର ଉଦ୍ଦେଶ୍ୟରେ ଚିନିକଳ ପାଇଁ ଗୋଟିଏ ଡିପିଆର, ବ୍ୟାଙ୍କ ଓ ଚାଷୀଙ୍କ ପାଇଁ ଅନ୍ୟ ଏକ ଡିପିଆର ପ୍ରସ୍ତୁତ ଚାଲିଛି। ପୁଣି ୪ରୁ ୫ଟି ପ୍ଲାନ୍ ପ୍ରସ୍ତୁତ ହେଉଥିବା ନୟାଗଡ଼ ସୁଗାର କମ୍ପ୍ଲେକ୍ସର ଡେପୁଟି ଡାଇରେକ୍ଟର ମିଶ୍ର ସ୍ୱୀକାର କରିଛନ୍ତି। ଚିନିକଳରେ ତାଲା ଝୁଲିବା ପରେ ପ୍ରାୟ ୯ ବର୍ଷ ହେଲା ଚିନିକଳକୁ ନେଇ ରାଜନୀତି ଲାଗି ରହିଛି। ୨୦୧୯ ନିର୍ବାଚନରେ ମଧ୍ୟ ଚିନିକଳ ଚାଲିବା ନେଇ ବିଜେଡି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଚିନିକଳ ଚାଲୁ ହେବା ପରିବର୍ତ୍ତେ ବନ୍ଦ ରହିଥିଲା। ୨୦୨୪ ନିର୍ବାଚନ ସମୟରେ ଭାଜପା ଓ କଂଗ୍ରେସ ପକ୍ଷରୁ ପୁଣି ଚିନିକଳ ଖୋଲିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା।




# ଶ୍ରୀଜୀଉଙ୍କ ଦାନ୍ତକାଠି ସେବାରେ ୧୬ ବର୍ଷ

## ନୟାଗଡ଼ର ମହୀପୁରରୁ ଶ୍ରୀମନ୍ଦିରକୁ ଯାଉଛି ମୂତୁରୀ ଦାନ୍ତକାଠି

ନୟାଗଡ଼,୩।୯
(ଲୋକନାଥ ମିଶ୍ର)

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳା ଯେପରି ଅପାର ସେପରି ନୀତି ଖଞ୍ଜି(ବ୍ୟବସ୍ଥା) ମଧ୍ୟ ନିଆରା। ଶ୍ରୀଜୀଉଙ୍କ ସେବାରେ ବହୁ ଭକ୍ତ ନିଜକୁ ସମର୍ପି ଅପାର କରୁଣା ଲାଭ କରୁଛନ୍ତି। ସେଭଳି ଜଣେ ଭକ୍ତ ଦାନ୍ତକାଠି ସେବା ପାଇ ନିଜକୁ ଧନ୍ୟ ମନେକରି ୧୬ ବର୍ଷ ହେଲା ପ୍ରଭୁଙ୍କ ସେବାରେ ଲାଗି ପଡିଛନ୍ତି। ସେ ହେଲେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ମହୀପୁର ଗାଁର ଧୀରେନ୍ଦ୍ର କୁମାର ସାହୁ। ସେ ବର୍ଷକୁ ୪ରୁ ୫ଥର ଶ୍ରୀଜୀଉଙ୍କୁ ଦାନ୍ତକାଠି ଯୋଗାଇ ନୂଆଗାଁ ବ୍ଲକ୍ ତଥା ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି।

ମହୀପୁର ଗାଁର ଧୀରେନ୍ଦ୍ର ଜଣେ ଅବସରପ୍ରାପ୍ତ ଶିକ୍ଷକ। ନୂଆଗାଁ ବ୍ଲକ୍ ଦୁର୍ଦ୍ଧୁରା ଗାଁରେ



ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୧୬ରେ ଗାତେରୀ ହାଇସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଛନ୍ତି। ୨୦୦୯ରେ ସେ ଜଣେ ଶିଷ୍ୟଙ୍କୁ ଧରି ପୁରୀକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ। ଠାକୁରଙ୍କୁ ଦର୍ଶନ କରିବା ପରେ ଜଗନ୍ନାଥଙ୍କ ଆଦ୍ୟ ସେବକ ଭିତରରୁ ମହାପାତ୍ରଙ୍କ ସହ ଧୀରେନ୍ଦ୍ରଙ୍କ ଅକସ୍ମାତ ଭେଟ ହୋଇଥିଲା। ଭେଟ ସମୟରେ ଆଦ୍ୟ ସେବକ ଧୀରେନ୍ଦ୍ରଙ୍କ ଠିକଣା ପଚାରି ଆପଣ ମହାପ୍ରଭୁଙ୍କ ପାଇଁ ଦାନ୍ତକାଠି ଆଣନ୍ତୁ ବୋଲି କହିଥିଲେ। ଆଦ୍ୟ ସେବକଙ୍କୁ ହଁ କହି ଗାଁକୁ ଫେରିବା ପରେ ଶ୍ରୀଜୀଉଙ୍କୁ ଦାନ୍ତକାଠି ଯୋଗାଇପାରିବେ କି ନା ସନ୍ଦେହରେ ପଡିଥିଲେ ଧୀରେନ୍ଦ୍ର। ପରେ ଗାଁର କେତେଜଣ ଲୋକଙ୍କ ସହଯୋଗରେ ସ୍ଥାନୀୟ ଜଙ୍ଗଲରୁ ଦାନ୍ତକାଠି ସଂଗ୍ରହକରି ୧ମାସ ମଧ୍ୟରେ ନିଜେ ଯାଇ ଦେଇ ଆସିଥିଲେ। ତା'ପରଠାରୁ ବର୍ଷକୁ ୪ରୁ ୫ଥର ଦାନ୍ତକାଠି ଯୋଗାଇ ଆସୁଛନ୍ତି। ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ପ୍ରତିବର୍ଷ ସେ ଠାକୁରଙ୍କୁ ଦାନ୍ତକାଠି ଯୋଗାଉଛନ୍ତି। ଚଳିତ ବର୍ଷ ଗତ ସୋମବାର ପୁରୀ ଯାଇ ଦାନ୍ତକାଠି ପ୍ରଦାନ କରିଛନ୍ତି। ଏନେଇ ଭକ୍ତ ଧୀରେନ୍ଦ୍ର କୁହନ୍ତି, ଶ୍ରୀଜୀଉଙ୍କ ସେବା କରିବାର ସାନ୍ନିଧ୍ୟ ପାଇ ମୁଁ ଧନ୍ୟ ହୋଇଛି। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଆସୁଥିବି। ମନ୍ଦିର ପ୍ରଶାସନର ଅନୁମତି ପରେ ମୁଁ ମୂତୁରୀ ଦାନ୍ତକାଠି(କୁମ୍ଭାଟୁଆ) ଶ୍ରୀମନ୍ଦିରର ଅମୁଣିଆ ଘରେ ରଖି ଆସୁଛି। ଗତ ସୋମବାର ମୁଁ ଦାନ୍ତକାଠି ନେଇ ଯାଇଥିଲି। ଗୋଟିଏ ଦାନ୍ତକାଠି ବିଡ଼ାରେ ୫୦ରୁ ୬୦ କାଠି ରହୁଛି। ମୁଁ ଦାନ୍ତକାଠି ମହାପ୍ରଭୁଙ୍କୁ ଦେଉଥିବା ଖବର ଜଣାପଡିବା ପରେ ମୋତେ ଏବେ କେତେଜଣ ଲୋକ ଦାନ୍ତକାଠି ସଂଗ୍ରହରେ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶାରୁ ପ୍ରଥମ ଥର ଲାଗି ଡ୍ରାଗନ ଫଳ ବିଦେଶକୁ ରପ୍ତାନୀର ଶୁଭାରମ୍ଭ, ସ୍ଥାନ: କାର୍ଗୋ ୟୁନିଟ୍, ବିଜୁ ପଟ୍ଟନାୟକ ବିମାନବନ୍ଦର, ସମୟ: ସକାଳ ୮ଟା ୩୦।
- 'ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ'ର ଗୋଲ୍ଡେନ ଜୁବୁଲି, ସ୍ଥାନ: ଆଇଓପି ଅଡିଟୋରିୟମ, ଇନ୍‌ଷ୍ଟିଚ୍ୟୁଟ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଟିଚ୍ ଇନ୍ ଟୁରିଜିମ୍ ଇଭେଣ୍ଟ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା କିନ୍ନର ଓ ଟ୍ରାନ୍ସଜେଣ୍ଡର ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ଶିଷ୍ୟ ପରମ୍ପରା ଓଡ଼ିଶୀ ସଙ୍ଗୀତ, ସ୍ଥାନ: ହୋଟେଲ ସାଣ୍ଡିସ୍ ଟାୱାର, ସମୟ: ସମୟ ୪ଟା।

## କଟକ
- କଟକ ସୁରକ୍ଷା ସମିତି ଓ ସିଡ଼ିଏ ବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବେଳାଭୂମିରେ ମଦ କୁଡ଼ିଆ ବିରୋଧରେ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ନୀତି ଅବସରରେ ଦାବାଗ୍ନି ଲୀଳା ନୀତି, ସ୍ଥାନ: ମାଟି ମଣ୍ଡପ ସାହି ଆଖଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ହଲାନ୍ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଏବଂ କଳସ ଶୋଭାଯାତ୍ରା, ସ୍ଥାନ: ଅଗ୍ରୱାଲ ଧର୍ମଶାଳା ପରିସର, ଜଟଣୀ, ସମୟ: ସକାଳ ୭ଟା ୩୦।

## ବାଲେଶ୍ୱର
- ମଞ୍ଜି ଉତ୍ପାଦନ କୌଶଳ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।
- ସମୃଦ୍ଧ କିଶାନ ଉତ୍ସବ, ସ୍ଥାନ: ସାନଖୁଡ଼ି, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଉତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ମହୀନ୍ଦ୍ରା ସର୍ଭିସ୍ ଷ୍ଟେଶନ ଉଦ୍‌ଘାଟନ, ସ୍ଥାନ: ଧାମରା ରେଳବ୍ରିଜ୍ ପାଖ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଟୁଙ୍ଗି ପରିସରରେ ଅଧ୍ୟାତ୍ମିକ ଆଲୋଚନା, ସ୍ଥାନ:ନାହା,ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ, ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ:ବଂଚୋ,କାନପୁର, ହାଟଡିହୀ, ସମୟ :ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ବିଜାତଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ଓଡ଼ିଆ ଭାଷା ସାହିତ୍ୟ ଏବଂ ତା'ର ସୁରକ୍ଷା ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ:ଉଦଳା ମହାବିଦ୍ୟାଳୟ ପରିସର, ସମୟ:ଅପରାହ୍ନ ୩ ଟା।

## ବ୍ରହ୍ମପୁର
- ଏଲ୍‌ଆଇସି ଏଜେଣ୍ଟ ସଂଘର ସାଧାରଣ ବୈଠକ, ସ୍ଥାନ:ରୋଟାରୀ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉତ୍ସବ, ସ୍ଥାନ: ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ସଭା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆସିକା ଏନଏସି ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ, ସ୍ଥାନ: ବାଣୀବିହାର କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ
- ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ରାପଡାବାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବିଜ୍ଞାନ ମେଳା, ସ୍ଥାନ:ହାଉସିଂ ବୋର୍ଡ ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ସକାଳ ୮ଟା।
- ଜୀବେଦୟା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଶିଳ୍ପକେନ୍ଦ୍ର ତରଫରୁ ପିଏମ୍ ବିଶ୍ୱକର୍ମା ସମ୍ପର୍କିତ କର୍ମଶାଳା, ସ୍ଥାନ:ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ସଦସ୍ୟତା ଅଭିଯାନକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ପିଏମ ଜନମନ ପରିଯୋଜନା ସଚେତନତା ଅଭିଯାନ, ସ୍ଥାନ: ପରାମଗୁଡା ଗ୍ରାମ, ବିଷମ କଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ସଦସ୍ୟତା ଅଭିଯାନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ମାଝୀଗୁଡ଼ାସ୍ଥିତ ନୂତନ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅବସରରେ କୁଇଜ ପ୍ରତିଯୋଗିତା, ସ୍ଥାନ: ଦଳେଇଗୁଡ଼ା ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ
- କୃଷି ଜମି ଚିହ୍ନଟ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ୨୦୨୪ ସାଧାରଣ ନିର୍ବାଚନରେ ଖର୍ଚ୍ଚ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୫ଟା। ସ୍ଥାନ : ହାୱା ମଇଦାନ, ସମୟ: ସକାଳ ୭ଟା।
- ଶିକ୍ଷକ ଓ ଅଭିଭାବକ ବୈଠକ, ସ୍ଥାନ : ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ : ସକାଳ ୭ଟା।
- ନୂଆଁଖାଇ ପ୍ରସ୍ତୁତି ବୈଠକ, ସ୍ଥାନ : ଠେମରା ଗ୍ରାମ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ପ୍ରାଦେଶିକ ବିଜ୍ଞାନ ମେଳା, ସ୍ଥାନ: କଲେଜ ଛକ ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ ଟା।
- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ଖାଦ୍ୟ ନିଗମ ଅଧ୍ୟକ୍ଷଙ୍କ ଜିଲାସ୍ତରୀୟ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଖାଦ୍ୟ ନିଗମ ଅଧ୍ୟକ୍ଷଙ୍କ ବିଭିନ୍ନ ଆଶ୍ରମ ସ୍କୁଲ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳ, ସମୟ: ଅପରାହ୍ନ ୨ଟା ୩୦।

## ସୁବର୍ଣ୍ଣପୁର
- ସପ୍ତପୁରୀ ଅମାବାସ୍ୟା ପାଳନ, ସ୍ଥାନ: ଅମୂଲ୍ୟମଣୀ ରାଣୀପୁର,ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ସହରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ଗୋକର୍ଣ୍ଣେଶ୍ୱର ପଡ଼ାସ୍ଥିତ ଡାଇନାମିକ ଷ୍ଟଡି ପଏଣ୍ଟ, ସମୟ: ଅପରାହ୍ନ ୫ଟା ୩୦।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ସମୟ: ସନ୍ଧ୍ୟା ୬ଟା ୩୦।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହର ନମଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।
- ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଏବଂ ଏହାର ପ୍ରଭାବ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ସକାଳ ୯ଟା।
- ସଂଗୃହୀତ ଜୀବାଶ୍ମ ଓ ବିଭିନ୍ନ ପଥର ପ୍ରଦର୍ଶନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ପରିବେଷଣ, ସ୍ଥାନ: ସହରସ୍ଥିତ ବୁଡ଼ାପଡ଼ା ଗ୍ରାମ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ଓ ଦ୍ୱି ଦିବସୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ସଂସ୍କୃତ କଲେଜରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ରାଉରକେଲା ସିଭିକ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ପର୍ବ ପାଳନକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଲ୍ଡଜିମ୍ କମ୍ପ୍ଲେକ୍ସ, ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସଦେବ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଦେବଗଡ଼
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ– ୨୦୧୪ ଅଧୀନ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ଚାଷ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ତୃତୀୟ ସୁପରଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ କ୍ଲବ ପରିସର, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାବଗତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ସୁଭଦ୍ରା ଯୋଜନା ଅଗ୍ରଗତି ନେଇ ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗେହ୍ଲାମା କଳାନିକେତନର ନୂଆଖାଇ ଭେଟଘାଟ ନେଇ ପ୍ରସ୍ତୁତି ବୈଠକ ସ୍ଥାନ: ମାଉସୀ ମା' ମନ୍ଦିର ପ୍ରାଙ୍ଗଣ , ବୌଦ୍ଧ,ସମୟ: ଅପରାହ୍ନ ୪ଟା।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩।୯(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଆର୍ଥିକ ସହାୟତା ସେପ୍ଟେମ୍ବର ୧୭ରେ ପ୍ରଦାନ କରାଯିବ। ଏହିଦିନ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ହିତାଧିକାରୀଙ୍କୁ ସୁଭଦ୍ରା କାର୍ଡ ବଣ୍ଟନ କରିବେ। କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ତଥା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ସହାୟତା ଅର୍ଥ ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମଙ୍ଗଳବାର ପୂର୍ବାହ୍ନରେ ସୁଭଦ୍ରା ଯୋଜନା ରାଜ୍ୟସ୍ତରୀୟ ପରିଚାଳନା କମିଟିର ଏକ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକ ପ୍ରାରମ୍ଭରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ୧୭ ତାରିଖ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରଶାସନିକ ସ୍ତରରେ ଗଠିତ ଅଭ୍ୟର୍ଥନା କମିଟି, ସାଂସ୍କୃତିକ କମିଟି, ସହର ସୌନ୍ଦର୍ଯ୍ୟକରଣ କମିଟି, ଲୋକ ସମ୍ପର୍କ କମିଟି, ନାରୀ ଶକ୍ତି କମିଟି, ସମନ୍ୱୟ କମିଟି ଆଦି ଉପକମିଟିର କାର୍ଯ୍ୟ ଅଗ୍ରଗତି ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ଜନସମାଗମକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ସ୍ଥଳର ପ୍ରସ୍ତୁତି, ପାର୍କିଂ ସ୍ଥଳ, ଟ୍ରାଫିକ୍ ପରିଚାଳନା, ପରିବହନ ବ୍ୟବସ୍ଥା,ପାସ୍ ପ୍ରଦାନ, ଗଣମାଧ୍ୟମ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ବିଭିନ୍ନ ଉପ-କମିଟିର ସମ୍ମିଳିତ ପ୍ରୟାସ ଓ ସମନ୍ୱୟରେ ସମାବେଶ ତଥା ଯୋଜନା କାର୍ଯ୍ୟକାରୀ ସମ୍ପର୍କିତ ଆନୁଷଙ୍ଗିକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବୁଧବାରଠାରୁ ଆବେଦନକାରୀ ପୂରଣ କରିଥିବା ଫର୍ମ ସଂଗ୍ରହ ଆରମ୍ଭ ହେଉଥିବାରୁ ଆବେଦନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଭାବେ କରାଯିବା ପାଇଁ ନିଆଯାଇଥିବା ପଦକ୍ଷେପ ନେଇ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ 'ସୁଭଦ୍ରା' ଯୋଜନାର ଆବେଦନ ଫର୍ମ ବିତରଣ କାର୍ଯ୍ୟକ୍ରମ ଓଡ଼ିଶାର ସମସ୍ତ ଜିଲାରେ ଚାଲୁରହିଥିବା ସ୍ଥଳେ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନିରୂପଣ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟରେ ଫର୍ମ ସଂଗ୍ରହ କରାଯିବ। ଏଥିପାଇଁ ସମ୍ଭାବ୍ୟ ଜନଗହଳିକୁ ଦୃଷ୍ଟିରେ ରଖି ମୋ ସେବା କେନ୍ଦ୍ର ବା ସାଧାରଣ ସେବାକେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର)ରେ ଫର୍ମ ସଂଗ୍ରହ ବ୍ୟବସ୍ଥା କିପରି ରହିଛି ସେନେଇ ଆଲୋଚନା ହୋଇଛି। ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଆବେଦନକାରୀଙ୍କୁ ଯେପରି ଠିକ୍ ଭାବେ, ଶୀଘ୍ର ଆବେଦନ କରିବା ପାଇଁ ସହଯୋଗ କରାଯାଇପାରିବ ସେଥିପ୍ରତି ବ୍ୟବସ୍ଥା ଗ୍ରହଣ ନେଇ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କମିଟିକୁ ଅବଗତ କରାଇଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କିତ ଅନୁସନ୍ଧାନ ପାଇଁ ଟୋଲ୍ ଫ୍ରି ନମ୍ବର୧୪୬୭୮ କଲ୍ ସେଣ୍ଟର ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଅନ୍ୟପଟେ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ପ୍ରମୁଖ ଜନତା ମଇଦାନ ଯାଇ ପ୍ରଧାନମନ୍ତ୍ରୀ ଗସ୍ତ ପୂର୍ବରୁ ସମୀକ୍ଷା କରିଛନ୍ତି।

### ଅଜିତ, ଶରଦଙ୍କୁ... ପ୍ରଥମ ପୃଷ୍ଠାରୁ...

ରେସ୍‌ରେ ୟୁକ୍ରେନ୍‌ର ୟୁଲିଆ ଶୁଲିଆର ୫୫.୧୬ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ସୋମବାର ହିଟ୍ସରେ ଦୀପ୍ତିଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଥିବା ତୁର୍କୀର ଆଇସେଲ ଓଣ୍ଡର ୫୫.୨୩ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲେ। ଦୀପ୍ତିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୫.୦୭ ସେକେଣ୍ଡ ରହିଥିଲେ ମଧ୍ୟ ଫାଇନାଲରେ ସେ ଏହା ଦୋହରାଇ ପାରି ନ ଥିଲେ। ମଙ୍ଗଳବାର ଶେଷସୁଦ୍ଧା ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୦ରେ ପହଞ୍ଚିଛି। ପାରାଲିମ୍ପିକ୍ସ ଇତିହାସରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହାପୂର୍ବରୁ ଟୋକିଓ ଅଲିମ୍ପିକ୍ସରେ ଭାରତ ସର୍ବାଧିକ ୧୯ଟି ପଦକ ହାସଲ କରିଥିଲା।

### ପୀଡ଼ିତାଙ୍କ ମୃତ୍ୟୁ ଘଟିଲେ...

ଆଇନରେ ସଂଶୋଧନ କରି ଅପରାଧୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସହ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ସୁନିଶ୍ଚିତ କରାନ୍ତୁ ବୋଲି ମମତା କହିଥିଲେ। ଏଥିସହିତ ମମତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ୨ଟି ଚିଠି ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉତ୍ତରକୁ ମଧ୍ୟ ଗୃହରେ ଉପସ୍ଥାପନ କରିଥିଲେ। ବଳାତ୍କାର ମାନବ ଜାତି ପାଇଁ ଅଭିଶାପ। ଏଭଳି ଅପରାଧକୁ ରୋକିବା ପାଇଁ ସାମାଜିକ ସଂସ୍କାର ଆବଶ୍ୟକ। ମହିଳା ବିରୋଧୀ ଅପରାଧର ତୁରନ୍ତ ତଦନ୍ତ ପାଇଁ ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଅପରାଜିତା ଟାସ୍କଫୋର୍ସ ଗଠନ କରିବ ବୋଲି ମମତା କହିଛନ୍ତି।

### ୯ ମାଓବାଦୀ...

ପାଇ ସର୍ଚ୍ଚ ଅପରେଶନ କରାଯାଇଥିଲା। ଲୋହା ଗ୍ରାମ ପେଡିଆ ଜଙ୍ଗଲରେ ମାଓବାଦୀମାନେ ଥିବା ଜାଣି ସୁରକ୍ଷା କର୍ମୀମାନେ ସେଠାକୁ ଯାଇଥିଲେ। ଯବାନମାନଙ୍କ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିବା ବେଳେ ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ମଧ୍ୟ ଗୁଳି ଚାଳନା କରିଥିଲେ। ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ଗୁଳି ଚାଳନା ଚାଲିଥିବା ବେଳେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଆକ୍ରମଣକୁ ସାମ୍ନାକରି ନ ପାରି ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ସମୟରେ ୯ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିଲା। ଏଥିସହ ଘଟଣାସ୍ଥଳରୁ ଏସ୍‌ଏଲ୍‌ଆର୍ ୩୦୩ ରାଇଫଲ, ୩୧୫ ବୋର୍ ରାଇଫଲ ସହ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

### ଛାତ୍ରଙ୍କୁ ଗୁଳିକରି...

ମୃତ୍ୟୁ ହୋଇଥିଲା। ପ୍ରକାଶ ଯେ, ଭାଜପା ଶାସିତ ହରିୟାଣାରେ ୧୦ ବର୍ଷ ହେଲା ଗୋରକ୍ଷକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତ ୨୭ ତାରିଖରେ ହରିୟାଣା ଗୋରକ୍ଷକ ସଙ୍ଗଠନର ସଦସ୍ୟମାନେ ଚରଖି ଦାଦ୍ରି ଜିଲାରେ ଗୋମାଂସ ଖାଉଥିବା ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଦାଦନ ଶ୍ରମିକ ସବୀର ମଲ୍ଲିକଙ୍କୁ ପିଟି ହତ୍ୟା କରିଥିଲେ। ୨୦୨୩ରେ ରାଜସ୍ଥାନ ଭରତପୁର ଜିଲାର ନାସିର ଓ ଜୁନୈଦଙ୍କୁ ଗୋରକ୍ଷକମାନେ ହରିୟାଣାର ଭିୱାନି ଜିଲାରେ ଅପହରଣ କରି ଜୀବନ୍ତ ଜାଳିଦେଇଥିଲେ। ଏହି ଘଟଣାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି ହେବା ପରେ ବଜରଙ୍ଗ ଦଳର ମୋନୁ ମାନେସର ଓ ଅନ୍ୟ ୨୦ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ୨୦୨୫ରୁ ୭ ବର୍ଷ...

ସ୍ଥିତିରେ ଶନି କମ୍ ଦୃଶ୍ୟମାନ ହୋଇଥାଏ ଅଥବା ଅଦୃଶ୍ୟ ହୋଇଯାଇଥାଏ। ତେବେ ମାର୍ଚ୍ଚ ୨୦୨୫ ପରେ ଶନିଙ୍କ ଅବିରତ କକ୍ଷ ପଥ ଧୀରେ ଧୀରେ ବଳୟକୁ ପୁନର୍ବାର ଦୃଶ୍ୟମାନ କରାଇବ। ତେବେ ଆସନ୍ତା ବର୍ଷ ନଭେମ୍ବର ବେଳକୁ ଏହା ପୁନର୍ବାର ଅଦୃଶ୍ୟ ହୋଇଯିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରଫେସର ଭାହେ ପେରୁମିୟନଙ୍କ ଅନୁଯାୟୀ, ୨୦୨୫ ମାର୍ଚ୍ଚରୁ ପୃଥିବୀପୃଷ୍ଠରୁ ଶନିର ବଳୟ ଦୃଶ୍ୟମାନ ହୋଇପାରୁ ନ ଥିଲେ ମଧ୍ୟ ଏହା ଶନିର ଚାରିପଟେ ପୂର୍ବପରି ରହିଥିବ। ୨୦୩୨ ସୁଦ୍ଧା ଏହି ବଳୟ ପୁନର୍ବାର ଦୃଶ୍ୟମାନ ହେବ। ପୃଥିବୀ ପ୍ରତି ୧୩ରୁ ୧୫ ବର୍ଷରେ ଶନିଙ୍କ ବଳୟକୁ ଏକ ନିର୍ଦ୍ଦିଷ୍ଟ କୋଣରୁ ଦେଖିଥାଏ। ସେତେବେଳେ କମ୍ ଆଲୋକ ପ୍ରତିଫଳିତ ହେବା କାରଣରୁ ଶନିର ବଳୟକୁ ଦେଖିବା ବହୁତ କଷ୍ଟକର ହୋଇପଡ଼େ ଏବଂ ପ୍ରାୟତଃ ଏହି ବଳୟ ଦୃଶ୍ୟମାନ ହୁଏନାହିଁ। ଶେଷ ଥର ପାଇଁ ୨୦୦୯ରେ ଏପରି ଘଟିଥିବା ପେରୁମିୟନ୍ କହିଛନ୍ତି।

### ସ୍କୁଲରେ ତାଲା...

ହୋଇଥିଲେ। ସ୍କୁଲକୁ ଦିଆଯାଇଥିବା ଜମି ବଦଳରେ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବିକରି ସେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ସ୍କୁଲ ଭିତରକୁ ଯାଇ ନ ପାରି ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିଦ୍ୟାଳୟ ସମ୍ମୁଖ ରଣିଆକଟା-କଦଳୀମୁଣ୍ଡା ରାସ୍ତା ଉପରେ ବସି ପାଠ ପଢ଼ିଥିଲେ। ଏଥିଯୋଗୁ ଉକ୍ତ ରାସ୍ତାରେ ୨ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ପରେ ସିଆର୍‌ସିସି ତ୍ରିଲୋଚନ ବେହେରା, ତହସିଲଦାର ମନୋଜ କୁମାର ପ୍ରଧାନ, କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତିଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା। ଛାତ୍ରୀଛାତ୍ରମାନେ ଭିତରେ ପାଠ ପଢ଼ିବା ସହ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇଥିଲା। ଘଟଣା ସମ୍ପର୍କରେ କିଶୋରନଗର ତହସିଲଦାର ପ୍ରଧାନ କହିଛନ୍ତି, ଏହି ବିବାଦର ସ୍ଥାୟୀ ସମାଧାନ ପାଇଁ ବୈଠକ କରାଯିବ। ଆଗାମୀ ଦିନରେ କିଭଳି ସମସ୍ୟା ହେବନି ସେଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯିବ।

### ବଳାତ୍କାର, ହତ୍ୟାର...



ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ଚାପୁଡ଼ା ମାରିବା ପରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୁକ୍ତ କହିଥିଲେ। ଘଟଣାକୁ ଲୁଚାଇବା ପାଇଁ କାଉଁଶୀଖୁଜ ଜଙ୍ଗଲକୁ ମୃତଦେହ ନେଇ ଫିଙ୍ଗିଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ସମ୍ବଲପୁର ଅତିରିକ୍ତ ଏସ୍‌ପି ଆଲବିନୁସ୍ କେର୍‌କେଟା କହିଥିଲେ।

ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ୬ ଦଫା ଦାବି ନେଇ ଅଞ୍ଚଳବାସୀ ସାହେବୀଠାରେ ନାକଟୀଦେଉଳ-ବାଟଗାଁ ରାସ୍ତାକୁ ୨ଦିନ ଧରି ଅବରୋଧ କରିଥିଲେ। ତେବେ ପୋଲିସ ଏବଂ ପ୍ରଶାସନର ଉଚ୍ଚସ୍ତରୀୟ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ପରେ ସୋମବାର ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥଲା। ତେବେ ବୁର୍ଲାରେ ବ୍ୟବଚ୍ଛେଦ ପରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ପ୍ରଶାସନ ଯୁବତୀଙ୍କ ମୃତଦେହ ଗାଁକୁ ଆଣି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ମୃତାଙ୍କ ବାପାଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ନଗଦ ୫୦ହଜାର ଟଙ୍କା ସହାୟତା ରାଶି ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହା ପରେ ଶବ ସତ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଗ୍ରାମର କେତେଜଣ ବ୍ୟକ୍ତି ପ୍ରଶାସନକୁ ସହଯୋଗ ନ କରି ବିରୋଧ କରିଥିଲେ। ମୃତାଙ୍କ ଘର ଖାରବେଡ଼ା ଗ୍ରାମ ସୀମାରେ ଥିବାରୁ ସେଠାରେ ସତ୍କାର ହେଲେ ଭବିଷ୍ୟତରେ ସେ ଭୂତ ହୋଇ ଡରାଇବା ଭୟରେ ସମ୍ପୃକ୍ତ ଗ୍ରାମର ବହୁ ଲୋକ ବିରୋଧ କରିଥିଲେ। ଅପରପକ୍ଷରେ ସାହେବୀ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଜଣେ ବ୍ୟକ୍ତିଙ୍କ ସହାୟତାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ନେଇଥିବାରୁ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଶବ ପୋଡ଼ାଯାଉ ବୋଲି କେତେଜଣ ଦାବିକରି ସତ୍କାରକୁ ବିରୋଧ କରିଥିଲେ। ସମ୍ବଲପୁରର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ଆଲବିନୁସ୍ କେର୍‌କେଟା, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟୀଦେଉଳ ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ, ବିଡିଓ ଧନେଇ ଚରଣ ଟୁଡୁ, ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସାହେବୀ, ଖାରବେଡ଼ା ଏବଂ ପୋଡ଼ାମାଳ ଗ୍ରାମର ଲୋକେ କୌଣସି ପରିସ୍ଥିତିରେ ସତ୍କାର କରାଇଦେବାକୁ ରାଜି ହୋଇ ନ ଥିଲେ। ଫଳରେ ଦୀର୍ଘ ୩ ଘଣ୍ଟା କାଳ ପ୍ରଶାସନ ଗାଡ଼ିରେ ମୃତଦେହ ବୋହି ଏ ଗାଁରୁ ସେ ଗାଁ ହୋଇଥିଲା। ଶେଷରେ ପ୍ରଶାସନ ମୃତକଙ୍କ ପରିବାରବର୍ଗ ସହ ମୃତଦେହ ରେଢ଼ାଖୋଲ ନେଇ ଏନ୍‌ଏସି ଶବଦାହ ଗୃହରେ ସତ୍କାର କରାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସୁସ୍ଥ ପାରିବାରିକ ଜୀବନ ସଙ୍ଗକୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବୃଦ୍ଧି ଘଟିବ। ନୂତନଗୃହ, ଗାଡ଼ି, ମୋଟର କ୍ରୟକରିବା ସକାଶେ ମନ ବଳାଇ ପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ନିଜ ପରିସରରେ କଳହର ଆଶଙ୍କା ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ।

**ବୃଷ** – ଆଜି ଘରେ କିମ୍ବା ଅଫିସ୍‌ରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରି କାଗଜ ପତ୍ର ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। କ'ଣ କରିବେ କିମ୍ବା ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ।

**ମିଥୁନ** – ବନ୍ଧୁବାନ୍ଧବଙ୍କ ସାହାଯ୍ୟ, ସହାନୁଭୂତି ଆପଣଙ୍କ ସ୍ଥଗିତ କାମରେ ସହାୟକ ହୋଇପାରିବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତାରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ ତଥା ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**କର୍କଟ** – ଆଜି କାମର ଚାପ ବୃଦ୍ଧି ପାଇଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଓ କାର୍ଯ୍ୟଦକ୍ଷତା ବଳରେ ସାଧନ କରିବାରେ ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ କିନ୍ତୁ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** – ସକାଳୁ କିଛି ଶୁଭ ଖବର ସଙ୍ଗକୁ ଅର୍ଥଲାଭଜନିତ ମନ ଖୁସି ହୋଇଯିବ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** – ଆଲୋଚନାକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା** – ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ କିନ୍ତୁ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** – ମାନସିକ ସୁସ୍ଥତା ସଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ଦିନଟିକୁ ସରସ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** – ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିପାରନ୍ତି।

**ମକର** – ଅନ୍ୟମାନଙ୍କୁ ମନେଇ ନିଜ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ** – ଧୈର୍ଯ୍ୟଧାରଣ ପୂର୍ବକ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ସହଯୋଗ ପାଇ କାମ ହାସଲ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବାପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** – ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଚନ୍ଦ୍ରଙ୍କ ସ୍ଥାନ ସ୍ଥିତିରୁ ପ୍ରାୟତଃ ଶୁଭପ୍ରଦ ରହିବ। ତଥାପି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତାଜନିତ ପ୍ରତିବନ୍ଧକ ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ସେପ୍ଟେମ୍ବର ୪ତାରିଖ, ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ଶ୍ରୀମନ୍ଦିରରେ ଦାବାଗ୍ନିଲୀଳା, ବୁଧ୍‌ବାମନ ଓଷା ତୃତୀୟପାଳି, ରାଶିନକ୍ଷତ୍ର- ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ.୦୯.୫୫ମି. ଗତେ, କନ୍ୟା ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୫ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁକାଳ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶାରୁ ପ୍ରଥମ ଥର ଲାଗି ଡ୍ରାଗନ ଫଳ ବିଦେଶକୁ ରପ୍ତାନୀର ଶୁଭାରମ୍ଭ, ସ୍ଥାନ: କାର୍ଗୋ ୟୁନିଟ୍, ବିଜୁ ପଟ୍ଟନାୟକ ବିମାନବନ୍ଦର, ସମୟ: ସକାଳ ୮ଟା ୩୦।
- 'ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ'ର ଗୋଲ୍ଡେନ ଜୁବୁଲି, ସ୍ଥାନ: ଆଇଓପି ଅଡିଟୋରିୟମ, ଇନ୍‌ଷ୍ଟିଚ୍ୟୁଟ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଟିଚ୍ ଇନ୍ ଟୁରିଜିମ୍ ଇଭେଣ୍ଟ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା କିନ୍ନର ଓ ଟ୍ରାନ୍ସଜେଣ୍ଡର ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ଶିଷ୍ୟ ପରମ୍ପରା ଓଡ଼ିଶୀ ସଙ୍ଗୀତ, ସ୍ଥାନ: ହୋଟେଲ ସାଣ୍ଡିସ୍ ଟାୱାର, ସମୟ: ସମୟ ୪ଟା।

## କଟକ
- କଟକ ସୁରକ୍ଷା ସମିତି ଓ ସିଡ଼ିଏ ବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବେଳାଭୂମିରେ ମଦ କୁଡ଼ିଆ ବିରୋଧରେ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ନୀତି ଅବସରରେ ଦାବାଗ୍ନି ଲୀଳା ନୀତି, ସ୍ଥାନ: ମାଟି ମଣ୍ଡପ ସାହି ଆଖଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ହଲାନ୍ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଏବଂ କଳସ ଶୋଭାଯାତ୍ରା, ସ୍ଥାନ: ଅଗ୍ରୱାଲ ଧର୍ମଶାଳା ପରିସର, ଜଟଣୀ, ସମୟ: ସକାଳ ୭ଟା ୩୦।

## ବାଲେଶ୍ୱର
- ମଞ୍ଜି ଉତ୍ପାଦନ କୌଶଳ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।
- ସମୃଦ୍ଧ କିଶାନ ଉତ୍ସବ, ସ୍ଥାନ: ସାନଖୁଡ଼ି, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଉତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ମହୀନ୍ଦ୍ରା ସର୍ଭିସ୍ ଷ୍ଟେଶନ ଉଦ୍‌ଘାଟନ, ସ୍ଥାନ: ଧାମରା ରେଳବ୍ରିଜ୍ ପାଖ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଟୁଙ୍ଗି ପରିସରରେ ଅଧାତ୍ମିକ ଆଲୋଚନା, ସ୍ଥାନ:ନାହା,ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ, ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ:ବଂଚୋ,କାନପୁର, ହାଟଡିହୀ, ସମୟ :ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ବିଜାତଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିଫ୍ଟ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ଓଡ଼ିଆ ଭାଷା ସାହିତ୍ୟ ଏବଂ ତା'ର ସୁରକ୍ଷା ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ:ଉଦଳା ମହାବିଦ୍ୟାଳୟ ପରିସର, ସମୟ:ଅପରାହ୍ନ ୩ ଟା।

## ବ୍ରହ୍ମପୁର
- ଏଲ୍‌ଆଇସି ଏଜେଣ୍ଟ ସଂଘର ସାଧାରଣ ବୈଠକ, ସ୍ଥାନ:ରୋଟାରୀ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉତ୍ସବ, ସ୍ଥାନ: ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ସଭା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆସିକା ଏନ୍‌ଏସି ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ, ସ୍ଥାନ: ବାଣୀବିହାର କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ
- ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ରାପଡାବାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବିଜ୍ଞାନ ମେଳା, ସ୍ଥାନ:ହାଉସିଂ ବୋର୍ଡ ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ସକାଳ ୮ଟା।
- ଜୀବେଦୟା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଶିଳ୍ପକେନ୍ଦ୍ର ତରଫରୁ ପିଏମ୍ ବିଶ୍ୱକର୍ମା ସମ୍ପର୍କିତ କର୍ମଶାଳା, ସ୍ଥାନ:ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ସଦସ୍ୟତା ଅଭିଯାନକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ପିଏମ ଜନମନ ପରିଯୋଜନା ସଚେତନତା ଅଭିଯାନ, ସ୍ଥାନ: ପରାମଗୁଡା ଗ୍ରାମ, ବିଷମ କଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ସଦସ୍ୟତା ଅଭିଯାନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ମାଝୀଗୁଡ଼ାସ୍ଥିତ ନୂତନ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅବସରରେ କୁଇଜ ପ୍ରତିଯୋଗିତା, ସ୍ଥାନ: ଦଲେଇଗୁଡ଼ା ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ
- କୃଷି ଜମି ଚିହ୍ନଟ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ୨୦୨୪ ସାଧାରଣ ନିର୍ବାଚନରେ ଖର୍ଚ୍ଚ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୫ଟା। ସ୍ଥାନ : ହାୱା ମଇଦାନ, ସମୟ: ସକାଳ ୭ଟା।
- ଶିକ୍ଷକ ଓ ଅଭିଭାବକ ବୈଠକ, ସ୍ଥାନ : ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ : ସକାଳ ୭ଟା।
- ନୂଆଁଖାଇ ପ୍ରସ୍ତୁତି ବୈଠକ, ସ୍ଥାନ : ଠେମରା ଗ୍ରାମ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ପ୍ରାଦେଶିକ ବିଜ୍ଞାନ ମେଳା, ସ୍ଥାନ: କଲେଜ ଛକ ଶିଶୁ ବିଦ୍ୟାମନ୍ଦିର,ସମୟ: ପୂର୍ବାହ୍ନ ୧୦ ଟା।
- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ଖାଦ୍ୟ ନିଗମ ଅଧକ୍ଷଙ୍କ ଜିଲାସ୍ତରୀୟ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଖାଦ୍ୟ ନିଗମ ଅଧ୍ୟକ୍ଷଙ୍କ ବିଭିନ୍ନ ଆଶ୍ରମ ସ୍କୁଲ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳ, ସମୟ: ଅପରାହ୍ନ ୨ଟା ୩୦।

## ସୁବର୍ଣ୍ଣପୁର
- ସପ୍ତପୁରୀ ଅମାବାସ୍ୟା ପାଳନ, ସ୍ଥାନ: ଅମୂଲ୍ୟମଣୀ ରାଣୀପୁର,ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ସହରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ଗୋକର୍ଣ୍ଣେଶ୍ୱର ପଡ଼ାସ୍ଥିତ ଡାଇନାମିକ ଷ୍ଟଡି ପଏଣ୍ଟ, ସମୟ: ଅପରାହ୍ନ ୫ଟା ୩୦।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ସମୟ: ସନ୍ଧ୍ୟା ୬ଟା ୩୦।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହର ନମଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଜିଲାସ୍ତରୀୟ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।
- ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଏବଂ ଏହାର ପ୍ରଭାବ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ସକାଳ ୯ଟା।
- ସଂଗୃହୀତ ଜୀବାଶ୍ମ ଓ ବିଭିନ୍ନ ପଥର ପ୍ରଦର୍ଶନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ପରିବେଷଣ, ସ୍ଥାନ: ସହରସ୍ଥିତ ବୁଢ଼ାପଡ଼ା ଗ୍ରାମ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ଓ ଦ୍ୱି ଦିବସୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ସଂସ୍କୃତ କଲେଜରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ରାଉରକେଲା ସିଭିକ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ପର୍ବ ପାଳନକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଲ୍ଡଜିମ୍ କମ୍ପ୍ଲେକ୍ସ, ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସଦେବ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଦେବଗଡ଼
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ– ୨୦୧୪ ଅଧୀନ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ଚାଷ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ତୃତୀୟ ସୁପରଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ କ୍ଲବ ପରିସର, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରୋପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ସୁଭଦ୍ରା ଯୋଜନା ଅଗ୍ରଗତି ନେଇ ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗେହ୍ଲାମା କଳାନିକେତନର ନୂଆଖାଇ ଭେଟଘାଟ ନେଇ ପ୍ରସ୍ତୁତି ବୈଠକ ସ୍ଥାନ: ମାଉସୀ ମା' ମନ୍ଦିର ପ୍ରାଙ୍ଗଣ , ବୌଦ୍ଧ,ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସୁସ୍ଥ ପାରିବାରିକ ଜୀବନ ସଙ୍ଗକୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବୃଦ୍ଧି ଘଟିବ। ନୂତନଗୃହ, ଗାଡ଼ି, ମୋଟର କ୍ରୟକରିବା ସକାଶେ ମନ ବଳାଇ ପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ନିଜ ପରିସରରେ କଳହର ଆଶଙ୍କା ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ।

**ବୃଷ** ଆଜି ଘରେ କିମ୍ବା ଅଫିସ୍‌ରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରି କାଗଜ ପତ୍ର ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। କ'ଣ କରିବେ କିମ୍ବା ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ।

**ମିଥୁନ** ବନ୍ଧୁବାନ୍ଧବଙ୍କ ସାହାଯ୍ୟ, ସହାନୁଭୂତି ଆପଣଙ୍କ ସ୍ଥଗିତ କାମରେ ସହାୟକ ହୋଇପାରିବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତାରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ ତଥା ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**କର୍କଟ** ଆଜି କାମର ଚାପ ବୃଦ୍ଧି ପାଇଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଓ କାର୍ଯ୍ୟଦକ୍ଷତା ବଳରେ ସାଧନ କରିବାରେ ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ କିନ୍ତୁ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** ସକାଳୁ କିଛି ଶୁଭ ଖବର ସଙ୍ଗକୁ ଅର୍ଥଲାଭଜନିତ ମନ ଖୁସି ହୋଇଯିବ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** ଆଲୋଚନାକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ କିନ୍ତୁ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ମାନସିକ ସୁସ୍ଥତା ସଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ଦିନଟିକୁ ସରସ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିପାରନ୍ତି।

**ମକର** ଅନ୍ୟମାନଙ୍କୁ ମନେଇ ନିଜ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ** ଧୈର୍ଯ୍ୟଧାରଣ ପୂର୍ବକ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ସହଯୋଗ ପାଇ କାମ ହାସଲ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବାପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଚନ୍ଦ୍ରଙ୍କ ସ୍ଥାନ ସ୍ଥିତିରୁ ପ୍ରାୟତଃ ଶୁଭପ୍ରଦ ରହିବ। ତଥାପି ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତାଜନିତ ପ୍ରତିବନ୍ଧକ ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ସେପ୍ଟେମ୍ବର ୪ତାରିଖ, ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ଶ୍ରୀମନ୍ଦିରରେ ଦାବାଗ୍ନିଲୀଳା, ବୁଧିବାମନ ଓଷା ତୃତୀୟପାଳି, ରାଶିନକ୍ଷତ୍ର–ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ.୦୯.୫୫ମି. ଗତେ, କନ୍ୟା ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୫ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁକାଳ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩।୯ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଆର୍ଥିକ ସହାୟତା ସେପ୍ଟେମ୍ବର ୧୭ରେ ପ୍ରଦାନ କରାଯିବ। ଏହିଦିନ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ହିତାଧିକାରୀଙ୍କୁ ସୁଭଦ୍ରା କାର୍ଡ ବଣ୍ଟନ କରିବେ। କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ତଥା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ସହାୟତା ଅର୍ଥ ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମଙ୍ଗଳବାର ପୂର୍ବାହ୍ନରେ ସୁଭଦ୍ରା ଯୋଜନା ରାଜ୍ୟସ୍ତରୀୟ ପରିଚାଳନା କମିଟିର ଏକ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକ ପ୍ରାରମ୍ଭରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ୧୭ ତାରିଖ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରଶାସନିକ ସ୍ତରରେ ଗଠିତ ଅଭ୍ୟର୍ଥନା କମିଟି, ସାଂସ୍କୃତିକ କମିଟି, ସହର ସୌନ୍ଦର୍ଯ୍ୟକରଣ କମିଟି, ଲୋକ ସମ୍ପର୍କ କମିଟି, ନାରୀ ଶକ୍ତି କମିଟି, ସମନ୍ୱୟ କମିଟି ଆଦି ଉପକମିଟିର କାର୍ଯ୍ୟ ଅଗ୍ରଗତି ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ଜନସମାଗମକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ସ୍ଥଳର ପ୍ରସ୍ତୁତି, ପାର୍କିଂ ସ୍ଥଳ, ଟ୍ରାଫିକ୍ ପରିଚାଳନା, ପରିବହନ ବ୍ୟବସ୍ଥା,ପାସ୍ ପ୍ରଦାନ, ଗଣମାଧ୍ୟମ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ବିଭିନ୍ନ ଉପ–କମିଟିର ସମ୍ମିଳିତ ପ୍ରୟାସ ଓ ସମନ୍ୱୟରେ ସମାବେଶ ତଥା ଯୋଜନା କାର୍ଯ୍ୟକାରୀ ସମ୍ପର୍କିତ ଆନୁଷଙ୍ଗିକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବୁଧବାରଠାରୁ ଆବେଦନକାରୀ ପୂରଣ କରିଥିବା ଫର୍ମ ସଂଗ୍ରହ ଆରମ୍ଭ ହେଉଥିବାରୁ ଆବେଦନ ପ୍ରକ୍ରିୟାକୁ ସୁବ୍ୟସ୍ଥିତ ଭାବେ କରାଯିବା ପାଇଁ ନିଆଯାଇଥିବା ପଦକ୍ଷେପ ନେଇ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ 'ସୁଭଦ୍ରା' ଯୋଜନାର ଆବେଦନ ଫର୍ମ ବିତରଣ କାର୍ଯ୍ୟକ୍ରମ ଓଡ଼ିଶାର ସମସ୍ତ ଜିଲାରେ ଚାଲୁରହିଥିବା ସ୍ଥଳେ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନିରୂପଣ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟରେ ଫର୍ମ ସଂଗ୍ରହ କରାଯିବ। ଏଥିପାଇଁ ସମ୍ଭାବ୍ୟ ଜନଗହଳିକୁ ଦୃଷ୍ଟିରେ ରଖି ମୋ ସେବା କେନ୍ଦ୍ର ବା ସାଧାରଣ ସେବାକେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର)ରେ ଫର୍ମ ସଂଗ୍ରହ ବ୍ୟବସ୍ଥା କିପରି ରହିଛି ସେନେଇ ଆଲୋଚନା ହୋଇଛି। ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଆବେଦନକାରୀଙ୍କୁ ଯେପରି ଠିକ୍ ଭାବେ, ଶୀଘ୍ର ଆବେଦନ କରିବା ପାଇଁ ସହଯୋଗ କରାଯାଇପାରିବ ସେଥିପ୍ରତି ବ୍ୟବସ୍ଥା ଗ୍ରହଣ ନେଇ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କମିଟିକୁ ଅବଗତ କରାଇଛନ୍ତି। ସୁଭଦ୍ରା ଯୋଜନା ସମ୍ପର୍କିତ ଅନୁସନ୍ଧାନ ପାଇଁ ଟୋଲ୍ ଫ୍ରି ନମ୍ବର୧୪୬୭୮ କଲ୍ ସେଣ୍ଟର ପରିଚାଳନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଅନ୍ୟପଟେ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ପ୍ରମୁଖ ଜନତା ମଇଦାନ ଯାଇ ପ୍ରଧାନମନ୍ତ୍ରୀ ଗସ୍ତ ପୂର୍ବର ସମୀକ୍ଷା କରିଛନ୍ତି।

## ୯ ମାଓବାଦୀ...

ପ୍ରଥମ ପୃଷ୍ଠାରୁ...

ପାଇ ସର୍ଚ୍ଚ ଅପରେଶନ କରାଯାଇଥିଲା। ଲୋହା ଗ୍ରାମ ପେଡିଆ ଜଙ୍ଗଲରେ ମାଓବାଦୀମାନେ ଥିବା ଜାଣି ସୁରକ୍ଷା କର୍ମୀମାନେ ସେଠାକୁ ଯାଇଥିଲେ। ଯବାନମାନଙ୍କ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିବା ବେଳେ ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ମଧ୍ୟ ଗୁଳି ଚାଳନା କରିଥିଲେ। ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ଗୁଳି ଚାଳନା ଚାଲିଥିବା ବେଳେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଆକ୍ରମଣକୁ ସାମ୍ନାକରି ନ ପାରି ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ସମୟରେ ୯ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଥିଲା। ଏଥିସହ ଘଟଣାସ୍ଥଳରୁ ଏସ୍‌ଏଲ୍‌ଆର୍ ୩୦୩ ରାଇଫଲ, ୩୧୫ ବୋର୍ ରାଇଫଲ ସହ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

## ଛାତ୍ରଙ୍କୁ ଗୁଳିକରି...

ମୃତ୍ୟୁ ହୋଇଥିଲା। ପ୍ରକାଶ ଯେ, ଭାଜପା ଶାସିତ ହରିୟାଣାରେ ୧୦ ବର୍ଷ ହେଲା ଗୋରକ୍ଷକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତ ୨୭ ତାରିଖରେ ହରିୟାଣା ଗୋରକ୍ଷକ ସଙ୍ଗଠନର ସଦସ୍ୟମାନେ ଚର୍ଖି ଦାଦ୍ରି ଜିଲାରେ ଗୋମାଂସ ଖାଉଥିବା ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଦାଦନ ଶ୍ରମିକ ସବୀର ମଲ୍ଲିକଙ୍କୁ ପିଟି ହତ୍ୟା କରିଥିଲେ। ୨୦୨୩ରେ ରାଜସ୍ଥାନ ଭରତପୁର ଜିଲାର ନାସିର ଓ ଜୁନୈଦଙ୍କୁ ଗୋରକ୍ଷକମାନେ ହରିୟାଣାର ଭିୱାନି ଜିଲାରେ ଅପହରଣ କରି ଜୀବନ୍ତ ଜାଳିଦେଇଥିଲେ। ଏହି ଘଟଣାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି ହେବା ପରେ ବଜରଙ୍ଗ ଦଳର ମୋନୁ ମାନେସର ଓ ଅନ୍ୟ ୨୦ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

## ସ୍କୁଲରେ ତାଲା...

ହୋଇଥିଲେ। ସ୍କୁଲକୁ ଦିଆଯାଇଥିବା ଜମି ବଦଳରେ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବିକରି ସେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ସ୍କୁଲ ଭିତରକୁ ଯାଇ ନ ପାରି ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିଦ୍ୟାଳୟ ସମ୍ମୁଖ ରଣିଆକଟା–କଦଳୀମୁଣ୍ଡା ରାସ୍ତା ଉପରେ ବସି ପାଠ ପଢ଼ିଥିଲେ। ଏଥିଯୋଗୁ ଉକ୍ତ ରାସ୍ତାରେ ୨ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ପରେ ସିଆର୍‌ସିସି ତ୍ରିଲୋଚନ ବେହେରା, ତହସିଲଦାର ମନୋଜ କୁମାର ପ୍ରଧାନ, କିଶୋରନଗର ଥାନା ଆଇଆଇସି ବିଭୁତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଜମି ଉପରେ ମାଲିକାନା ଦାବି କରୁଥିବା ବ୍ୟକ୍ତିଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା। ଛାତ୍ରୀଛାତ୍ରମାନେ ଭିତରେ ପାଠ ପଢିବା ସହ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇଥିଲା। ଘଟଣା ସମ୍ପର୍କରେ କିଶୋରନଗର ତହସିଲଦାର ପ୍ରଧାନ କହିଛନ୍ତି, ଏହି ବିବାଦର ସ୍ଥାୟୀ ସମାଧାନ ପାଇଁ ବୈଠକ କରାଯିବ। ଆଗାମୀ ଦିନରେ କିଭଳି ସମସ୍ୟା ହେବନି ସେଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯିବ।

## ବଳାତ୍କାର, ହତ୍ୟାର ଶିକାର...



ସହ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେ ଚାପୁଡ଼ା ମାରିବା ପରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୁକ୍ତ କହିଥିଲେ। ଘଟଣାକୁ ଲୁଚାଇବା ପାଇଁ କାଉଁଶୀଖୁଜ ଜଙ୍ଗଲକୁ ମୃତଦେହ ନେଇ ଫିଙ୍ଗିଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ସମ୍ବଲପୁର ଅତିରିକ୍ତ ଏସ୍‌ପି ଆଲବିନୁସ୍ କେର୍‌କେଟା କହିଥିଲେ।

ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ୬ ଦଫା ଦାବି ନେଇ ଅଞ୍ଚଳବାସୀ ସାହେବୀଠାରେ ନାକଟୀଦେଉଳ–ବାଟଗାଁ ରାସ୍ତାକୁ ୨ଦିନ ଧରି ଅବରୋଧ କରିଥିଲେ। ତେବେ ପୋଲିସ ଏବଂ ପ୍ରଶାସନର ଉଚ୍ଚସ୍ତରୀୟ ଅଧିକାରୀମାନେ ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା ପରେ ସୋମବାର ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥଲା। ତେବେ ବୁର୍ଲାରେ ବ୍ୟବଚ୍ଛେଦ ପରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ପ୍ରଶାସନ ଯୁବତୀଙ୍କ ମୃତଦେହ ଗାଁକୁ ଆଣି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ମୃତାଙ୍କ ବାପାଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ନଗଦ ୫୦ହଜାର ଟଙ୍କା ସହାୟତା ରାଶି ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହା ପରେ ଶବ ସତ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଗ୍ରାମର କେତେଜଣ ବ୍ୟକ୍ତି ପ୍ରଶାସନକୁ ସହଯୋଗ ନ କରି ବିରୋଧ କରିଥିଲେ। ମୃତାଙ୍କ ଘର ଝାରବେଡ଼ା ଗ୍ରାମ ସୀମାରେ ଥିବାରୁ ସେଠାରେ ସତ୍କାର ହେଲେ ଭବିଷ୍ୟତରେ ସେ ଭୂତ ହୋଇ ଡରାଇବା ଭୟରେ ସମ୍ପୃକ୍ତ ଗ୍ରାମର ବହୁ ଲୋକ ବିରୋଧ କରିଥିଲେ। ଅପରପକ୍ଷରେ ସାହେବୀ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଜଣେ ବ୍ୟକ୍ତିଙ୍କ ସହାୟତାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ନେଇଥିବାରୁ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଶବ ପୋଡ଼ାଯାଉ ବୋଲି କେତେଜଣ ଦାବିକରି ସତ୍କାରକୁ ବିରୋଧ କରିଥିଲେ। ସମ୍ବଲପୁରର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ଆଲବିନୁସ୍ କେର୍‌କେଟା, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟୀଦେଉଳ ତହସିଲଦାର ଅମର ଜେ.ଡୁଙ୍ଗ୍‌ଡୁଙ୍ଗ୍, ବିଡିଓ ଧନେଇ ଚରଣ ଗୁଡ୍ଡୁ, ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସାହେବୀ, ଝାରବେଡ଼ା ଏବଂ ପୋଡ଼ାମାଳ ଗ୍ରାମର ଲୋକେ କୌଣସି ପରିସ୍ଥିତିରେ ସତ୍କାର କରାଇଦେବାକୁ ରାଜି ହୋଇ ନ ଥିଲେ। ଫଳରେ ଦୀର୍ଘ ୩ ଘଣ୍ଟା କାଳ ପ୍ରଶାସନ ଗାଡ଼ିରେ ମୃତଦେହ ବୋହି ଏ ଗାଁରୁ ସେ ଗାଁ ହୋଇଥିଲା। ଶେଷରେ ପ୍ରଶାସନ ମୃତକଙ୍କ ପରିବାରବର୍ଗ ସହ ମୃତଦେହ ରେଢ଼ାଖୋଲ ନେଇ ଏନ୍‌ଏସି ଶବଦାହ ଗୃହରେ ସତ୍କାର କରାଇଥିଲା।

## ୨୦୨୫ରୁ ୭ ବର୍ଷ...

ସ୍ଥିତିରେ ଶନି କମ୍ ଦୃଶ୍ୟମାନ ହୋଇଥାଏ ଅଥବା ଅଦୃଶ୍ୟ ହୋଇଯାଇଥାଏ। ତେବେ ମାର୍ଚ୍ଚ ୨୦୨୫ ପରେ ଶନିଙ୍କ ଅବିରତ କକ୍ଷ ପଥ ଧୀରେ ଧୀରେ ବଳୟକୁ ପୁନର୍ବାର ଦୃଶ୍ୟମାନ କରାଇବ। ତେବେ ଆସନ୍ତା ବର୍ଷ ନଭେମ୍ବର ବେଳକୁ ଏହା ପୁନର୍ବାର ଅଦୃଶ୍ୟ ହୋଇଯିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରଫେସର ଭାହେ ପେରୁମିୟନ୍‌ଙ୍କ ଅନୁଯାୟୀ, ୨୦୨୫ ମାର୍ଚ୍ଚରୁ ପୃଥିବୀପୃଷ୍ଠରୁ ଶନିର ବଳୟ ଦୃଶ୍ୟମାନ ହୋଇପାରୁ ନ ଥିଲେ ମଧ୍ୟ ଏହା ଶନିର ଚାରିପଟେ ପୂର୍ବପରି ରହିଥିବ। ୨୦୩୨ ସୁଦ୍ଧା ଏହି ବଳୟ ପୁନର୍ବାର ଦୃଶ୍ୟମାନ ହେବ। ପୃଥିବୀ ପ୍ରତି ୧୩ରୁ ୧୫ ବର୍ଷରେ ଶନିଙ୍କ ବଳୟକୁ ଏକ ନିର୍ଦ୍ଦିଷ୍ଟ କୋଣରୁ ଦେଖିଥାଏ। ସେତେବେଳେ କମ୍ ଆଲୋକ ପ୍ରତିଫଳିତ ହେବା କାରଣରୁ ଶନିର ବଳୟକୁ ଦେଖିବା ବହୁତ କଷ୍ଟକର ହୋଇପଡ଼େ ଏବଂ ପ୍ରାୟତଃ ଏହି ବଳୟ ଦୃଶ୍ୟମାନ ହୁଏନାହିଁ। ଶେଷ ଥର ପାଇଁ ୨୦୦୯ରେ ଏପରି ଘଟିଥିବା ପେରୁମିୟନ୍ କହିଛନ୍ତି।

# ବଡ଼ବିଲରେ ବିରଳ ପଦ୍ମ



ବଡ଼ବିଲ, ୩।୯(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଐକ୍ୟକ୍ଷେତ୍ର ପରିସରରେ ଅନେକ ଶହ ପାଖୁଡ଼ା ବିଶିଷ୍ଟ ପଦ୍ମ ଫୁଲ ମଙ୍ଗଳବାର ଫୁଟିଛି। ଅଞ୍ଚଳକୁ ସବୁଜ ସୁନ୍ଦର କରି ରଖିବାର ରୁଚି ରଖୁଥିବା ବନବିଭାଗ ଦ୍ୱାରା ପ୍ରକୃତିପ୍ରେମୀ ପୁରସ୍କାର ପାଇଥିବା ବିଜୟ ମହାନ୍ତି ବଡ଼ବିଲ ୮ ନଂ. ୱାର୍ଡର ପିଏଚ୍‌ଡି ଏରିଆ ଐକ୍ୟକ୍ଷେତ୍ରରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଗଛ ଲଗାଇଛନ୍ତି। ବର୍ଷଯାକ ଗଛଗୁଡ଼ିକର ଯତ୍ନ ନେଇ ପରିବେଶକୁ ଖୁବ୍ ଆକର୍ଷଣୀୟ କରିଛନ୍ତି। ୨୦୨୨ରେ ବିଦେଶରୁ ଆମଦାନୀ ହୋଇଥିବା ଏହି ବିରଳ ପଦ୍ମ ଫୁଲର କନ୍ଦା ସହ କଇଁ ଓ ଅନେକ ପୁଷ୍ପ ଚାରା କୋଲକାତାରୁ ବଡ଼ବିଲକୁ ଆଣିଥିଲେ। ପ୍ଲାଷ୍ଟିକ ଡ୍ରମ୍‌ଗୁଡ଼ିକୁ କାଟି ସେଥିରେ ପାଣି ମାଟି ମିଶାଇ ପଙ୍କ ସୃଷ୍ଟି କରିବା ସହ ଏହି ପଦ୍ମ କନ୍ଦା ଲଗାଇଥିଲେ। ପଦ୍ମ ଫୁଲ ଫୁଟିବା ପରେ ବିଜୟ ଖୁସିବ୍ୟକ୍ତ କରିଛନ୍ତି। କନ୍ଦା ରୋପଣ କରିବାର ବର୍ଷକ ପରେ ୨୦୨୩ ଏପ୍ରିଲ ୩୦ରେ ପ୍ରଥମେ ଗୋଲାପୀ ରଙ୍ଗର ପଦ୍ମ ଫୁଲ ଫୁଟିଥିଲା। ସେହି ବର୍ଷ ଅଗଷ୍ଟ ୧୬ରେ ଏଭଳି ଏକ ଶୁଭ୍ର ପଦ୍ମ ପ୍ରସ୍ଫୁଟିତ ହୋଇଥିଲା। ୧ ବର୍ଷ ବ୍ୟବଧାନରେ ମଙ୍ଗଳବାର ସକାଳେ ପୁଣି ଏହି ବିରଳ ଗୋଲାପୀ ପଦ୍ମ ଫୁଟିଛି।

# ରାଜ୍ୟରେ ପେସା ଆଇନ କାର୍ଯ୍ୟକାରୀ ହେବ: ପଞ୍ଚାୟତିରାଜ ମନ୍ତ୍ରୀ

- **ସରପଞ୍ଚଙ୍କୁ ମିଳିବ ଅଧିକ କ୍ଷମତା, ସଶକ୍ତ ହେବ ଗ୍ରାମସଭା**
- **ଆମ ଓଡ଼ିଶା ନବୀନ ଓଡ଼ିଶା  କାମ ଚାଲୁ ରହିବ**

ଭୁବନେଶ୍ୱର,୩।୯(ଅନିଲ ଦାସ)

ରାଜ୍ୟରେ ପେସା ଆଇନ କାର୍ଯ୍ୟକାରୀ ହେବ। ଗ୍ରାମସଭାକୁ ସଶକ୍ତ କରାଯିବ। ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି । ସେ କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶାରେ ଚାଲୁଥିବା ସମସ୍ତ କାମ ଚାଲୁ ରହିବ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅର୍ଥ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଗାଁ ଗହଳିରେ ଅର୍ପଣ ଚାଉଳ ସଂଗ୍ରହ ପାଇଁ ସଙ୍କୀର୍ତ୍ତନ ଓ କ୍ରୀଡ଼ା ବିକାଶ ପାଇଁ ଖର୍ଚ୍ଚ କରାଯାଇଛି। ସେ ବାବଦରେ ତର୍ଜମା କରାଯାଉଛି। କାମ କରିଥିବା ସଂସ୍ଥାକୁ ପାଉଣା ନିଶ୍ଚିତ ଦିଆଯିବ। ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଛି। ଆମ ସରକାରରେ ସେମାନଙ୍କୁ ଆହୁରି କ୍ଷମତା ମିଳିବ। ୫୧୧ ନମ୍ବର ପ୍ରଶ୍ନର ମୂଳ ପ୍ରଶ୍ନ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ପଚାରିଥିଲେ ଗତ ୫ ବର୍ଷରେ ରାଜ୍ୟରେ ଥିବା ବିଭିନ୍ନ ପଞ୍ଚାୟତକୁ ବିକାଶମୂଳକ କାମ ପାଇଁ କେତେ ଟଙ୍କା ଦିଆଯାଇଛି।

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ସମସ୍ତ ପଞ୍ଚାୟତକୁ ବିକାଶମୂଳକ କାମ ପାଇଁ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଓ କେନ୍ଦ୍ର ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନ ପ୍ରଦାନ କରାଯାଇଥାଏ। ବିକାଶମୂଳକ କାମ ପାଇଁ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ଅଧୀନରେ ୨୦୧୯-୨୦ ଆର୍ଥିକ ବର୍ଷରେ ୩୭୦.୫୯ କୋଟି ଟଙ୍କା ଏବଂ ୨୦୨୦-୨୧ରୁ ୨୦୨୩-୨୪ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ପାଇଁ ୫୪୯.୦୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ର ଅର୍ଥ କମିଶନ ଅଧୀନରେ ୨୦୧୯-୨୦ରେ ୨୩୮୯.୫୪ କୋଟି ଟଙ୍କା ଦିଆଯାଇଥିବା ବେଳେ ୨୦୨୦-୨୧ରେ ୧୫୮୦.୬୦ କୋଟି, ୨୦୨୧-୨୨ରେ ୧୧୬୮.୩୦, ୨୦୨୨-୨୩ରେ ୧୨୦୯.୬୦ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ୧୨୨୨.୮୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାଛଡ଼ା ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିକାଶମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତଗୁଡ଼ିକୁ ଅନୁଦାନ ପ୍ରଦାନ କରାଯାଇଥାଏ।

ମୂଳ ପ୍ରଶ୍ନକର୍ତ୍ତା ତାରା ବାହିନୀପତି ପଚାରିଲେ, ମୋ ଓଡ଼ିଶା ନବୀନ ଓଡ଼ିଶାରେ କେତେ ଖର୍ଚ୍ଚ ହୋଇଛି। ନୂଆ ସରକାର ଆସିବା ପରେ କେତେକ ପ୍ରକଳ୍ପ କାଟିଛନ୍ତି। ୨୦୨୨-୨୩ରେ ସରକାରଙ୍କୁ ଯୁସି ଦିଆଯାଇଛି କି ନାହିଁ। ମନ୍ତ୍ରୀ କହିଲେ, ୨୦୨୩-୨୪ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପାଇଁ ୩୪୫୭ କୋଟି ଟଙ୍କା ଅର୍ଥର ବ୍ୟବସ୍ଥା ହୋଇଥିଲା। ସେଥିରୁ ୩୦ରୁ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। କିଛି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ବାକି ଅଛି। ସେ କାମ ଆରମ୍ଭ ହେବ। ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର, ବିଜେଡି ସଭ୍ୟ ଅରବିନ୍ଦ ମହାପାତ୍ର, ସୁନୀଲ ମହାନ୍ତି, ଭାଜପା ସଭ୍ୟ ଭାସ୍କର ମଢ଼େଇ, ଆଶ୍ରିତ ପଟ୍ଟନାୟକ, କଂଗ୍ରେସ ସଭ୍ୟ ରାମଚନ୍ଦ୍ର କାଡାମ, ସ୍ୱାଧୀନ ସଭ୍ୟ ସାରଦା ପ୍ରଧାନ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ କାମ ପରେ ଲୋକମାନଙ୍କୁ ପଇସା ମିଳିନି। ପଇସା ନାହିଁ ବୋଲି କୁହାଯାଉଛି। ଗତ ୫ ବର୍ଷରେ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମାନବ ଦିବସ ବଢ଼ାଯାଇଛି। ମାତ୍ର କାମ ହୋଇ ନାହିଁ। ଏହାର ତଦନ୍ତ କରିବେ କି। ପଞ୍ଚାୟତ ଗୁଡ଼ିକୁ ଷ୍ଟ୍ରିଟ ଲାଇଟ ପାଇଁ ଯେଉଁ ପଇସା ଦିଆଯାଉଛି ତାହାକୁ ବଢ଼ାଇବେ କି । ଆମ ଓଡ଼ିଶା ନବୀନ ଓଡ଼ିଶା କାମ ହେବ କି ନାହିଁ। ସରପଞ୍ଚମାନଙ୍କ କ୍ଷମତାକୁ କାହିଁକି ସଙ୍କୁଚିତ କରାଯାଇଛି। ପଞ୍ଚାୟତ ଅଫିସଗୁଡ଼ିକରେ ଯେଉଁ ପିଅନ ଓ ଡ୍ରାଇଭର ଅଛନ୍ତି ସେମାନଙ୍କୁ ପେମେଣ୍ଟ ଦେବା ବ୍ୟବସ୍ଥା କରିବେ କି । ପୁରୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ପିଇବା ପାଣି ଉତ୍ସରୁ ଖାରିଆ ପାଣି ବାହାରୁଛି। ଫିଜିବିଲିଟି ଷ୍ଟଡି କରି ନୂଆ ଜାଗାରୁ ପାଣି ଯୋଗାଇ ଦେବା ବ୍ୟବସ୍ଥା କରିବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଆମ ଓଡ଼ିଶା ନବୀନ ଓଡ଼ିଶାରେ ଯେଉଁ ବଜେଟ ହୋଇଥିଲା ସେଥିରେ ୮୦ ପ୍ରତିଶତ ଟଙ୍କା ଡିଆରଡିଏରେ ଡିପୋଜିଟ ହୋଇଛି। ଯେଉଁ କାମ ଅଧା ରହିଛି ସେ ସବୁ କାମ ହେବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବହୁତ ଅର୍ଥ ବାଟମାରଣା ହେଉଛି। ଯିଏ କାମ କରୁଛନ୍ତି ଟଙ୍କା ପାଉ ନାହାନ୍ତି। ଓଡ଼ିଶାକୁ ଦାଦନମୁକ୍ତ କରିବାକୁ ଯୋଜନା କରାଯାଉଛି। ପଞ୍ଚାୟତଗୁଡ଼ିକ ସେମାନଙ୍କର ବିଦ୍ୟୁତ ଓ ପାଣି ବିଲ୍ ଦେବାକୁ ବିଭାଗ ପକ୍ଷରୁ ଏକ ପୋର୍ଟାଲ କରାଯାଇଛି। ସେଥିରେ ସରପଞ୍ଚମାନେ ସେମାନଙ୍କର ଦେୟ ଦାଖଲ କରିପାରିବେ। ଯେଉଁ ପଞ୍ଚାୟତଗୁଡ଼ିକ ଟଙ୍କା ଦେଇପାରି ନାହାନ୍ତି ସେମାନଙ୍କ ପାଇଁ ବଜେଟରେ ୧୦୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସରପଞ୍ଚମାନଙ୍କୁ କ୍ଷମତା ଦିଆଯାଉଛି। ୨୨ଟି ବିଭାଗର କ୍ଷମତା ସେମାନେ ପାଉଛନ୍ତି। ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମଙ୍ଗଳବାର ଜଣେ ମହିଳାଙ୍କ ସମେତ ୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମେହେତା ଆର୍‌ପିସି କେଏଏମ୍‌ଏସ୍ ସଦସ୍ୟା ପୋଡ଼ିୟମ ବୁଦରି, ଗୋଲାପାଲି ଏଲ୍‌ଓଏସ୍ ସଦସ୍ୟ ମଲାମ ଦେବା, ସିଙ୍ଗାରାମ ଆର୍‌ପିସି ଡିକେଏମ୍‌ଏସ୍ ସଭାପତି କାରତମ ହିଡମା, ସିଙ୍ଗାରାମ ଆରପିସି ମିଲିସିଆ ସଦସ୍ୟ ମାଡବି ଯୋଗୀ ଓ ଅଲମପାଲୀ ପଞ୍ଚାୟତ ସିଏନ୍‌ଏସ୍‌ଉପାଧକ୍ଷ ଦୁଧୀ ଜଗା । ସୁକ୍‌ମା ଜିଲା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅନନ୍ତ ହାଁସ, ସହକାରୀ କମାଣ୍ଡାଣ୍ଟ ୧୩୧ ବାହିନୀ ସିଆର୍‌ପିଏଫ୍‌ଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

# 'ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ପାଖେ ଅସୀମ ସୁଯୋଗ'

ଭୁବନେଶ୍ୱର,୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ପାଖରେ ଅସୀମ ସୁଯୋଗ ଉପଲବ୍ଧ ଅଛି। ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଏହାର ପର୍ଯ୍ୟଟନ କ୍ଷେତ୍ର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମଗ୍ର ଭାରତରେ ଓଡ଼ିଶାକୁ ଏକ ପର୍ଯ୍ୟଟନ ହବ୍ କରିବା ପାଇଁ ଆମ ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବାକୁ ପଡ଼ିବ। ସୁସ୍ୱାଦୁ ଖାଦ୍ୟ, ସ୍ୱଚ୍ଛତା, ପରିମଳ ସହ ଅତ୍ୟାଧୁନିକ ବ୍ୟବସ୍ଥା ଯୋଗାଇ ଦେଇ ଆମେ ପର୍ଯ୍ୟଟକମାନଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିପାରିବା ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ୪୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାନ୍ଥନିବାସଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗ ଦେଇ ଏହା ପ୍ରକାଶ କରିବା ସହ ଏକ ବେକେରୀ ଭ୍ୟାନ୍‌କୁ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ କହିଥିଲେ, ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ସ୍ଥାପନରେ ଓଟିଡିସି ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ପର୍ଯ୍ୟଟକଙ୍କୁ ଉଚ୍ଚଶ୍ରେଣୀର ସେବା ଯୋଗାଇଦେବା ପାଇଁ ଆମେ ପ୍ରୟାସ ଜାରି ରଖିବୁ। ଏହି ଅବସରରେ ପର୍ଯ୍ୟଟକଙ୍କୁ ଉତ୍ତମ ସେବା ପ୍ରଦାନ ନିମନ୍ତେ ଓଟିଡିସିର ୧୪ଟି ୟୁନିଟ୍‌କୁ ପୁରସ୍କୃତ କରାଯାଇଛି। ସର୍ବାଧିକ

### ଓଟିଡିସିର ୪୫ତମ ପ୍ରତିଷ୍ଠା ଦିବସ

- **ପୁରୀ, ଗୋପାଳପୁର ଓ ରାଉରକେଲା ପାନ୍ଥନିବାସ ପୁରସ୍କୃତ**

ବାର୍ଷିକ ଆୟ ପାଇଁ ପୁରୀ ପାନ୍ଥନିବାସ, ଉତ୍ତମ ପର୍ଯ୍ୟଟକ-ଅନୁକୂଳ ୟୁନିଟ୍ ପାଇଁ ଗୋପାଳପୁର ପାନ୍ଥନିବାସ ଏବଂ ଉତ୍ତମ ପରିବେଶ ପାଇଁ ରାଉରକେଲା ପାନ୍ଥନିବାସକୁ ପୁରସ୍କୃତ କରାଯାଇଛି। ଏଥିସହ ଓଟିଡିସିର ଆତିଥ୍ୟ, ହାଉସକିପିଂ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବିଭାଗର ଶ୍ରେଷ୍ଠ ୨୨ଜଣ ଯୋଗ୍ୟ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଓଟିଡିସି ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଟିଡିସି କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର କର୍ମଚାରୀମାନଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ।

SALES EXECUTIVE
FOR ODISHA
- Agri Machinery Business (Power Weeder / Brush Cutter)
- Product knowledge Required
Contact - 9011953025
Mail - vkavajare@gmail.com
Co. - Vijay Krushi Avajare

See Career Appointment on every Wednesday & Saturday

ଆବଶ୍ୟକ
ଡେଲିଭରି ଆସୋସିଏଟ୍
ଅଫିସ୍ ସ୍ଥାନ: ଢେଙ୍କାନାଳ, ମହିଷାପାଟ
ଡେଲିଭରି ସ୍ଥାନ: ଢେଙ୍କାନାଳ ଓ ଆଠଗଡ଼
ଦରମା: Rs.10,000/- - Rs.15,000/-
ଆବଶ୍ୟକତା: ବୈଧ ଡ୍ରାଇଭିଂ ଲାଇସେନ୍ସ, ସ୍ମାର୍ଟଫୋନ ସହିତ ଡାଟା କନେକ୍ସନ, ପାନ୍ କାର୍ଡ
ଯୋଗାଯୋଗ:
8328815504, 8249669141

## ମାଓବାଦୀମୁକ୍ତ ହେବ ଓଡ଼ିଶା: ଡିଜିପି

ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)

ଓଡ଼ିଶାରେ ଚିନ୍ତା ବଢ଼ାଉଛନ୍ତି ମାଓବାଦୀ। ତେବେ ଓଡ଼ିଶା ଆଗକୁ ମାଓବାଦୀମୁକ୍ତ ହେବ ବୋଲି ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି.ଖୁରାନିଆ ଗଣମାଧ୍ୟମ ଜରିଆରେ କହିଛନ୍ତି। ଡିଜିପି ଖୁରାନିଆ କହିଛନ୍ତି ଯେ, ମାଓବାଦୀ ବିରୋଧୀ ଅଭିଯାନରେ ପୂର୍ବରୁ ଓଡ଼ିଶା ପୋଲିସକୁ ଅନେକ ସଫଳତା ମିଳିଛି। ଗୃହ ମନ୍ତ୍ରୀଙ୍କ ଟାସ୍କ ଅନୁସାରେ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ଦମନ ଅଭିଯାନ ସମ୍ପୂର୍ଣ୍ଣ କରାଯିବ। ଆଗାମୀ ଦିନରେ ଏହି ଅଭିଯାନକୁ ଜୋରଦାର କରାଯିବ ବୋଲି ଖୁରାନିଆ କହିଛନ୍ତି।

# ସୁଭଦ୍ରା ଫର୍ମ ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ମାଡ଼, ଯୁବକ ଅଟକ

ରଣପୁର,୩।୯(ସୁକାନ୍ତ କିଶୋର ଡାକୁଆ)

ସୁଭଦ୍ରା ଯୋଜନା ଫର୍ମ ପାଇଁ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଆହତ କର୍ମୀଙ୍କୁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୟାଗଡ଼ ଜିଲା ରଣପୁର ମହତପଲ ପଞ୍ଚାୟତ ଡ଼ିମିରିଆସ୍ଥିତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ମୀନାକ୍ଷୀବାଳା ପରିଡ଼ା ସୁଭଦ୍ରା ଯୋଜନା ପାଇଁ ଫର୍ମ ବଣ୍ଟନ କରିବା ପରେ ସରୋଜ କୁମାର ମହାପାତ୍ର ତାଙ୍କ ଘରେ ପହଞ୍ଚିଥିଲେ। ସେତେବେଳେ ମୀନାକ୍ଷୀବାଳା ହିତାଧିକାରୀଙ୍କୁ ଅଣ୍ଡା ବଣ୍ଟନ କରୁଥିଲେ। ଫଳରେ ସରୋଜଙ୍କୁ ଫର୍ମ ଦେବାରେ ବିଳମ୍ବ ହୋଇଥିଲା। ସରୋଜ ଉତ୍ତେଜିତ ହୋଇ ମୀନାକ୍ଷୀବାଳାଙ୍କ ଝିଅଙ୍କୁ ଏକ ଘରେ ବନ୍ଦ କରି ଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସରୋଜ ତାଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉପସ୍ଥିତ ଲୋକେ ସରୋଜଙ୍କୁ ମାଡ଼ ମାରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ମୀନାକ୍ଷୀବାଳାଙ୍କୁ ରଣପୁର ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଧରିତ୍ରୀ DHARITRI Oriya daily
ଧରିତ୍ରୀ 50 Years
ଆବଶ୍ୟକ କରୁଛି

| ପଦବୀ | ଯୋଗ୍ୟତା | ସ୍ଥାନ |
|---|---|---|
| ସହସମ୍ପାଦକ | ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। | ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର |
| ଖବରଦାତା | ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ | ଭୁବନେଶ୍ୱର, ପୁରୀ |
| ଲେଆଉଟ୍ ଡିଜାଇନର | ଛପା ଗଣମାଧ୍ୟମରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ । InDesign, Photoshop, CorelDRAWରେ ଦକ୍ଷତା ରହିଥିବା ଜରୁରୀ । | ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର |

ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com / recruitment.dharitri52@gmail.com

# ମଣିଷର ଲୋଭ ପାଇଁ  ବନ୍ୟପ୍ରାଣୀ ହତ୍ୟା ବଢ଼ୁଛି

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)




ବନ୍ୟଜନ୍ତୁଙ୍କ ପ୍ରତି ସହୃଦୟତା ତଥା ସେମାନଙ୍କ ପ୍ରତି ଲୋକଙ୍କ ମନରେ ଅନୁକୂଳ ମନୋଭାବ ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୪ରେ ଜାତୀୟ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି। ତେବେ କେତେବେଳେ ମନୁଷ୍ୟ-ବନ୍ୟପ୍ରାଣୀ ହିଂସା ତ ଆଉ କେବେ ବନ୍ୟପ୍ରାଣୀଙ୍କ ପ୍ରତି ମନୁଷ୍ୟଙ୍କର ନିର୍ଦ୍ଦୟତା ଭାବ ବଢିଚାଲିଛି। ବିଶେଷକରିଶିକାର ପାଇଁ ଏମାନେ ଅସୁରକ୍ଷିତ ହୋଇପଡିବା ସହ ଧିରେଧିରେ ଏମାନଙ୍କ ସଂଖ୍ୟା ଦିନକୁଦିନ ହ୍ରାସ ପାଇବାରେ ଲାଗିଛି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ ତାହା ଆଖିଦୃଶିଆ ହେଉନାହିଁ। ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ ତଥା ଚମଡ଼ାରୁ ପ୍ରସ୍ତୁତ ସୌଖୀନ ସାମଗ୍ରୀ ତିଆରି ପାଇଁ ସେମାନଙ୍କର ହତ୍ୟା କରାଯାଉଛି। ଏଥିସହ କେତେକ ଲୋକ ନିଜର ନିଜର ଷ୍ଟାଟସ୍ ଦେଖାଇବା ଲାଗି ବନ୍ୟପ୍ରାଣୀଙ୍କ ଅଙ୍ଗକୁ ସାଜସଜ୍ଜା ସାମଗ୍ରୀ ଭାବେ ବ୍ୟବହାର କରୁଛନ୍ତି। ତେବେ ଗତ କିଛିଦିନ ତଳେ ଗ୍ରହ ଶାନ୍ତି ପାଇଁ ଦେଶରେ ବିରଳ ବନ୍ୟପ୍ରାଣୀଙ୍କୁ ମାରି ସେମାନଙ୍କ ଅଙ୍ଗ ଚୋରା ଚାଲାଣ ହେଉଥିବା ଘଟଣା ସାମ୍ନାକୁ ଆସିବା ପରେ ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି।

ବିରଳ ବଜ୍ରକାପ୍ତା, ହରିଣ, ମନିଟର ଲିଜାର୍ଡ ଏବଂ ବହୁ ବିରଳ ସାମୁଦ୍ରିକ ଜୀବଙ୍କର ଶିକାର କରାଯାଇ ସେମାନଙ୍କର ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣ କରାଯାଉଛି। ଏସବୁ ସାମଗ୍ରୀକୁ ଗ୍ରହ ଶାନ୍ତି ପାଇଁ ବହୁମୂଲ୍ୟ ଟଙ୍କାରେ ଗ୍ରାହକଙ୍କୁ ବିକ୍ରି କରାଯାଉଥିବା ଖବର ବିଭିନ୍ନ ସମୟରେ ଜଣାପଡୁଛି। ସେହିପରି ବଜ୍ରକାପ୍ତା କାତିରୁ ତିଆରି ମୁଦି ପିନ୍ଧିଲେ ସମୃଦ୍ଧି ମିଳିବା ସହ ହରିଣର କସ୍ତୁରୀ, ଶିଙ୍ଘ, ହାତୀ ଦାନ୍ତ ଆଦିକୁ ପୂଜା କରି ବ୍ୟବହାର କଲେ ଜୀବନରେ ଉନ୍ନତି ହେବା ସହ ଅନ୍ୟାନ୍ୟ ଗ୍ରହଦୋଷ କଟିଥାଏ ବୋଲି ଭ୍ରାନ୍ତ ଧାରଣା ରହିଛି। ତେଣୁ ନିଜର ଲାଭ ପାଇଁ ମନୁଷ୍ୟ ନିରୀହ ଜୀବଜନ୍ତୁଙ୍କୁ ମାରିବାକୁ ପଛାଉ ନାହିଁ। ଅପରପକ୍ଷେ ବନ୍ୟଜୀବଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଆଇନ୍ କରାଯାଇଥିଲେ ମଧ୍ୟ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଲୋକଙ୍କର ଏଥିପ୍ରତି ଭୟ ରହୁନାହିଁ। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ବନ୍ୟପ୍ରାଣୀ ଚୋରା ଚାଲାଣ କିଛି ନୂଆ କଥା ନୁହେଁ। ମାତ୍ର ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗରୁ ପ୍ରସ୍ତୁତ ଜିନିଷର ଚାହିଦା ବଢିବା ସହ ବିଗତ କିଛିବର୍ଷ ହେବ ଶିକାର ମଧ୍ୟ ବଢିବଢି ଚାଲିଛି। ହାତୀ ଦାନ୍ତ, ବାଘ ଛାଲ, ବାଘ ହାଡ, ସାପ, ବଜ୍ରକାପ୍ତା ଆଦିଙ୍କୁ ମାରି ସେମାନଙ୍କ ଅଙ୍ଗ ଚାଲାଣ କରାଯାଉଛି। ବିଶେଷକରି ଓଡ଼ିଶାର ବିଭିନ୍ନ ଜିଲାରେ ଏହା ବ୍ୟାପକ ମାତ୍ରାରେ ବଢି ଚାଲିଛି। ମାତ୍ର ଏମାନଙ୍କ ସୁରକ୍ଷାରେ ନିୟୋଜିତ ବନବିଭାଗ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନାହାନ୍ତି। ସେମାନଙ୍କ ପାଖରେ ପଇସାର କିଛି ଅଭାବ ନାହିଁ। ରାଜ୍ୟ ସରକାରଙ୍କ ଯଥେଷ୍ଟ ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ବନକର୍ମଚାରୀମାନେ ଠିକ୍ ଭାବେ ପାଟ୍ରୋଲିଂ କରୁନାହାନ୍ତି। ବହୁତ ଜାଗାରେ ହାତୀ ଶିକାର ହେଉଥିବାବେଳେ ଶିକାରୀଙ୍କୁ ଧରିପାରୁ ନାହାନ୍ତି। ଏପରିକି ୨/୩ମାସ ପରେ ମୃତଦେହ ମିଳୁଛି, ସେତେବେଳକୁ ସବୁ କିଛି ପ୍ରମାଣ ନଷ୍ଟ ହୋଇଯାଉଛି। ଅପରପକ୍ଷେ ଗତ ୩୦ବର୍ଷରେ ଧରା ହୋଇଥିବା ହାତୀ ଶିକାରୀଙ୍କ ମଧ୍ୟରୁ ଜଣଙ୍କୁ ମଧ୍ୟ ଦୋଷୀ ବୋଲି ପ୍ରମାଣିତ କରିପାରି ନାହାନ୍ତି। ସେହିପରି ଅନ୍ଧବିଶ୍ୱାସରେ ଆଗରୁ ମଧ୍ୟ ଅଙ୍ଗପ୍ରତ୍ୟଙ୍ଗ ବ୍ୟବହାର ହେଉଥିଲା। ମାତ୍ର ତାହା ସୀମିତି ଭାବେ ଅଳ୍ପ କେତେକ ସ୍ଥାନରେ ହେଉଥିଲା। କିନ୍ତୁ ଏବେ ଯୋଗାଯୋଗ ବଢିଥିବାବେଳେ ବେପାର ଅଧିକ ହେଉଛି ଏବଂ ବନ୍ୟଜନ୍ତୁଙ୍କ ଶିକାର ବଢି ଚାଲିଛି। ତେଣୁ ସରକାର ନିୟମ କଡାକଡି କରିବା ସହ ତାହାର କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ସେ ମତ ପ୍ରକାଶ କରିଛନ୍ତି।

### ଏ ବର୍ଷର ବାର୍ତ୍ତା

ଚଳିତ ବର୍ଷ ଜାତୀୟ ବନ୍ୟଜନ୍ତୁ ଦିବସର ବାର୍ତ୍ତା ରହିଛି- 'ବନ୍ୟଜନ୍ତୁ ସଂରକ୍ଷଣରେ ଡିଜିଟାଲ ଜ୍ଞାନକୌଶଳର ଉପଯୋଗ ମାଧ୍ୟମରେ ମନୁଷ୍ୟ ଓ ଗ୍ରହ ମଧ୍ୟରେ ସଂଯୋଗ ସ୍ଥାପନ'। ବର୍ତ୍ତମାନ ଡିଜିଟାଲ କ୍ଷେତ୍ରର ବ୍ୟବହାର ଓ ବ୍ୟାପକତା ପ୍ରାୟ ସବୁଠି ଦେଖିବାକୁ ମିଳୁଛି। କହିବାକୁ ଗଲେ ବିଶ୍ୱ ଏବେ ଡିଜିଟାଲ ମୁହାଁ ହେଲାଣି। ତେଣୁ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାରର ଆବଶ୍ୟକତା ରହିଛି।

Annexure-I

Directorate of Higher Secondary Education, Odisha

Vacant Seat e-Admission (Phase-II) in Higher Secondary Schools for the Session 2024-25

No. N-91: The Phase-II e-Admission process for Class XI against vacant seats in Arts, Science, Commerce, Upashastri and Vocational streams in Higher Secondary Schools (HSSs) across the State, affiliated with CHSE (O) and Shree Jagannath Sanskrit University, Puri, Odisha will commence on **6th September 2024**. The admissions for the academic session 2024-25 will be conducted online through **www.samsodisha.gov.in**.

**Eligibility Criteria:**
1. Applicants must have passed the High School Certificate (HSC) Examination of the Board of Secondary Education (BSE), Odisha or its equivalent Boards.
2. No reservation or weightage claim shall be considered for the vacant seat admission.

**Instructions:**
1. Applicants and their parents/guardians are requested to thoroughly read the **"Common Prospectus"** available on the SAMS portal before filling out and submitting the online Common Application Form (CAF).
2. The CAF Fee must be paid through online mode only (details available in Common Prospectus).
3. **Candidates who applied during the Phase-I e-Admission Session 2024-25 but were not selected in any Higher Secondary School may re-apply through their existing login without paying the CAF Fee.**
4. **Applicants can edit their Common Application Form (CAF) one time.**
5. Apply and select the Higher Secondary School of your choice on your own. Never allow others to apply on your behalf.
6. Applicants are advised to fill out the online CAF carefully, as any errors may lead to rejection.
7. The list of Higher Secondary Schools with vacancies will be made available solely for preference and selection.
8. All relevant documents must be verified at the selected Higher Secondary School at the time of admission.
9. Applicants selected in the Phase-II 1st selection who were **admitted to their 1st preferred HSS will not be eligible** for the online Phase-II SPOT selection.
10. All selected applicants **(admitted in a lower option, not admitted, or those needing error correction)** and non-selected applicants will have the opportunity to provide fresh options during the Phase-II online SPOT selection admission choice locking process.
11. Students who have already taken admission in a HSS, but now got selected in another HSS in the Phase-II and wants to take admission, are informed to bring the CLC from last institution in physically.

**Procedures:**
1. Fresh applicants need to register on the website **"www.samsodisha.gov.in"** using their mobile number and email address. Those who have already registered previously on **"www.samsodisha.gov.in"** should use their existing logins to apply afresh for admission.
2. All other process, such as application submission, will follow the provisions outlined in the "Common Prospectus" available on the website **"www.samsodisha.gov.in"** for e-Admission.
3. Applicants will be informed about their selection and admission reporting time via SMS/WhatsApp through their SAMS login, on the HSS online merit list at **'www.samsodisha.gov.in'** and on the HSS notice board. An intimation letter will be generated in the applicant's login and shared through WhatsApp only for the Phase-II first selection.

**SAMS e-Admission (Vacant Seat) Schedule 2024-25 (Phase-II)**

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in **www.samsodisha.gov.in** for Vacant Seat Admission | 06.09.2024 |
| 2 | Last date of applying Online CAF through **www.samsodisha.gov.in** | 13.09.2024 (11.45 P.M.) |
| 3 | Publication of Phase-II 1st Selection Merit List | 20.09.2024 (11.30 A.M.) |
| 4 | Reporting of selected candidates at the selected Higher Secondary School (HSS) for Admission | 21.09.2024 (09.00 A.M.) |
| 5 | Last date of reporting of selected candidates at the selected HSS for Admission | 24.09.2024 (05.00 P.M.) |
| 6 | Last date for admission data updation and error correction by HSSs in SAMS e-Space | 25.09.2024 (05.00 P.M.) |
| 7 | Availability of Choice Locking facility for applicants to provide fresh HSS options by apply through respective student's login | 26.09.2024 (10.00 A.M.) |
| 8 | Last date for submission of **Choice Locking** for Phase-II, SPOT Admission | 27.09.2024 (11.45 P.M.) |
| 9 | Publication of the Online SPOT selection merit and waiting list (05 times to the balance sheet) | 03.10.2024 (11.30 A.M.) |
| 10 | Reporting & Admission of Candidates (Merit list only) for Online SPOT Admission in the respective HSS | 04.10.2024 to 05.10.2024 (05.00 P.M.) |
| 11 | Registration of candidates (in form of **handwritten application)** from waiting list at selected HSSs if vacancy still exists | 07.10.2024 (09.00 A.M. to 03.00 P.M.) |
| 12 | Publication of merit list at HSS level out of the registered waiting list candidates | 07.10.2024 (04.30 P.M.) |
| 13 | Admission data updation of the students who took admission in the SPOT selection by the HSSs in the e-Space | 08.10.2024 (10.00 A.M.) to 09.10.2024 (04.00 P.M.) |

For more details, please contact Sanjog Helpline (Toll Free) Number 155335, 1800-345-6770

OIPR-11033/11/0007/2425
Sd./- Director, Higher Secondary Education

ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା



# ମହିଳା ବିରୋଧୀ ଭାବନା

ବିଶ୍ୱର ପ୍ରାୟ ସବୁ ଦେଶରେ ମହିଳା ଅଧିକାର ଓ ସୁରକ୍ଷା ବିଷୟକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଆଫଗାନିସ୍ତାନ ଏହାର ଏକ ବ୍ୟତିକ୍ରମ । କେନ୍ଦ୍ର ଓ ଦକ୍ଷିଣ ଏସିଆର ମଧ୍ୟଭାଗରେ ଥିବା ଏହି ଦେଶରେ ତାଲିବାନ୍ ୨୦୨୧ରେ ଦ୍ୱିତୀୟ ଥର କ୍ଷମତା ଦଖଲ କରିବା ପରେ ମହିଳାଙ୍କ ଅଧିକାରରେ ଗମ୍ଭୀର ସଙ୍କଟ ସୃଷ୍ଟି କରିବାରେ ଲାଗିଛି। ଆଫଗାନିସ୍ତାନ ହେଉଛି ଏକମାତ୍ର ଦେଶ ଯେଉଁଠାରେ ଝିଅ କିମ୍ବା ମହିଳାମାନଙ୍କୁ ମାଧ୍ୟମିକ ଓ ଉଚ୍ଚଶିକ୍ଷା ଲାଭ କରିବାକୁ ସରକାରୀ ସ୍ତରରେ ବନ୍ଦ କରିଦିଆଯାଇଛି। ମହିଳାମାନଙ୍କ ରୋଜଗାର ପନ୍ଥାକୁ ସୀମିତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଫଗାନିସ୍ତାନର ପୁନଃ ନିର୍ମାଣରେ ପ୍ରମୁଖ ଭୂମିକା ନେବାକୁ ଚାହୁଁଥିବା ଝିଅମାନେ ଶିକ୍ଷକ, ଡାକ୍ତର, ନର୍ସ, ଇଞ୍ଜିନିୟର ଓ ବ୍ୟବସାୟୀ ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ସେମାନଙ୍କୁ ସେଥିପାଇଁ ସୁଯୋଗ ନାହିଁ। ଫଳରେ ଆଫଗାନିସ୍ତାନ ଆଗାମୀ ଦିନରେ ସଶକ୍ତ ପିଢ଼ିକୁ ହରାଇବାର ସମ୍ଭାବନା ଦେଖାଯାଇଛି। ଏତେ ସବୁ କଟକଣା ସତ୍ତ୍ୱେ ୧୪ ଅଗଷ୍ଟରେ ତାଲିବାନ୍ ତା'ଶାସନର ଦ୍ୱିତୀୟ ପାଳିର ତୃତୀୟ ବାର୍ଷିକୀ ପାଳନ କରିବା ପୂର୍ବରୁ ମହିଳାଙ୍କ ଅଧିକାରକୁ ସଙ୍କୁଚିତ କରିବା ପାଇଁ ଆଉ ଏକ କଠୋର ଆଇନ ଆଣିଛି। ଅଗଷ୍ଟ ପ୍ରଥମ ସପ୍ତାହରେ 'ଭାଇସ୍ ଆଣ୍ଡ ଭର୍ଚ୍ଚ୍ୟୁ' ନାମରେ ଅଣାଯାଇଥିବା ନୂଆ ଆଇନରେ କୁହାଯାଇଛି ଯେ, ମହିଳାଙ୍କ ମୁହଁ ଓ ସ୍ୱର ପ୍ରଲୋଭନର ଏକ ଉତ୍ସ ହୋଇଥିବାରୁ ତାହା ସର୍ବସାଧାରଣରେ ଶୁଣାଯିବା କିମ୍ବା ଦେଖାଯିବା ଉଚିତ ନୁହେଁ। ଏଣୁ କୌଣସି ପ୍ରାପ୍ତ ବୟସ୍କା ମହିଳା ବାହାରକୁ ଗଲାବେଳେ ମୁହଁ କିମ୍ବା ଶରୀର ସମ୍ପୂର୍ଣ୍ଣ ଘୋଡ଼ାଇରଖିବା ସହ ପଦେ କଥା କହିପାରିବେ ନାହିଁ। ଆଫଗାନିସ୍ତାନରେ ପୂର୍ବରୁ ରହିଥିବା ଅସହନୀୟ କଟକଣା ସହିତ ଏବେ ଘର ବାହାରେ ସେମାନଙ୍କ ସ୍ୱରକୁ ଚାପିଦେବା ଲାଗି କରାଯାଇଥିବା ଆଇନ ମହିଳାଙ୍କ ଭବିଷ୍ୟତକୁ ଆହୁରି ଅନ୍ଧକାରକୁ ଠେଲିଦେଇଛି।

**ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଆଫଗାନିସ୍ତାନକୁ ଚାରିଆଡୁ ଘେରି ରହିଥିବା ମୁସଲମାନ ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ବି ଦେଶ ଏଭଳି ନକାରାତ୍ମକ ସରକାରୀ ପଦକ୍ଷେପକୁ ସମାଲୋଚନା କରୁନାହାନ୍ତି। ତେଣୁ ବୁଝିବାକୁ ହେବ ଯେ, ସବୁ ମୁସଲମାନ ଦେଶରେ ଏହିଭଳି କାର୍ଯ୍ୟକୁ ପସନ୍ଦ କରାଯାଉଛି।**

ଉଲ୍ଲେଖନୀୟ ଯେ, ୧୯୯୬ରେ ଆଫଗାନିସ୍ତାନରେ ତାଲିବାନ୍ ପ୍ରଥମେ କ୍ଷମତାକୁ ଆସିଥିଲା। ୧୧ ସେପ୍ଟେମ୍ବର ୨୦୦୧ରେ ଆମେରିକାର ନ୍ୟୁୟର୍କ ସହର ସ୍ଥିତ ଟୁଇନ ଟାୱାର ଓ ୱାଶିଂଟନ୍‌ର ପେଣ୍ଟାଗନ୍ ଉପରେ ଯାତ୍ରୀବାହୀ ବିମାନ ଯୋଗେ ଅଲ କାଏଦା ଉଗ୍ରବାଦୀ ଗୋଷ୍ଠୀ ଆକ୍ରମଣ କରିଥିଲେ। ଏଥିରେ ପାଖାପାଖି ୩୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା । ପରେ ଆଫଗାନିସ୍ତାନରେ ଥିବା ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କୁ ପ୍ରତ୍ୟର୍ପଣ କରିବା ସହ ସେହି ଗୋଷ୍ଠୀର ଉଗ୍ରବାଦୀଙ୍କୁ ଦେଶରୁ ବାହାର କରିଦେବା ଲାଗି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଦାବି କରିଥିଲେ। ଏହାକୁ ଆଫଗାନିସ୍ତାନର ତାଲିବାନ୍ ସରକାର ସ୍ୱୀକାର ନ କରିବା ଯୋଗୁ ଆମେରିକା ଓ ବ୍ରିଟେନ୍‌ର ମିଳିତ ସେନା ଆକ୍ରମଣକରି ତାଲିବାନ୍‌କୁ କ୍ଷମତାରୁ ହଟାଇଦେଇଥିଲେ। ପରେ ସେଠାରେ ଏକ ମଧ୍ୟବର୍ତ୍ତିକାଳୀନ ସରକାର ପ୍ରତିଷ୍ଠା କରାଯାଇଥିଲା। ଆଫଗାନିସ୍ତାନରେ ଆମେରିକାର ସେନା ରହି ସେହି ସରକାରକୁ ସହଯୋଗ କରିଥିଲା। ୨୦ ବର୍ଷ ପରେ ଆମେରିକା ସେଠାରୁ ସେନା ପ୍ରତ୍ୟାହର କରିବା ପରେ ପୁନର୍ବାର ଅଗଷ୍ଟ ୨୦୨୧ରେ ତାଲିବାନ୍ କାବୁଲ ଦଖଲ କରିନେଇଥିଲା। ତେବେ ଭାରତ ସମେତ ପୃଥିବୀର ଅଧିକାଂଶ ଦେଶ ଇସ୍‌ଲାମିକ୍ ଏମିରେଟ ଅଫ୍ ଆଫଗାନିସ୍ତାନର ତାଲିବାନ୍ ସରକାରକୁ ସ୍ୱୀକୃତି ଦେଇନାହାନ୍ତି। ଉଲ୍ଲେଖନୀୟ ଯେ, ମିଳିତ ଜାତିସଂଘ ଦ୍ୱାରା ୨୦୨୩ରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଥିଲା ଯେ, ଆଫଗାନିସ୍ତାନରେ ବାଧ୍ୟତାମୂଳକ ଭାବେ ମହିଳାମାନଙ୍କୁ ଅଲଗାକରି ରଖାଯିବା ଦ୍ୱାରା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ସେଠାରେ ଅନେକ ମହିଳା ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ୨୦୨୧ରେ ତାଲିବାନ୍ ଦ୍ୱାରା ପୁନର୍ବାର ସରକାର ଗଠନହେବା ପରେ ମହିଳାମାନେ ସ୍ୱାସ୍ଥ୍ୟକର୍ମୀ, ପୋଲିସ, ବିଚାରପତି, ଶିକ୍ଷୟିତ୍ରୀ, ଡାକ୍ତର ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ହଠାତ୍ ବିଦାହୋଇଗଲେ। ଏହା ଫଳରେ ସମାଜର ୫୦% ନାଗରିକଙ୍କୁ ବିନା କୌଣସି ଦୋଷରେ ଏକ ପ୍ରକାର ପଣବନ୍ଦୀ କରିଦିଆଯାଇଛି। ଏହା ହେଉଛି କଠୋର ଇସ୍‌ଲାମୀୟ ମାନସିକତାର ଏକ ଜ୍ୱଳନ୍ତ ଉଦାହରଣ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଆଫଗାନିସ୍ତାନକୁ ଚାରିଆଡୁ ଘେରି ରହିଥିବା ମୁସଲମାନ ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ବି ଦେଶ ଏଭଳି ନକାରାତ୍ମକ ସରକାରୀ ପଦକ୍ଷେପକୁ ସମାଲୋଚନା କରୁନାହାନ୍ତି। ତେଣୁ ବୁଝିବାକୁ ହେବ ଯେ, ସବୁ ମୁସଲମାନ ଦେଶରେ ଏହିଭଳି କାର୍ଯ୍ୟକୁ ପସନ୍ଦ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ଏହିଭଳି ସମାଜ ବିରୋଧୀ ଚିନ୍ତାଧାରା କେବଳ ମୁସଲମାନ ସମ୍ପ୍ରଦାୟରେ ସୀମିତ ନୁହେଁ। ହୁଏତ ସେହି ଧର୍ମରେ ଥିବା ମହିଳା ବିରୋଧୀ ଭାବନା ଅଧିକ ମାତ୍ରାରେ ପ୍ରତିଫଳନ ହେଉଛି। କିନ୍ତୁ ଏଥିସହ ମନେରଖିବାକୁ ହେବ ଯେ, ଅନ୍ୟ ସବୁ ଧର୍ମରେ ମଧ୍ୟ ତାଲିବାନ୍ ଭଳି ପୁରାତନ ଚିନ୍ତାରେ ଅନେକ ବଡ଼ ଗୋଷ୍ଠୀ ବୁଡ଼ି ରହିଛନ୍ତି। ଭାରତବର୍ଷରେ ଦେଖାଦେଉଥିବା ମହିଳା ବିରୋଧୀ ଅପରାଧ ତାଲିବାନ୍ ତୁଳନାରେ କୌଣସି ଭାବେ ଊଣା ନୁହେଁ। ସମୟ ଥିବା ଭିତରେ ଏହିଭଳି ମାନସିକତାକୁ ଯଦି ସମସ୍ତେ ସକ୍ରିୟ ଭାବେ ବିରୋଧ କରିବାକୁ ଅରାଜି ହେବେ , ତେବେ ଏକ ବିକୃତ ସମାଜ ଭବିଷ୍ୟତରେ ଗଢ଼ିଉଠିବା ନିଶ୍ଚିତ ହୋଇଯିବ।

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | 1 |
| | | | | 4 | 3 | | | 6 |
| | | | | 5 | | | 2 | |
| 2 | 8 | | | | 7 | 9 | | |
| | | 5 | | 8 | | | | |
| | | | | | | 4 | 7 | |
| | | | | 2 | 1 | | | 5 |
| | 5 | | | | 6 | | 8 | |
| | 9 | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 2 | 9 | 1 | 3 | 4 | 8 |
| 3 | 9 | 1 | 4 | 8 | 7 | 2 | 5 | 6 |
| 8 | 2 | 4 | 6 | 5 | 3 | 1 | 9 | 7 |
| 2 | 6 | 8 | 3 | 4 | 5 | 9 | 7 | 1 |
| 4 | 1 | 9 | 7 | 2 | 6 | 8 | 3 | 5 |
| 7 | 3 | 5 | 9 | 1 | 8 | 4 | 6 | 2 |
| 9 | 5 | 2 | 1 | 7 | 4 | 6 | 8 | 3 |
| 6 | 4 | 7 | 8 | 3 | 2 | 5 | 1 | 9 |
| 1 | 8 | 3 | 5 | 6 | 9 | 7 | 2 | 4 |

ଗତକାଲିର ଉତ୍ତର

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର ଲୋଡ଼ା



ଡ. ପ୍ରମୋଦ କୁମାର ପଣ୍ଡା

ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର ବିଷୟ ଆଲୋଚନା ପୂର୍ବରୁ ଆମେ ଜାଣିବା ଦରକାର ଯେ ଏ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ କ'ଣ ? କେଉଁଠି ଥିଲା ଓ କେବେ ଥିଲା ? ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ହେଉଛି ଆଧୁନିକ ଭାରତର ସର୍ବପ୍ରାଚୀନ ବିଶ୍ୱବିଦ୍ୟାଳୟ। ଅର୍ଥାତ୍ ବର୍ତ୍ତମାନ ସୁଦ୍ଧା ଆମ ଦେଶରେ ଯେତେ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି, ସେଗୁଡ଼ିକ ମଧ୍ୟରୁ ପ୍ରାଚୀନତମ ବିଶ୍ୱବିଦ୍ୟାଳୟ ହେଉଛି ପୁଷ୍ପଗିରି। ଏହା ଓଡ଼ିଶା (ତତ୍କାଳୀନ କଳିଙ୍ଗ ରାଜ୍ୟ) ଯାଜପୁର ଜିଲାର ଲାଙ୍ଗୁଡ଼ି ପାହାଡ଼ରେ ଅବସ୍ଥିତ ଥିଲା। ଏହା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସ୍ଥାପିତ ହୋଇଥିଲା। ବିଶେଷଜ୍ଞଙ୍କ ମତରେ ଏହା କଳିଙ୍ଗ ଯୁଦ୍ଧ ପୂର୍ବରୁ ନିର୍ମିତ ହୋଇଥିଲା। ମାତ୍ର ଆଉ କେତେକ ବିଶେଷଜ୍ଞ ମତଦିଅନ୍ତି, ମଗଧ ସମ୍ରାଟ୍ ଅଶୋକ କଳିଙ୍ଗ ବିଜୟ ଲାଭ କଲାପରେ ଏହାର ନିର୍ମାଣ କରିଥିଲେ। କେହି କେହି ଗବେଷକ ଏହା ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ବହୁ ପୂର୍ବରୁ ସ୍ଥାପିତ ହୋଇଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ଯାହାହେଉନା କାହିଁକି, ଏହା ସେତେବେଳେ ବିଶ୍ୱ ପ୍ରସିଦ୍ଧି ଲାଭ କରିଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ। ଏଠାରେ ଯୋଗାଚାର, କାଳଚକ୍ରଯାନ, ବଜ୍ରଯାନ, ସହଜଯାନ ଓ ତନ୍ତ୍ର ବିଜ୍ଞାନ ବିଷୟରେ ଶିକ୍ଷା ଦିଆଯାଉଥିଲା ଏବଂ ଭୌମକର ସମୟରେ ଏହା ଆନ୍ତର୍ଜାତିକ ଖ୍ୟାତିର ଶୀର୍ଷରେ ପହଞ୍ଚିଥିଲା। ଭାରତ ଓ ଭାରତ ବାହାରୁ ଅଗଣିତ ଛାତ୍ର ଏହି ବିଶ୍ୱବିଦ୍ୟାଳୟକୁ ଆସୁଥିଲେ ଉଚ୍ଚତର ଅଧ୍ୟୟନ ପାଇଁ। ଛାତ୍ରୀଛାତ୍ରମାନେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ଅଧିକ ଉଚ୍ଚତର ଅଧ୍ୟୟନ ପାଇଁ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଆସୁଥିଲେ। ପୁଷ୍ପଗିରିର ଅଧ୍ୟୟନ ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ଚାଇନା ପରିବ୍ରାଜକ ହୁଏନ୍‌ସା (ଖ୍ରୀଷ୍ଟାବ୍ଦ ୬୦୨ରୁ ୬୬୪) ଲେଖିଛନ୍ତି ଯେ, ସେ ପୁଷ୍ପଗିରି ପରିଦର୍ଶନ କରି ବିସ୍ମୟରେ ଅଭିଭୂତ ହୋଇଥିଲେ। ସେ ଲେଖିଛନ୍ତି ଏହାର ବିଭିନ୍ନ ଅଂଶ ଯଥା ବିହାର, ସ୍ତୂପ ଓ ଚୈତ ପ୍ରଭୃତି ଯେ ମନୁଷ୍ୟ ନିର୍ମାଣ କରିଛି ସେ ବିଶ୍ୱାସ କରିପାରୁନଥିଲେ। ତାଙ୍କ ମତରେ ଏହାକୁ ଯକ୍ଷମାନେ ହିଁ ନିର୍ମାଣ କରିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, କେବଳ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପ୍ରଶଂସା ଶୁଣିଥିଲେ, ମାତ୍ର ସ୍ୱଚକ୍ଷୁରେ ଦେଖିଲା ପରେ ସେ ବିସ୍ମୟ ଓ ମୋହାଚ୍ଛନ୍ନ ହୋଇ ଭଗବାନ ତଥାଗତଙ୍କୁ ପ୍ରଣତି ଜଣାଇଥିଲେ। ଏହି ବିଶ୍ୱବିଦ୍ୟାଳୟରେ ସେ ସମୟରେ ବିଶ୍ୱବିଖ୍ୟାତ ଜ୍ଞାନୀ ଯଥା ରାହୁଲ ଭଦ୍ର, ଶାନ୍ତରକ୍ଷିତ, ପଦ୍ମ ସମ୍ଭବ, ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ପୀତୋପାଦ, ସରହପାଦ, କୃଷ୍ଣାଚାର୍ଯ୍ୟ, ବୋଧିଶ୍ରୀ ଓ ନାରୋପା ପ୍ରଭୃତି ଆଚାର୍ଯ୍ୟବୃନ୍ଦ ଅଧ୍ୟାପନା କରୁଥିଲେ। ବୌଦ୍ଧଗ୍ରନ୍ଥ ଅନୁସାରେ କାଳେ ଭଗବାନ୍ ବୁଦ୍ଧ ସ୍ୱୟଂ ପଦ୍ମନାଭ ନାମରେ ଏଠାରେ ଜନ୍ମ ନେବେ ବୋଲି କହିଥିଲେ। ତେଣୁ ସେ ସମୟର ରାଜା ଏଠାରେ ବିଶ୍ୱବିଦ୍ୟାଳୟ ନିର୍ମାଣ କରିଥିଲେ।



ବୌଦ୍ଧଶାସ୍ତ୍ର ଅନୁସାରେ ପୁଷ୍ପଗିରିର ଛାତ୍ର ପ୍ରଜ୍ଞା, ଶୁଭାକର ଦେବଙ୍କ ଗ୍ରନ୍ଥ ଓ ଅନ୍ୟାନ୍ୟ ଗ୍ରନ୍ଥ ନେଇ ଚାଇନା ଦେଶରେ ଆଜୀବନ ରହିଥିଲେ ଓ ସେଗୁଡ଼ିକୁ ଚାଇନା ଭାଷାରେ ଅନୁବାଦ କରିଥିଲେ। ଆମ ପୂର୍ବପୁରୁଷ ବର୍ତ୍ତମାନ ଭାରତର ସର୍ବପ୍ରାଚୀନ ବିଶ୍ୱବିଦ୍ୟାଳୟ ପୁଷ୍ପଗିରି ପ୍ରତିଷ୍ଠା କରିଥିବାରୁ ଆମେ ସମସ୍ତେ ଗର୍ବ କରିବା ଉଚିତ ଓ ପୁଷ୍ପଗିରି ନାମରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ତା'ର ସର୍ବପ୍ରାଚୀନତାକୁ ବଜାୟ ରଖିବା ପାଇଁ ଚେଷ୍ଟା କରିବା ଦରକାର। ନାଳନ୍ଦା ବିଶ୍ୱବିଦ୍ୟାଳୟ, ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ବହୁବର୍ଷ ପରେ ଅର୍ଥାତ୍ ୪୨୭ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇ ୧୧୯୭ ମସିହା ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର ସେଠାକାର ସରକାର ନାଳନ୍ଦା ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର କରି ସମଗ୍ର ଦେଶରେ ଏହାକୁ ଏକ ପୁରାତନ ଐତିହ୍ୟସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ପରିଣତ କରି ତା'ର ପ୍ରାଚୀନତାକୁ ରକ୍ଷା କରିବାରେ ସମର୍ଥ ହେଲେ। ମାତ୍ର ଆମେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟକୁ ସଂପୂର୍ଣ୍ଣ ରୂପେ ଭୁଲିଗଲୁ। ଏପରିକି ତା' ଉପରେ ଅଧିକ ଗବେଷଣା କରିପାରିଲୁ ନାହିଁ।

ପ୍ରାଚୀନ ଭାରତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଉଚ୍ଚତର ଶିକ୍ଷା, ସୁନ୍ଦର ପରିବେଶ ଓ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ବିଶ୍ୱପ୍ରସିଦ୍ଧି ଲାଭ କରିଥିଲା। ମାତ୍ର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏହାର ଖନନ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ସାରିନାହାନ୍ତି। ଏହି ଖନନ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ଆହୁରି ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସିବ ଓ ଆମର ଐତିହ୍ୟକୁ ବିଶ୍ୱସ୍ତରରେ ପ୍ରଚାର ପ୍ରସାର କରିବାରେ ସହାୟକ ହେବ। ଏହାର ସ୍ଥାପନା ଯାହାହେଉନା କାହିଁକି, ମାତ୍ର ଏହା ତୃତୀୟ ଖ୍ରୀଷ୍ଟାବ୍ଦ ପୂର୍ବରୁ ଏକ ବିଖ୍ୟାତ ବିଶ୍ୱବିଦ୍ୟାଳୟ ରୂପେ ପ୍ରତିଷ୍ଠା ଲାଭ କରିଥିଲା, ଏଥିରେ ଗବେଷକମାନଙ୍କ ମଧ୍ୟରେ ଦ୍ୱିମତ ନାହିଁ। ଆମ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ଅଛି। ସରକାର ମଧ୍ୟ ଦେଶର ଐତିହ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ଯେହେତୁ ଭାରତର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ତକ୍ଷଶିଳା ଏବେ ଭାରତରେ ନାହିଁ, ପାକିସ୍ତାନକୁ ଚାଲିଯାଇଛି, ତେଣୁ ବର୍ତ୍ତମାନ ଭାରତର ସର୍ବପ୍ରାଚୀନ ବିଶ୍ୱବିଦ୍ୟାଳୟ, ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କୁଣ୍ଠା ପ୍ରକାଶ କରିବେ ନାହିଁ। ପୁଷ୍ପଗିରି ନାମରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିବ। ଲାଙ୍ଗୁଡ଼ି ପାହାଡ଼ ପାଦଦେଶରେ ଏହାକୁ ପ୍ରତିଷ୍ଠା କରିବା ଆବଶ୍ୟକ। ଏହା ପାଖରେ ଲଳିତଗିରି, ରତ୍ନଗିରି, ଉଦୟଗିରି ପ୍ରଭୃତି ପୁରାତନ ବୁଦ୍ଧସ୍ଥଳୀ ଅଛି । ଏଠାରେ ବୌଦ୍ଧ ଧର୍ମ, ଜୈନ ଧର୍ମ, ସନାତନ ଧର୍ମ, ମହିମା ଧର୍ମ ପ୍ରଭୃତି ପ୍ରାଚୀନ ଧର୍ମରେ ଶିକ୍ଷା ଓ ଗବେଷଣା ସହିତ ତାଳପତ୍ର ପୋଥି, ହିନ୍ଦୁ ଧର୍ମର ବୈଦିକ ପୂଜା ପଦ୍ଧତି, କଳିଙ୍ଗ ଭାସ୍କର୍ଯ୍ୟ ଶୈଳୀରେ ପଥରରେ ମୂର୍ତ୍ତି, ଦେଉଳ ଓ ମୋନାଷ୍ଟ୍ରି ନିର୍ମାଣ, କାଠ କାରୁକାର୍ଯ୍ୟ, ନୌବାଣିଜ୍ୟ ଓ ହସ୍ତଶିଳ୍ପ ଇତ୍ୟାଦି ବିଷୟରେ ଶିକ୍ଷା ଏବଂ ଗବେଷଣା କରାଯାଇପାରିବ। ବୌଦ୍ଧ ଶିକ୍ଷା ଓ ଗବେଷଣା ଦ୍ୱାରା ଆମେ ଆମ ଐତିହ୍ୟକୁ ଉନ୍ମୋଚନ କରିବା ସହିତ ପୃଥିବୀର ବିଭିନ୍ନ ଦେଶରେ ବାସ କରୁଥିବା ବୌଦ୍ଧ ଧର୍ମାବଲମ୍ବୀଙ୍କ ସହିତ ସଂପର୍କକୁ ମଜଭୁତ କରିପାରିବା ଓ ପର୍ଯ୍ୟଟନ ବୃଦ୍ଧି ଦ୍ୱାରା ଆମ ଲୋକଙ୍କ ପାଇଁ ରୋଜଗାରର ନୂଆ ଅବସର ସୃଷ୍ଟି କରିବାରେ ସକ୍ଷମ ହେବା।

ଆସନ୍ତୁ ଜାଣିବା ପୁରାତନ ଭାରତବର୍ଷରେ କେଉଁ କେଉଁ ବିଶ୍ୱବିଦ୍ୟାଳୟ ଥିଲା ଓ ସେସବୁ କେବେ ଗଢ଼ି ଉଠିଥିଲା। ୧. ତକ୍ଷଶିଳା ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ପାକିସ୍ତାନର ରାୱଲପିଣ୍ଡିଠାରେ ଅବସ୍ଥିତ। । ୨. ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଆଧୁନିକ ଭାରତର ସର୍ବପ୍ରାଚୀନ ବିଶ୍ୱବିଦ୍ୟାଳୟ। ଏହା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସ୍ଥାପିତ ହୋଇଥିଲା । ୩. ନାଳନ୍ଦା ବିଶ୍ୱବିଦ୍ୟାଳୟ ଖ୍ରୀଷ୍ଟାବ୍ଦ ୪୨୭ ମସିହାରେ ଆରମ୍ଭ ହୋଇ ଖ୍ରୀଷ୍ଟାବ୍ଦ ୧୧୯୭ ମସିହା ପର୍ଯ୍ୟନ୍ତ ଚାଲିଥିଲା । ୪. ବିକ୍ରମଶିଳା ବିଶ୍ୱବିଦ୍ୟାଳୟକୁ ରାଜା ଧର୍ମପାଳ (ଖ୍ରୀଷ୍ଟାବ୍ଦ ୭୮୩ରୁ ୮୨୦ ମସିହା)ରେ ସ୍ଥାପନ କରିଥିଲେ। ୫. ଓଦନ୍ତପୁରୀ ବିଶ୍ୱବିଦ୍ୟାଳୟ ବିଶ୍ୱବିଦ୍ୟାଳୟକୁ ପାଳବଂଶର ସମ୍ରାଟ୍ ଗୋପାଳ ପାଳ ଅଷ୍ଟମ ଶତାବ୍ଦୀରେ ପ୍ରତିଷ୍ଠା କରିଥିଲେ। ୬. ଜଗଦଳ ବିଶ୍ୱବିଦ୍ୟାଳୟ ଅଧୁନା ବାଂଲାଦେଶରେ ଅବସ୍ଥିତ। ପାଳ ବଂଶର ରାଜା ରାମପାଳ ଖ୍ରୀଷ୍ଟାବ୍ଦ ୧୦୭୭ ରୁ ୧୧୨୦ ମସିହା ମଧ୍ୟରେ ନିର୍ମାଣ କରିଥିଲେ। ୭. ବଲ୍ଲଭୀ ବିଶ୍ୱବିଦ୍ୟାଳୟଗୁଜରାଟର ସୌରାଷ୍ଟ୍ରରେ ଅବସ୍ଥିତ। ଏହା ଷଷ୍ଠ ଶତାବ୍ଦୀରେ ଆରମ୍ଭ ହୋଇ ପ୍ରାୟ ୧୨୦୦ ମସିହା ପର୍ଯ୍ୟନ୍ତ ଚାଲିଥିଲା।୮. ସୋମପୁରା ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ବାଂଲାଦେଶରେ ଅବସ୍ଥିତ। ଏହାକୁ ପାଳ ବଂଶର ରାଜା ଧର୍ମପାଳ ଅଷ୍ଟମ ଶତାବ୍ଦୀର ଶେଷଭାଗରେ ନିର୍ମାଣ କରିଥିଲେ। ୯.ନାଗାର୍ଜୁନକୋଣ୍ଡା ବିଶ୍ୱବିଦ୍ୟାଳୟ ଆନ୍ଧ୍ରପ୍ରଦେଶରେ ଅବସ୍ଥିତ। ତେବେ ପୁରାତନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଓଡ଼ିଶାର ଗର୍ବ ଓ ଗୌରବ। ଆସନ୍ତୁ ଆମେ ସମସ୍ତେ ଓଡ଼ିଶାବାସୀ ଏହି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର କରିବା।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭାରତ ସରକାର), ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

# ଜାତିପ୍ରୀତି: ରକ୍ତରେ ଆହୁତି



ଉପେନ୍ଦ୍ର ବିଶ୍ୱାଳ

ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ବନ୍ଧେ ପ୍ରାୟତଃ ସମସ୍ତେ ଅବଗତ ଥିଲାବେଳେ ଓଡ଼ିଶାର ବିସ୍ମୟବୀର ବାହୁବଳେନ୍ଦ୍ରଙ୍କ ବଳିଦାନର ଗୌରବମୟ କଥା ଓ ଗାଥା ରହିଯାଇଛି ଆଲୋଚନାର ଆଢୁଆଳରେ। ୧୭୬୮ରେ ଜନ୍ମ ନିଅନ୍ତି ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଦାଣ୍ଡିମାଳ ଜିଲାର ଗଡ଼ ଦାରୁଠେଙ୍ଗଠାରେ (ନନ୍ଦନକାନନ ନିକଟବର୍ତ୍ତୀ)। ଡିସେମ୍ବର ୦୬, ୧୮୦୬ରେ ଜୟୀ ରାଜଗୁରୁଙ୍କ ନୃଶଂସ ହତ୍ୟା ପରେ ପରେ ମାଟି ମାଆର ସମ୍ମାନ ଓ ସ୍ୱାଭିମାନର ରକ୍ଷାପାଇଁ ଅର୍ଥାତ୍ ପାଇକ ବିଦ୍ରୋହକୁ ଯେଉଁ କେତେଜଣ ସଫଳ ନେତୃତ୍ୱ ଦେଇଥିଲେ, ତନ୍ମଧ୍ୟରୁ ପିଣ୍ଡିକି ବାହୁବଳେନ୍ଦ୍ର ଥିଲେ ପ୍ରମୁଖ କର୍ଣ୍ଣଧାର। ଜୟୀ ରାଜଗୁରୁଙ୍କ ପରେ ପିଣ୍ଡିକି ବାହୁବଳେନ୍ଦ୍ର ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ଶହୀଦ। ଖୋର୍ଦ୍ଧା ରାଜ୍ୟର ଗଜପତି ଶାସକଙ୍କ ପାଇଁ ଫିରିଙ୍ଗିମାନଙ୍କ ବିରୋଧରେ ବର୍ଷବର୍ଷ ଧରି ଯେଉଁ ପାଇକ ବିଦ୍ରୋହ ଚାଲିଥିଲା, ସେଥିରେ ଯେଉଁ ୧୫ ଜଣ ଦଳେଇ/ ଦଳ ବେହେରା/ ସେନା ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲୁଥିଲା, ସେମାନଙ୍କ ମଧ୍ୟରୁ ପିଣ୍ଡିକି ବାହୁବଳେନ୍ଦ୍ର ଥିଲେ ଅନ୍ୟତମ ପ୍ରମୁଖ ସେନାପତି। ଖୋର୍ଦ୍ଧା ରାଜ୍ୟର ପିତାପଲ୍ଲୀଠାରୁ କଟକ, ଚନ୍ଦକା, ପଟିଆ, ମୁଣ୍ଡମୁହାଣ ଆଦି ଅଞ୍ଚଳ ଥିଲା ପିଣ୍ଡିକିଙ୍କ ସାମ୍ରାଜ୍ୟ। ଏହିସବୁ ଅଞ୍ଚଳର ୨୧୩ଟି ଗାଁରେ ଫିରିଙ୍ଗିଙ୍କ ବିରୋଧରେ ଆନ୍ଦୋଳନ ଛିଡ଼ା କରି ଗତିଶୀଳ କରାଉଥିଲେ ସେ। ଖଣ୍ଡଗିରି ଓ ଚନ୍ଦକା ଥିଲା ତାଙ୍କ ସଂଗ୍ରାମର ପେଣ୍ଠସ୍ଥଳ। ଶିଖରଚଣ୍ଡୀ ମୁଣ୍ଡିଆର ବରଗଛ ଥିଲା ଖସଡ଼ା ତିଆରିର ମୂକସାକ୍ଷୀ। ଗାଁ ମାନଙ୍କରୁ ଖଜଣା ଆଦାୟ କରି ଫେରୁଥିବାବେଳେ ଛପି ରହିଥିବା 'ବାହୁବଳେନ୍ଦ୍ର ବାହିନୀ' ବ୍ରିଟିଶ କର୍ମଚାରୀଙ୍କ ଉପରକୁ କୁଦି ପଡନ୍ତି ଏବଂ ସମସ୍ତ ଖଜଣାକୁ ନେଇ ଲୋକମାନଙ୍କୁ ବାଣ୍ଟିଦିଅନ୍ତି।

ବ୍ରିଟିଶମାନେ ବହୁ ଚେଷ୍ଟା କଲାପରେ ଯାଇ ତାଙ୍କୁ ଧରିବାରେ ସକ୍ଷମ ହେଲେ। କିନ୍ତୁ ବାହୁବଳେନ୍ଦ୍ର ନିଜର ତୀକ୍ଷ୍ଣ ବୁଦ୍ଧି ଓ କୌଶଳ ପ୍ରୟୋଗକରି ବ୍ରିଟିଶମାନଙ୍କ ହାତବାରିସି ହେବାକୁ ପ୍ରତିଶ୍ରୁତି ଦେଇ ସର୍ବକ୍ଷମା ଯୋଜନାରେ ଖସି ଆସିଲେ। ବ୍ରିଟିଶଙ୍କ ହାତରୁ ଖସି ଆସିଲା ପରେ ଆହୁରି ତୀବ୍ରତର କଲେ ଫିରିଙ୍ଗି ବିରୋଧୀ ଆନ୍ଦୋଳନକୁ। ଫିରିଙ୍ଗିଙ୍କ ଅକଲଗୁଡ୍ଡୁମ ହୋଇଗଲା ପିଣ୍ଡିକିଙ୍କ ଅକଲ ନିକଟରେ। ଚତୁର ପିଣ୍ଡିକିଙ୍କୁ ଧରିବା ଇଂରେଜମାନଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ଶେଷରେ ସେମାନେ ହଜାରେ ଟଙ୍କା ଓ ତମ୍ବା ପଦକର ଲୋଭନୀୟ ପୁରସ୍କାର ସହିତ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିବାକୁ ବି ଘୋଷଣା କଲେ। ସେ ସମୟରେ ହଜାରେ ଟଙ୍କା ଓ ତମ୍ବାର ପଦକ ଥିଲା ଆଜିର ଲକ୍ଷଲକ୍ଷ ଟଙ୍କାଠାରୁ ବି ଖୁବ୍ ବେଶି। ସେମାନେ ଛଳ ଓ କୌଶଳ ପ୍ରୟୋଗ କରି କିଛି ଜାତିଦ୍ରୋହୀଙ୍କୁ ହାତମୁଠା କଲେ ଏବଂ ତାଙ୍କରି ମାଧ୍ୟମରେ ଛଳନାର ଜାଲ ବୁଣି ପୁଣି ଧରିବାକୁ ପ୍ରୟାସ କରିଥିଲେ ସେପ୍ଟେମ୍ବର ୨୦, ୧୮୧୮ରେ। ମାତ୍ର ସୁଚତୁର ପିଣ୍ଡିକି ଅଳ୍ପକେ ବର୍ତ୍ତିଗଲେ। କିନ୍ତୁ ଧରା ପଡ଼ିଗଲେ ତାଙ୍କର କେତେଜଣ ସଂଗ୍ରାମୀ ସାଥୀ। ଏହିଭଳି ପିଣ୍ଡିକି ସେନା ଓ ଫିରିଙ୍ଗି ସେନା ମଧ୍ୟରେ ଛକାପଞ୍ଝା ଚାଲୁ ରହିଲା ଅନେକ ଦିନ ଧରି। ମୁହାଁମୁହିଁ ଲଢ଼େଇବେଳେ ବାହୁବଳେନ୍ଦ୍ର ମଧ୍ୟ କେତେକ ଇଂରେଜ କର୍ମଚାରୀଙ୍କୁ ହତ୍ୟା କରିଥିବାର ଜଣାଯାଏ। ତା'ପରେ ଅତ୍ୟନ୍ତ ବିବ୍ରତ ଓ ବ୍ୟତିବ୍ୟସ୍ତ ହୋଇ ଉଠିଲେ ଫିରିଙ୍ଗି ବାହିନୀ। ବ୍ରିଟିଶଙ୍କ ହାତବାରିସି ସାଜିଥିବା କିଛି ଜାତିଦ୍ରୋହୀ ବାହୁବଳେନ୍ଦ୍ରଙ୍କୁ ଧରିବାର ଭିନ୍ନ ଏକ କୌଶଳ ବତାଇଲେ। ସେମାନଙ୍କ ମନ୍ତ୍ରଣାକ୍ରମେ ଫିରିଙ୍ଗିମାନେ ହାତ କଲେ ମଳିପଡ଼ାର ଜାଗିରଦାର ଧ୍ରୁବ ହରିଚନ୍ଦନଙ୍କୁ, ଯିଏ କି ବାହୁବଳେନ୍ଦ୍ରଙ୍କ ବାଲ୍ୟବନ୍ଧୁ ଓ ସଙ୍ଗାତ ଥିଲେ। ଜାଗିରଦାରି ଉଠାଇ ଦେବାର ଧମକ ଓ ପ୍ରଚୁର ପ୍ରଲୋଭନ ଦେଇ ବହୁକଷ୍ଟରେ ଧ୍ରୁବଙ୍କୁ ମନାଇବାରେ ସକ୍ଷମ ହେଲେ ସେମାନେ। ଯୋଜନା ଅନୁଯାୟୀ ବନ୍ଧୁ ବାହୁବଳେନ୍ଦ୍ରଙ୍କୁ ରାତ୍ରି ଭୋଜନ ପାଇଁ ଆମନ୍ତ୍ରଣ କଲେ ଜମିଦାର ଧ୍ରୁବ ହରିଚନ୍ଦନ। ରାତିରେ ଖାଦ୍ୟ ସହିତ ଭାଙ୍ଗ ମିଶା ଯାଇଥିବାରୁ ଖାଇସାରି ଗଭୀର ନିଦ୍ରାରେ ଶୋଇପଡ଼ିଲେ ବାହୁବଳେନ୍ଦ୍ର। ତା'ପରେ ଯେବେ ସେ ନିଦରୁ ଉଠନ୍ତି, ସେତେବେଳେ ନିଜକୁ ଆବିଷ୍କାର କରନ୍ତି ଜେଲ ପ୍ରକୋଷ୍ଠରେ ଏଂ ଦେଖନ୍ତି ହାତଗୋ କଡ଼ିରେ ବନ୍ଧା ହୋଇଥିବାର। ସେତେବେଳକୁ ସବୁ ବୁଝି ସାରିଥିଲେ ସେ। ତଥାପି ସେ ଦବି ଯାଇ ନ ଥିଲେ କି ହାର ମାନି ନ ଥିଲେ। ସୁଯୋଗ ଉଣ୍ଡୁଥିଲେ ଖସି ଯିବାକୁ। ଜେଲରେ ଥିଲାବେଳେ ତାଙ୍କୁ ଦିଆ ଯାଉଥିଲା କିଛି ଅସ୍ତ୍ରଶସ୍ତ୍ର ପୋଛିବାକୁ। ଦିନେ ଅସ୍ତ୍ର ପୋଛୁଥିଲାବେଳେ କୌଶଳ ପୂର୍ବକ ନିଜ ହାତର କଡ଼ିକୁ ସେଥିରେ କାଟିବାରେ ସକ୍ଷମ ହେଲେ ସେ। ତା'ପରେ ଗୋ ବେଡ଼ି ଖୋଲି ସୁଯୋଗ ଦେଖି ସାହସର ସହିତ କାଠଯୋଡ଼ିର ଭରା ନଦୀବକ୍ଷକୁ ଡେଇଁ ଇଂରେଜ ସିପାହିଙ୍କ କବଳରୁ ଖସି ଆସିଥିଲେ । ତା'ପରେ ଦୀର୍ଘ ନଦୀପଥ ପହଁରିପହଁରି ଆସି ପହଞ୍ଚିଲେ ବାରଙ୍ଗ ନିକଟରେ। ନିରସ୍ତ୍ର, କ୍ଳାନ୍ତ, ଶ୍ରାନ୍ତ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଚାରିଆଡୁ ଘେରିଯାଇ ସମ୍ମିଳିତଭାବେ ଗୁଳିକଲେ ନିର୍ଦ୍ଦୟ ଫିରିଙ୍ଗି ପୋଲିସ। ଆଶ୍ୱସ୍ତ ହେଲା ଫିରିଙ୍ଗି। କିନ୍ତୁ ଅଶ୍ରୁରେ ସେଦିନ ଭିଜିଲା ସାରା ଉତ୍କଳ ମାଟି, ତା'ର ଜଣେ ବୀର ପୁଙ୍ଗବକୁ ହରାଇ। ଧନ୍ୟ ତୁମେ ବୀର! ଏହିଭଳି ଥିଲା ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ବାହୁବଳେନ୍ଦ୍ର ଆଦି ଅସଂଖ୍ୟ ବୀରପୁତ୍ରଙ୍କ ଅପୂର୍ବ ବଳିଦାନର କଥା ଓ ଗାଥା। କିନ୍ତୁ ଆଜିର ଏ ଉତ୍କଳ ଭୂମି! କାହିଁ ସେଦିନର ସେ ସ୍ୱାଭିମାନ? କାହାକୁ ନେଇ ଏ ଜାତିର ଉତ୍ତରପିଢ଼ି ଗର୍ବ ଅନୁଭବ କରିବ? ଏତେ ସ୍ଥାଣୁତା! ଯୁବାପ୍ରାଣଙ୍କ ମଧ୍ୟେ ଏପରି ଜଡ଼ତାକୁ ଦେଖି ସେମାନଙ୍କ ଉଦ୍ଦେଶ୍ୟରେ କବିଙ୍କ କଲମ ମୁନରୁ ଝରି ଉଠିଛି ଏକ ଆଗ୍ନିକ ଆହ୍ୱାନ, -''ତାରୁଣ୍ୟ ଆଉ ଓଡ଼ିଶା ମାଟିରେ ଉଠିବ ନାହିଁ କି ଜଳି/ଜୟୀ ରାଜଗୁରୁ ବକ୍ସି ଦାୟାଦ ଯାଇଅଛି କିବା ମରି ?''- କବି ମନମୋହନ ମିଶ୍ର।



**'ବିଦ୍ୟାଶ୍ରୀ', ମାଷ୍ଟରକ୍ୟାଣ୍ଟିନ, ଭୁବନେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

କର୍ନାଟକ ହାଭେରି ଜିଲା କୁନିକେରି ଗାଁରେ ରହନ୍ତି ହୁଚ୍ଚାମ୍ମା ଚୌଧାରି। ସେ ନିଜ ଭବିଷ୍ୟତ କଥା ଚିନ୍ତା ନ କରି ପିଲାଙ୍କ ଶିକ୍ଷା ଲାଗି ସବୁ କିଛି ଦାନ କରିଦେଇ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ହୁଚ୍ଚାମ୍ମା। ସେ ଓ ତାଙ୍କ ସ୍ୱାମୀ ବାଶାପ୍ପାଙ୍କ ସହ ଚାଷକରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ସନ୍ତାନ ନ ଥିଲା। ବାଶାପ୍ପାଙ୍କ ଦେହାନ୍ତ ପରେ ହୁଚ୍ଚାମ୍ମା ତାଙ୍କ ଗାଁରେ ସ୍କୁଲ ପାଇଁ ୨ ଏକର ଜମି ଦାନ କରିଦେଇଛନ୍ତି। ପ୍ରଥମେ ସ୍କୁଲ ବିଲ୍‌ଡିଂ ପାଇଁ ୧ ଏକର ଦାନ ଦେଇଥିଲେ। ପରେ ସ୍କୁଲ ନିମନ୍ତେ ଖେଳପଡ଼ିଆ ଦରକାର ପଡ଼ିବାରୁ ହୁଚ୍ଚାମ୍ମା ଅବଶିଷ୍ଟ ୧ ଏକର ଦାନ କରିଥିଲେ। ଦେଖିବାକୁ ଗଲେ ଏହି ଜମିର ଏବକାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ। ବଡ଼ କଥା ହେଉଛି ହୁଚ୍ଚାମ୍ମା ଏବେ ସେହି ସ୍କୁଲରେ ମଧ୍ୟାହ୍ନଭୋଜନ ମୁଖ୍ୟ ରୋଷେୟା ଭାବେ କାମ କରୁଛନ୍ତି। ଏବେ ତାଙ୍କୁ ୭୫ ବର୍ଷ ବୟସ। ପରିଣତ ବୟସରେ ଏକାକୀ ରହୁଥିଲେ ବି ସେ ସ୍କୁଲ ପିଲାମାନଙ୍କୁ ନିଜ ପିଲା ଭାବେ ଦେଖୁଛନ୍ତି। ସ୍କୁଲର ପ୍ରାୟ ୩୦୦ ପିଲାଙ୍କୁ ପ୍ରତିଦିନ ଖାଇବାକୁ ଦେଇ ସେ ଖୁସି ଅନୁଭବ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୪ ସେପ୍ଟେମ୍ବର ୧୯୭୫**

- ସାମ୍ବାଦିକତା ଓ ସାହିତ୍ୟ କ୍ଷେତ୍ରରେ ମୌଳିକ ଓ ସୃଜନଶୀଳ ରଚନାବଳୀ ପାଇଁ ହିନ୍ଦୁସ୍ଥାନ ଟାଇମ୍ସର ସମ୍ପାଦକ ଜର୍ଜ ଭରଗିସ୍‌ଙ୍କୁ ରମଣ ମାଗାସେସେ ପୁରସ୍କାର ପ୍ରଦାନ।
- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଶିକ୍ଷା, କଳା, ବିଜ୍ଞାନ, କ୍ରୀଡ଼ା, କୃଷି, ବୈଷୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟ କରାଯିବା ନେଇ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ।
- ଭାରତ ତାଞ୍ଜାନିଆକୁ ୩୦ଟି ବଗି ପେଟ୍ରୋଲ ଟ୍ୟାଙ୍କ ୱାଗନ, ୧୭ଟି ଯାତ୍ରୀବାହୀ ରେଳଡବା ସମେତ ରେଲ୍‌ୱେ ଉପକରଣ ଯୋଗାଇଦେବା ନେଇ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାବାସୀଙ୍କ ଋଣ ବୋଝ

ମହାଶୟ,

ବର୍ତ୍ତମାନ ଭାରତ ସରକାର କରିଥିବା ଆଭ୍ୟନ୍ତରୀଣ ଓ ବହିଃର୍ଗତ ଋଣ ହେତୁ ପ୍ରତି ଭାରତୀୟଙ୍କ ଉପରେ ମୁଣ୍ଡପିଛା ଋଣର ପରିମାଣ ହେଉଛି ପ୍ରାୟ ୧ ଲକ୍ଷ ୬୪ ହଜାର ୮୫୫ ଟଙ୍କା। ସେହିଭଳି ଓଡ଼ିଶା ସରକାରଙ୍କ ଋଣ ହେତୁ ପ୍ରତି ଓଡ଼ିଆଙ୍କ ଉପରେ ମୁଣ୍ଡପିଛା ଋଣର ପରିମାଣ ହେଉଛି ପ୍ରାୟ ୩୭ ହଜାର ୫୦୦ ଟଙ୍କା ; ଅର୍ଥାତ୍ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ମୋଟ ଋଣ ଭାର ହେତୁ ବର୍ତ୍ତମାନ ପ୍ରତି ଓଡ଼ିଆଙ୍କ ଉପରେ ମୁଣ୍ଡପିଛା ଋଣ ଭାରର ପରିମାଣ ହେଉଛି ୨ ଲକ୍ଷ ୨ ହଜାର ୩୫୫ ଟଙ୍କା। ଏଠାରେ ପ୍ରଶ୍ନ ଉଠୁଛି ଯେ ଉଭୟ କେନ୍ଦ୍ର ଓ ଓଡ଼ିଶା ସରକାର କାହିଁକି ପ୍ରତିବର୍ଷ ଏତେ ପରିମାଣର ଋଣ କରି ମୁଣ୍ଡ ପିଛା ଋଣ ଭାର ବୃଦ୍ଧି କରୁଛନ୍ତି ? ଓଡ଼ିଶା ସରକାରଙ୍କ ଅଧିକ ରାଜସ୍ୱ ସଂଗ୍ରହ କରିବାର ଅଧିକାର ନ ଥିବା, ପ୍ରତିବର୍ଷ ଋଣ ଓ ଜିଡିପିର ଅନୁପାତ କମ ହେତୁ ଘରୋଇ ବିନିଯୋଗ ନିମନ୍ତେ ଆର୍ଥିକ ଉପଲବ୍ଧି ନ ହେବା, ଜିଏସଟି କ୍ଷତିପୂରଣ ପୁନଃ ଋଣ ଆକାରରେ ଉପଲବ୍ଧ ହେବା, ଅଣ ଟିକସ ରାଜସ୍ୱର ମୁଖ୍ୟ ଉତ୍ସ ଖଣି କ୍ଷେତ୍ର ହେବା ଓ ଭାରତ ସରକାରଙ୍କ ତରଫରୁ ରାଜ୍ୟକୁ ଦିଆଯାଇଥିବା ସୁଧମୁକ୍ତ ଋଣ ଯୋଜନାର କାର୍ଯ୍ୟାନ୍ୱୟନ ଯୋଗୁ ଓଡ଼ିଶା ସରକାର ପ୍ରତିବର୍ଷ ଅଧିକରୁ ଅଧିକ ଋଣ କରିବା ପାଇଁ ବାଧ୍ୟ ହେଉଛନ୍ତି। ଏଣୁ ମୁଣ୍ଡ ପିଛା ଋଣ ଭାର ପ୍ରତିବର୍ଷ ବୃଦ୍ଧି ପାଉଛି।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

ଆମ୍ରବନେ
ପରଶେ ବାଆ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ସାଗର ବିଜେ ନୀତି



ପୁରୀ, ୩।୯(ଅଜିତ୍ କୁମାର ମହାନ୍ତି)

ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥାଏ। ଭାଦ୍ରବ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ସକାଳଧୂପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚର୍ତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରାଇଥିଲେ। ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ଆରତୀ ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ଠାକୁରଙ୍କୁ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟ ନୀତି ବଢ଼ିଥିଲା।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଚାରିଛକ,୩।୯(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ଏକ ଶୋ’ ରୁମ୍ ନିକଟରେ ସୋମବାର ସନ୍ଧ୍ୟାରେ ଦେବେନ୍ଦ୍ର କୁମାର ରାଉତ ଚାରିଛକରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଗୋପ ରୋଡ୍‌ରୁ ଚାରିଛକ ବଜାରକୁ ଆସୁଥିବା ଜୟନ୍ତ କୁମାର ପଣ୍ଡାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦେବେନ୍ଦ୍ର କୁମାର ରାଉତ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଚାରିଛକ ଥାନାଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛନ୍ତି ଏବଂ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ତାଙ୍କ ମୃତ୍ୟୁରେ ଅଶୁରିଡ଼ିପ ଗ୍ରାମ ସହ ଚାରିଛକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଦେବେନ୍ଦ୍ରଙ୍କ ଘର ଭୋଦର ପଞ୍ଚାୟତ ଓଳାଶ (ଅଶୁରିଡ଼ିପ) ଗ୍ରାମରେ ବୋଲି ଜଣାପଡ଼ିଛି।

# ୪, ୩୯୨ ଅଭିଯୋଗରୁ ୨,୭୭୯ର ସମାଧାନ

- ମହିଳା ସହଯୋଗ କେନ୍ଦ୍ର ‘ମାଧ୍ୟମ’କୁ ପୂରିଲା ୧୦ବର୍ଷ
- ରିପୋର୍ଟ କାର୍ଡ ଉନ୍ମୋଚନ କଲେ ପୋଲିସ କମିଶନର

ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)





ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଅନ୍ୟ ଅତିଥି ‘ମାଧ୍ୟମ’ର ରିପୋର୍ଟ କାର୍ଡକୁ ଉନ୍ମୋଚନ କରୁଛନ୍ତି।

ପାରିବାରିକ ହିଂସାର ଶିକାର ହୋଇ ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସମସ୍ୟାର ଆପୋସ ସମାଧାନ ଚାହୁଁଛନ୍ତି, ସେମାନଙ୍କ ପାଇଁ ‘ମାଧ୍ୟମ’ ରହିଛି। ସମସ୍ୟାର ପନ୍ଥା ବାହାର କରି ଆପୋସ ସମାଧାନ କରୁଛି ମହିଳା ସହଯୋଗ କେନ୍ଦ୍ର ‘ମାଧ୍ୟମ’। କମିଶନରେଟ୍ ପୋଲିସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭେଲପମେଣ୍ଟ (ଆଇଏସ୍‌ଡି)ର ମିଳିତ ସହଯୋଗରେ କଟକ ଓ ଭୁବନେଶ୍ୱର ଡିସିପି ଅଫିସରେ କାର୍ଯ୍ୟ କରୁଥିବା ‘ମାଧ୍ୟମ’କୁ ଇତିମଧ୍ୟରେ ୧୦ବର୍ଷ ପୂରଣ ହୋଇଛି। ଏହି ଅବସରରେ ମଙ୍ଗଳବାର କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ‘ମାଧ୍ୟମ’ର ୧୦ବର୍ଷର ବାର୍ଷିକ ରିପୋର୍ଟକୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଉନ୍ମୋଚନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷରେ ମୋଟ ୫ ହଜାର ୬୧୬ଜଣ ମହିଳା ଏହି କେନ୍ଦ୍ରକୁ ଆସିଛନ୍ତି। ସେମାନଙ୍କର ୪ ହଜାର ୩୯୨ ଅଭିଯୋଗକୁ ପଞ୍ଜୀକୃତ କରାଯାଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ମାଧ୍ୟମରେ ଅଦ୍ୟାବଧି ୨ହଜାର ୭୭୯ଟି ଅଭିଯୋଗର ସମାଧାନ କରାଯାଇଛି। ତେବେ ପଞ୍ଜୀକୃତ ଅଭିଯୋଗ ମଧ୍ୟରେ ପାରିବାରିକ ହିଂସା ସମ୍ବନ୍ଧୀୟ ଅଭିଯୋଗ ଅଧିକ ରହିଛି। ଏହାବ୍ୟତୀତ ପ୍ରେମ ପ୍ରତାରଣା, କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ଠକେଇ ଆଦି ଘଟଣାକୁ ନେଇ ମଧ୍ୟ ମହିଳାମାନେ ଏହି କେନ୍ଦ୍ରର ସହଯୋଗ ଲୋଡୁଛନ୍ତି। ପୋଲିସ ପାଖରେ ସମୟ ଅଭାବ ଥିବାବେଳେ ଅଭିଯୋଗ ସମାଧାନ କରିବାରେ ‘ମାଧ୍ୟମ’ ଏକ ବିଶେଷ ଭୂମିକା ଗ୍ରହଣ କରିଛି। ପୋଲିସ ସହ ମିଳିତ ଭାବେ କାମ କରିବା ଦ୍ୱାରା ଅନେକ ସମ୍ବେଦନଶୀଳ ମାମଲାରେ ‘ମାଧ୍ୟମ’ ସଫଳତା ପାଇଛି ବୋଲି ଆଇଏସ୍‌ଡି ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ କହିଛନ୍ତି। କମିଶନର ପଣ୍ଡା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ମାଧ୍ୟମ ସହ ଥିବା ଚୁକ୍ତିନାମାକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କଟକ ଡିସିପି ପ୍ରକାଶ ଆର୍ ଏବଂ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଲାଗି ହେଲା ସପ୍ତପୁରି ପିଠା ଭୋଗ

## ଶ୍ରୀମନ୍ଦିରରେ ବସ୍ତ୍ର ହରଣ ନୀତି ସମ୍ପନ୍ନ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା ନାମରେ ପାଳନ କରାଯାଏ। ଏହି ଅମାବାସ୍ୟା ତିଥିରେ ଭଗବାନ ଶ୍ରୀଜଗନ୍ନାଥଙ୍କଠାରେ ସପ୍ତପୁରି ପିଠା ଭୋଗ ଲାଗିଥାଏ। ତେବେ ମଙ୍ଗଳବାର ଅମାବାସ୍ୟା (ମଳ) ଅବସରରେ ଶ୍ରୀମନ୍ଦିରରେ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଯାଇଛି। ସପ୍ତପୁରୀ (ସାତପୁରି) ବିଶିଷ୍ଟ ପିଠା ପ୍ରସ୍ତୁତ କରାଯାଇ ଠାକୁରଙ୍କଠାରେ ଭୋଗଲାଗି କରାଯାଇଥିଲା। ସପ୍ତପୁରି ପିଠା ଭୋଗ ନୀତି ପୂର୍ବରୁ ସୋମବାର ଅଠରନଳା ନିକଟରେ ଅବସ୍ଥିତ ଅଲାମଚଣ୍ଡୀ ମନ୍ଦିରରୁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି ହୋଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ୩ ବାଡ଼ରେ ବେଶ ବଢ଼ି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ରୋଷ ଘରେ ହୋମ ସମ୍ପନ୍ନ ହୋଇ ସପ୍ତପୁରି ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ପରେ ସାତପୁରୀ ଭୋଗ ତାଟ ରୋଷ ଘରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ମଣୋହି କରିଥିଲେ। ଭିତର ଆଳତି ବଢ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ତାଟ ଥାଇ ବନ୍ଦାପନା କରିଥିଲେ। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ପରେ ଶ୍ରୀମନ୍ଦିରରୁ ସପ୍ତପୁରି ତାଟ ରାଜନଅରକୁ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ସହ ସପ୍ତପୁରି ପିଠା ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ବିଜେ କରିଥିଲା। ସେହିପରି ଅମାବାସ୍ୟା ତିଥି ଅବସରରେ କୃଷ୍ଣଲୀଳା କ୍ରମରେ ଶ୍ରୀମନ୍ଦିରରେ ବସ୍ତ୍ର ହରଣ ଲୀଳା ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟମନ୍ଦିର ନିକଟରେ ଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ଗୋପୀଙ୍କ ବସ୍ତ୍ର ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ।

# ତିନିମୁଣ୍ଡିଆ ଛକରେ ପୂଜାପାଇବେ ସ୍ୱର୍ଣ୍ଣାଦ୍ରି ଗଣେଶ



ସ୍ୱର୍ଣ୍ଣାଦ୍ରୀ ଗଣେଶଙ୍କ ପ୍ରତିକୃତି।



ଖବରଦାତା ସମ୍ମିଳନୀରେ ତରଙ୍ଗ କ୍ଲବ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ପୁରୁଣା ଭୁବନେଶ୍ୱର,୩।୯(ସୁବାସ ଚନ୍ଦ୍ର ପ୍ରଧାନ)

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପ୍ରସ୍ତୁତି ଜୋର୍‌ଦାର ଚାଲିଛନ୍ତି। ଏହି ପରିପେକ୍ଷୀରେ ପୁରୁଣା ଭୁବନେଶ୍ୱରର ତରଙ୍ଗ କ୍ଲବ ପକ୍ଷରୁ ଏଥର ୩ମୁଣ୍ଡିଆ ଛକରେ ଗଣେଶ ପୂଜା ଅନୁଷ୍ଠିତ ହେବ। ୪୧ଫୁଟ ଉଚ୍ଚର ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ପ୍ରତିକୃତିର ଗଣେଶଙ୍କ ହାତରେ ଶୋଭାପାଇବ ୩୫ କେଜିର ଲଡୁ। ସ୍ଥାନୀୟ ମୂର୍ତ୍ତି କାରିଗର ଅରୁଣ କୁମାର ମହାପାତ୍ର ପଶ୍ଚିମବଙ୍ଗର ୧୦ରୁ ଉର୍ଦ୍ଧ୍ୱ ସହ କାରିଗରଙ୍କ ସହ ଏହି ମୂର୍ତ୍ତି ନିର୍ମାଣ କରିଛନ୍ତି। ପୂଜାକୁ ଶୃଙ୍ଖଳିତ କରିବା ନେଇ କ୍ଲବ ସଦସ୍ୟମାନେ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ମଙ୍ଗଳବାର ଆୟୋଜକ କ୍ଲବ ପକ୍ଷରୁ ବ୍ରାହ୍ମଣ ନିଯୋଗ ସମିତି ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଦାଶରଥି ଗରାବଡୁ ସୂଚନା ଦେଇଛନ୍ତି। ଏହି ପୂଜା ମଣ୍ଡପ ବିନ୍ଦୁ ସାଗର ରଥଦାଣ୍ଡକୁ ସଂଲଗ୍ନ କରୁଥିବାରୁ ଟ୍ରାଫିକ୍ ସମସ୍ୟାକୁ ଏଡ଼ାଇବା ପାଇଁ କ୍ଲବ ପକ୍ଷରୁ ୫୦ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ। ଲୁଟେରାଙ୍କ ଉପରେ ନଜର ରଖିବା ପାଇଁ ୧୦ଟି ସିସିଟିଭି କ୍ୟାମେରା ଖଞ୍ଜାଯିବ। ସ୍ଥାନୀୟ କର୍ପୋରେଟର ଶିବ ପ୍ରସାଦ ବେହେରା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ଶ୍ରୀକାନ୍ତ ପଣ୍ଡା, ଶିବ ପ୍ରସାଦ ମହାପାତ୍ର, ଅଭୟ କୁମାର ପଣ୍ଡା, ଜୟନ୍ତ ପଣ୍ଡା, ରବୀନ୍ଦ୍ର ମହାପାତ୍ର, ସ୍ୱାଗତ ମହାପାତ୍ର, ହିମାଦ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରୀଲ୍ କାଟି ଘରୁ ନେଇଗଲେ ବୁଲେଟ୍

ନିରାକାରପୁର, ୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ହାଇସ୍କୁଲ ସମ୍ମୁଖ ତଥା ପଣ୍ଡାବାପାଟଣାରୁ ସ୍ଥାନୀୟ ରେଲୱେ ଷ୍ଟେଶନକୁ ଯିବା ରାସ୍ତାରେ ହିତୁ ପ୍ରଧାନଙ୍କ ଘର ଗ୍ରୀଲ୍ କାଟି କେହି ଦୁର୍ବୃତ୍ତ ବୁଲେଟ୍ ନେଇଯାଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ହିତୁ ବୁଲେଟକୁ ଘର ଅଗଣାରେ ରଖିବା ସହିତ ଘର ଗ୍ରୀଲ୍ ତାଲା ପକାଇ ଶୋଇଥିଲେ। ସୋମବାର ସକାଳେ ଗ୍ରୀଲ୍ କଟାଯାଇଥିବା ବେଳେ ବୁଟେ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଗାଡ଼ି ନ ମିଳିବାରୁ ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ଭାଗବତ ସପ୍ତାହ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୩।୯(ସୁବାସ ଚନ୍ଦ୍ର ପ୍ରଧାନ)

ଭୀମଟାଙ୍ଗୀ ଉନ୍ନୟନ ପରିଷଦ ପକ୍ଷରୁ ଚାଲିଥିବା ଷଡ଼ବିଂଶତମ ଶ୍ରୀମଦ୍ ଭାଗବତ ମହାସପ୍ତାହ ଓ ପରାୟଣ ସହିତ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେହ ସନ୍ଥ ପାଦଭକ୍ତି ବେଦାନ୍ତ ବୋଧାୟନଜୀ ମହାରାଜା ପଣ୍ଡିତ ଡା.ଆଶୁତୋଷ ମିଶ୍ର, ସନ୍ଥ ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ଦେଇଥିଲେ। ଅନ୍ତିମ ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ଓ କଳାସଂସଦ ପକ୍ଷରୁ କାଞ୍ଚି ବିଜୟ ନୃତ୍ୟ ନାଟିକା ଓ ଭକ୍ତ ପ୍ରହ୍ଲାଦ ଗୀତିନାଟ୍ୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପିଲାମାନଙ୍କୁ ନେଇ କରାଯାଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ , ବିଧାୟକ ବାବୁ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା କୃଷ୍ଣଚନ୍ଦ୍ର ବଡୁ, ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ, ସମ୍ପାଦକ ଚିତ୍ରସେନ ବିଶୋଇ ଉପସ୍ଥିତ ଥିଲେ। ରବିନାରାୟଣ ଦାଶ, ସୁଧାଂଶୁ ଶେଖର ହରିଚନ୍ଦନ, ଗଣେଶ ପ୍ରଧାନ, ନୀଳମାଧବ ନନ୍ଦ, ବିଶ୍ୱରଞ୍ଜନ ଚୌଧୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।





ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଚକ୍ଷୁ ବିଭାଗ ପକ୍ଷରୁ ନେତ୍ର ଦାନ ସଚେତନତା ପାଇଁ ବାହାରିଥିବା ଶୋଭାଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

# ଆସ୍ଥା ସ୍କୁଲରେ ‘ଆସ୍ଥା ଅଭିଷେକ- ୨୦୨୪’

ବାଲିଅନ୍ତା,୩।୯(ନୀଳମାଧବ ସାହୁ)



ଅତିଥିମାନେ ନ୍ୟୁଜ ଲେଟର ‘ଆସ୍ଥା ଦର୍ପଣ-୨୦୨୪’କୁ ଉନ୍ମୋଚନ କରୁଛନ୍ତି।

ବାଲିଅନ୍ତାସ୍ଥିତ ଶିକ୍ଷାନୁଷ୍ଠାନ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷର ନୂତନ ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ‘ଆସ୍ଥା ଅଭିଷେକ ୨୦୨୪’ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବାଗତ ୨୪୦ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ ସଭାପତି ପ୍ରଶାନ୍ତ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଭାବେ ପାଠପଢ଼ା ପ୍ରତି ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ମାନବ ସମ୍ବଳ ପରାମର୍ଶଦାତା ଡ. ଅଶୋକ ମଙ୍ଗରାଜ ଯୋଗଦେଇ ପ୍ରକୃତ ଓ ଉପଯୁକ୍ତ ଭବିଷ୍ୟତ ଗଢ଼ିବା ପାଇଁ ନିଜର ଚିନ୍ତାଧାରାକୁ ବଢାଇବା ସହ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଛାତ୍ରୀଛାତ୍ର ଦୃଷ୍ଟି ଦେବାକୁ କହିଥିଲେ। ବିଶିଷ୍ଟ ଅତିଥି ରୂପେ ଅନ୍ତର୍ଜାତୀୟ ଚେସ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଯୋଗଦେଇଥିଲେ।

ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ନିଯୁକ୍ତି ଓ ପ୍ରଶିକ୍ଷଣ ମୁଖ୍ୟ ପ୍ରଫେସର ଜିନାଶିଷ ମହାନ୍ତି ସ୍ୱାଗତ ଭାଷଣ ଓ ଏକାଡେମିକ ମୁଖ୍ୟ ପ୍ରଫେସର ମନୋରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟ ଚେୟାରମ୍ୟାନ ରୋଟାରିୟାନ ବିଜୟ ପାତ୍ର, କାର୍ଯ୍ୟନିର୍ବାହୀ ଡ. ବଙ୍କିମ ମହାନ୍ତି, ଅଧକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମଣ୍ୟମ, ଅନ୍ୟ ଟ୍ରଷ୍ଟି ଓ ଅତିଥିମାନେ ନ୍ୟୁଜ ଲେଟର ‘ଆସ୍ଥା ଦର୍ପଣ-୨୦୨୪’କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ମହମ୍ମଦ ଆସିଫ ଖାନ୍ ସଂଯୋଜନା କରିଥିଲେ। ପ୍ରଫେସର ଅନନ୍ୟା ସ୍ୱାଇଁ ପରିଚାଳନା କରିଥିଲେ। ଡାଇରେକ୍ଟର ପ୍ରଫେସର ଡ. ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମମତାଙ୍କ ଇସ୍ତଫା ଦାବି ନେଇ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

ଓଡ଼ିଶା ହେଉଛି ଏକ ଶାନ୍ତିପ୍ରିୟ ରାଜ୍ୟ। ଏଠାରେ ଜଗନ୍ନାଥ ମହାପ୍ରଭୁ ବାସ କରୁଛନ୍ତି। ତେଣୁ ଓଡ଼ିଶା ଉପରେ କାହାର ମଧ୍ୟ ଖରାପ ନଜର ପଡ଼ିପାରିବ ନାହିଁ। ଏଠାରେ କେବେ, କେତେବେଳେ ବି କେହି ନିଆଁ ଲଗାଇପାରିବେ ନାହିଁ। ଅପରପକ୍ଷେ କୋଲକାତାରେ ଛାତ୍ରୀଛାତ୍ର, ସାଧାରଣଲୋକ, ନାରୀ ଓ ଶିଶୁମାନେ ସୁରକ୍ଷିତ ନାହାନ୍ତି। ଏପରି ସ୍ଥିତିରେ ନିଜର ଦାୟିତ୍ୱ ନ ତୁଲାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଶରେ ଅରାଜକତା ସୃଷ୍ଟି କରିବା ପାଇଁ ଏବଂ କେନ୍ଦ୍ର ସରକାରଙ୍କୁ ବଦନାମ କରିବାକୁ ବିଫଳ ପ୍ରୟାସ କରୁଛନ୍ତି। ତେଣୁ ତାଙ୍କୁ ତୁରନ୍ତ ବରଖାସ୍ତ କରିବାକୁ ଅଲ୍ ଓଡ଼ିଶା ରାଜ୍ୟ ଯୋଗ ଚିକିତ୍ସକ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଏକ ପ୍ରସ୍ତାବ ପାରିତ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ପ୍ରତିନିଧିମଣ୍ଡଳୀ ରାଜଭବନ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିଥିବା ସଭାପତି ଡା. ବନମାଳୀ ରଥ ସୂଚନା ଦେଇଛନ୍ତି। ମଙ୍ଗଳବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୋଲକାତାର ଆର୍.ଜି.କର ହସ୍ପିଟାଲ ଘଟଣାକୁ ନିନ୍ଦା କରାଯାଇଛି। ଏଥିସହ ନିକଟରେ ମମତାଙ୍କ ଦେଶଦ୍ରୋହ ବକ୍ତବ୍ୟରେ ଓଡ଼ିଶାବାସୀ ମର୍ମାହତ ହୋଇଥିବାବେଳେ, ତୁରନ୍ତ ସେ ଇସ୍ତଫା ଦିଅନ୍ତୁ ବୋଲି ସଂଘ ଦାବି କରିଛି। ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ମନୋଜ କୁମାର ମୁଖାର୍ଜୀ, ଉପସଭାପତି ଡା. ଅୟସକାନ୍ତ ଦାସ, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ଡା. ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀରେ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ବ୍ୟବସ୍ଥା

ଭୁବନେଶ୍ୱର,୩।୯ (ଅନୁରାଧା ମହାରଣା)



ମୌସୁମୀରେ ନିରବଚ୍ଛିନ୍ନ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ (ଇକୋର) କୋଟଭାଲାସା-କିରାଣ୍ଡୁଲ (କେକେ) ରେଳମାର୍ଗରେ ସ୍ୱତନ୍ତ୍ର ହିଲ୍ ଗ୍ୟାଙ୍ଗ ଏବଂ ଟନେଲ ରକ୍ଷଣାବେକ୍ଷଣ ଦଳ ନିୟୋଜିତ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଅରୁଣାଚଳ ପ୍ରଦେଶରେ ଥିବା ଜାତୀୟ ପର୍ବତାରୋହଣ ସଂସ୍ଥା (ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟନିୟରିଂ) ପର୍ବତାରୋହଣରେ ୨୦ରୁ ଅଧିକ ରେଳ କର୍ମଚାରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହାକୁ ଆଧାର କରି ଇଞ୍ଜିନିୟରିଂ, ଟ୍ରାକ୍ସନ ଓ ଆକ୍ସିଡେଣ୍ଟ ରିଲିଫ ବିଭାଗର ଅତିରିକ୍ତ ୩୦ଜଣ କର୍ମଚାରୀ ଆସନ୍ତା ଅକ୍ଟୋବରରେ ଉକ୍ତ ଅନୁଷ୍ଠାନରେ ବିଶେଷଜ୍ଞ ତାଲିମ ନେବାକୁ ପୂର୍ବତଟ ରେଳପଥ ପକ୍ଷରୁ ସ୍ଥିର କରାଯାଇଛି। ଏହି ଦଳଗୁଡ଼ିକୁ ନୂତନ ଜରୁରିକାଳୀନ ଉପକରଣ ଓ ଯୋଗାଯୋଗ ପ୍ରଣାଳୀ ସହ ପ୍ରସ୍ତୁତିପାଇଁ ଧ୍ୟାନ ଦିଆଯାଇଛି। ଟ୍ରାକ୍ ରକ୍ଷଣାବେକ୍ଷଣ କ୍ଷମତା ବୃଦ୍ଧି ପାଇଁ ପୂର୍ବତଟ ରେଳପଥ ବୋଡାଭାରା-ବୋରାଗୁହାଲୁ ଘାଟ ସେକ୍ସନରେ ପରୀକ୍ଷାମୂଳକ ଭିତ୍ତିରେ ଏକ ନୂତନ ଟ୍ରାକ୍ ସାମଗ୍ରୀ ରିଲିଫ ଟ୍ରେନ ପ୍ରସ୍ତୁତି ବ୍ୟବସ୍ଥା କରିଛି। ଶୃଙ୍ଗାଭରାପୁକୋଟା ଷ୍ଟେଶନସ୍ଥିତ ଏହି ଟ୍ରେନ ନିକଟ ଅତୀତରେ ପାରଦର୍ଶିତା ପ୍ରତିପାଦନ କରିବା ସହ ସୁବିଧାକୁ ପୂର୍ଣ୍ଣ କରିଛି। ପ୍ରୋକ଼୍ଲେନ, କମ୍ପ୍ରେସର, ପିଡମାଟିକ ବ୍ରେକର୍ ଭଳି ଅତ୍ୟାବଶ୍ୟକ ଉପକରଣ ସହିତ ଡିଜାଇନ୍ କରାଯାଇଛି। ଏହି ଷ୍ଟ୍ରାଟେଜିକ ପ୍ଲେସମେଣ୍ଟ ବୋଲ୍ଡର ଅବରୋଧ କିମ୍ବା ଅନ୍ୟାନ୍ୟ ଟ୍ରାକ୍ ସମ୍ବନ୍ଧୀୟ ଜରୁରିକାଳୀନ ପରିସ୍ଥିତିରେ ପ୍ରତିକ୍ରିୟା ସମୟକୁ ହ୍ରାସ କରିବ ବୋଲି ଆଶା ରହିଛି। ନିରାପତ୍ତା ବ୍ୟବସ୍ଥାରେ ଯୋଗଦେଇ ଏକ ନୂତନ ଫ୍ଲାଇଙ୍ଗ ସ୍କ୍ୱାଡ୍ ହାଇଡ୍ରୋଲିକ ରେଲିଂ ଉପକରଣ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ଆରାକୁ ଷ୍ଟେଶନଠାରେ ନିୟୋଜିତ କରାଯାଇଛି। ଏହି ସ୍କ୍ୱାଡ୍ ଜରୁରିକାଳୀନ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ପ୍ରସ୍ତୁତ ରହିବ। ନିରାପତ୍ତାକୁ ଆହୁରି ବୃଦ୍ଧି କରାଇବା ପାଇଁ ପୂର୍ବତଟ ରେଳପଥ ସମସ୍ତ ଟନେଲର ଉଭୟ ପାର୍ଶ୍ୱ ଓ କେକେ ଲାଇନରେ ଲମ୍ବା ଟନେଲରେ ଜରୁରିକାଳୀନ ଯୋଗାଯୋଗ ସକେଟ ସ୍ଥାପନ କରିଛି। ଅତିରିକ୍ତ ଭାବେ ଟନେଲଗୁଡ଼ିକରେ ଟ୍ରଲି ଏବଂ ମ୍ୟାନ ରିଫ୍ୟୁଜ ଟ୍ରାକରଙ୍କୁ ପାଟ୍ରୋଲିଂ କରିବାରେ ସାହାଯ୍ୟ କରିବା ପାଇଁ ରିଟ୍ରୋଫ୍ଲେକ୍ଟିଭ ସୂଚକ ବୋର୍ଡ ସହିତ ଚିହ୍ନିତ କରାଯାଇଛି।

# ନବଜାତ ଶିଶୁଙ୍କ ଭେଣ୍ଟିଲେଟର କେୟାର ସଂକ୍ରାନ୍ତ କର୍ମଶାଳା

## ମଣିପାଲ ହସ୍ପିଟାଲ

ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)



କର୍ମଶାଳାରେ ଉପସ୍ଥିତ ଅତିଥି ତଥା ଶିଶୁରୋଗ ବିଶେଷଜ୍ଞ ଏବଂ ଅନ୍ୟମାନେ।

ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର ମିଳିତ ସହଯୋଗରେ ହସ୍ପିଟାଲ ପରିସରରେ ଏକ ଜାତୀୟସ୍ତରର କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ପୋଲାଣ୍ଡର ପ୍ରସିଦ୍ଧ ଶିଶୁରୋଗ ବିଶେଷଜ୍ଞ ଡା. ବୋରିସ୍ କ୍ରାମର ଏବଂ ମଣିପାଲ ହସ୍ପିଟାଲ ବେଙ୍ଗାଲୁରୁ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ଡା. କାର୍ତ୍ତିକ୍ ନାଗେସ୍‌ଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟରୁ ୮୦ରୁ ଉର୍ଦ୍ଧ୍ୱ ଶିଶୁରୋଗ ବିଶେଷଜ୍ଞ ଏବଂ ୧୦ ଜଣ ଅଭିଜ୍ଞ ତଥା ବରିଷ୍ଠ ପ୍ରଫେସର ଯୋଗଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ ୨୮ ସପ୍ତାହ ପୂର୍ବରୁ ଜନ୍ମଲାଭ କରିଥିବା ନବଜାତ ଶିଶୁଙ୍କ ଜୀବନ ରକ୍ଷା କରିବା ପାଇଁ ଭେଣ୍ଟିଲେଟର ବ୍ୟବହାର ସମୟରେ କେଉଁ ସବୁ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଧ୍ୟାନ ଦେବାକୁ ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭେଣ୍ଟିଲେଟରରେ ଥିବାବେଳେ ନବଜାତ ଶିଶୁଙ୍କ ଫୁସ୍‌ଫୁସ୍‌ର କିଭଳି ଯତ୍ନ ନେବା ଉଚିତ୍ ତାହାକୁ ଗୋଟିଏ ଛେଳିର ଫୁସ୍‌ଫୁସ୍ ଉପରେ ଲାଇଭ୍ ପ୍ରଦର୍ଶନ କରି ଡାକ୍ତରମାନଙ୍କୁ ବୁଝାଇ ଦିଆଯାଇଥିଲା। ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ଶିଶୁରୋଗ ବିଭାଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ ଏବଂ ଡା. ଅଭିଲିପ୍ସା ଆଚାର୍ଯ୍ୟଙ୍କ ଦ୍ୱାରା ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁଙ୍କ ଭେଣ୍ଟିଲେଟର ଚିକିତ୍ସା, ସେମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟର ଯତ୍ନ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ହସ୍ପିଟାଲ ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଉକ୍ତ କର୍ମଶାଳା ନିଶ୍ଚିତ ଭାବେ ଡାକ୍ତରମାନଙ୍କୁ ସମୟ ପୂର୍ବରୁ ଜନ୍ମଲାଭ କରିଥିବା ଶିଶୁଙ୍କ ସଫଳ ଚିକିତ୍ସାରେ ସହାୟକ ହେବ। ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ ଆଗାମୀ ଦିନରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅନ୍ୟାନ୍ୟ ବିଭାଗରେ ମଧ୍ୟ ଏଭଳି କର୍ମଶାଳା ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ସୂଚନା ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୯।୨୦୨୪

| ୪,୭୪,୭୭୫ ଟଙ୍କା | |
|---|---|
| ସୁନା | ୪୨୦ ମିଲିଗ୍ରାମ୍ |
| ରୁପା | ୨୫.୪୫୦ ଗ୍ରାମ୍ |

## ଶ୍ରୀମନ୍ଦିରରେ ସାଗର ବିଜେ ନୀତି

ପୁରୀ, ୩।୯ (ଅଜିତ୍ କୁମାର ମହାନ୍ତି)

ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥାଏ। ଭାଦ୍ରବ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ସକାଳଧୂପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରାଇଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣାଭୋଗ ମଣୋହି କରାଯାଇଥିଲା। ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ପରେ ଠାକୁରଙ୍କୁ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଚାରିଛକ, ୩।୯ (ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ଏକ ଶୋ' ରୁମ୍ ନିକଟରେ ସୋମବାର ସନ୍ଧ୍ୟାରେ ଦେବେନ୍ଦ୍ର କୁମାର ରାଉତ ଚାରିଛକରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଗୋପ ରୋଡ୍‌ରୁ ଚାରିଛକ ବଜାରକୁ ଆସୁଥିବା ଜୟନ୍ତ କୁମାର ପଣ୍ଡାଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ମହାପ୍ରଭୁଙ୍କୁ ଲାଗି ହେଲା ସପ୍ତପୁରୀ ପିଠା ଭୋଗ

ପୁରୀ, ୩।୯ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା ନାମରେ ପାଳନ କରାଯାଏ। ଏହି ଅମାବାସ୍ୟା ତିଥିରେ ଭଗବାନ ଶ୍ରୀଜଗନ୍ନାଥଙ୍କଠାରେ ସପ୍ତପୁରୀ ପିଠା ଭୋଗ ଲାଗିଥାଏ। ତେବେ ମଙ୍ଗଳବାର ଅମାବାସ୍ୟା (ମଳ) ଅବସରରେ ଶ୍ରୀମନ୍ଦିରରେ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଯାଇଛି। ସପ୍ତପୁରୀ (ସାତପୁର) ବିଶିଷ୍ଟ ପିଠା ପ୍ରସ୍ତୁତ କରାଯାଇ ଠାକୁରଙ୍କଠାରେ ଭୋଗଲାଗି କରାଯାଇଥିଲା। ସପ୍ତପୁରୀ ପିଠା ଭୋଗ ନୀତି ପୂର୍ବରୁ ସୋମବାର ଅଠରନଳା ନିକଟରେ ଅବସ୍ଥିତ ଅଲାମଚଣ୍ଡୀ ମନ୍ଦିରରୁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସାତପୁରୀ ପିଠା ଲାଗି ହୋଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ୩ ବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ରୋଷଘରେ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ପରେ ସାତପୁରୀ ଭୋଗ ଟାଟ ରୋଷ ଘରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ମଣୋହି କରିଥିଲେ। ଭିତର ଆଳତି ବଢ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ଟାଟ ଥାଇ ବନ୍ଦାପନା କରିଥିଲେ। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ପରେ ଶ୍ରୀମନ୍ଦିରରୁ ସପ୍ତପୁରୀ ଟାଟ ରାଜନଅରକୁ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀସହ ସପ୍ତପୁରୀ ପିଠା ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ବିଜେ କରିଥିଲା। ସେହିପରି ଅମାବାସ୍ୟା ତିଥି ଅବସରରେ କୃଷ୍ଣଲୀଳା କ୍ରମରେ ଶ୍ରୀମନ୍ଦିରରେ ବସ୍ତ୍ର ହରଣ ଲୀଳା ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ନିକଟରେ ଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ଗୋପୀଙ୍କ ବସ୍ତ୍ର ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ।

### ଶ୍ରୀମନ୍ଦିରରେ ବସ୍ତ୍ରହରଣ ନୀତି ସମ୍ପନ୍ନ



ଗଣେଶ ପୂଜା ପାଇଁ ପୁରୀ ବିମାନବଡୁ ସାହିର ସୋମନାଥ ପଟ୍ଟନାୟକ ଓ ସାଥୀ କାରିଗର ଜରି ଓ ସୋଲରେ ସାଜସଜ୍ଜା ସାମଗ୍ରୀ ତିଆରି କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସ୍ୱର୍ଣ୍ଣ ଜିଣିଲେ ଅମ୍ରିତ୍, ଅଂଶୁମାନ



ଅମ୍ରିତ ବାରିକ୍



ଅଂଶୁମାନ କର

ପୁରୀ, ୩।୯ (ଅଜିତ୍ କୁମାର ମହାନ୍ତି)

### ସାଉଥ୍ ଏସିଆନ୍ କମ୍ବାର୍ଟ ରେସ୍‌ଲିଂ ଚାମ୍ପିୟନ୍‌ଶିପ୍

ନେପାଳର ରାଜଧାନୀ କାଠମାଣ୍ଡୁଠାରେ ଆୟୋଜିତ ସାଉଥ୍ ଏସିଆନ୍ କମ୍ବାର୍ଟ ରେସ୍‌ଲିଂ ଚାମ୍ପିଅନ୍‌ଶିପ ସମ୍ପନ୍ନ ହୋଇଯାଇଛି। ପ୍ରତିଯୋଗିତାରେ ଏସିଆ ମହାଦେଶର ବିଭିନ୍ନ ଦେଶ ସାମିଲ୍ ହୋଇଥିଲେ। ୬ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀର ଅନେକ ଖେଳାଳି ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ପୁରୀ ଖେଳାଳିଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟିର ରହିଥିଲା। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିଣି ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଆଣିଛନ୍ତି ପୁରୀର ୨ ଉଦୀୟମାନ ଖେଳାଳି ଅମ୍ରିତ ବାରିକ୍ ଓ ଅଂଶୁମାନ କର। ଅମ୍ରିତ୍ ୪୪ କେଜି ଓଜନ ବର୍ଗରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ହରିଚଣ୍ଡୀ ସାହି ନିବାସୀ ଅଂଶୁମାନ କର ୧୩ ବର୍ଷରୁ କମ୍ ବିଭାଗର ୫୪ କେଜି ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ହେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ନାଟମଣ୍ଡପରେ ପରୀକ୍ଷାମୂଳକ ଭାବେ ଲାଗିବ ଏସି

ପୁରୀ, ୩।୯ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର ନାଟ ମଣ୍ଡପରେ ପରୀକ୍ଷାମୂଳକ ଭାବେ ଏସି ଲଗାଯିବ। ଏନେଇ ତର୍ଜମା ଚାଲିଥିବା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ଶ୍ରୀମନ୍ଦିର ପରିଚଳାନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶ୍ରୀମନ୍ଦିର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ଶ୍ରୀମନ୍ଦିର ନାଟ ମଣ୍ଡପରେ ଏସି ଲଗାଇବାକୁ ନିଷ୍ପତ୍ତି ହୋଇଥିଲା। ପରିଚାଳନା ବୈଠକରେ ନିଷ୍ପତ୍ତି ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏନେଇ ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ନାଟ ମଣ୍ଡପରେ ଏସି ଲାଗିପାରିବ କି ନାହିଁ, ସେ ନେଇ ପରୀକ୍ଷାମୂଳକ ଭାବେ କାର୍ଯ୍ୟ କରାଯିବାକୁ ଯୋଜନା କରାଯାଉଛି। ଯଦି ସବୁ ଠିକ୍ ରହିଲା, ତେବେ ଶ୍ରୀମନ୍ଦିର ଭିତର ନାଟ ମଣ୍ଡପକୁ ସମ୍ପୂର୍ଣ୍ଣ ଏସି କରାଯିବ। ବାହାର ଓ ଭିତର କାଠ ନିକଟରେ କିପରି ଭକ୍ତ ଠିଆ ହୋଇ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାବେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରବେ, ସେ ନେଇ ପରିଚାଳନା କମିଟିରେ ପ୍ରାଧାନ୍ୟ ଦିଆଯାଇଛି। ଓବିସିସି ସହ ଆଲୋଚନା ଜାରି ରହିଛି। ଓବିସିସି ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏନେଇ ତର୍ଜମା କରାଯିବ। ସମସ୍ତ ନିଯୋଗ ଓ ସେବାୟତ ସହ ଆଲୋଚନା କରାଯିବ। କେବଳ ନାଟ ମଣ୍ଡପରେ ଏସି ଲାଗିବା ନୁହେଁ,ଏହାଛଡ଼ା ମନ୍ଦିର ମଧ୍ୟରେ ଥିବା ଆଲମିରା ଆଦିକୁ ସ୍ଥାନାନ୍ତର, ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ, ବାହାର କାଠଠାରେ ଶୃଙ୍ଖଳା, ର୍‌ୟାମ୍ପ ଲାଗିବା ସହ ଅନ୍ୟାନ୍ୟ କାର୍ଯ୍ୟ ନେଇ ପର୍ଯ୍ୟାୟକ୍ରମେ ସମସ୍ତଙ୍କ ସହ ଆଲୋଚନା କରାଯିବ। ସମସ୍ତଙ୍କ ସହଯୋଗ ଓ ସହମତିରେ ସମସ୍ତ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ ମତବ୍ୟକ୍ତ କରି କହିଛନ୍ତି।

## ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ

ପୁରୀ, ୩।୯ (ଅଜିତ୍ କୁମାର ମହାନ୍ତି)

ବାଂଲାଦେଶରେ ହିଂସା ଦେଖାଯିବା ପରେ ଦେଶରେ ବେଆଇନ ଭାବରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡ଼ିତ କରିବା ନେଇ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ପୁରୀ ଜିଲାରେ ମଧ୍ୟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବ ବୋଲି ସୂଚନା ମିଳିଛି। ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବା ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ପ୍ରଦାନ କରି କହିଛନ୍ତି, ବାଂଲାଦେଶରେ ହିଂସାକାଣ୍ଡ ପରେ ସମୁଦ୍ର ପଥରେ ବାଂଲାଦେଶୀଙ୍କ ଅନୁପ୍ରବେଶକୁ ଦୃଷ୍ଟିରେ ରଖାଯାଇ ଜିଲାର ସମସ୍ତ ମେରାଇନ ଥାନା ପକ୍ଷରୁ ସମୁଦ୍ର ତଟରେ କଡ଼ା ନଜର ରଖାଯାଇଛି। କୌଣସି ବିଦେଶୀ ବେଆଇନ ଭାବରେ ଅନୁପ୍ରବେଶ କରିଥିବା ନେଇ ଖବର ସାମ୍ନାକୁ ଆସିନାହିଁ। ତେବେ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଆସିବା ପରେ କାର୍ଯ୍ୟ ଆରମ୍ଭ କରାଯିବ। ଯଦି କୌଣସି ବ୍ୟକ୍ତି ବେଆଇନ ଭାବେ ଜିଲାରେ ବସବାସ କରୁଥିବାର ତଥ୍ୟ ସାମ୍ନାକୁ ଆସେ, ତାହେଲେ ସେ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## କେ.ଏସ୍.ଆର୍. ରୟାଲ୍ ବେଙ୍ଗଲ ଟାଇଗର ଏକାଡେମୀର ସଫଳତା

ପୁରୀ ୩।୯ (ଅଜିତ୍ କୁମାର ମହାନ୍ତି)

### ରାଜ୍ୟସ୍ତରୀୟ କିରୋଗୀ, ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା

ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ କଟକ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଓଡ଼ିଶା ଟାଏକୋଣ୍ଡୋ ସଂଘ ଦ୍ୱାରା ରାଜ୍ୟସ୍ତରୀୟ କିରୋଗୀ ଏବଂ ପୁମସି ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ପୁରୀ ସ୍ଥିତ କେ.ଏସ୍.ଆର୍. ରୟାଲ୍ ବେଙ୍ଗଲ ଟାଇଗର ଟାଏକୋଣ୍ଡୋ ଏକାଡେମୀର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୭ଜଣ ପ୍ରତିଯୋଗୀ କିରୋଗୀ ଏବଂ ପୁମସିର ଦୁଇଟି ଇଭେଣ୍ଟରେ ଭାଗ ନେଇଥିଲେ। ସେମାନେ ୨ଟି ସ୍ୱର୍ଣ୍ଣ ପାଇଥିବା ବେଳେ ୨ଟି ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୧୮ଟି ଜିଲାର ୬୦ଟି ଏକାଡେମୀରୁ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୨୮ ଜଣ ଜାତୀୟ ରେଫରି ଯଥା ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡ଼ିଶା ଏବଂ ଅନ୍ତର୍ଜାତୀୟସ୍ତରର ରେଫରି ଆସାମର ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାର ସମ୍ପୂର୍ଣ୍ଣ ଖେଳଗୁଡ଼ିକ ସେନ୍ସର ମାଧ୍ୟମରେ ଅନୁଷ୍ଠିତ ହେଉଥିଲା। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡ଼ିଶା ଅଲମ୍ପିକ୍ସ ସଂଘ ସାଧାରଣ ସମ୍ପାଦକ ଅଭିଜିତ ପଲ ଉପସ୍ଥିତ ରହି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଓ ଏକାଡେମୀର ମୁଖ୍ୟ କେ. ସନ୍ତୋଷିନୀ ରେଡ୍ଡୀ ଏବଂ କୋଚ୍ କେ. ଶଙ୍କର ରେଡ୍ଡୀଙ୍କ ସହ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏସ୍‌ଏଫ୍‌ଆଇ ପକ୍ଷରୁ ଏସ୍‌ସିଏସ୍ କଲେଜ ସମ୍ମୁଖରେ ବିକ୍ଷୋଭ

ପୁରୀ, ୩।୯ (ଅଜିତ୍ କୁମାର ମହାନ୍ତି)

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ମଙ୍ଗଳବାର ଅପରାହ୍ନରେ ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ), ପୁରୀ ଶାଖା ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଦେଇଥିବା ପ୍ରସ୍ତାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ପଛରେ ସାମ୍ପ୍ରଦାୟିକ ଓ ସଂଖ୍ୟାଲଘୁ ବିରୋଧୀ ମନୋଭାବ ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ବୋଲି ଏସ୍‌ଏଫ୍‌ଆଇ ପକ୍ଷରୁ କୁହାଯାଇଛି। ଅତୀତରେ କେନ୍ଦ୍ର ସରକାର ଯେପରି ସାମ୍ପ୍ରଦାୟିକ ମନୋଭାବ ରଖି ଅନେକ ସହର ଓ ରେଳ ଷ୍ଟେଶନ ନାମ ପରିବର୍ତ୍ତନ କରି ଦେଶରେ ହିନ୍ଦୁ, ମୁସଲମାନ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରିଛନ୍ତି, ଓଡ଼ିଶାରେ ସେହି ଧରଣର ପ୍ରୟାସ ପାଇଁ କେନ୍ଦ୍ରମନ୍ତ୍ରୀ ଲାଗିଥିବା ଏସ୍‌ଏଫ୍‌ଆଇ ଅଭିଯୋଗ କରିଛି। ଟି. ଇ. ରେଭେନ୍‌ଶାଙ୍କ ନାମରେ ୧୮୬୮ ମସିହାରେ ପ୍ରତିଷ୍ଠିତ ଏହି ପୁରୁଣା ଶିକ୍ଷାନୁଷ୍ଠାନ ଓଡ଼ିଶାର ଅନେକ ରାଜନୈତିକ ଓ ସାଂସ୍କୃତିକ ଇତିହାସର ମୂକସାକ୍ଷୀ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପଛରେ ବହୁ ଐତିହ୍ୟ ଓ ଗୌରବ ରହିଛି। ଓଡ଼ିଶାରେ ଆଧୁନିକ ଶିକ୍ଷା ପ୍ରସାର କ୍ଷେତ୍ରରେ ଟି. ଇ. ରେଭେନ୍‌ଶାଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମେତ ବହୁ ପ୍ରଖ୍ୟାତ ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ସ୍ଥିତି ଅତି ଦୟନୀୟ ଥିବାବେଳେ ମନ୍ତ୍ରୀ ମୂଳ ପ୍ରସଙ୍ଗରୁ ଦୃଷ୍ଟି ହଟେଇବାକୁ ଶିକ୍ଷାନୁଷ୍ଠାନ ନାମ ନେଇ ଶସ୍ତା ରାଜନୀତି କରୁଛନ୍ତି। ବର୍ତ୍ତମାନ ଘରୋଇକରଣ ଓ ବ୍ୟବସାୟୀକରଣ ଶିକ୍ଷାର ଧ୍ୱଂସ ସାଧନ କରୁଛି। ଗତ ୧୦ ବର୍ଷର ଶାସନରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭଳି ଗୋଟେ। ହେଲେ ଉଚ୍ଚ ମାନର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ବ୍ୟର୍ଥ ହୋଇଥିବା ଭାଜପା ସରକାର ଶସ୍ତା ଲୋକପ୍ରିୟତା ଓ ହୀନ ରାଜନୈତିକ ଫାଇଦା ପାଇଁ ଏଭଳି ପ୍ରସ୍ତାବ ଦେଇଛି। ଗତ ଦଶନ୍ଧିରେ ଶିକ୍ଷା ବ୍ୟୟ ହ୍ରାସ ସହ ଛାତ୍ର ବୃତ୍ତି, ଗବେଷଣା, ପତ୍ର ପତ୍ରିକା, ସେମିନାର ବାବଦରେ ବ୍ୟୟ କମିଛି। ବହୁ ଉଚ୍ଚ ଶିକ୍ଷାନୁଷ୍ଠାନ ଆର୍ଥିକ ସଙ୍କଟ ଦେଇ ଗତି କରୁଛ। ଗତ ୧୦ ବର୍ଷ ଭିତରେ କେନ୍ଦ୍ର ସରକାର ଓଡ଼ିଶାରେ ଶିକ୍ଷାର ବିକାଶ କ'ଣ କରିଛନ୍ତି, ତାର ହିସାବ ଫର୍ଦ୍ଦ ଦେବାକୁ ଏସ୍‌ଏଫ୍‌ଆଇ ଦାବି କରିବା ସହ କେନ୍ଦ୍ରମନ୍ତ୍ରୀଙ୍କ ଏପରି ମନ୍ତବ୍ୟକୁ ବିରୋଧ କରିଛି। ଏହି ପ୍ରତିବାଦ ସଭାରେ ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ଜିଲା ଆବାହକ ଚନ୍ଦନ ସାହୁ, ଛାତ୍ର ନେତା ମାନସ ରଞ୍ଜନ ଦଳବେହେରା, ରାକ୍ଷୀ ସ୍ୱାଇଁ, ଅମ୍ବିକା ପ୍ରିୟଦର୍ଶିନୀ, ଦୀପାଳି ବେହେରା, ପ୍ରିୟଙ୍କା ଦେଓ, ଶ୍ରାବଣୀ ଦାସ, ସିଦ୍ଧାନ୍ତ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।




ରେଭେନ୍‌ଶା ନାମ ପରିବର୍ତ୍ତନ ମନ୍ତବ୍ୟକୁ ବିରୋଧ କରି ଏସ୍‌ଏଫ୍‌ଆଇ ପକ୍ଷରୁ ଏସ୍‌ସିଏସ୍ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

- ବରିମୁଣ୍ଡ ପ୍ରଧାନ ଶିକ୍ଷକ ନିଲମ୍ବିତ ଘଟଣା
- ୪ ଏବିଇଓଙ୍କୁ ଅଟକ ରଖିଲେ
- ୫ ଛାତ୍ରୀଛାତ୍ର ଡାକ୍ତରଖାନାରେ ଭର୍ତ୍ତି

ଗୋପ/ଯୋଗେଶ୍ୱରପୁର, ୩।୯ (ଭାରତୀ ଭୂଷଣ ଉପାଧ୍ୟାୟ/ରଶ୍ମିରଞ୍ଜନ ସାହୁ)

ଗୋପ ଥାନା ଅଧୀନ ବଉଲାଙ୍ଗ ପଞ୍ଚାୟତର ବରିମୁଣ୍ଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଘଟଣାରୁ ମଙ୍ଗଳବାର ସ୍କୁଲ ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ୬ ଘଣ୍ଟା ଧରି ଫାଟକ ସମ୍ମୁଖରେ ବସି ରହିବା ଫଳରେ ଅପରାହ୍ନରେ ୫ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସମସ୍ୟାର ସମାଧାନ କରିବାକୁ ଯାଇଥିବା ୪ ଜଣ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ସେଠାରେ ୩ ଘଣ୍ଟା ଅଟକ ରହିବାକୁ ପଡ଼ିଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା କାର୍ଯ୍ୟାଳୟ ଚିଠି ନଂ. ୧୪୯୩ରେ ପ୍ରଧାନଶିକ୍ଷକଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହୃତ କରିବା ପରେ ବିକ୍ଷୋଭ ହଟିଥିଲା।

ପ୍ରକାଶ ଯେ, ଗତ ୩୦ ତାରିଖରେ ବରିମୁଣ୍ଡ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଲ୍ଲାସ ମଲ୍ଲିକ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ପରେ ସୋମବାର ଗୋପ ବିଇଓ ବ୍ରହ୍ମା କାର୍ଯ୍ୟାଳୟ ଚିଠି ନଂ. ୧୪୮୩ରେ ମଲ୍ଲିକଙ୍କୁ ନିଲମ୍ବନ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ମଙ୍ଗଳବାର ସକାଳେ ସ୍କୁଲ ଖୋଲିବାବେଳେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଆମ ପ୍ରଧାନ ଶିକ୍ଷକଙ୍କୁ ଫେରାଇ ଦିଅ, ସ୍ଥାନୀୟ ସରପଞ୍ଚ ନରହରି ଦଳାଇ ହାଏ ହାଏ, ନିଲମ୍ବନ ପ୍ରତ୍ୟାହାତ ଆମର ଦାବି ପ୍ରଭୃତି ନାରାବାଜି ଦେଇ ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ କରିଥିଲେ। ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ସାର୍ ମାରି ନ ଥିବା କେତେଜଣ ଛାତ୍ରୀଛାତ୍ର ଓ କେତେଜଣ ଅଭିଭାବକ କହିଥିଲେ। ଏପରି ଏକ ଅଭିଯୋଗକୁ ନେଇ ମଧ୍ୟାହ୍ନରେ ଗୋପ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବେଣୁଧର ମଲ୍ଲିକ, ଅଶୋକ ବେହେରା, ବିନୋଦିନୀ ମହାପାତ୍ରଙ୍କ ସମେତ ସିଆର୍‌ସିସି ଅନ୍ନପୂର୍ଣ୍ଣା ବେହେରା ବିଦ୍ୟାଳୟରେ ପହଞ୍ଚିଥିଲେ। ଅଧିକାରୀମାନେ ପହଞ୍ଚିବା ପରେ ଉତ୍ୟକ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଅଧିକାରୀଙ୍କୁ ସ୍କୁଲ କାର୍ଯ୍ୟାଳୟ ମଧ୍ୟରେ ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ। ପରେ ବ୍ରହ୍ମା ଏ ସମ୍ପର୍କରେ ପୋଲିସକୁ ଖବର ଦେବାରେ ସେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପୋଲିସକୁ ଦେଖି ଛାତ୍ରୀଛାତ୍ର ଅଧିକ ଉତ୍ତେଜିତ ହୋଇଥିଲେ। ସକାଳୁ ନ ଖାଇ ବିକ୍ଷୋଭ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଚାରିଛକ ଡାକ୍ତରଖାନାକୁ ନିଆଯାଇଥିଲା। ଶେଷରେ ନିଲମ୍ବିତ ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଥିଲା। ଏନେଇ ବିଇଓ ବ୍ରହ୍ମାଙ୍କୁ ପଚାରିବାରେ, ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଥିବା ସେ କହିଛନ୍ତି। ଏ ବାବଦରେ ଏବିଇଓ ବେହେରା କହିଛନ୍ତି, ଛାତ୍ରୀଙ୍କୁ ମାଡ଼ ମାରିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା। ପୂର୍ବ ବିବାଦରୁ ଏହି ଘଟଣା ଘଟିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ସେ କହିଥିଲେ।



ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ବ୍ୟାଟେରି ଚୋରି

କଟକ ସଦର,୩।୯(ସୁଶାନ୍ତ କୁମାର ଜେନା)

କନ୍ଦରପୁର ବଜାରରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ସୋମବାର ରାତିରେ ୬ଟି ବ୍ୟାଟେରି ଚୋରି ହୋଇଯାଇଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ମଙ୍ଗଳବାର କନ୍ଦରପୁର ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି ବୋଲି ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

### ସାଧୁତା ପାଇଁ ଶିଶୁଭବନର ୨ କର୍ମଚାରୀ ସମ୍ବର୍ଦ୍ଧିତ

କଟକ,୩।୯ (କାର୍ତ୍ତିକ ସାହୁ)

କର୍ମକ୍ଷେତ୍ରରେ ସାଧୁତା ପାଇଁ କଟକ ଶିଶୁଭବନର ୨ ଜଣ ସଫେଇ କର୍ମଚାରୀଙ୍କୁ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପାଇଥିବା ଟଙ୍କା ଫେରାଇବା ଘଟଣାରେ ଶିଶୁଭବନରେ କାମ କରୁଥିବା ୨ କର୍ମଚାରୀ ଲୋଚନ ନାୟକ ଏବଂ ପ୍ରହ୍ଲାଦ ଚନ୍ଦ୍ର ରାଉତଙ୍କୁ ଶିଶୁଭବନ ପରିସରରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ, ଡା. ଅରବିନ୍ଦ ନନ୍ଦ ଓ ସୁଶ୍ରୀ ଆରତୀ ପଣ୍ଡା ଯୋଗଦେଇଥିଲେ। ଇଂ. ବିପ୍ଳବ ଦାସ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶିଶୁଭବନରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଅଲିଶା ବଜାର ଅଞ୍ଚଳର ଲୋଚନ ୬,୫୦୦ ଟଙ୍କା ଏବଂ ସେଠାରେ ଘରୋଇ ସୁରକ୍ଷା କମ୍ପାନୀରେ ସୁପରଭାଇଜର ଭାବେ କାର୍ଯ୍ୟରତ ସାଲେପୁର ଅଞ୍ଚଳର ପ୍ରହ୍ଲାଦ କିଛିଦିନ ତଳେ ୧୨,୦୦୦ ଟଙ୍କା ପାଇ ହଜେଇଥିବା ରୋଗୀଙ୍କୁ ଫେରାଇ ଥିଲେ।

### ପ୍ରଜ୍ଞା ପ୍ରବାହ ଓଡ଼ିଶା ଶାଖା ହେବ ଉତ୍କଳ ପ୍ରଜ୍ଞା

କଟକ,୩।୯ (କାର୍ତ୍ତିକ ସାହୁ)

ଅଖିଳ ଭାରତୀୟ ସଙ୍ଗଠନ ପ୍ରଜ୍ଞା ପ୍ରବାହର ଓଡ଼ିଶା ଶାଖାକୁ ଉତ୍କଳ ପ୍ରଜ୍ଞା ଭାବେ ପଞ୍ଜୀକୃତ କରିବାକୁ ଶାଖା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କଟକ ସିଡିଏ ସେକ୍ଟର-୬ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶାଖାର ରାଜ୍ୟ ସଂଯୋଜକ ରବିନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ସଭାପତି ଭାବେ ଅବସରପ୍ରାପ୍ତ ପ୍ରଫେସର ଜ୍ଞାନ ଶର୍ମା, ଉପସଭାପତି ଶିକ୍ଷୟିତ୍ରୀ ମିଲି ମହାନ୍ତି, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ, ଯୁଗ୍ମ ସାଧାରଣ ସମ୍ପାଦକ ରାଜଶେଖର କୁଳରାୟ, କୋଷାଧ୍ୟକ୍ଷ ଭାବେ ଇଂ. ଶିବ ନାରାୟଣ ବାରିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା ପ୍ରଚାର ପ୍ରମୁଖ ପତଞ୍ଜଳି କର ଶର୍ମା ଜଣାଇଛନ୍ତି।

# ପାର୍ବଣରେ ରାସ୍ତା ମରାମତିକୁ ଗୁରୁତ୍ୱ

କଟକ,୩।୯(କାର୍ତ୍ତିକ ସାହୁ)


ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

**ଜିଲା ପ୍ରଶାସନର ଗଣେଶ ପୂଜା ପ୍ରସ୍ତୁତି**

ଚଳିତବର୍ଷ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ଗଣେଶ ପୂଜା ପ୍ରସ୍ତୁତି ଓ ଭସାଣି ସମ୍ବନ୍ଧିତ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ସହିତ ସମସ୍ତ ପୂଜା କମିଟି ସମନ୍ୱୟ ରକ୍ଷା କରି ପାଳନ କରିବା ଉପରେ ଆଲୋଚନା କରିଥିଲେ। ପୂଜା ଦିନ ଓ ଭସାଣି ସମୟରେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ରର ବ୍ୟବହାର ନିଷେଧ ଏବଂ ସମ୍ବେଦନଶୀଳ ସ୍ଥାନ ବିଶେଷକରି ଡାକ୍ତରଖାନା ପରିସର ଏବଂ ଚତୁଃପାର୍ଶ୍ୱସ୍ଥ ଅଞ୍ଚଳରେ କମ୍ ଧ୍ୱନି କରିବା, ଲେଜର ଲାଇଟ୍‌କୁ ପୂଜାମଣ୍ଡପ ଓ ଭସାଣି ଉତ୍ସବରେ ବ୍ୟବହାର ନ କରିବା, ଭସାଣି ଶୋଭାଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ନିଶା ସେବନ ନ କରି ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଆସନ୍ତା ୭ରେ ଗଣେଶ ପୂଜା ପାଳନ କରାଯିବ। ପର୍ଯ୍ୟାୟକ୍ରମେ ପରବର୍ତ୍ତୀ ରବିବାର ୧୫, ୨୨ ଏବଂ ୨୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ରାସ୍ତା ମରାମତି, ପାନୀୟଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟ, ପରିମଳ, ଆଇନଶୃଙ୍ଖଳା, ମେଢ଼ ଯାତାୟାତ ନିମନ୍ତେ କେବୁଲ ତାର ଅପସାରଣ ଉପରେ ଗୁରୁତ୍ୱ ଦେବାକୁ ବିସ୍ତୃତ ଆଲୋଚନା କରାଯାଇଛି।

କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ ଆସନ୍ତା ୧୫, ୨୨ ଓ ୨୯ ତାରିଖ ୩ଟି ପର୍ଯ୍ୟାୟରେ ଭସାଣି ନିମନ୍ତେ ଅନୁମତି ଥିବା କଥା ଦର୍ଶାଇ ୮ ତାରିଖରେ ପାରମ୍ପରିକ ଭାବେ ଭସାଣି କରିବାକୁ ଚାହୁଁଥିବା ପୂଜା କମିଟି ବିନା ରୋଷଣୀରେ ବିସର୍ଜନ କରିପାରିବେ ବୋଲି କହିଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଯୋଗଦେଇ ରାସ୍ତାଘାଟ ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ବିଶୁଦ୍ଧ ଜଳଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ବିଭାଗୀୟ ଅଧିକାରୀଙ୍କ ପ୍ରସ୍ତୁତି ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଆହ୍ୱାନ କରିଥିଲେ। ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ସିଏମ୍‌ସି ପକ୍ଷରୁ ଗଛଡାଳ କଟା ତଥା ଆଭ୍ୟନ୍ତରୀଣ ରାସ୍ତା ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପୋ ସଭା ପରିଚାଳନା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଏହି ବୈଠକରେ ମହାନଗର ଶାନ୍ତି କମିଟି ସହ ସମ୍ପାଦକ ସୁଦୀପ୍ତ କୁମାର ସ୍ୱାଇଁ, ଶିବେନ୍ଦ୍ର ହାତୀ, ଗୌତମ ପରିଡ଼ା, ପ୍ରଦୀପ କୁମାର ସିହ୍ନା, ସୀମନ୍ତ ଦାସ, ଜୋନ-୩ ଏସିପି ପ୍ରଦୀପ କୁମାର ରାଉତ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଜିଲା ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶାନ୍ତି କମିଟି ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମହିଳା ବସ୍ କଣ୍ଡକ୍ଟରଙ୍କୁ ଅସଦାଚରଣ

କଟକ ସଦର,୩।୯(ସୁଶାନ୍ତ କୁମାର ଜେନା)

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଚଳାଚଳ କରୁଥିବା ଏକ ବସ୍‌ର ଜଣେ ମହିଳା କଣ୍ଡକ୍ଟରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ମଙ୍ଗଳବାର କନ୍ଦରପୁର ଥାନାରେ ଅଭିଯୋଗ ହୋଇଛି। କଣ୍ଡକ୍ଟରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ଅଭିଯୁକ୍ତଙ୍କ ପତ୍ତା ମିଳି ନ ଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିରିଡ଼ି ବ୍ଲକ କାର୍ଯ୍ୟାଳୟରୁ ଉତ୍ତର ଶାସନ, ଦରଡାଗ୍ରାମ ଓ ଶଙ୍ଖପୁର ପଞ୍ଚାୟତକୁ ଚଳାଚଳ କରୁଥିବା ଉକ୍ତ ବସ୍ କନ୍ଦରପୁର ବଜାର ଦେଇ ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲା। ଏହି ସମୟରେ କନ୍ଦରପୁର ବଜାରରୁ ଜଣେ ମହିଳା ଓ ତାଙ୍କ ଝିଅ ସହିତ ଅନ୍ୟ ଜଣେ ଯୁବକ ଉଠିଥିଲେ। ବସ୍ କଣ୍ଡକ୍ଟର ସ୍ୱର୍ଣ୍ଣଲତା ସାହୁ ଉକ୍ତ ଯୁବକଙ୍କୁ ଭଡ଼ା ମାଗିଥିଲେ। ହେଲେ ଯୁବକ ଜଣଙ୍କ ଭଡ଼ା ନ ଦେଇ ତାଙ୍କୁ ଗାଳିଗୁଲଜ ସହିତ ଅସଦାଚରଣ କରିଥିଲେ। ବସ୍ ଚାଳକ ସମ୍ପୃକ୍ତ ଯୁବକଙ୍କୁ ବୁଝାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଯୁବକ ଜଣଙ୍କ ଅଥଙ୍ଗା ଛକରେ ଓହ୍ଲାଇ ପଳାଇଥିବା ଏତଲାରେ ଦର୍ଶାଯାଇଛି। କଣ୍ଡକ୍ଟର ଜଣଙ୍କ ଏନେଇ ଥାନାରେ ଏତଲା ଦେଇଛନ୍ତି।

# ପ୍ରତି ୧୫ ଦିନରେ କାର୍ଯ୍ୟ ତଦାରଖ କର


ଜିଲାପାଳ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କଟକ,୩।୯(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ସମୀକ୍ଷା**

**■ ଅଧ୍ୟକ୍ଷାଙ୍କୁ ନିର୍ଦ୍ଦେଶ ଦେଲେ ଜିଲାପାଳ**

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ମଙ୍ଗଳବାର ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ପ୍ରତି ମାସରେ ସେ ନିଜେ କାର୍ଯ୍ୟର ତଦାରଖ କରିବେ। ପ୍ରତ୍ୟେକ ୧୫ ଦିନରେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ଓ ଅଧୀକ୍ଷକ ଦାୟିତ୍ୱରେ ଥିବା ଡା. ଲୁସି ଦାସଙ୍କୁ କାର୍ଯ୍ୟର ତଦାରଖ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ, ଏଲ୍‌ଆଣ୍ଡଟି ପ୍ରକଳ୍ପ ନିର୍ଦ୍ଦେଶକ ଏସ୍. କେ. ବାସୁ, ଏଇକମ୍‌ର ଟିମ୍ ମୁଖ୍ୟ ଏମ୍.ଏନ୍. ସିଂ, ଓବିସିସିର ଅଧୀକ୍ଷଣ ଯନ୍ତ୍ରୀ କଲ୍ଲୋଳ କିଶୋର ପ୍ରଧାନ, ସହକାରୀ ନିର୍ବାହୀଯନ୍ତ୍ରୀ ସୌରନ୍ କୁମାର ସାହୁ, ଅଭିଜିତ୍ ସାମନ୍ତସିଂହାରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଚକ୍ଷୁ ବିଭାଗ ପକ୍ଷରୁ ନେତ୍ର ଦାନ ପାଇଁ ମଙ୍ଗଳବାର ବାହାରିଥିବା ଶୋଭାଯାତ୍ରା।

# କ୍ୱାର୍ଟର୍ସ ବଣ୍ଟନରେ ଦୁର୍ନୀତି ଅଭିଯୋଗ

କଟକ,୩।୯(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

ଏସ୍‌ସିବି ମେଡିକାଲରେ କ୍ୱାର୍ଟର୍ସ ବଣ୍ଟନରେ କର୍ତ୍ତୃପକ୍ଷ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ୱାର୍ଟର୍ସକୁ ବେଆଇନ ଭାବେ କେତେଜଣ କର୍ମଚାରୀଙ୍କୁ ଯୋଗାଇ ଦିଆଯାଉଛି। ଏନେଇ ଗତ ୩୦ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଏକ ନୋଟିସ୍‌କୁ ନେଇ କେତେକ କର୍ମଚାରୀ ଏଭଳି ଅଭିଯୋଗ ଉଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୩୦ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ଏକ ଚିଠି ଜାରି ହୋଇଛି। ଏଥିରେ ହସ୍ପିଟାଲ ଜଣେ ମ୍ୟାନେଜର ଓ ବିତ୍ତ ପରାମର୍ଶଦାତାଙ୍କୁ କ୍ୱାର୍ଟର୍ସ ଆବଣ୍ଟନ ହୋଇଥିବା ଦର୍ଶାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ଡ୍ୟୁଟି କରୁଥିବା ହସ୍ପିଟାଲ ମ୍ୟାନେଜରଙ୍କୁ ଡାକ୍ତରଙ୍କ କ୍ୱାର୍ଟର୍ସ ମିଳିପାରିବ। ହେଲେ ବିତ୍ତ ପରାମର୍ଶଦାତା କିପରି ଭାବେ କ୍ୱାର୍ଟର୍ସ ପାଇଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଏନେଇ ମେଡିକାଲ କଲେଜ ଅଧ୍ୟକ୍ଷା ତଥା ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଓ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ମଦ ଜବତ, ୨ ଗିରଫ

ଚୌଦ୍ୱାର,୩।୯(ଆଶୁତୋଷ ଦାସ)

ଚୋରା ମଦ ବିକ୍ରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। କଟକ ଜିଲା କିଶନନଗର ଥାନା ଅଧୀନ ରଚିଲୋ ଗ୍ରାମର ପବିତ୍ର ରାଉତ ଏକ ସ୍କୁଟିରେ ୬୪ ଲିଟର ଦେଶୀମଦ ନେଇ ବିକ୍ରି କରିବାକୁ ଯାଉଥିବାବେଳେ ବୈଦେଶ୍ୱର ନିକଟରେ ପୋଲିସ ତାଙ୍କୁ କାବୁ କରିଥିଲା। ସେହିପରି ଚୌଦ୍ୱାର ଥାନା ଅଧୀନ ଜେନିପାଟଣା ଗ୍ରାମର ସୁକାନ୍ତ ଜେନା ୨୨ ଲିଟର ମଦ ବିକ୍ରି କରିବା ପାଇଁ ରଖିଥିବାବେଳେ ପୋଲିସ ଚଢ଼ାଉ କରି ତାହାକୁ ଜବତ କରିଥିଲା। ଏଥିସହ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

# ଏସ୍‌ସିବିରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ୍ ପ୍ରତିରୋପଣ ପାଇଁ ଆଲୋଚନା

କଟକ,୩।୯(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ପାଇଁ ହାଇଦ୍ରାବାଦସ୍ଥିତ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି (ଏଆଇଜି) ଟିମ୍‌ର ଉପସଭାପତି ସନ୍ତୋଷ କୁମାର ସାହୁ ମଙ୍ଗଳବାର ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଓ ଯକୃତ ପ୍ରତିରୋପଣ ପାଇଁ ନିୟୋଜିତ ଥିବା ଡାକ୍ତରୀ ଟିମ୍ ସହିତ ଆଲୋଚନା କରିଛନ୍ତି। ଉକ୍ତ ଆଲୋଚନାବେଳେ ଆସନ୍ତା ସପ୍ତାହ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ମେଡିକାଲର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୩ ତାରିଖରେ ଏଆଇଜି ଟିମ୍ ଏସ୍‌ସିବି ମେଡିକାଲର ହେପାଟୋଲୋଜି ବିଭାଗରେ ୪ଜଣଙ୍କ ସ୍କ୍ରିନିଂ କରିଥିଲା। ସେମାନଙ୍କ ମଧ୍ୟରୁ ପ୍ରତିରୋପଣ ପାଇଁ ୨ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏନେଇ ସନ୍ତୋଷ କହିଛନ୍ତି, ପ୍ରତିରୋପଣ ସଂକ୍ରାନ୍ତରେ ସମସ୍ତ ଆଲୋଚନା କରାଯାଇଛି। ମେଡିକାଲ ପକ୍ଷରୁ ସମସ୍ତ ପ୍ରସ୍ତୁତି ପରେ ଟିମ୍‌କୁ ଅବଗତ କରାଯିବ। ଫଳରେ ଟିମ୍ ଏସ୍‌ସିବିରେ ପହଞ୍ଚିବ ଏବଂ ପ୍ରତିରୋପଣ କରାଯିବ।

# ‘ବହି ସମୟର କଥା କହିଥାଏ’

କଟକ,୩।୯ (କାର୍ତ୍ତିକ ସାହୁ)

**ପୁସ୍ତକ ‘ଜ୍ଞାନକୋଷ, ମୋ ଜୀବନ ଗାଥା’ ଉନ୍ମୋଚିତ**

ପୁଣ୍ୟଭୂମି ପକ୍ଷରୁ ମହେନ୍ଦ୍ର କୁମାର କାୟସ୍ଥଙ୍କ ରଚିତ ପୁସ୍ତକ ‘ଜ୍ଞାନକୋଷ ଓ ମୋ ଜୀବନ ଗାଥା’ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରି କହିଥିଲେ, ଜ୍ଞାନକୋଷ ପୁସ୍ତକଟି ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାରସ୍ୱତ ସମନ୍ୱୟର ଏକ ଅପୂର୍ବ ନିଦର୍ଶନ। କାୟସ୍ଥଙ୍କ ମୋ ଜୀବନ ଗାଥା ପୁସ୍ତକ ସମାଜଚିତ୍ର, ଭୌଗୋଳିକ ସ୍ଥିତିକୁ ନେଇ ରଚିତ ହୋଇଛି। ବିଶିଷ୍ଟ ଅତିଥି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଥିଲେ, ସାହିତ୍ୟ ସବୁବେଳେ ସମାଜର କଥା କହିଥାଏ। ମୁଖ୍ୟ ଅତିଥି ଡା. ନିତ୍ୟାନନ୍ଦ ସ୍ୱାଇଁ କହିଥିଲେ, ବହି ସମୟର କଥା କହିଥାଏ। ମୁଖ୍ୟବକ୍ତା ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ କହିଥିଲେ, ପୁସ୍ତକ ଦୁଇଟି ଆଧ୍ୟାତ୍ମିକ ଭାବଧାରାର ଏକ ନିଦର୍ଶନ। ସମ୍ମାନିତ ଅତିଥି ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସିଂହ କହିଥିଲେ ପୁସ୍ତକ ଦୁଇଟିରେ ବିଜ୍ଞାନ, ଭାରତୀୟ ଭାଷା ଓ ବୈଦିକ ସଂସ୍କୃତି ବର୍ଣ୍ଣିତ ହୋଇଛି। ସମ୍ମାନିତ ବକ୍ତା ପ୍ରସନ୍ନ କୁମାର ମହାନ୍ତି ପୁସ୍ତକର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଆଧ୍ୟାତ୍ମିକ ପ୍ରବକ୍ତା କୈଳାସ ଚନ୍ଦ୍ର ପରିଡ଼ା ପୁସ୍ତକ ଦୁଇଟିକୁ ସମୀକ୍ଷା କରିଥିଲେ। ସଭାପତି ପଟ୍ଟନାୟକ କହିଥିଲେ, କାୟସ୍ଥ ନିଜ ଜୀବନର ଅନୁଭବ ଓ ଅନୁଭୂତିକୁ ତାଙ୍କ ସୃଷ୍ଟିରେ ସରଳ ଓ ସାବଲୀଳ ଭାବରେ ଉପସ୍ଥାପନ କରିଛନ୍ତି। ଲେଖକ ମହେନ୍ଦ୍ର କୁମାର କାୟସ୍ଥ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଦିପ୍ତୀ ଦାଶ ପ୍ରାରମ୍ଭିକ ସୂଚନା ଓ କବିତା ପାଟଶାଣୀ ଧନ୍ୟବାଦ ଦେଇଥିଲେ। କାଞ୍ଚନବାଳା କାୟସ୍ଥ, ଆଦିତ୍ୟ କୁମାର କାୟସ୍ଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଭଦ୍ରା ଯୋଜନା ଆବେଦନ ପାଇଁ ଟଙ୍କା ଆଦାୟ

କଟକ,୩।୯(କାର୍ତ୍ତିକ ସାହୁ)

**ଜନସେବା କେନ୍ଦ୍ର ମାଲିକଙ୍କ ନାଁରେ ଏତଲା**

ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆବେଦନ ନିମନ୍ତେ ଆଶାୟୀଙ୍କଠାରୁ ଟଙ୍କା ଆଦାୟ ହେଉଛି। ସରକାର ସୁଭଦ୍ରା ଯୋଜନା ଆବେଦନ ଫର୍ମ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ମାଗଣାରେ ଯୋଗାଇ ଦେଉଥିବାବେଳେ ଫର୍ମଗୁଡ଼ିକୁ ଜନସେବା ଏବଂ ମୋ ସେବା କେନ୍ଦ୍ରରେ ମାଗଣାରେ ଦାଖଲ କରିବା ନିମନ୍ତେ ଘୋଷଣା କରିଛନ୍ତି। ଏସବୁ ସତ୍ତ୍ୱେ କଟକ ଜିଲା ଲାଲବାଗ ଥାନା ଅଞ୍ଚଳର ଏକ ଜନସେବା କେନ୍ଦ୍ରରେ ବେଆଇନ ଭାବେ ଫର୍ମ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସିଡିପିଓ ସିଟି-୨ ପକ୍ଷରୁ ଘଟଣାର ସତ୍ୟାସତ ଯାଞ୍ଚ କରାଯିବା ପରେ ସମ୍ପୃକ୍ତ ଜନସେବା କେନ୍ଦ୍ର ମାଲିକଙ୍କ ନାମରେ ଲାଲବାଗ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ ହୋଇଛି। ଏନେଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ଦୟାନିଧି ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, କଟକ ମହାନଗର ନିଗମ (ସିଏମ୍‌ସି)ର ୧୨ ନମ୍ବର ୱାର୍ଡ ଅଧୀନ କାଳୀଗଳିରେ ଥିବା ଏକ ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ଫର୍ମ ବିକ୍ରି ହେଉଥିବା ସଂକ୍ରାନ୍ତରେ ସୁଭଦ୍ରା ହେଲ୍ପ ଡେସ୍କକୁ ଗତ ୨ ତାରିଖରେ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଆଧାରରେ ସିଡିପିଓ ସିଟି-୨ ସସ୍ମିତା ମହାନ୍ତିଙ୍କ ପକ୍ଷରୁ କନିଷ୍ଠ ସହାୟକ ପରିସଂଖ୍ୟାନ ଓ ମିଶନ ଶକ୍ତିର ବିପିସି ସେଠାରେ ପହଞ୍ଚି ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ସୁଭଦ୍ରା ଯୋଜନାର ଆବେଦନ ଫର୍ମ ସଂଗ୍ରହ ଓ ଆବେଦନ ପାଇଁ ଲୋକଙ୍କ ଭିଡ଼ ସେଠାରେ ଦେଖିବାକୁ ମିଳିଥିଲା। ଉପସ୍ଥିତ ମହିଳାମାନେ ଆବେଦନ ଫର୍ମ ବାବଦକୁ ୫୦ ଟଙ୍କା ଏବଂ ଫର୍ମ ପୂରଣ ବାବଦକୁ ୫୦ ଟଙ୍କା ମିଶି ମୋଟ ୧୦୦ ଟଙ୍କା ଦେଉଥିବା କହିଥିଲେ। ସିଡିପିଓ ସିଟି-୨ ମହାନ୍ତିଙ୍କ ନିକଟକୁ ଏହାର ତଦନ୍ତ ରିପୋର୍ଟ ଆସିବା ପରେ ସିଏମ୍‌ସି କମିଶନର ଦାୟିତ୍ୱରେ ଥିବା ଅନାମ ଚରଣ ପାତ୍ରଙ୍କୁ ଅବଗତ କରାଯାଇଥିଲା। ରିପୋର୍ଟ ଆଧାରରେ ସିଏମ୍‌ସି କମିଶନରଙ୍କ ପକ୍ଷରୁ ଲାଲବାଗ ଥାନାରେ ସମ୍ପୃକ୍ତ ଜନସେବା କେନ୍ଦ୍ର ମାଲିକଙ୍କ ବିରୋଧରେ ଏତଲା ଦିଆଯାଇଛି।


କଟକ ଶ୍ରୀରାମଚନ୍ଦ୍ର ଭବନରେ ପୁଣ୍ୟଭୂମି ପକ୍ଷରୁ ଲେଖକ ମହେନ୍ଦ୍ର କୁମାର କାୟସ୍ଥଙ୍କ ରଚିତ ପୁସ୍ତକ ‘ଜ୍ଞାନକୋଶ ଓ ମୋ’ ଜୀବନ ଗାଥା’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଘୋଷଣା କରାଯିବା ଦାବି ନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଏକତ୍ରିତ ହୋଇଛନ୍ତି।

# ପୂଜା ପାଆନ୍ତି ବୁଢ଼ା ଗଣେଶ, ଏକାଦଶୀରେ ଲାଗି ହୁଏ ଶିରିଣି

ଜଟଣୀ,୩।୯(ରବୀନ୍ଦ୍ରନାଥ ମହାକୁଡ଼)

ଅଉ ଦିନ କେଇଟା ପରେ ଧରାପୃଷ୍ଠରେ ଅବତରଣ କରିବେ ଶ୍ରୀଗଣେଶ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ଏଥର ମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ପକ୍ଷରୁ ଆକଳନ କରାଯାଇଛି। ମଣ୍ଡପରେ ୭ଫୁଟ ଉଚ୍ଚର ବୁଢ଼ା ଗଣେଶଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ପ୍ରତିଦିନ ଠାକୁରଙ୍କ ନିକଟରେ ଖେଚୁଡ଼ି ଭୋଗ ଲାଗି ହୋଇଥାଏ। ଏକାଦଶୀରେ ନାମ ସଂକୀର୍ତ୍ତନ ସହିତ ଶିରିଣି ଭୋଗ ଲାଗି ହୋଇଥାଏ। ୧୧ଦିନ ବ୍ୟାପୀ ଖେଚୁଡ଼ି ଭୋଗ ଲାଗି ପରମ୍ପରା ରହିଥିବା ବେଳେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ। ଗୋଟିଏ ଦିନ ଜଟଣୀର ସମସ୍ତ ବ୍ୟବସାୟୀ ସଂଘର କାର୍ଯ୍ୟକର୍ତ୍ତାଙ୍କ ସହିତ ବହୁ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇ ଅନ୍ନପ୍ରସାଦ ପ୍ରଦାନ ବ୍ୟବସ୍ଥା କରାଯାଇଥାଏ। ଏଥିସହ ପ୍ରତିଦିନ ଭଜନ ଏବଂ ହନୁମାନ ଚାଳିଶା ପାଠ କରାଯିବ। ଲୋକଙ୍କୁ ମଣ୍ଡପ ପ୍ରତି ଆକୃଷ୍ଟ କରିବା ପାଇଁ ୪୫ଫୁଟ ଉଚ୍ଚର ତୋରଣ ଶୋଭାପାଇବ ବୋଲି କମିଟି ସଦସ୍ୟ ପ୍ରଶାନ୍ତ ସାହୁ କହିଛନ୍ତି। ପୂଜା ସମୟରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନା ପାଇଁ ପୋଲିସ ସହିତ ୨୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ।

ପ୍ରକାଶ ଯେ, କଟଣୀରେ ବ୍ୟବସାୟ କରିବା ପାଇଁ ମହୁଲ ଗ୍ରାମର କେତେଜଣ ଗୁଡ଼ିଆ ପରିବାର ଏଠାକୁ ଆସି ବ୍ୟବସାୟ କରିବା ସହିତ ସ୍ଥାୟୀ ଭାବେ ରହିଥିଲେ। ସେହି ଅନୁସାରେ ଉକ୍ତ ଛକର ନାମ ମହୁଲଗୁଡ଼ିଆ ହୋଇଥିବା କେତେଜଣ ପୁରୁଖା ବ୍ୟକ୍ତି କୁହନ୍ତି। ସେତେବେଳେ ମଣ୍ଡପ ନିକଟରେ ସ୍ୱର୍ଗତ ବୈକୁଣ୍ଠନାଥ ଦାସଙ୍କ ଏକ ଗ୍ୟାରେଜ ଥିଲା। ଉକ୍ତ ଗ୍ୟାରେଜରେ ପ୍ରଥମେ ଅସ୍ଥାୟୀ ଭାବେ ଗଣେଶଙ୍କ ପୂଜା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ କେତେଜଣ ଟ୍ରକ୍ ମାଲିକଙ୍କ ଉଦ୍ୟମରେ ସ୍ଥାୟୀ ପେଣ୍ଡାଲରେ ତ୍ରିମୂର୍ତ୍ତିଙ୍କ ପୂଜା ଆରମ୍ଭ କରାଯାଇଥିଲା। ଉକ୍ତ ପୂଜା ଅନୁଷ୍ଠାନ ଜଟଣୀ ଗଣେଶ ପୂଜାର ଆଦ୍ୟ ହୋଇଥିବାରୁ ଏହି ମଣ୍ଡପରେ ପୂଜା ପାଉଥିବା ଶ୍ରୀଗଣେଶ ବୁଢ଼ା ଗଣେଶ ଭାବେ ପରିଚିତ। ସ୍ୱାଧୀନତା ପୂର୍ବରୁ ୩୦ଜଣ ବ୍ୟବସାୟୀଙ୍କୁ ନେଇ ପୂଜା ଆରମ୍ଭ ହୋଇଥିଲା। ଦୀପ ଏବଂ ପେଟ୍ରୋମାକ୍ସ ଲାଇଟ୍‌ରେ ମଣ୍ଡପକୁ ଆଲୋକିତ କରାଯାଉଥିଲା। ପ୍ରତିଦିନ ସନ୍ଧ୍ୟାରେ ପ୍ରଥମେ ଫ୍ରିସେଲ ଅପେରା ପାର୍ଟି ମଞ୍ଚସ୍ଥ କରାଯାଇଥିଲା ବୋଲି ଅନୁଷ୍ଠାନ ସହିତ ଜଡ଼ିତ ବହୁ ବରିଷ୍ଠ ନାଗରିକ କହିଛନ୍ତି।

## ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ ପୂଜା କମିଟି

- ୪୫ଫୁଟର ତୋରଣ ଶୋଭାପାଇବ
- ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ ସହ ସଂକୀର୍ତ୍ତନ



## ଏମାନେ ଯାହା କୁହନ୍ତି...



"ଦେଶ ସ୍ୱାଧୀନତାର ବହୁ ପୂର୍ବରୁ ଏହି ମଣ୍ଡପରେ ଗଣେଶପୂଜା ହୋଇଆସୁଛି। ଠାକୁରଙ୍କ ନିକଟରେ ପ୍ରତିଦିନ ଖେଚୁଡ଼ି ଭୋଗ ଲାଗି ହୋଇଥାଏ। ଏହାକୁ ସମସ୍ତ ବ୍ୟବସାୟୀ ଭାଇ ଭଉଣୀ ଏବଂ ଆମନ୍ତ୍ରିତ ଅତିଥିଙ୍କୁ ପ୍ରଦାନ କରାଯାଇଥାଏ। ବଡ଼ ଏକାଦଶୀରେ ସନ୍ଧ୍ୟା ଆଳତି ପରେ ଶିରିଣି ଭୋଗ ଲାଗି ହୁଏ। ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

**- ଜିତେନ୍ଦ୍ର ପଟ୍ଟନାୟକ, ସଭାପତି, ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ**



"ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଚେଷ୍ଟା କରାଯାଇଛି। ବ୍ୟବସାୟୀ ଭାଇମାନଙ୍କ ଠାରୁ ମିଳୁଥିବା ଅନୁଦାନରୁ ଏହି ପୂଜା ହେଉଛି। ଏଥର ପୂଜାରେ ୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯଇଛି। ପ୍ରତିଦିନ ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ ସହିତ ଭଜନ ଓ ସଂକୀର୍ତ୍ତନ କରାଯିବ।

**- ଗିରିଜା ଭୂଷଣ ଜେନା, ସମ୍ପାଦକ, ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ**

# ପୋଷଣ ମାସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)

ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୋଷଣ ମାସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନୱାଡି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଏବଂ ସମସ୍ତ ସହଯୋଗୀ ବିଭାଗକୁ ସାମିଲ କରି ପୋଷଣ ମାସ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ପୋଷଣର ପଞ୍ଚସୂତ୍ର ସ୍ୱାସ୍ଥ୍ୟ ପରୀକ୍ଷା, ଓଜନ, ରକ୍ତହୀନତା ପରୀକ୍ଷଣ, ପରିବେଶ ପରିଷ୍କାର, ଚାରାରୋପଣ, ବର୍ଷାଜଳ ସଂରକ୍ଷଣ, କୁପୋଷଣକୁ ଦୂରୀକରଣ ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଉପରୋକ୍ତ ବିଷୟକୁ ପ୍ରକଳ୍ପ ଓ ଅଙ୍ଗନୱାଡି କେନ୍ଦ୍ରସ୍ଥଳରେ ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସମାଜ କଲ୍ୟାଣ ଅଧିକାରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକସ୍ତରର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଲ୍ କାଟି ଘରୁ ନେଇଗଲେ ବୁଲେଟ୍

ନିରାକାରପୁର, ୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ହାଇସ୍କୁଲ ସମ୍ମୁଖ ତଥା ପଣ୍ଡାବାପାଟଣାରୁ ସ୍ଥାନୀୟ ରେଲୱେ ଷ୍ଟେଶନକୁ ଯିବା ରାସ୍ତାରେ ହିତୁ ପ୍ରଧାନଙ୍କ ଘର ଗ୍ରୀଲ୍ କାଟି କେହି ଦୁର୍ବୃତ୍ତ ବୁଲେଟ୍ ନେଇଯାଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ହିତୁ ବୁଲେଟକୁ ଘର ଅଗଣାରେ ରଖିବା ସହିତ ଘର ଗ୍ରୀଲ୍ ତାଲା ପକାଇ ଶୋଇଥିଲେ। ସୋମବାର ସକାଳେ ଗ୍ରୀଲ୍ କଟାଯାଇଥିବା ବେଳେ ବୁଟେ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଗାଡ଼ି ନ ମିଳିବାରୁ ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।




ଆସନ୍ତା ୭ ତାରିଖରେ ଗଣେଶପୂଜା: ଜଟଣୀ କୁଦିଆରୀ ସ୍ଥିତ ହରିହର କ୍ଲବରେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

# ଗଣେଶପୂଜା ପାଇଁ ପ୍ରସ୍ତୁତି ଜୋର୍‌ଦାର

ଟାଙ୍ଗୀ,୩।୯(ରଘୁନାଥ ସାହୁ)

ଆସନ୍ତା ଶନିବାର ଧରାପୃଷ୍ଠରେ ଅବତରଣ କରିବେ ଶ୍ରୀଗଣେଶ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଟାଙ୍ଗୀରେ ଗଣେଶ ପୂଜା ମହାସମାରୋହରେ ପାଳିତ ହେବ। ଏନେଇ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଆୟୋଜକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ପ୍ରତିଦିନ ବୈଠକ କରାଯାଇ ମେଢ଼, ମୂର୍ତ୍ତୀ, ତୋରଣ, ସାଜସଜ୍ଜା ଓ ଭସାଣି ସମ୍ପର୍କରେ ଆଲୋଚନା କରାଯାଉଛି। ସ୍ଥାନୀୟ ବ୍ଲକ ଛକ ଠାରୁ ଚିଲିକା ଛକ ଦେଇ ରାମଲୀଳା ପଡ଼ିଆ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ୩୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ନିର୍ମାଣ ହେଉଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପୂଜାରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଏବଂ ବିଭିନ୍ନ କମିଟିର ସମଦସ୍ୟମାନେ ନିୟୋଜିତ ହେବେ। ଏଥର ଗଣେଶପୂଜା ଆଡ଼ମ୍ବରରେ ପାଳନ କରାଯିବ ବୋଲି ବିଭିନ୍ନ କମିଟିର ସଦସ୍ୟମାନେ କହିଛନ୍ତି।

# ଓଭରବ୍ରିଜ୍ ତଳୁ ଜବରଦଖଲ ଉଚ୍ଛେଦ



ଜଟଣୀ,୩।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସୀତାରାମ ଛକ ସ୍ଥିତ ଓଭରବ୍ରିଜ୍ ତଳୁ ମଙ୍ଗଳବାର ପୌର କର୍ମଚାରୀ ଏବଂ ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପରେ ପରିବାର କିପରି ଚଳାଇବେ ଚିନ୍ତାରେ ପଡ଼ିଛନ୍ତି ବ୍ୟବସାୟୀ। ଜଟଣୀ ଗଣେଶ ପୂଜାକୁ ନେଇ ଚତୁର୍ଥ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ସ୍ଥାନୀୟ ଟାଉନ ହଲ (ସ୍ରଷ୍ଟା)ରେ ହୋଇଥିଲା। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଡ୍ରେନ୍ ସଫେଇ, ସହରରୁ ଅଳିଆ ଆବର୍ଜନା ଉଠାଇବା, ଜବରଦଖଲ ଉଚ୍ଛେଦ ଏବଂ ଟ୍ରାଫିକ ସମସ୍ୟାର ସମାଧାନ ଅଭିଯୋଗ ହୋଇଥିଲା। ତେବେ ଉକ୍ତ ସମସ୍ୟାର ସମାଧାନ ପାଇଁ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ସୀତାରାମ ଛକଠାରେ ଉପୁଜିଥିବା ଟ୍ରାଫିକ ଓ ଜବରଦଖଲ ସମସ୍ୟାର ସମାଧାନ ପାଇଁ ଏମ୍‌ପି ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ସକାଳେ ପୌର କର୍ମଚାରୀ ଏବଂ ଜଟଣୀ ପୋଲିସ ଉପସ୍ଥିତିରେ ସୀତାରାମ ଛକ ସ୍ଥିତ ଓଭରବ୍ରିଜ ତଳୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତେବେ ଜବରଦଖଲ ଉଚ୍ଛେଦ ପରେ ଏହି ଓଭରବ୍ରିଜ୍‌ତଳେ ବ୍ୟବସାୟ କରିଆସୁଥିବା ବ୍ୟବସାୟୀମାନେ ପରିବାର କିପରି ଚଳାଇବେ ଚିନ୍ତାରେ ପଡ଼ିଛନ୍ତି।

# ଅଭିଯୁକ୍ତ କୋର୍ଟଚାଲଣ

### ପାଣି ନ ଦେବାରୁ ମହିଳାଙ୍କ ଦେହରେ ନିଆଁ ଲଗାଇଦେବା ଘଟଣା

ଜଟଣୀ,୩।୯(ରବୀନ୍ଦ୍ରନାଥ ମହାକୁଡ଼)

ପାଣି ନ ଦେବାରୁ ମହିଳାଙ୍କ ଦେହରେ ନିଆଁ ଲଗାଇଦେବା ଘଟଣାରେ ଜଟଣୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରେଗେଡି ବସ୍ତି ଅଞ୍ଚଳର ମୋହନ ବାରିକ (୪୦)। ଏନେଇ ଥାନାରେ ଏକ ମାମଲା (ନଂ.୩୪୦/୨୪)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୩୧ ତାରିଖରେ ପାଇକାରପୁର ଅଞ୍ଚଳର ଜଣେ ମହିଳାଙ୍କ ଘରେ ମୋହନ ପଶି ମଦ ପିଇବା ପାଇଁ ପାଣି ମାଗିଥିଲେ। ତେବେ ମହିଳା ଜଣଙ୍କ ମଦ ପିଇବାକୁ ପାଣି ଦେବାକୁ ମନା କରିଥିଲେ। ଏହା ପରେ ମୋହନ ମହିଳାଙ୍କ ଉପରେ କିଛି ରାସାୟନିକ ପଦାର୍ଥ ପକାଇବା ସହିତ ନିଆଁ ଲଗାଇଦେଇଥିଲେ। ଏନେଇ ମହିଳାଙ୍କ ଦେଢ଼ଶୁରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ମୋହନଙ୍କୁ ଗିରଫ କରିଥିଲା।

# ସଚେତନତା ଦ୍ୱାରା ଡେଙ୍ଗୁ ନିୟନ୍ତ୍ରଣ ହୋଇପାରିବ

ବୋଲଗଡ,୩।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶରତ କୁମାର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଏବିଡିଓ ରତିକାନ୍ତ ମିଶ୍ର, ବାଙ୍କୋଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଅସିତ ମୋହନ ମହାପାତ୍ର, ଏବିଇଓ ଅମ୍ରିତା ମିଶ୍ର, ଜିପିଡିଓ ସୋନାଲି ସାହୁ, ଏପିଓ ରୁବି ଡାକୁଆ, ଭାଇସଚେୟାରମ୍ୟାନ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପ୍ରତି ବର୍ଷାଦିନ ଯୋଗୁ ଗାଁ ଗହଳି ସମେତ ଘର ନିକଟରେ ଆବର୍ଜନା ମଇଳା ଏବଂ ବର୍ଜ୍ୟ ଜଳ ଜମି ରହୁଛି। ଉକ୍ତ ସ୍ଥାନରେ ମଶା, ମାଛିଙ୍କ ବଂଶ ବିସ୍ତାର ହେବାର ସମ୍ଭାବନା ଅଧିକ ରହୁଛି। ତେଣୁ କୌଣସି ସ୍ଥାନରେ ଡେଙ୍ଗୁ ମଶା ବଂଶ ବିସ୍ତାର ପାଇଁ ଯେଭଳି ପାଣି ଜମି ନ ରହିବ ସେଥିପାଇଁ ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ଏପରିକି କୌଣସି ସ୍ଥାନରେ ପାଣି ଜମୁଥିଲେ ୭ଦିନ ମଧ୍ୟରେ ଶୁଖାଇବା ସହ ନଜର ରଖିବାକୁ ସଚେତନା କରାଯାଇଛି। ୭ଦିନରୁ ଅଧିକ ସମୟ ପାଣି ଜମି ରହିଲେ ଏଡିସ ମଶା ସୃଷ୍ଟି ହୋଇ ଡେଙ୍ଗୁ ରୋଗର କାରଣ ପାଲଟିଥାଏ। ଏଥିପ୍ରତି ଯତ୍ନବାନ ହେବାକୁ ବ୍ଲକ ଅଞ୍ଚଳରେ ଥିବା ୨୧୨ଟି ଗାଁ କଲ୍ୟାଣ ସମିତି ଘରେ ଘରେ ସଚେତନା କରାଇବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହିତ ଗ୍ରାମ ଏବଂ ସାହିଗୁଡ଼ିକରେ ପରିଷ୍କାର ଓ ପରିମଳ ପ୍ରତି ଗାଁ କଲ୍ୟାଣ ସମିତିମାନେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଡ.ଅସିତ ମୋହନ ମିଶ୍ର ସୂଚନା ଦେଇଛନ୍ତି। ଶେଷରେ ନିଶାଠାରୁ ଦୂରେଇ ରହିଲେ ସ୍ୱାସ୍ଥ୍ୟ ସମାଜ ଗଠନ ହୋଇପାରିବ ବୋଲି ଭାଇସ ଚେୟାରମ୍ୟାନ କହିବା ସହ ଧନ୍ୟବାଦ ଦେଇଥିଲେ।



ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ମଣ୍ଡିରେ ନାମ ପଞ୍ଜୀକରଣ ଖାରଜକୁ ନେଇ ମାରପିଟ

### ୨ ଅଟକ

ବୋଲଗଡ଼,୩।୯(ଦେବବ୍ରତ ହୋତା)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ସମ୍ପାଦକ ଏବଂ ଜଣେ ଚାଷୀଙ୍କ ମଧ୍ୟରେ ଧାନମଣ୍ଡିରେ ନାମ ପଞ୍ଜୀକରଣ ଖାରଜକୁ ନେଇ ମାରପିଟ୍ ହୋଇଛି। ଉଭୟ ଆହତ ହୋଇଥିବା ବେଳେ ଏନେଇ ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ପୃଥକଭାବେ ଦୁଇଟି ମାମଲା (ନଂ.୧୭୯, ୧୮୦/୨୪)ରୁଜୁକରି ଉଭୟଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଶ୍ରୀଚନ୍ଦନପୁରପାଟଣା ଗ୍ରାମର ଚାଷୀ ସୁନୀଲ ମାଝି ତାଙ୍କ ମା'ଙ୍କ ନାମରେ ଶ୍ରୀଚନ୍ଦନପୁର ସେବା ସମବାୟ ସମିତିର ମଣ୍ଡିରେ ଧାନ ବିକ୍ରି ଉଦ୍ଦେଶ୍ୟରେ ପଞ୍ଜୀକରଣ ପାଇଁ ଆବଶ୍ୟକ କାଜଗପତ୍ର ସହ ଆବେଦନ କରିଥିଲେ। ତେବେ ସେହି ଗ୍ରାମର ବାଙ୍କନିଧି ମହାରଣା ଯିଏକି ଉକ୍ତ ସମିତିରେ ସମ୍ପାଦକ ଭାବେ କାର୍ଯ୍ୟ କରନ୍ତି ସେ ଉଦ୍ଦେଶ୍ୟମୂଳକ ଭାବେ ନାମ ପଞ୍ଜୀକରଣକୁ ଖାରଜ କରିଦେଇଥିବା ଅଭିଯୋଗ ହୋଇଛି। ଗତ ୨୭ତାରିଖ ସକାଳେ ସୁନୀଲ ଏ ସଂକ୍ରାନ୍ତରେ ବାଙ୍କନିଧିଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ପରେ ମାରପିଟ୍ ହୋଇଥିଲା। ବାଙ୍କନିଧିଙ୍କ ଠେଙ୍ଗାମାଡ଼ରେ ସୁନୀଲଙ୍କ ମୁଣ୍ଡ ଫାଟି ଥିବା ବେଳେ ସୁନୀଲଙ୍କ ମାଡ଼ରେ ବାଙ୍କନିଧି ମଧ୍ୟ ଆହତ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ପରେ ଉଭୟ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିଥିଲେ।

# ଡିଜେ ବନ୍ଦ ଦାବି ତେଜିଲା

### ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)

ଅସହ୍ୟ ହେଲାଣି ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡିଜେ। ସାମାଜିକ ଉତ୍ସବ, ବିବାହ ଓ ଦେବଦେବୀଙ୍କ ଭସାଣି ଶୋଭାଯାତ୍ରାରେ ଆନନ୍ଦ ଦେବା ପରିବର୍ତ୍ତେ ଦୁଃଖର କାରଣ ସାଜିଛି। ଡିଜେ ଶବ୍ଦ ବୟସ୍କ ଓ ଶିଶୁମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ତେଣୁ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଚଳିତ ବର୍ଷ ଶୋଭାଯାତ୍ରାରେ ଡିଜେକୁ ବାରଣ କରିବାକୁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି। ସାମାଜିକ ଉତ୍ସବ, ବିବାହ ଶୋଭାଯାତ୍ରା, ପର୍ବପର୍ବାଣୀରେ ବ୍ୟବହାର ନ କରିବା ପାଇଁ ସ୍ୱତଃ ପ୍ରବୃତ୍ତ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଉଥିବା ଏକ ସ୍ୱାଗତଯୋଗ୍ୟ ପଦେକ୍ଷପ। ଚଳିତ ବର୍ଷ ଗଣେଶ ପୂଜାରେ କମିଶନରେଟ ପୋଲିସ ପକ୍ଷରୁ ଏନେଇ କଟକଣା କରାଯାଇଛି। ସେହିପରି ଜିଲା ପ୍ରଶାସନ ମଧ୍ୟ ଡିଜେ ବାଦ୍ୟ ଉପରେ କଟକଣା ଜାରି କରିବାକୁ ମଞ୍ଚ ଦାବି କରିଛି । ଏନେଇ ମଙ୍ଗଳବାର ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଏସ୍‌ପି ଅବିନାଶ କୁମାର ଏବଂ ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀଙ୍କୁ ଭେଟି ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚର ସମ୍ପାଦକ ରାମଶଙ୍କର, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବସନ୍ତ କୁମାର ଦାସ, ସନ୍ତୋଷ କୁମାର ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବୈକୁଣ୍ଠ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ଦେବାକୁ ଆସିଥିବା ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ।

# ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

ବୋଲଗଡ଼,୩।୯(ଦେବବ୍ରତ ହୋତା)

ଜନସାଧାରଣଙ୍କ ସୁରକ୍ଷିତ ଗମନାଗମନ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ ପିଚୁ, ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ କଣ୍ଟ୍ରାକ୍ଟରଙ୍କ ମନମାନି ଯୋଗୁ ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତର ଶ୍ୟାମ ମହାପାତ୍ର ପାଟଣାଠାରୁ ଦାମୋଦରପୁର ପାଟଣା ମଧ୍ୟରେ ହୋଇଥିବା ସିମେଣ୍ଟ କଂକ୍ରିଟ ରାସ୍ତା ପୁନଃ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ସ୍ଥାନୀୟ ଗ୍ରାମବାସୀ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଏକ ଅଭିଯୋଗପତ୍ର ପ୍ରେରଣ କରିଛନ୍ତି।



ଅଭିଯୋଗ ମୁତାବକ, ରାସ୍ତା ନିର୍ମାଣ ପାଇଁ ସରକାରୀ ନିୟମ ଥିବା ସୂଚନାଫଳକ ଏଠାରେ ଲଗାଯାଇ ନ ଥିବା ବେଳେ ପୂର୍ବରୁ ଥିବା ସିମେଣ୍ଟ କଂକ୍ରିଟ ରାସ୍ତାରେ ଧାର୍ଯ୍ୟ ଉଚ୍ଚତାରୁ କମ୍ କରି ସିମେଣ୍ଟ ଢଳେଇ କରାଯାଇଛି। ବର୍ଷାଜଳ ନିଷ୍କାସନ ପ୍ରତି ଧ୍ୟାନ ନ ଦିଆଯିବାରୁ ଉଭୟ ପାର୍ଶ୍ୱରେ ଥିବା ଘରେ ବର୍ଷା ପାଣି ପଶିବା ସହ ଘର କାନ୍ଥ ମୂଳରେ ଜମା ହୋଇ ଭୁଶୁଡ଼ିବ ଆଶଙ୍କା ପ୍ରକାଶ ପାଇଛି। ଏହି ରାସ୍ତା କାମ ସମୟରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ନ ଥିବା ବେଳେ ନିମ୍ନମାନର କାମ ହେଉଥିବା ନେଇ ବିରୋଧ କରିବାରୁ ଶ୍ୟାମ ମହାପାତ୍ର ପାଟଣା ଗ୍ରାମବାସୀଙ୍କୁ ବିଭିନ୍ନ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗ୍ରାମର ତପନ ସେଠୀ, ଯୋଗେଶ ମହାପାତ୍ର, ଗଣେଶ୍ୱର ମହାପାତ୍ର, ମୋହନ ପଣ୍ଡା, କୈଳାସ ସେଠୀ, ପ୍ରଦୀପ ସେଠୀ, ଶକୁନ୍ତଳା ସେଠୀ, ରମା ସେଠୀ, ସରସ୍ୱତୀ ସେଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ନିରୁପମା ସେଠୀ, ପ୍ରମୋଦ ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ବିଡିଓଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଶରତ ମଲ୍ଲିକ କହିଛନ୍ତି, ଏହି କାର୍ଯ୍ୟର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ବିଭାଗକୁ ଅଭିଯୋଗ ପତ୍ର ପଠାଇଥିବା କହିଛନ୍ତି।

## ସଂକ୍ଷେପରେ

### ଏସ୍‌ସିବି ମେଡିକାଲ
# କ୍ୱାର୍ଟର୍ସ ବଣ୍ଟନରେ ଦୁର୍ନୀତି ଅଭିଯୋଗ

କଟକ,୩।୯(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କ୍ୱାର୍ଟର୍ସ ବଣ୍ଟନରେ କର୍ତ୍ତୃପକ୍ଷ ଦୁର୍ନୀତି କରୁଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ୱାର୍ଟର୍ସକୁ ବେଆଇନ ଭାବେ କେତେଜଣ କର୍ମଚାରୀଙ୍କୁ ଯୋଗାଇ ଦିଆଯାଉଛି। ଏନେଇ ଗତ ୩୦ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଏକ ନୋଟିସ୍‌କୁ ନେଇ କେତେକ କର୍ମଚାରୀ ଏଭଳି ଅଭିଯୋଗ ଉଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୩୦ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ଏକ ଚିଠି ଜାରି ହୋଇଛି। ଏଥିରେ ହସ୍ପିଟାଲ ଜଣେ ମ୍ୟାନେଜର ଓ ବିତ୍ତ ପରାମର୍ଶଦାତାଙ୍କୁ କ୍ୱାର୍ଟର୍ସ ଆବଣ୍ଟନ ହୋଇଥିବା ଦର୍ଶାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ଡ୍ୟୁଟି କରୁଥିବା ହସ୍ପିଟାଲ ମ୍ୟାନେଜରଙ୍କୁ ଡାକ୍ତରଙ୍କ କ୍ୱାର୍ଟସ ମିଳିପାରିବ। ହେଲେ ବିତ୍ତ ପରାମର୍ଶଦାତା କିପରି ଭାବେ କ୍ୱାର୍ଟର୍ସ ପାଇଲେ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଏନେଇ ମେଡିକାଲ କଲେଜ ଅଧ୍ୟକ୍ଷା ତଥା ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଓ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ଗାଡ଼ି ସାଇଡ୍‌ମରାକୁ ନେଇ ଯୁବକଙ୍କୁ ଛୁରାମାଡ଼

### ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସର ତଦନ୍ତ

ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହର୍ଷି କଲେଜ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗାଡ଼ି ସାଇଡ୍‌ମରାକୁ ନେଇ ୩ଜଣ ଯୁବକ ବଚସା କରି ଏହି କାଣ୍ଡ ଘଟାଇଛନ୍ତି। ଛୁରାମାଡ଼ରେ ଆହତ ଯୁବକ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗନଗର ଅଞ୍ଚଳର ଏନ୍. କାର୍ତ୍ତିକ୍। ଘଟଣା ପରେ କାର୍ ଯୋଗେ ଅଭିଯୁକ୍ତମାନେ



ଆହତ ଏନ୍. କାର୍ତ୍ତିକ

ଫେରାର ହୋଇଯାଇଛନ୍ତି। ଛୁରାମାଡ଼ରେ କାର୍ତ୍ତିକଙ୍କ ଡାହାଣ ହାତର ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ବାମ ହାତର ବୁଢ଼ା ଅଙ୍ଗୁଳିରେ ମଧ୍ୟ ଛୁରି ବାଜିଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ କାର୍ତ୍ତିକ ଏହି ଘଟଣା ସଂକ୍ରାନ୍ତରେ ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ୪୦ରେ କାର୍ତ୍ତିକ ତାଙ୍କର ଜଣେ ବନ୍ଧୁଙ୍କ ସହିତ ବାଇକରେ ମହର୍ଷି କଲେଜ ରୋଡ୍‌ରେ କୌଣସି କାମରେ ଯାଉଥିଲେ। ଏହି ସମୟରେ ଏକ କାର୍‌ରେ ୩ ଜଣ ଯୁବକ ସେହି ରାସ୍ତାରେ ଯାଇ କାର୍ତ୍ତିକଙ୍କ ବାଇକ୍‌କୁ ସାଇଡ୍ ମାରିଥିଲେ। କାର୍ତ୍ତିକ ଓ ତାଙ୍କ ସାଙ୍ଗ ଏହାକୁ ବିରୋଧ କରି କାର୍ ଠିକ୍‌ରେ ଚଳାଇବାକୁ କହିଥିଲେ। ଏହାପରେ କାର୍‌ରେ ଥିବା ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୁଣ୍ଡାମାନଙ୍କୁ ଡାକିବାକୁ ଧମକ ଦେଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ୍ କାର୍‌ରୁ ଜଣେ ଯୁବକ ଛୁରି ଧରି କାର୍ତ୍ତିକଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତ ଜଣଙ୍କ ଛାତିକୁ ଲକ୍ଷ୍ୟ କରି ଆକ୍ରମଣ କରିବା ବେଳେ କାର୍ତ୍ତିକ ହାତ ଦେଖାଇ ଦେଇଥିଲେ। ଫଳରେ ତାଙ୍କ ହାତରେ ଛୁରି ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଯୁବକମାନେ ସ୍ଥାନୀୟ ଅଞ୍ଚଳର ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି।



ଗଣେଶପୂଜା ପାଇଁ ପୁରୀ ବିମାନବଡୁ ସାହିର ସୋମନାଥ ପଟ୍ଟନାୟକ ଓ ସାଥୀ କାରିଗର ଜରି ଓ ସୋଲରେ ସାଜସଜ୍ଜା ସାମଗ୍ରୀ ତିଆରି କରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

### ପାଣି ନ ଦେବାରୁ ମହିଳାଙ୍କ ଦେହରେ ନିଆଁ ଲଗାଇଦେବା ଘଟଣା
# ଅଭିଯୁକ୍ତ କୋର୍ଟ ଚାଲାଣ

ଜଟଣୀ,୩।୯(ରବୀନ୍ଦ୍ରନାଥ ମହାକୁଡ଼)

ପାଣି ନ ଦେବାରୁ ମହିଳାଙ୍କ ଦେହରେ ନିଆଁ ଲଗାଇଦେବା ଘଟଣାରେ ଜଟଣୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରେଗେଡି ବସ୍ତି ଅଞ୍ଚଳର ମୋହନ ବାରିକ (୪୦)। ଏନେଇ ଥାନାରେ ଏକ ମାମଲା (ନଂ.୩୪୦/୨୪)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଲିୟାରସିଂ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଗତ ୩୧ ତାରିଖରେ ପାଇକାରପୁର ଅଞ୍ଚଳର ଜଣେ ମହିଳାଙ୍କ ଘରେ ମୋହନ ପଶି ମଦ ପିଇବା ପାଇଁ ପାଣି ମାଗିଥିଲେ। ତେବେ ମହିଳା ଜଣଙ୍କ ମଦ ପିଇବାକୁ ପାଣି ଦେବାକୁ ମନା କରିଥିଲେ। ଏହା ପରେ ମୋହନ ମହିଳାଙ୍କ ଶରୀରରେ ନିଆଁ ଲଗାଇଦେଇଥିଲେ।

# କାର୍ କାଚ ଭାଙ୍ଗି ଆକ୍ରମଣ, ୩ ଗିରଫ



ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)

କାର୍ କାଚ ଭାଙ୍ଗି ଆକ୍ରମଣ କରିବା ଘଟଣାରେ ଖାରବେଳନଗର ଥାନା ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଅଞ୍ଚଳର ରାଜେଶ ପାତ୍ର (୩୦), ଖାରବେଳନଗର ୟୁନିଟ–୩ ଅଞ୍ଚଳର ଶିବ ପାତ୍ର ଓରଫ ବାବୁ (୩୩) ଏବଂ ଲୋକନାଥ ପାତ୍ର ଓରଫ ବାବୁ (୩୧)। ଏହି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅନୁଭବ ପଟ୍ଟନାୟକ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ–୩ ଅଞ୍ଚଳରେ ରୁହନ୍ତି। ଗତ ରବିବାର ଅପରାହ୍ନ ପ୍ରାୟ ୨ଟା ବେଳେ ସେ ନିଜ କାର ଯୋଗେ ଘରକୁ ଫେରୁଥିଲେ। ଘର ନିକଟରେ ଥିବା ଏକ ହୋଟେଲ ସାମ୍ନାରେ ଜଣେ ଜୋମାଟୋ ଡେଲିଭରି ବୟଙ୍କ ସହ ତାଙ୍କର ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାର କିଛି ସମୟ ପରେ ଡେଲିଭରି ବୟ ଜଣକ ସୁସ୍ଥତା ଅନୁଭବ କରି ସେଠାରୁ ଚାଲିଯାଇଥିଲେ। ଏହାପରେ ନିଶାସକ୍ତ ଅବସ୍ଥାରେ ଗିରଫ ୩ ଅଭିଯୁକ୍ତ ସେଠାକୁ ଆସି ଅଚାନକ ଅନୁଭବଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ସେମାନେ ତାଙ୍କ କାର କାଚକୁ ଭାଙ୍ଗି ଆକ୍ରମଣ କରିଥିଲେ। ଫଳରେ ଅନୁଭବ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଅନୁଭବଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଏ ନେଇ ଏତଲା ପରେ ପୋଲିସ ଏକ ମାମଲା (ନଂ. ୩୯୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମହିଳା ବସ୍ କଣ୍ଡକ୍ଟରଙ୍କୁ ଅସଦାଚରଣ

କଟକ ସଦର,୩।୯(ସୁଶାନ୍ତ କୁମାର ଜେନା)

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଚଳାଚଳ କରୁଥିବା ଏକ ବସ୍‌ର ଜଣେ ମହିଳା କଣ୍ଡକ୍ଟରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ମଙ୍ଗଳବାର କନ୍ଦରପୁର ଥାନାରେ ଅଭିଯୋଗ ହୋଇଛି। କଣ୍ଡକ୍ଟରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ଅଭିଯୁକ୍ତଙ୍କ ପତ୍ତା ମିଳି ନ ଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଡ଼ିଡ଼ି ବ୍ଲକ କାର୍ଯ୍ୟାଳୟରୁ ଉତ୍ତର ଶାସନ, ଦରଡାଗ୍ରାମ ଓ ଶଙ୍ଖପୁର ପଞ୍ଚାୟତକୁ ଚଳାଚଳ କରୁଥିବା ଉକ୍ତ ବସ୍ କନ୍ଦରପୁର ବଜାର ଦେଇ ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଯାଉଥିଲା। ଏହି ସମୟରେ କନ୍ଦରପୁର ବଜାରରୁ ଜଣେ ମହିଳା ଓ ତାଙ୍କ ଝିଅ ସହିତ ଅନ୍ୟ ଜଣେ ଯୁବକ ଉଠିଥିଲେ। ବସ୍ କଣ୍ଡକ୍ଟର ସ୍ୱର୍ଣ୍ଣଲତା ସାହୁ ଉକ୍ତ ଯୁବକଙ୍କୁ ଭଡ଼ା ମାଗିଥିଲେ। ହେଲେ ଯୁବକ ଜଣଙ୍କ ଭଡ଼ା ନ ଦେଇ ତାଙ୍କୁ ଗାଳିଗୁଲଜ ସହିତ ଅସଦାଚରଣ କରିଥିଲେ। ବସ୍ ଚାଳକ ସମ୍ପୃକ୍ତ ଯୁବକଙ୍କୁ ବୁଝାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଯୁବକ ଜଣଙ୍କ ଅଥଙ୍ଗା ଛକରେ ଓହ୍ଲାଇ ପଳାଇଥିବା ଏତଲାରେ ଦର୍ଶାଯାଇଛି। କଣ୍ଡକ୍ଟର ଜଣଙ୍କ ଏନେଇ ଥାନାରେ ଏତଲା ଦେଇଛନ୍ତି।

# ବାର୍ଡ ଫ୍ଲୁ: ପିପିଲି ବୁଲିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

ରାଜ୍ୟରେ ବାର୍ଡ ଫ୍ଲୁ ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତର ଭାବେ ନେବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ବାର୍ଡ ଫ୍ଲୁ ରୋଗଜନିତ ବର୍ତ୍ତମାନର ସ୍ଥିତି ଏବଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୋମବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିବାବେଳେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଓଡ଼ିଶାକୁ କେନ୍ଦ୍ରୀୟ ଟିମ୍ ଆସିବା ନେଇ ସୂଚନା ଦିଆଯାଇଛି। ଏହି ଟିମ୍‌ର ସଦସ୍ୟମାନେ ବାର୍ଡ ଫ୍ଲୁ ବ୍ୟାପିଥିବା ପୁରୀ ଜିଲାର ପିପିଲି ଅଞ୍ଚଳ ବୁଲିବା ସହ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହିତ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଯାଇଛି। କେନ୍ଦ୍ରାପଡ଼ାରେ କୁକୁଡ଼ା ମଡ଼କ ପରେ ନମୁନା ଟେଷ୍ଟ ପାଇଁ ପଠାଯାଇଛି। ଏଥିସହ ସବୁ ଜିଲାକୁ ବାର୍ଡ ଫ୍ଲୁ ଆଲର୍ଟ କରାଯାଇଛି। କୁକୁଡ଼ା ଫାର୍ମରେ କାମ କରୁଥିବା ଓ କୁକୁଡ଼ା ସଂସ୍ପର୍ଶରେ ଆସୁଥିବା ଲୋକେ ଅଧିକ ସତର୍କ ରହିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପିପିଲି ଏବେ ବାର୍ଡ ଫ୍ଲୁର ହଟ୍‌ସ୍ପଟ୍ ପାଲଟିଥିବାବେଳେ ହଜାର ହଜାର କୁକୁଡ଼ା ମରାଗଲାଣି। ଆଗକୁ ଆହୁରି କୁକୁଡ଼ା ମାରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବାର୍ଡ ଫ୍ଲୁକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ଏକାଧିକ ବିଭାଗର ସହାୟତା ନିଆଯାଉଛି ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମେଡିକାଲ କଲେଜରେ ଥିବା କମ୍ୟୁନିଟି ମେଡିସିନ ବିଭାଗକୁ ମଧ୍ୟ ଏଥିସହ ଯୋଡ଼ାଯାଇଛି। ଏହି ରୋଗ ପ୍ରଥମେ ଜ୍ୱରରୁ ଆରମ୍ଭ ହୋଇଥାଏ। ସେଥିପାଇଁ ଆଇଡିଏସ୍‌ପି ଅନୁଯାୟୀ ଫିଭର ସର୍ଭେଲାନ୍ସ କରାଯାଉଛି। ନମୁନା ପରୀକ୍ଷା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରୀୟ ଟିମ୍ ଘଟଣାସ୍ଥଳକୁ ନିରନ୍ତର ଗସ୍ତ କରିବା ସହ ସମସ୍ତ ଦିଗ ଉପରେ ନଜର ରଖୁଛନ୍ତି। ରାଜ୍ୟସ୍ତରୀୟ ଆର୍‌ଆର୍‌ଟି (ରାପିଡ୍ ରେସ୍‌ପନ୍ସ ଟିମ୍) ମଧ୍ୟ ଘଟଣାସ୍ଥଳ ଗସ୍ତ କରିଛନ୍ତି। ସରକାର ସମସ୍ତ ଦିଗକୁ ଧ୍ୟାନ ଦେଉଛନ୍ତି, ତେଣୁ ଲୋକେ ବାର୍ଡ ଫ୍ଲୁ କୁ ନେଇ ଆତଙ୍କିତ ହେବା ଉଚିତ୍ ନୁହେଁ ବୋଲି ଡା. ମହାପାତ୍ର କହିଛନ୍ତି। ଏଥିସହ ପିପିଲିର ଯେଉଁଠାରେ ବାର୍ଡ ଫ୍ଲୁ ଉତ୍ସ ଦେଖାଦେଇଛି ସେଠାରେ ସିଡିସିଓଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକ କଣ୍ଟେନମେଣ୍ଟ ଜୋନ କରାଯାଇଛି। କୌଣସି ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହେଲେ ତାଙ୍କର ନମୁନା ପରୀକ୍ଷା କରାଯିବା ସହ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯିବ। ଏ ନେଇ ପ୍ରତ୍ୟେକ ଦିନ ତଥ୍ୟ ସଂଗ୍ରହ କରାଯାଉଥିବା ଡା. ମହାପାତ୍ର ସୂଚନା ଦେଇଛନ୍ତି।




ସୂଚନା ଭବନରେ ମଙ୍ଗଳବାର ଦୈନିକ ଖବରକାଗଜ 'ପର୍ଯ୍ୟବେକ୍ଷକ'ର ୨୬ତମ ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟ ଅତିଥିବୃନ୍ଦ। (ଫଟୋ– ମନୋରଞ୍ଜନ ମିଶ୍ର)

# ଭ୍ରାତୃପ୍ରେମର ନିଦର୍ଶନ ଦେଲା 'ସତ୍ୟ ଶିବ ସୁନ୍ଦର'

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)



ସତ୍ୟ, ଶିବ ଓ ସୁନ୍ଦର ୩ ଭାଇ। ବଡ଼ଭାଇ ସତ୍ୟ ଅବିବାହିତ ହେବା ସହ ପିତାଙ୍କ ଭଳି ସମସ୍ତଙ୍କର ଅଳିଅର୍ଦ୍ଦଳି ସହି ପରିବାରର ମଙ୍ଗଳ ପାଇଁ କାମ କରୁଛନ୍ତି। ଭାଇ–ଭାଇ ଭିତରେ ରହିଛି ଅତୁଟ ସ୍ନେହ ଓ ଭଲପାଇବା। ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ଓ ବୁଝାମଣା ପାଇଁ ପରିବାରଟି ବେଶ୍ ହସଖୁସିରେ ଚାଲିଥିବାବେଳେ କାଳର କରାଳ ଗତିରେ ପରିବାରରେ ଉଠିଛି ଝଡ଼। ସାନଭାଇ ସୁନ୍ଦର ଅପହରଣ ହୋଇଥିବା ନାଟକ ରଚି ଭାଇମାନଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଯାନ୍ତି। ପରବର୍ତ୍ତୀ ସମୟରେ ସେ ଧରାପଡ଼ନ୍ତି ଏବଂ ତାଙ୍କୁ ଭୁଲ୍ ବାଟକୁ ନେଇଥିବା ପ୍ରକୃତ ଦୋଷୀ ମଧ୍ୟ ଦଣ୍ଡ ପାଆନ୍ତି। ତେବେ ସୁନ୍ଦର ଏଭଳି କାଣ୍ଡ କରିବା ପଛର କାରଣ କେହି ଜାଣିବାକୁ ଚେଷ୍ଟା କରନ୍ତି ନାହିଁ। ଆଉ ସତକଥା ଜାଣିବା ବେଳକୁ ହାତରେ ସମୟ ନ ଥାଏ। ସୁନ୍ଦର ବ୍ଲଡ କ୍ୟାନ୍ସରରେ ପୀଡିତ ହୋଇଥିବା କଥା ଜାଣିବା ପରେ ଭାଇମାନେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ବାଟରେ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରନ୍ତି। ଏମିତି ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ ଗତିକରେ ନାଟକ 'ସତ୍ୟ ଶିବ ସୁନ୍ଦର'। ବିଏମ୍‌ସି ରିକ୍ରିଏଶନ କ୍ଲବ୍ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ସତ୍ୟ ଶିବ ସୁନ୍ଦର'। ଏହି ନାଟକକୁ ଡ. ସୁଧାଂଶୁ ନାୟକ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ମନ୍ମଥ ମିଶ୍ର ଏବଂ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ମନୋଜ କୁମାର ପଟ୍ଟନାୟକ। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ନାଟକକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ୬୬୫ ସ୍ଥାନରେ ବଣ୍ଟନ ହେବ 'ସୁଭଦ୍ରା' ଫର୍ମ

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

- ବିଏମ୍‌ସି ଅଞ୍ଚଳର ପ୍ରତି ୱାର୍ଡର ୨ ସ୍ଥାନରେ ଫର୍ମ ଗ୍ରହଣ କରାଯିବ
- ବ୍ୟସ୍ତ ହୋଇ ଅଯଥା ଗହଳି ନ କରିବାକୁ କମିଶନରଙ୍କ ପରାମର୍ଶ

ସୁଭଦ୍ରା ଯୋଜନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆବେଦନପତ୍ର ବା ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହାନଗର ନିଗମାଞ୍ଚଳର ୬୬୫ଟି ସ୍ଥାନରେ ଏହି ଫର୍ମ ବଣ୍ଟନ କରାଯିବ। ପ୍ରତି ୱାର୍ଡରେ ଅତି କମ୍‌ରେ ୨ଟି ସ୍ଥାନରେ ଫର୍ମ ବା ଆବେଦନପତ୍ର ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ମହିଳାମାନଙ୍କୁ ଫର୍ମ ବଣ୍ଟନର ବ୍ୟବସ୍ଥା କରାଯାଇଛି। ଏହି ଫର୍ମ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି। ଯୋଗ୍ୟ ହିତାଧିକାରୀମାନେ ଯେପରି ସୁବିଧାରେ ଆବେଦନପତ୍ର ପାଇପାରିବେ ଓ ଆବେଦନ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ବିଏମ୍‌ସିର ୩ଟି ଜୋନ୍ ଯଥା ଉତ୍ତର ଜୋନ୍‌ର ୪୨ଟି ସ୍ଥାନରେ, ଦକ୍ଷିଣ–ପୂର୍ବ ଜୋନ୍‌ର ୫୦ଟି ସ୍ଥାନରେ ଏବଂ ଦକ୍ଷିଣ–ପଶ୍ଚିମ ଜୋନ୍‌ର ୪୨ଟି ସ୍ଥାନରେ ଏହି ଫର୍ମ ବଣ୍ଟନ କରାଯାଉଛି। ସେହିପରି ସିଡିପିଓ–୧ଙ୍କ ଅଧୀନରେ ୧୨୦ଟି ଅଙ୍ଗନୱାଡି କେନ୍ଦ୍ର, ସିଡିପିଓ–୨ଙ୍କ ଅଧୀନରେ ୧୦୨ଟି ଅଙ୍ଗନୱାଡି କେନ୍ଦ୍ର ଏବଂ ସିଡିପିଓ–୩ଙ୍କ ଅଧୀନରେ ୧୫୬ଟି ଅଙ୍ଗନୱାଡି କେନ୍ଦ୍ରରେ ସୁଭଦ୍ରା ଫର୍ମ ବଣ୍ଟନ କରାଯାଉଛି। ଏହା ବ୍ୟତୀତ ୧୫୬ଟି ଜନସେବା କେନ୍ଦ୍ର/ମୋ ସେବା କେନ୍ଦ୍ରରେ ମଧ୍ୟ ଫର୍ମ ମିଳୁଛି। ଫର୍ମ ନେବା ପାଇଁ କିମ୍ବା ଫର୍ମ ବଣ୍ଟନ ସ୍ଥାନରେ ଭିଡ଼ ନ କରିବାକୁ କମିଶନର ପରାମର୍ଶ ଦେଇଛନ୍ତି। ଫର୍ମକୁ ନିର୍ଭୁଲ ଭାବେ ପୂରଣ କରି ନିଜ ୱାର୍ଡର ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ମୋ ସେବା କେନ୍ଦ୍ରରେ ପ୍ରଦାନ କରିବେ କିମ୍ବା ଅନଲାଇନରେ ଅପଲୋଡ୍ କରିପାରିବେ। ତେବେ ଆବେଦନ ପରେ ପ୍ରାପ୍ତି ସୂଚନା ଆଣିବାକୁ କମିଶନର ପରାମର୍ଶ ଦେଇଛନ୍ତି। ଯେଉଁଆବେଦନକାରୀଙ୍କର ଆଧାର ଆକାଉଣ୍ଟରେ ଲିଙ୍କ୍ ହୋଇନାହିଁ, ଯୁଗ୍ମ ଆକାଉଣ୍ଟ ଅଛି କିମ୍ବା ଅନ୍ୟ କୌଣସି ସମସ୍ୟା ଅଛି, ସେମାନେ ତୁରନ୍ତ ସଂଶୋଧନ କରି ଆବେଦନ କରିପାରିବେ। ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୩୦ହଜାର ଫର୍ମ ଛପାହୋଇ ବିଭିନ୍ନ କେନ୍ଦ୍ରକୁ ପଠାଯାଇଛି। ଜନସଂଖ୍ୟା ଅନୁଯାୟୀ, ବିଏମ୍‌ସି ଅଞ୍ଚଳରେ ୧ ଲକ୍ଷ ୫୦ ହଜାରରୁ ୧ ଲକ୍ଷ ୭୦ ହଜାର ଫର୍ମ ଆବଶ୍ୟକତା ପଡ଼ିପାରେ। ସେହି ଅନୁଯାୟୀ ଫର୍ମ ବଣ୍ଟନ କରାଯିବ। ତେଣୁ କେହି ବ୍ୟସ୍ତ ନ ହେବା ପାଇଁ କମିଶନର ପରାମର୍ଶ ଦେଇଛନ୍ତି।


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/24-25/E-Tender/51,ତା.27.08.2024ରିଖ

(1) ଟେଣ୍ଡର ସଂ.E-tender-EastKUR-171-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ଟାଇ ଲାଇନ୍‌ରେ କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ ଏବଂ ନିର୍ଗୁଣ୍ଡି-ବାରଙ୍ଗ ସେକ୍ସନରେ କି.ମି.399.20 ଠାରୁ କି.ମି.418.363 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 221.46 ଲକ୍ଷ, EMD (ଟଙ୍କାରେ) : 2,60,700/- ।

(2) ଟେଣ୍ଡର ସଂ.eTenderEastKUR-172-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ୍-ସାଳଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 225.23 ଲକ୍ଷ, EMD (ଟଙ୍କାରେ) : 2,62,600/- ।

(3) ଟେଣ୍ଡର ସଂ.e-tender-eastkur-173-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ପରିସୀମା ଅଧୀନସ୍ଥ ରଘୁନାଥପୁର-ପାରାଦ୍ୱୀପ ସେକ୍ସନରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 199.23 ଲକ୍ଷ, EMD (ଟଙ୍କାରେ) : 2,49,600/- ।

(4) ଟେଣ୍ଡର ସଂ.e-tender-eastkur-174-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ପରିସୀମା ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 170.70 ଲକ୍ଷ, EMD (ଟଙ୍କାରେ) : 2,35,400/- ।

ଶେଷ ହେବା ଅବଧି : 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.09.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ଼

PR-490/P/24-25



GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH
At/PO-Nabaghanpur, Dist-Nayagarh,Ph-06753-252049, Email:nayagarhrw2006@yahoo.in

No.Tender-Online-NayagarhDivn.-01/2024-25 Date:02.09.2024

**e-Procurement Notice**

**No.O-244:**1.Name of the Work:Composite Building Work. 2.Total No. of Projects:01 (One) No.of Project. 3.Class of Contractor: a) Estimated cost above Rs.20.00 Lakhs & upto Rs.3.00 Crore: B Class (of Odisha PWD) or relevant class of other licensing authorities.b) Estimated cost upto Rs.40.00 Lakhs: C Class (of Odisha PWD) or relevant class of other licensing authorities. c) Estimated cost upto Rs.20.00 Lakhs: D Class (of Odisha PWD) or relevant class of other licensing authorities. 4. Estimated Cost put to tender: Rs.70.04 Lakh. 5. Time for Completion: 06 (Six) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagarh | No:-Tender-Online-Divn. Nayagarh-01/2024-25 | 11.09.2024 at 11.00 A.M. | 26.09.2024 upto 5.30 P.M. | 27.09.2024 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.

OIPR-25106/11/0002/2425 Sd./- Executive Engineer, Rural Works Division, Nayagarh



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

GOVERNMENT OF ODISHA
**DISTRICT PROJECT OFFICE, SAMAGRA SIKSHYA, KEONJHAR**
Email ID: dpckeonjhar@gmail.com, Ph.: 06766-254103 (Office)
Letter No. 2051/CIVIL Date: 02.09.2024 (File No. 257)

**TENDER CALL NOTICE**

**TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT**

No. n-79: The undersigned invites tenders as per terms and conditions laid down in the Letter No. 2048 dated 02.09.2024 for procurement and installation of 732 Nos. incinerator & 732 Nos. vending machine for different Schools of Keonjhar district. The detail can be downloaded from **https://kendujhar.odisha.gov.in/** **https://osepa.odisha.gov.in.**

**DETAIL DATES RELATING TO BID**

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 18.09.2024 at 5.00 P.M. (Through Regd./Speed Post only) |
| Date of Technical BID Opening | 19.09.2024 at 10.30 A.M. |
| Date of Financial BID Opening | 19.09.2024 (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

By the order of Collector-cum-Chairman, SS, Keonjhar

**Sd./- 02.09.2024**
**District Project Co-ordinator**
**Samagra Sikshya, Keonjhar**

OIPR-27120/11/0002/2425

## ସଂକ୍ଷେପରେ

### ଲୁହାପ୍ଲେଟ୍ ଚୋରି, ୨ ଗିରଫ

**ଖୁଣ୍ଟୁଣୀ, ୩।୯ (ସଚ୍ଚିଦାନନ୍ଦ ପଣ୍ଡା):**

ଚୋରି ଅଭିଯୋଗରେ ଗୁରୁଡ଼ିଝାଟିଆ ପୋଲିସ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୋବାରା ଗ୍ରାମର ରଞ୍ଜନ କୁମାର ମହାନ୍ତି ଓ ପରମାନନ୍ଦ ବେହେରା। ସେମାନଙ୍କଠାରୁ ଚୋରି ଲୁହାପ୍ଲେଟ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଅଭିଯୋଗ ଅନୁଯାୟୀ, ଗୋବାରା ଗ୍ରାମରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ଚେକ୍‌ଡ୍ୟାମ୍‌ରେ ଲୁହାପ୍ଲେଟ୍ ଲଗାଯାଇଥିଲା। ଗତ ୨୯ ତାରିଖରେ ଅଭିଯୁକ୍ତମାନେ ଚେକ୍‌ଡ୍ୟାମ୍‌ରୁ ଲୁହାପ୍ଲେଟ୍ ଚୋରିକରି ନେଇଥିଲେ। ଏନେଇ ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ସୁବ୍ରତ କୁମାର ସାହୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୨/୨୪) ରୁଜୁ କରିଥିଲା। ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର

**କଟକ ସଦର,୩।୯(ସୁଶାନ୍ତ କୁମାର ଜେନା):**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର କୋରପଦାଠାରେ ମଙ୍ଗଳବାର ଅନୁଷ୍ଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ବୈଠକରେ ଅଭାବନୀୟ ପରିସ୍ଥିତି ଉପୁଜିଛି। ବୈଠକର ବିବରଣୀ ସଂଗ୍ରହ କରିବା ପାଇଁ ଆସିଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ରତିକାନ୍ତ ପଟ୍ଟନାୟକଙ୍କୁ ୨ ଯୁବକ ସର୍ବସମ୍ମୁଖରେ ଦୁର୍ବ୍ୟବହାର କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉକ୍ତ ମହିଳା ଗୋଷ୍ଠୀ ପକ୍ଷରୁ କନ୍ଦରପୁର ଥାନାରେ ଏତଲା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କନ୍ଦରପୁର ପଞ୍ଚାୟତର କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି) ସ୍ମିତାପ୍ରଭା ସାହୁଙ୍କୁ ଆକ୍ରୋଶମୂଳକ ଭାବେ ଚାକିରିରୁ ନିଲମ୍ବନ କରାଯାଇଥିବାରୁ ଏହାର ପ୍ରତିବାଦରେ ଏସ୍‌ଏଚ୍‌ଜି ମହିଳାମାନେ ବୈଠକ କରୁଥିଲେ। ଗଣମାଧ୍ୟମ ପ୍ରତିନିଧି ପଟ୍ଟନାୟକ ଉକ୍ତ ବୈଠକର ଭିଡିଓ ଉତ୍ତୋଳନ କରୁଥିବାବେଳେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଅଭିଯୋଗ ହୋଇଥିବାରୁ ଏହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି।

### ଖବରଦାତାଙ୍କ ମାତୃ ବିୟୋଗ

ନରସିଂହପୁର,୩।୯ (ନିରଞ୍ଜନ ଦେବକୁମାର)

ନରସିଂହପୁର ବ୍ଲକର ବରିଷ୍ଠ ଖବରଦାତା ତଥା ଆଇନଜୀବୀ ନିରଞ୍ଜନ ଦେବକୁମାରଙ୍କ ମା' ନିହଲି ଦେବୀଙ୍କର (୭୮) ପରଲୋକ ଘଟିଛି । ମଙ୍ଗଳବାର ଭୋର୍ ୪ଟାବେଳେ ପାର୍ବତୀପୁର ସ୍ଥିତ ନିଜ ବାସଗୃହରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ, ବୋହୂ ୨ ଝିଅ, ଜ୍ୱାଇଁ, ନାତି,ନାତୁଣୀ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ନିହଲି ଦେବୀ ଜଣେ ପରୋପକାରୀ ତଥା ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ନରେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଜବରଦଖଲରେ ଗୋରେଖନାଥ ପୀଠ ସମ୍ମୁଖ ଜାଗା

- ସୌନ୍ଦର୍ଯ୍ୟ ହରାଉଛି ବିଭୂତି କ୍ଷେତ୍ର
- ତହସିଲ ନୋଟିସ୍‌କୁ ବେଖାତିର

**ରଘୁନାଥପୁର,୩।୯ (ରାଜେନ୍ଦ୍ର ନାରାୟଣ ସିଂହ)**

ରାଜ୍ୟରେ ବିଭୂତି କ୍ଷେତ୍ର ରୂପେ ଖ୍ୟାତିଲାଭ କରିଥିବା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ ସମ୍ମୁଖ ଭାଗ ସରକାରୀ ଜମି ଏବେ କେତେଜଣ ବ୍ୟବସାୟୀ ଜବରଦଖଲରେ ରଖିଛନ୍ତି। ଫଳରେ ମୁଖ୍ୟ ଫାଟକ ସମ୍ମୁଖ ପ୍ରବେଶ ପଥ ସଙ୍କୁଚିତ ହୋଇଯାଇଛି। ଏଥିଯୋଗୁ ପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣି ସମୟରେ ଟ୍ରାଫିକ୍ ଜାମ ହେଉଛି। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡ଼ା ବିଭୂତି କ୍ଷେତ୍ର ଦୂରରୁ ସୌନ୍ଦର୍ଯ୍ୟ ହରାଉଥିବା ସମ୍ପର୍କରେ ଆଗନ୍ତୁକ ଯାତ୍ରୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ତହସିଲ ପକ୍ଷରୁ ପୀଠ ସନ୍ନିକଟସ୍ଥ ସରକାରୀ ଜମି ଜବରଦଖଲ ହଟାଇବା ନିମନ୍ତେ ୧୭ ଜଣ ବ୍ୟବସାୟୀଙ୍କୁ ୨ଟି ନୋଟିସ କରାଯାଇଛି। ଲଗାଣ ବର୍ଷା ଏବଂ ଶ୍ରାବଣ ମାସର ଜଳଲାଗି ପର୍ବ ପାଇଁ ବ୍ୟବସାୟୀଙ୍କ ଲିଖିତ ଅଭିଯୋଗକ୍ରମେ ତହସିଲଦାର ଅଭୀପସା ପଟ୍ଟନାୟକ ସେମାନଙ୍କୁ ଏକମାସ ମହଲତ ମଧ୍ୟ ଦେଇଥିଲେ। ଏକ ମାସ ଅତିକ୍ରାନ୍ତ କରିଯାଇଥିଲେ ସୁଦ୍ଧା ତହସିଲ ନୋଟିସକୁ ବ୍ୟବସାୟୀମାନେ ଅଣଦେଖା କରୁଛନ୍ତି। ଦୈନନ୍ଦିନ ପ୍ରଭୁଙ୍କ ପୀଠକୁ ହଜାର ହଜାର ଯାତ୍ରୀ ଆଗମନ କରିଥାନ୍ତି। ପୀଠ ଚତୁଃପାର୍ଶ୍ୱ ରାସ୍ତାକୁ ଲାଗି ରହିଥିବା ସରକାରୀ ଜମିକୁ କେତେଜଣ ବ୍ୟବସାୟୀ ଅବରୋଧ କରି ରଖିଥିବାରୁ ଏକସଙ୍ଗେ ଗୋଟିଏ କାର ଓ ବାଇକ୍ ଯିବା ସମ୍ଭବ ହେଉନି। ପ୍ରଭୁଙ୍କ ଅଗ୍ନି ଉତ୍ସବ, ଯଜ୍ଞ ଓ ଅନ୍ୟ ପର୍ବପର୍ବାଣି ସମୟରେ ଉକ୍ତ ରାସ୍ତାରେ ଟ୍ରାଫିକ ଜାମରେ ଲୋକେ ଘଣ୍ଟା ଘଣ୍ଟା ଫସି ରହିଥାନ୍ତି। ପୀଠ ସମ୍ମୁଖ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଓ ରାସ୍ତାପାର୍ଶ୍ୱ ସରକାରୀ ଜାଗା ଅବରୋଧରୁ ମୁକ୍ତ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଓ ଭକ୍ତଙ୍କ ମହଲରୁ ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏକ ସପ୍ତାହ ମଧ୍ୟରେ ବ୍ୟବସାୟୀମାନେ ନୋଟିସ ଅନୁଯାୟୀ ସରକାରୀ ଜମିକୁ ଉନ୍ମୁକ୍ତ ନ କଲେ ଏଭିକ୍‌ସନ ପାଇଁ ଉପଜିଲାପାଳଙ୍କୁ ଲେଖାଯିବ ବୋଲି ତହସିଲଦାର ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହାଛଡା ରାସ୍ତାକୁ ଲାଗି ରହିଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପଟ୍ଟନାୟକ କହିଛନ୍ତି।



ଗୋରେଖନାଥ ପୀଠ ସମ୍ମୁଖ ଜାଗାକୁ ବ୍ୟବସାୟୀମାନେ ଜବରଦଖଲ କରିଛନ୍ତି । ।

# ଅବସରପ୍ରାପ୍ତ ସୈନିକଙ୍କୁ ନିଆରା ସମ୍ବର୍ଦ୍ଧନା

**ମାହାଙ୍ଗା,୩।୯ (ଯଯାତି ସିଂହ)**

**ବାଜା ରୋଶଣିରେ ଗାଁକୁ ପାଛୋଟି ନେଲେ**

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ପଶୁଲୁଣ୍ଡା ଗ୍ରାମରେ ମଙ୍ଗଳବାର ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗ୍ରାମର ଅବସରପ୍ରାପ୍ତ ସୀମା ସୁରକ୍ଷା ବାହିନୀର ହେଡ୍ କନଷ୍ଟେବଲ ଯୋଗେନ୍ଦ୍ରନାଥ ଦାସଙ୍କୁ ଅବସର ପରେ ନିଆରା ସମ୍ବର୍ଦ୍ଧନା ଦିଆଯାଇଛି। ସେ

୪୦ ବର୍ଷ ଧରି ଦେଶ ମାତୃକାର ସେବା କରିବା ସହ ବୀର ସୈନିକମାନଙ୍କୁ ପ୍ରଶିକ୍ଷଣ ଦେଇଆସୁଥିଲେ । ସୋମବାର ଅବସର ନେଇ ଗାଁକୁ ଫେରିଛନ୍ତି। ଏହି ଅବସରରେ ରାଧାକୃଷ୍ଣ କ୍ଲବ ଓ ପଶୁଲୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଗ୍ରାମବାସୀ ତାଙ୍କୁ ବିରୂପା ନଦୀ ନିକଟରୁ ବାଜା ବାଣରେ ରୋଶଣି କରି ଶୋଭାଯାତ୍ରାରେ ଗାଁକୁ ନେଇଥିଲେ। କୁଆଁପାଳ ବଜାରଠାରେ ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗେନ୍ଦ୍ରନାଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମାହାଙ୍ଗା ବ୍ଲକ ସମ୍ମୁଖରେ ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗାଁରେ ପହଞ୍ଚିବା ପରେ ମହିଳାମାନେ ତାଙ୍କୁ ବନ୍ଦାପନା କରିଥିଲେ। ଏହାପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ପ୍ରଭଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ଧର୍ମଶାଳା କଲେଜ ଅଧ୍ୟାପକ ଡ. ସୁନାକର ଦାସ, ସରପଞ୍ଚ ରାଜକିଶୋର ବଳ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି , ସୈନିକ ସର୍ବଶ୍ରୀ ରମେଶ ନାୟକ, ଚିତ୍ତରଞ୍ଜନ ମିଶ୍ର, ମହେନ୍ଦ୍ର ଦାସ, ମନୋହର ନାୟକ, ଭାଗ୍ୟଧର ଦାସ, ବିଜ୍ଞାନ ଦାସ, ହରିହର କୁଅଁର, ମନୋରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ କୁମାର ସାହୁ, ସତ୍ୟଜିତ ଲେଙ୍କା, ହୃଷୀକେଶ ନାୟକଙ୍କ ପ୍ରମୁଖ ଯୋଗଦେଇ ଯୋଗେନ୍ଦ୍ରନାଥଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।


ଅବସରପ୍ରାପ୍ତ ସୈନିକ ଯୋଗେନ୍ଦ୍ରନାଥ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଗଣେଶ ପୂଜା ପାଇଁ ମଣ୍ଡପ ଉତ୍ସବମୁଖର

**ସାଲେପୁର,୩।୯(ଅରବିନ୍ଦ ଭୂୟାଁ):**

ଗଣେଶପୂଜା ପାଖେଇ ଆସୁଥିବାବେଳେ ପୂଜା ମଣ୍ଡପଗୁଡ଼ିକ ଉତ୍ସବମୁଖର ହୋଇଉଠୁଛି। ମୂର୍ତ୍ତି କାରିଗରମାନେ ବିଭିନ୍ନ ଆକୃତିର ଗଣେଶଙ୍କ ପ୍ରତିମାରେ ଶେଷ ସ୍ପର୍ଶ କରିବାପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିଲେଣି । ଏହି ଅବସରରେ ରୋଧପୁର ଶାରଳା କ୍ଲବ ପକ୍ଷରୁ ପ୍ରଭୁ ଗଜାନନଙ୍କ ପ୍ରତିମା ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ସେହିପରି ସାଲେପୁର ବ୍ଲକ୍‌ର ଅରବିନ୍ଦ ମାର୍ଗ, ଇଲେଭେନ୍ ଷ୍ଟାର କ୍ଲବ୍, ମା'ସାହେଶ୍ୱରୀ କ୍ଲବ୍, ଚିତ୍ରେଶ୍ୱରୀ କ୍ଲବ୍, ଭାନେଶ୍ୱରୀ କ୍ଲବ୍, ତାରିଣୀ କ୍ଲବ୍, ସତ୍ୟନାରାୟଣ କ୍ଲବ୍, ଜୀବନଜ୍ୟୋତି କ୍ଲବ୍, ଚିତ୍ରେଶ୍ୱରୀ କ୍ଲବ୍ ସମେତ ଗ୍ରାମାଞ୍ଚଳରେ ଥିବା ସମସ୍ତ କ୍ଲବ୍‌ଗୁଡିକରେ ଗଣେଶ ପୂଜା ପାଇଁ ଜୋରସୋର ପ୍ରସ୍ତୁତି ଚାଲିଛି। ବିଭିନ୍ନ ପୂଜାମଣ୍ଡପଗୁଡ଼ିକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରିବାପାଇଁ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଗଣେଶ ପୂଜା ଶେଷ ପରେ ଭସାଣି ଉତ୍ସବ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଚଳିତ ବର୍ଷ ମା'ଶାରଳା ପୂଜା କମିଟି ପକ୍ଷରୁ ଭସାଣି ଉତ୍ସବରେ କଳାହାଣ୍ଡି କଞ୍ଚପାର ନୃତ୍ୟ ମୁଖ୍ୟଆକର୍ଷଣ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ସେହିପରି ଅରବିନ୍ଦ ମାର୍ଗ ଗଣେଶ ଭସାଣି ଉତ୍ସବରେ ୧୦୧ ଘଣ୍ଟୁଆ ଘଣ୍ଟ ବାଦ୍ୟ କରି ଭସାଣି ଉତ୍ସବକୁ ଆକର୍ଷଣୀୟ କରିବାପାଇଁ ପ୍ରସ୍ତୁତ କରାଯାଉଛି।



ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। କଳାହାଣ୍ଡି କଞ୍ଚପା ପ୍ରଥମ କରି ସାଲେପୁର ଭସାଣି ଉତ୍ସବରେ ଯୋଗଦେଉଥିବାରୁ ଏହି ଭସାଣି ଉତ୍ସବ ଦେଖିବାପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଅନୁମାନ କରାଯାଉଛି । ସେହିପରି ଇଲେଭେନ୍ ଷ୍ଟାର କ୍ଲବ୍ ପକ୍ଷରୁ ଭସାଣି ଉତ୍ସବ ନୂତନ ଢ଼ଙ୍ଗରେ ଅନୁଷ୍ଠିତ ହେବ

### ଧବଳେଶ୍ୱର ବିଜ୍ଞାନ ଓ ବୈଷୟିକ କଲେଜ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ପ୍ରଦୀପ ସାହୁ

**ଖୁଣ୍ଟୁଣୀ, ୩।୯ (ସଚ୍ଚିଦାନନ୍ଦ ପଣ୍ଡା)**



ଆଠଗଡ଼ ବ୍ଲକ ଅଧୀନ ବାଳୀସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ବିଜ୍ଞାନ ଓ ବୈଷୟିକ କଲେଜର ଅଧ୍ୟକ୍ଷ ଭାବେ ପ୍ରଦୀପ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ଅଧ୍ୟକ୍ଷ ଥିବା ସୁରେଶ ଚନ୍ଦ୍ର ରାଉତରାୟ ଗତ ୩୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଅଧ୍ୟକ୍ଷ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ବିଦାୟୀ ଅଧ୍ୟକ୍ଷ ରାଉତରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସାହୁ ପୂର୍ବରୁ ଏହି କଲେଜରେ ମୁଖ୍ୟ ପ୍ରଶାସନିକ ଅଧିକାରୀ ସହିତ ଇଂଲିଶ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟକରି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି।

# ଭସାଣିରେ ସାମିଲ ହେବେ ମହିଳା

**କଟକ,୩।୯(ଶିଳ୍ପା ପ୍ରିୟଦର୍ଶିନୀ)**

ଆସନ୍ତା ୭ରେ ଗଣେଶ ପୂଜା। ଏଥିପାଇଁ କଟକର ବିଭିନ୍ନ କ୍ଲବ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି କଟକ ରାଣୀହାଟ ମାଳିସାହିର ସେଭେନ୍ ଷ୍ଟାର୍ କ୍ଲବ୍। ପ୍ରାୟ ୫୨ ବର୍ଷ ହେବ ଏହି କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଳନ କରାଯାଉଛି। ଚଳିତବର୍ଷ ଧୂମ୍‌ଧାମ୍‌ରେ ପୂଜା କରିବା ପାଇଁ କର୍ମକର୍ତ୍ତାମାନେ ଉତ୍ସାହିତ ଅଛନ୍ତି। ଏହି କ୍ଲବ୍‌ରେ ସଭାପତି ସୁକୁମାର ସିହ୍ନା ଓ ସମ୍ପାଦକ ସମ୍ପଦ ବେହେରାଙ୍କ ସହିତ ୬୫ ଜଣ ସଦସ୍ୟ ରହିଛନ୍ତି। କ୍ଲବ୍ କର୍ମକର୍ତ୍ତା ସୂଚନା ଅନୁଯାୟୀ, ଚଳିତବର୍ଷ ପୂଜା ପାଇଁ ୩.୫ ଲକ୍ଷ ଟଙ୍କାର ବଜେଟ୍ ରହିଛି। ୮ଫୁଟ୍ ଉଚ୍ଚତା ବିଶିଷ୍ଟ ଲାଲ୍‌ବାଗ ଡିଜାଇନର ଗଣେଶ ମୂର୍ତ୍ତି ପୂଜା କରାଯିବ। ପୋଲିସ ପ୍ରଶାସନର ନିଷ୍ପତ୍ତିକ୍ରମେ ନିଶାମୁକ୍ତ ଓ ଡିଜେମୁକ୍ତ ଭସାଣି ପାଇଁ ପୂଜାରେ ପୁଷ୍ପାଞ୍ଜଳି ଦେବାବେଳେ କ୍ଲବ୍ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିବେ। ୨ଟି ଲାଇଟ୍ ଗେଟ୍ ସହିତ ସ୍ଥାନୀୟ ଅଞ୍ଚଳକୁ ଆଲୋକରେ ସଜାଯିବ। ପୂଜା ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଭସାଣିରେ ୧୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯିବା ସହ ଉକ୍ତ ଅଞ୍ଚଳର ମହିଳାମାନେ ସାମିଲ ହେବେ। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ସମେତ ଯାଜପୁରର ବ୍ୟାଣ୍ଡ ପାର୍ଟି ସାମିଲ ହେବ।


ସେଭେନ୍ ଷ୍ଟାର୍ କ୍ଲବ୍‌ର କର୍ମକର୍ତ୍ତା ।

# ଏଲ୍‌ଆଇସିର ବୀମା ସପ୍ତାହ ଉତ୍ସବ ଶୁଭାରମ୍ଭ

**କଟକ ,୩।୯ :**

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ଉତ୍ସବର ଶୁଭାରମ୍ଭ ହୋଇଛି। ସୋମବାର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ସୋମବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଏଲ୍‌ଆଇସିର ଅବସରପ୍ରାପ୍ତ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସିନ୍ଧୁବାଳା ଚୌଧୁରୀ ଯୋଗଦେଇଥିଲେ। ଦେଶ୍ୟାପୀ ଏଲ୍‌ଆଇସିର ୧୧୩ ମଣ୍ଡଳ ରହିଛି। ବିହାରର ପାଟନାସ୍ଥିତ ପୂର୍ବ ମଧ୍ୟ କ୍ଷେତ୍ର ଅଧୀନ ୧୧ଟି ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ଅଗ୍ରଣୀ ରହିଛି। କଟକ ମଣ୍ଡଳ ଅଧୀନରେ ୧୦ଟି ଜିଲାର ୧୯ ଶାଖା, ୨୮ ସାଟେଲାଇଟ୍ ଅଫିସ୍, ଗୋଟିଏ କଷ୍ଟମର ଜୋନ୍ ଓ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ରହିଛି। କଟକ ମଣ୍ଡଳରେ ସମସ୍ତ ଶ୍ରେଣୀର ମୋଟ୍ ୧୨୬୦ଜଣ କର୍ମଚାରୀ ଥିବାବେଳେ ୨୫୧୪୯ଜଣ ଅଭିକର୍ତ୍ତା କାର୍ଯ୍ୟରତ ଅଛନ୍ତି। ସେହିପରି ଏହି ମଣ୍ଡଳ ୨୦୨୩–୨୪ ଆର୍ଥିକ ବର୍ଷରେ ୪୬୯୨୪୬ଟି ନୂଆ ପଲିସି କରି ସର୍ବଭାରତୀୟସ୍ତରରେ ୨ୟ ସ୍ଥାନ ହାସଲ କରିଛି। ୮୯ କୋଟି ଟଙ୍କାର ନୂତନ ପ୍ରିମିୟମ୍ ଆୟ କରି ଜୋନ୍‌ରେ ପ୍ରଥମ ସ୍ଥାନ ଓ ସର୍ବଭାରତୀୟ ସ୍ତରରେ ୪ର୍ଥ ସ୍ଥାନରେ ରହିଛି ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ ଉପସ୍ଥିତ ଥିଲେ।

# ବିଜ୍ଞାନ ବିଷୟରେ ଅଧିକ ଜ୍ଞାନ ଆହରଣ କରନ୍ତୁ

**ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ**

**ସାଲେପୁର,୩।୯(ଅରବିନ୍ଦ ଭୂୟାଁ):**

ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ମଣ୍ଡଳର ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୨୯୬ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଶିକ୍ଷାଧିକାରୀ ଲକ୍ଷେ ହୀରା ଲାବଣ୍ୟବତୀ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମୁଖ୍ୟବକ୍ତା ଭାବେ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ସାଲେପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ପୂର୍ବତନ ସାଲେପୁର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀ, ସାଲେପୁର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ପତି ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ କହିବା ସହ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ବିଷୟରେ ଅଧିକ ଜ୍ଞାନ ଆହରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଭବିଷ୍ୟତରେ ଜଣେ ବଡ଼ ମଣିଷ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବିଜ୍ଞାନ, ଗଣିତ ଓ ପରିବେଶ ଉପରେ ଆଧାରିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ସର୍ବ କନିଷ୍ଠ ବର୍ଗରେ ୯୯, କନିଷ୍ଠ ବର୍ଗରେ ୬୨ ଏବଂ ବରିଷ୍ଠ ବର୍ଗରେ ୧୩୫ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ଶିକ୍ଷକ ସଂଘ ସଭାପତି ସୟଦ ଜାକି ଅମିନ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଫଜଲ ହୁସେନ୍ ଧନ୍ୟବାଦ ଦେଇଥିଲେ। ସିଆରସିସି ଶିବଶଙ୍କର ସ୍ୱାଇଁ, ଭରତ ଚରଣ ବାରିକ, ନିବାରଣ ସ୍ୱାଇଁ, ରମାକାନ୍ତ ପରିଡ଼ା, ବିଜୟ କୁମାର ଦାଶ, ଦୀନବନ୍ଧୁ ସାହୁ, କେଶବ ଚନ୍ଦ୍ର ବେହେରା, ମାନସ ରଞ୍ଜନ ପଣ୍ଡା, ଅନନ୍ତ କୁମାର ସାହୁ, ସଞ୍ଜୟ କୁମାର ମଲ୍ଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିଆରସିସି ମୃତ୍ୟୁଞ୍ଜୟ ମିଶ୍ର, ଅନ୍ତର୍ଯାମୀ ଭୋଳ, ମାନସରଞ୍ଜନ ରାଉତ, ପ୍ରଭାତ କୁମାର ବେହେରା, ରଞ୍ଜନ ବେହେରା, ସମରେନ୍ଦ୍ର ପଣ୍ଡା, ଅଭୟ କୁମାର ବେହେରା, ମନୋରଞ୍ଜନ ପୃଷ୍ଟି, ରଞ୍ଜନ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସଭାରେ ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଅନ୍ୟମାନେ ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/24-25/E-Tender/51,ତା.27.08.2024ରିଖ

(1) ଟେଣ୍ଡର ସଂ.E-tender-EastKUR-171-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ଟାଇ ଲାଇନ୍‌ରେ କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ ଏବଂ ନିର୍ଗୁଣ୍ଡି-ବାରଙ୍ଗ ସେକ୍ସନରେ କି.ମି.399.20 ଠାରୁ କି.ମି.418.363 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 221.46 ଲକ୍ଷ, EMD (ଟଙ୍କାରେ) : 2,60,700/- ।

(2) ଟେଣ୍ଡର ସଂ.eTenderEastKUR-172-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ଼-ସାଲଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 225.23 ଲକ୍ଷ, EMD (ଟଙ୍କାରେ) : 2,62,600/- ।

(3) ଟେଣ୍ଡର ସଂ.e-tender-eastkur-173-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ପରିସୀମା ଅଧୀନସ୍ଥ ରଘୁନାଥପୁର-ପାରାଦ୍ୱୀପ ସେକ୍ସନରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 199.23 ଲକ୍ଷ, EMD (ଟଙ୍କାରେ) : 2,49,600/- ।

(4) ଟେଣ୍ଡର ସଂ.e-tender-eastkur-174-2024,ତା.21.08.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ପରିସୀମା ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 170.70 ଲକ୍ଷ, EMD (ଟଙ୍କାରେ) : 2,35,400/- ।

ଶେଷ ହେବା ଅବଧି : 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.09.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-490/P/24-25

**GOVT. OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**

At/PO-Nabaghanpur, Dist-Nayagarh,Ph-06753-252049, Email:nayagarhrw2006@yahoo.in

No.Tender-Online-NayagarhDivn.-01/2024-25 Date:02.09.2024

**e-Procurement Notice**

**No.O-244:**1.Name of the Work:Composite Building Work. 2.Total No. of Projects:01 (One) No.of Project. 3.Class of Contractor: a) Estimated cost above Rs.20.00 Lakhs & upto Rs.3.00 Crore: B Class (of Odisha PWD) or relevant class of other licensing authorities.b) Estimated cost upto Rs.40.00 Lakhs: C Class (of Odisha PWD) or relevant class of other licensing authorities. c) Estimated cost upto Rs.20.00 Lakhs: D Class (of Odisha PWD) or relevant class of other licensing authorities. 4. Estimated Cost put to tender: Rs.70.04 Lakh. 5. Time for Completion: 06 (Six) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagarh | No:-Tender-Online-Divn. Nayagarh-01/2024-25 | 11.09.2024 at 11.00 A.M. | 26.09.2024 upto 5.30 P.M. | 27.09.2024 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.

OIPR-25106/11/0002/2425 Sd./- Executive Engineer, Rural Works Division, Nayagarh

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**GOVERNMENT OF ODISHA**

**DISTRICT PROJECT OFFICE, SAMAGRA SIKSHYA, KEONJHAR**

Email ID: dpckeonjhar@gmail.com, Ph.: 06766-254103 (Office)

Letter No. 2051/CIVIL Date: 02.09.2024 (File No. 257)

**TENDER CALL NOTICE**

**TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT**

No. n-79: The undersigned invites tenders as per terms and conditions laid down in the Letter No. 2048 dated 02.09.2024 for procurement and installation of 732 Nos. incinerator & 732 Nos. vending machine for different Schools of Keonjhar district. The detail can be downloaded from **https://kendujhar.odisha.gov.in/ https://osepa.odisha.gov.in.**

**DETAIL DATES RELATING TO BID**

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 18.09.2024 at 5.00 P.M. (Through Regd./Speed Post only) |
| Date of Technical BID Opening | 19.09.2024 at 10.30 A.M. |
| Date of Financial BID Opening | 19.09.2024 (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

By the order of Collector-cum-Chairman, SS, Keonjhar

**Sd./- 02.09.2024**
**District Project Co-ordinator**
**Samagra Sikshya, Keonjhar**

OIPR-27120/11/0002/2425

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୃଦ୍ଧା ଆହତ

### କୁକୁର ନ ଆସିବା ପାଇଁ ଲଗାଯାଇଥିଲା

ଗୋପ,୩।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଘରେ ବୁଲା କୁକୁର ପଶିଯାଉ ଥିବାରୁ ଗୋପ ବ୍ଲକ ଅଧୀନ ମହଲପଡ଼ା ଓରେଇ ଗ୍ରାମର ଅଜୟ ପ୍ରଧାନ ଘରେ ବିଦ୍ୟୁତ୍ ତାର ଲଗାଇଥିଲେ। ମଙ୍ଗଳବାର ସକାଳେ ଅଜୟଙ୍କ ବୋଉ ପ୍ରମିଳା ପ୍ରଧାନ (୭୩) ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ବିଭିନ୍ନ ସମୟରେ ବୁଲା କୁକୁରମାନେ ଅଜୟଙ୍କ ଘରେ ପଶିଯାଉ ଥିବାରୁ ରାଗରେ ଅଜୟ ବିଦ୍ୟୁତ୍ ତାର ଲଗାଇ କରେଣ୍ଟ ଦେଇଥିଲେ। ମଙ୍ଗଳବାର ସକାଳେ ପ୍ରମିଳା ଜାଣି ନ ପାରି ଘରେ ପଶି ଯିବାରୁ ତାଙ୍କ ଡାହାଣ ହାତରେ ବିଦ୍ୟୁତ୍ ତାର ଲାଗି ଯାଇଥିଲା। ସେହିବାଟ ଦେଇ ଯାଉଥିବା ଜଣେ ସମ୍ପର୍କୀୟ ଯୁବକ ଏହା ଜାଣିପାରି ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ଗୋପ ଡାକ୍ତରଖାନାକୁ ଆଣିଥିଲେ। ସେ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିବା ଡାକ୍ତର କହିଛନ୍ତି।

# ୨ବର୍ଷ ଧରି ଜବରଦଖଲରେ ମାର୍କେଟ କମ୍ପ୍ଲେକ୍ସ

ଗୋପ,୩।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ନାଗପୁର ପଞ୍ଚାୟତର ମିନି ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ଜବରଦଖଲକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନାଗପୁର ପଞ୍ଚାୟତ ସରପଞ୍ଚ ପଦ୍ମପ୍ରର୍ଣ୍ଣା ଦଳାଇ ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ଓ ଗୋପ ପୋଲିସକୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ସରକାରଙ୍କ ପକ୍ଷରୁ ପଞ୍ଚାୟତର ରକ୍ଷଣାବେକ୍ଷଣ ଲାଗିଥିବା ଯୋଜନା ବାଟବଣା ହେଉଛି।

ପ୍ରକାଶ ଯେ, ୨୦୨୧ ଆର୍ଥିକ ବର୍ଷରେ ନାଗପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ୫ ବଖରା ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ଦୋକାନ ଗୃହ ନିର୍ମାଣ ପରେ ଏହି ଗୃହକୁ ସ୍ଥାନୀୟ ଲୋକଙ୍କୁ ସରକାରୀ ନିୟମ ଅନୁସାରେ ଭଡ଼ା ସୂତ୍ରରେ ଦିଆଯାଇ ଆଦାୟ ଅର୍ଥରେ ପଞ୍ଚାୟତର ଉନ୍ନତୀକରଣରେ ଲଗା ଯାଇଥାନ୍ତା। ମାତ୍ର



ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ନିର୍ମାଣ ପରେ କେତେଜଣ ବ୍ୟକ୍ତି ବିଶେଷ ଏହି ଗୃହକୁ ଜୋରଜବରଦସ୍ତ ମାଡ଼ି ବସିଛନ୍ତି। ଦୀର୍ଘବର୍ଷ ଧରି ଏହି ଦୋକାନ ଗୃହ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ନାଗପୁର ପଞ୍ଚାୟତ ସରପଞ୍ଚ ଦଳାଇ ବିଡିଓ ଛବିରାଣୀ ସାହୁଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର ଗୋପ ପୋଲିସ ନିକଟରେ ଦୁଇ ଦୁଇ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ ଏନେଇ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏପରି କି ସରକାରଙ୍କ ନିୟମ ଅନୁସାରେ ଏହି ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ସାର,

**ଅଭିଯୋଗ ସତ୍ତ୍ୱେ ବ୍ଲକ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା**

ମାଛ ଭଳି ଆଉ କେତେକ ବ୍ୟବସାୟ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଜବରଦଖଲକାରୀମାନେ ସାର, ଔଷଧ ସହିତ ଆଉ କେତେକ ମାଛ ଜାଲ ରଖିଥିବା ଗ୍ରାମ ପଞ୍ଚାୟତ ଅଧିକାରୀ ସର୍ବେଶ୍ୱର ସ୍ୱାଇଁ କହିଛନ୍ତି। ଏହି ଜବରଦଖଲ ସମ୍ପର୍କରେ ନାଗପୁର ପଞ୍ଚାୟତ ସରପଞ୍ଚ ଦଳାଇଙ୍କୁ ପଚାରିବାରେ, ସେ ବାରମ୍ବାର ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ବିଡିଓ ସାହୁ ଓ ପୋଲିସକୁ ଅଭିଯୋଗ କରିଥିବା କହିଥିଲେ। ଏନେଇ ବିଡିଓ ସାହୁଙ୍କୁ ପଚାରିବାରେ, ସେ ଅଭିଯୋଗ ସମ୍ପର୍କରେ ପୋଲିସକୁ କହିଛନ୍ତି। କିନ୍ତୁ ଗୋପ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଜିଲାପାଳଙ୍କୁ ଅଭିଯୋଗ ଅବଗତ କରିବା କହିଛନ୍ତି।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

ଅସ୍ତରଙ୍ଗ,୩।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷଠାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନି ବ୍ଲକସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ଉପସ୍ଥିତିରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ ଓ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏଥିରେ ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ ୮୨,୫୭୦ ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ୧୦୨ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୧୬୧ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ସୂଚନା ମିଳିଛି। ଅସ୍ତରଙ୍ଗ ବ୍ଲକରେ ୧୫ଗୋଟି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିବା ବେଳେ ପାରିଶ୍ରମିକ ବାବଦକୁ ୨,୫୪,୨୬,୦୦୦ ଟଙ୍କା ପ୍ରଦାନ କରାଯାଇଥିବା ଶିବିରରେ

**୨୦୨୩-୨୪ ଆର୍ଥିକ ବର୍ଷରେ ୮୨,୫୭୦ ଶ୍ରମ ଦିବସ ସୃଷ୍ଟି**

ସୂଚନା ଦିଆଯାଇଥିଲା। ଅସ୍ତରଙ୍ଗ ବ୍ଲକରେ ୧୩,୫୩୦ ହିତାଧିକାରୀଙ୍କୁ ଜବ୍‌କାର୍ଡ ଯୋଗାଇ ଦିଆଯାଇଛି। ୨୫ଟି ପରିବାର ୧୦୦ଦିନର କାମ କରିଛନ୍ତି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାଥମିକ ଅଗ୍ରାଧିକାର ପରିବାର ଅଧୀନରେ ୧୪,୬୧୭ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧୀନରେ ୨୦୭୯ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଯୋଗାଣ ନିରୀକ୍ଷକ ଜ୍ୟୋତ୍ସ୍ନାରାଣୀ ବେହେରା ସୂଚନା ଦେଇଛନ୍ତି। ଏଥିରେ ବ୍ଲକ ଲାଇନ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସମୀକ୍ଷକ ଇତିଶ୍ରୀ ନାୟକ ଓ ଯୋଗାଣ ନିରୀକ୍ଷକ ଜ୍ୟୋସ୍ନାରାଣୀ ବେହେରା ପରିଚାଳନା କରିଥିଲେ।

# ବେଦାନ୍ତ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଜମି ଫେରି ପାଇବା ଆଶାରେ ଚାଷୀ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

ଚାଷୀଙ୍କ ପେଟକୁ ନାତ ମାରି ପୂର୍ବ ବିଜେଡି ସରକାର ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇଛି। ଏପରି କି ଅନିଲ ଅଗ୍ରୱାଲ ଫାଉଣ୍ଡେଶନକୁ ଦିଆଯାଇଥିବା ଚାଷୀଙ୍କ ୮ହଜାର ଏକର ଜମିକୁ ଫେରାଇ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। କେବଳ ସେତିକି ନୁହେଁ ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶ ବିରୋଧରେ ତତ୍କାଳୀନ ବିଜେଡି ସରକାର ଏବଂ ବେଦାନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ହେଲେ ଉଭୟ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ ସୁଦ୍ଧା ତତ୍କାଳୀନ ବିଜେଡି ସରକାର କିମ୍ବା ବେଦାନ୍ତ ଚାଷୀଙ୍କୁ ଜମି ଫେରସ୍ତ କରିନାହାନ୍ତି। ଶେଷରେ ୨୦୨୪ ଜୁଲାଇରେ ନବ ନିର୍ମାଣ କୃଷକ ସଂଗଠନର ଆବେଦନ ଉପରେ କୋର୍ଟ ଶୁଣାଣି କରି ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବା ପାଇଁ ନୋଟିସ ଦେଇଛନ୍ତି। ପୂର୍ବ ସରକାରର ବେଦାନ୍ତ ପ୍ରତି ଅହେତୁକ ଅନୁକମ୍ପା ଯୋଗୁ ଏଭଳି ଘଟିଥିବାବେଳେ ଏବେ ମୋହନ ସରକାରରେ ନ୍ୟାୟ ପାଇବାକୁ ଚାଷୀ ଆଶା ରଖିଛନ୍ତି।

ପ୍ରକାଶ ଯେ, ଅଧିଗ୍ରହଣ କରାଯାଇଥିବା ଜମି ସମ୍ମୁଖରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଥିବାସତ୍ତ୍ୱେ କେଉଁ ଆଧାରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଅଧିଗୃହୀତ ସରକାରୀ ଜମି ଦଖଲକୁ ଆସିଛି: ଜିଲାପାଳ**

ଅନୁମତି ଦିଆଯାଇଥିଲା ଓ ଅହେତୁକ ଅନୁକମ୍ପା ଦେଖାଇ ସମସ୍ତ ଟିକସ ଛାଡ଼ ସହିତ ମାଗଣା ପାଣି, ବିଜୁଳି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପର୍ଯ୍ୟନ୍ତ ଗୋଟିଏ ବି ସ୍କୁଲ କିମ୍ବା କଲେଜ ପ୍ରତିଷ୍ଠା କରି ନ ଥିବା ଅନିଲ ଅଗ୍ରୱାଲ ଫାଉଣ୍ଡେଶନକୁ ଏତେ ବଡ଼ ବିଶ୍ୱବିଦ୍ୟାଳୟ କରିବାକୁ ତତ୍କାଳୀନ ରାଜ୍ୟ ସରକାର କାହିଁକି ଅନୁମତି ଦେଇଥିଲେ, ସେନେଇ ତଦନ୍ତ ଜରୁରୀ। ଏଥିସହିତ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାରୀ ଜମିଗୁଡ଼ିକ ସରକାରଙ୍କ ଦଖଲକୁ ଆସିସାରିଛି। ଅଧିଗ୍ରହଣ ହୋଇଥିବା ପ୍ରାଇଭେଟ୍ ଲ୍ୟାଣ୍ଡଗୁଡ଼ିକୁ ଫେରାଇ ଆଣିବା ପାଇଁ ସମ୍ପୃକ୍ତ ବିଭାଗକୁ ମଧ୍ୟ ଜଣାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଚାଷୀଙ୍କ ବ୍ୟକ୍ତିଗତ ଜମି ଫେରସ୍ତ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଅନିଲ ଅଗ୍ରୱାଲ୍ ଫାଉଣ୍ଡେଶନ ସହ ଆଲୋଚନା କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

# ଅବରୋଧମୁକ୍ତ କରିବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ବଳଙ୍ଗା,୩।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଜଳସେଚନ ଡିଭିଜନ ଅଧୀନସ୍ଥ ଚନ୍ଦନପୁର ଶାଖା କେନାଲ ଉପଶାଖାର ଏକ କେନାଲ ବନ୍ଧକୁ ଜଣେ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ନିର୍ମାଣ ଓ ଗୋବରଖତ ଜମା କରି ରଖିଛନ୍ତି। ଏହାକୁ ଅବରୋଧମୁକ୍ତ କରିବା ପାଇଁ ଅଭିଯୋଗକାରିଣୀ ନମିତା ପାଣିଗ୍ରାହୀସ୍ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସତ୍ୟବାଦୀ ତହସିଲ୍ ନିକଟ ଗବକୁଣ୍ଡ ପୋଷ୍ଟ ରାୟଖଣ୍ଡି ମୌଜା ବଙ୍ଗାଳିସାହି ଅନ୍ତର୍ଗତ ଖାତା ନମ୍ବର ୩୫୪ ପ୍ଲଟ୍ ନମ୍ବର ୩୨୩/୧୮୯୯ କିସମ ବନ୍ଧ ଜଳସେଚନ ବିଭାଗ ନିମାପଡ଼ାର ଉପଶାଖା ବଳଙ୍ଗା ଅଧୀନସ୍ଥ ଏହି କେନାଲ ବନ୍ଧକୁ ବୁଦ୍ଧିଆ ବେହେରା ନାମକ ଜଣେ ବ୍ୟକ୍ତି ଅବରୋଧ କରି ରଖିଛନ୍ତି। ବୁଦ୍ଧିଆ ବେହେରାଙ୍କ ଖାତା ନମ୍ବର ୩୨୨ ପ୍ଲଟ୍ ୩୨୭ରେ ୦. ୦୨ ଡିସିମିଲ୍ ଘରବାରି ରହିଛି, କିନ୍ତୁ ସେ ୦. ୦୫ ଡିସିମିଲ୍ ଜାଗା ଅବରୋଧ କରି ରଖିଥିବା ନମିତା ଅଭିଯୋଗ କରିଛନ୍ତି। ଉକ୍ତ ସରକାରୀ ଜାଗାରେ ସେ

- କେନାଲ ବନ୍ଧ ରାସ୍ତାରେ ସ୍ଥାୟୀ ନିର୍ମାଣ
- ୧୦ ସୁଦ୍ଧା ଖାଲି କରିବାକୁ ନିର୍ଦ୍ଦେଶ
- ନଚେତ୍ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ

ପକ୍କାଘର, ପାଇଖାନା, ମେଣ୍ଢା ରଖିବା ପାଇଁ ଏକ ଗୁହାଳ ଓ ଅବଶିଷ୍ଟ ଜାଗାରେ ଛଣ ଓ ଗୋବର ଗଦେଇ ରଖିଛନ୍ତି। ପ୍ଲଟ୍‌କୁ ଯିବା ପାଇଁ ରାସ୍ତା ଛାଡୁନାହାନ୍ତି, ଯାହାଦ୍ୱାରା ତାଙ୍କର ପଡ଼ୋଶୀ ନମିତା ପାଣିଗ୍ରାହୀ ବଳଙ୍ଗାସ୍ଥିତ ଜଳସେଚନ ବିଭାଗରେ ୨୫।୦୪।୨୦୨୪ରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ଜଳସେଚନ ବିଭାଗ ଏସ୍‌ଡିଓ ସଂଗ୍ରାମ ମହାନ୍ତି ଉକ୍ତ ବିଷୟକୁ ତଦନ୍ତ କରି କହିଥିଲେ ଯେ, କେନାଲର ଗୋଟିଏ ବନ୍ଧ ବୁଦ୍ଧିଆ ବେହେରା ଅବରୋଧ କରି ରଖିଛନ୍ତି। ତୁମେ ଅନ୍ୟ ବନ୍ଧ ଦେଇ ଯିବାଆସିବା କର।

ଅଭିଯୋଗକାରିଣୀ ନମିତା ପାଣିଗ୍ରାହୀ ମେ' ୧୦ ତାରିଖରେ ସୂଚନା ଅଧିକାରରେ ଏହି ଜାଗାର ତଥ୍ୟ ମାଗିଥିଲେ। କିନ୍ତୁ ଏ ଯାଏ ତାଙ୍କୁ କିଛି ଉତ୍ତର ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଚିଠିର ଉତ୍ତର ଦେବା ପାଇଁ ସତ୍ୟବାଦୀ ତହସିଲ୍‌ଦାରଙ୍କୁ ପଠାଇଥିଲେ। ପରେ ତହସିଲ୍‌ଦାର ଜଳସେଚନ ଡିଭିଜନର ଏସ୍‌ଡିଓଙ୍କୁ ଉତ୍ତର ଦେବା ପାଇଁ କହିଥିଲେ। ଏସ୍‌ଡିଓ ଉତ୍ତର ଦେଇଥିବା ଚିଠିରେ କୌଣସି ଆନୁସଙ୍ଗିକ କାଗଜପତ୍ର ଦେଇ ନ ଥିବାରୁ ତହସିଲ୍‌ଦାର ବିରକ୍ତି ପ୍ରକାଶ କରିଥିଲେ। ଅଭିଯୋଗକାରିଣୀ ଏସ୍‌ଡିଓଙ୍କ ପାଖକୁ ଯାଇ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରିବାରୁ, ମୁଁ ତୁମ କାମ କରିବି ନାହିଁ ବୋଲି କହିଥିଲେ। ଉକ୍ତ ବିଷୟରେ ବଳଙ୍ଗା ଏସ୍‌ଡିଓଙ୍କ ସହ ଯୋଗାଯୋଗ କରିବାରେ ଆସନ୍ତା ୧୦ ତାରିଖ ସୁଦ୍ଧା ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦେଇଛୁ, ଯଦି ବୁଦ୍ଧିଆ ବେହେରା ଜାଗା ଖାଲି ନ କରନ୍ତି ତେବେ ପୋଲିସ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# ଗାଁରେ ଉଚ୍ଚକ୍ଷମତାସମ୍ପନ୍ନ କେବୁଲ ସଂଯୋଗ ନେଇ ଉତ୍ତେଜନା

ସାକ୍ଷୀଗୋପାଳ,୩।୯ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

**ସଂଯୋଗ ରାସ୍ତାରେ ରହିଛି ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି, ସ୍ୱାସ୍ଥ୍ୟ କେନ୍ଦ୍ର**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳଅଳସା ପଞ୍ଚାୟତର ମୂଳଅଳସା ଗ୍ରାମ ରାସ୍ତାକୁ ତିନିଫୁଟ୍ ଖୋଳି ଏକ ନିର୍ମାଣ ସଂସ୍ଥାକୁ ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ କେବୁଲ ସଂଯୋଗ କରିବାକୁ ବିରୋଧ କରିଛନ୍ତି ସମୂହ ଗ୍ରାମବାସୀ। ଗାଁ ଦେଇ ଯାଉଥିବା ବିଦ୍ୟୁତ କେବୁଲ ଗ୍ରାମର ବୃଦ୍ଧାବୃଦ୍ଧ, ଛୋଟ ଶିଶୁ ଓ ଗୃହ ପାଳିତ ପଶୁଙ୍କ ପ୍ରତି ବିପଦ ସୃଷ୍ଟି କରିବା ସମ୍ଭାବନା ରହିଛି।



ବିଦ୍ୟୁତ ସଂଯୋଗ ନିମନ୍ତେ ମୂଳଅଳସା ଗ୍ରାମ ରାସ୍ତା ଖୋଳାଯାଉଛି।

ଉକ୍ତ ରାସ୍ତାରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟକୁ ଦୈନିକ ଶତାଧିକ ଲୋକ ଚଳପ୍ରଚଳ କରୁଛନ୍ତି। ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରି କାମ ବନ୍ଦ ପାଇଁ ଗ୍ରାମ କମିଟି ପକ୍ଷରୁ କୁହାଯାଇଥିଲେ ମଧ୍ୟ ଖନନ କାର୍ଯ୍ୟ ବନ୍ଦ କରୁ ନ ଥିବାରୁ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସମସ୍ୟାର ସମାଧାନ ସ୍ୱରୂପ ଏହି କାର୍ଯ୍ୟ ବନ୍ଦ କରା ନ ଗଲେ ଆଗକୁ ଏହା ଉଗ୍ରରୂପ ନେବ ବୋଲି ଗ୍ରାମବାସୀ କହିଛନ୍ତି।

ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ସତ୍ୟବାଦୀ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ନୀଳାଞ୍ଚଳ ପାତ୍ର, ସତ୍ୟବାଦୀ ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଓ ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହି କାର୍ଯ୍ୟ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି।

ଏ ସମ୍ପର୍କରେ ସତ୍ୟବାଦୀ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ନୀଳାଞ୍ଚଳ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ବିଦ୍ୟୁତ ସଂଯୋଗ ନିମନ୍ତେ ଆମେ ଅନୁମତି ପ୍ରଦାନ କରିଛୁ ବୋଲି କହିଛନ୍ତି। ନିର୍ମାଣ ସଂସ୍ଥାକୁ ବିଦ୍ୟୁତ ସଂଯୋଗ କରୁଥିବା ବ୍ୟକ୍ତି ଏଥିପାଇଁ ୫ ଫୁଟ୍ ଗାତ ଖୋଳି ଉପଯୁକ୍ତ ସୁରକ୍ଷିତ ପାଇପ୍ ମଧ୍ୟରେ କେବୁଲ୍ ନେବେ। ଘଟଣା ସମ୍ପର୍କରେ ସତ୍ୟବାଦୀ ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଗ୍ରାମବାସୀଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟି ଦେଇ ବୁଧବାର ଅଳସା ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରାଯିବା ପରେ ନିର୍ଣ୍ଣୟ କରାଯିବ ବୋଲି କହିଛନ୍ତି।

## ଅଗ୍ନି ବିପନ୍ନଙ୍କୁ ପ୍ରୟାସର ସହାୟତା

ସାକ୍ଷୀଗୋପାଳ,୩।୯(ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳ ବ୍ଲକ ସୁକଳ ପଞ୍ଚାୟତର ଆଳିସ ଗ୍ରାମରେ ନିକଟରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପ୍ରଭାବିତ ପରିବାର ଲୋକଙ୍କୁ ସହାୟତା ନିମନ୍ତେ ପ୍ରୟାସ ପରିବାର ପକ୍ଷରୁ ମଙ୍ଗଳବାର ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଛି। ପ୍ରୟାସ ମୁଖ୍ୟ କାମାକ୍ଷା ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ପୀଡ଼ିତଙ୍କ ସହ ଆଲୋଚନା କରି ସମବେଦନା ଜଣାଇଥିଲେ। ଉକ୍ତ ପରିବାରଗୁଡ଼ିକୁ ଶୁଖିଲା ଖାଦ୍ୟ, ପିନ୍ଧା ବସ୍ତ୍ର, ଟର୍ଚ୍ଚ, ମଶାରି ଆଦି ପ୍ରଦାନ କରାଯାଇଛି। ପ୍ରଧାନଙ୍କ ସମେତ ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ, ବିଶ୍ୱଜିତ୍ ବଡ଼ଜେନା, ଜିମ୍ନଜୟ ମତଗଜ ସିଂ, କିଶୋର ମାର୍ଥା, ଗଙ୍ଗାଧର ଛାଟୋଇ, ପ୍ରାତୁର୍ଯ୍ୟ ହୋତା, ଗୋବର୍ଦ୍ଧନ ବିଶ୍ୱାଳ, ଗାନ୍ଧୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ: ପିପିଲି ବୁଲିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

ରାଜ୍ୟରେ ବାର୍ଡ ଫ୍ଲୁ ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତର ଭାବେ ନେବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ବାର୍ଡ ଫ୍ଲୁ ରୋଗଜନିତ ବର୍ତ୍ତମାନର ସ୍ଥିତି ଏବଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୋମବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିବାବେଳେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଓଡ଼ିଶାକୁ କେନ୍ଦ୍ରୀୟ ଟିମ୍ ଆସିବା ନେଇ ସୂଚନା ଦିଆଯାଇଛି। ଏହି ଟିମ୍‌ର ସଦସ୍ୟମାନେ ବାର୍ଡ ଫ୍ଲୁ ବ୍ୟାପିଥିବା ପୁରୀ ଜିଲାର ପିପିଲି ଅଞ୍ଚଳ ବୁଲିବା ସହ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହିତ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଯାଇଛି। କେନ୍ଦ୍ରାପଡ଼ାରେ କୁକୁଡ଼ା ମଡ଼କ ପରେ ନମୁନା ଟେଷ୍ଟ ପାଇଁ ପଠାଯାଇଛି। ଏଥିସହ ସବୁ ଜିଲାକୁ ବାର୍ଡ ଫ୍ଲୁ ଆଲର୍ଟ କରାଯାଇଛି। କୁକୁଡ଼ା ଫାର୍ମରେ କାମ କରୁଥିବା ଓ କୁକୁଡ଼ା ସଂସ୍ପର୍ଶରେ ଆସୁଥିବା ଲୋକେ ଅଧିକ ସତର୍କ ରହିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପିପିଲି ଏବେ ବାର୍ଡ ଫ୍ଲୁ'ର ହଟ୍‌ସ୍ପଟ୍ ପାଲଟିଥିବାବେଳେ ହଜାର ହଜାର କୁକୁଡ଼ା ମରାଗଲାଣି। ଆଗକୁ ଆହୁରି କୁକୁଡ଼ା ମାରିବା ଲାଗି ନିଷ୍ପତ୍ତି ନିଆଯାଇଛି। ବାର୍ଡ ଫ୍ଲୁକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ଏକାଧିକ ବିଭାଗର ସହାୟତା ନିଆଯାଉଛି ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମେଡିକାଲ କଲେଜରେ ଥିବା କମ୍ୟୁନିଟି ମେଡିସିନ ବିଭାଗକୁ ମଧ୍ୟ ଏଥିସହ ଯୋଡ଼ାଯାଇଛି। ଏହି ରୋଗ ପ୍ରଥମେ ଜ୍ୱରରୁ ଆରମ୍ଭ ହୋଇଥାଏ। ସେଥିପାଇଁ ଆଇଡିଏସ୍‌ପି ଅନୁଯାୟୀ ଫିଭର ସର୍ଭେଲାନ୍ସ କରାଯାଉଛି। ନମୁନା ପରୀକ୍ଷା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରୀୟ ଟିମ୍ ଘଟଣାସ୍ଥଳକୁ ନିରନ୍ତର ଗସ୍ତ କରିବା ସହ ସମସ୍ତ ଦିଗ ଉପରେ ନଜର

# ନଦୀକୂଳ, ରାସ୍ତା ପାର୍ଶ୍ୱ ପାଲଟିଛି ମୁକ୍ତ ଶୌଚାଳୟ

ଅସ୍ତରଙ୍ଗ,୩।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

୨୦୧୯ ଅକ୍ଟୋବର ୨ ସମ୍ପୂର୍ଣ୍ଣ ବାହ୍ୟମଳମୁକ୍ତ (ଓଡିଏଫ୍) ଘୋଷଣା କରାଯାଇଥିଲା। ଘୋଷଣା ହେବାର କେତେମାସ ପୂର୍ବରୁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ର ଅନେକ ପଞ୍ଚାୟତ ବାହ୍ୟମଳମୁକ୍ତ ଗାଁ ଘୋଷଣା କରାଯାଇଥିଲା। ଗ୍ରାମାଞ୍ଚଳରେ ଶତପ୍ରତିଶତ ପାଇଖାନା ନିର୍ମାଣ କରାଯାଇ ଶୌଚମୁକ୍ତ ଗାଁ ବୋଲି ସୂଚନା ଫଳକ ଲଗାଯାଇଥିଲା। ହେଲେ ବାସ୍ତବରେ ତାହା ଚିତ୍ର ଏବେ କିନ୍ତୁ ଓଲଟା ଦେଖିବାକୁ ମିଳୁଛି। ଏବେ ବି ଲୋକେ ସଚେତନତାର ଅଭାବ ଯୋଗୁ ନଦୀକୂଳ, ରାସ୍ତାପାର୍ଶ୍ୱ, କେନାଲ ତଟରେ ଶୌଚ କରୁଥିବା ଦେଖିବାକୁ ମିଳୁଛି।

ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପୁରୀ ଜିଲା ଅସ୍ତରଙ୍ଗରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରି ନାହିଁ। କେବଳ ଅଧିକାରୀମାନେ କାଗଜପତ୍ରରେ ଦର୍ଶାଇଥିବା ନେଇ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ୨୦୧୪ରେ ଅସ୍ତରଙ୍ଗ ବ୍ଲକ୍‌ରେ ମାତ୍ର ୪ ପ୍ରତିଶତ ପରିବାରରେ ପାଇଖାନା ଥିଲା।



ଗ୍ରାମୀଣ ସ୍ୱଚ୍ଛ ଭାରତ ଯୋଜନା ପ୍ରଣୟନ ପରେ ଏ କ୍ଷେତ୍ରରେ ସଫଳତା ମିଳିଥିଲା। ହିତାଧିକାରୀଙ୍କ ଜମାଖାତାକୁ ପାଇଖାନା ନିର୍ମାଣ ପାଇଁ ୧୨ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। ଲୋକେ ପାଇଖାନା ବ୍ୟବହାର ଆରମ୍ଭ କଲେ। ଅନେକ

- ସ୍ୱଚ୍ଛ ଭାରତ ଯୋଜନା ପ୍ରହସନ
- ଗ୍ରାମାଞ୍ଚଳରେ ଅର୍ଦ୍ଧାଧିକ ପାଇଖାନାରେ ଅସ୍ତିତ୍ୱ ନାହିଁ
- ଦୁର୍ନୀତିର ମଧ୍ୟ ତଦନ୍ତ ନାହିଁ

ସ୍ଥାନରେ ପୁରୁଣା ପାଇଖାନା ଘରକୁ ଚୂନମାରି ସ୍ୱଚ୍ଛ ଭାରତ ଯୋଜନାରେ ମିଥ୍ୟା ବିଲ୍ କରାଯାଇଥିବା ସାଙ୍ଘାତିକ ଅଭିଯୋଗ ମଧ୍ୟ ହୋଇଥିଲା। ତଦନ୍ତ ନ ହେବାରୁ ଦୁର୍ନୀତିରେ ଲିପ୍ତ ବାବୁମାନଙ୍କ ମୁଖା ଖୋଲିପାରିଲା ନାହିଁ। ଏବେ ଗ୍ରାମାଞ୍ଚଳରେ ଥିବା ଅର୍ଦ୍ଧାଧିକ ପାଇଖାନାର ଅସ୍ତିତ୍ୱ ନାହିଁ। ଅଧିକାଂଶ ପାଇଖାନା ଘର ଭାଙ୍ଗିଗଲାଣି। ଲୋକେ ବାଧ୍ୟ ହୋଇ ବାହାରେ ଶୌଚ କରୁଛନ୍ତି। ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ବାହ୍ୟ ଶୌଚମୁକ୍ତ ଘୋଷଣା କରାଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ଠିକ୍ ଭାବରେ କରାଯାଉ ନାହିଁ। ଏଣୁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/24-25/E-Tender/51,ତା.27.08.2024ରିଖ

(1) ଟେଣ୍ଡର ସଂ.E-tender-EastKUR-171-2024,ତା.21.08.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ଟାଇ ଲାଇନ୍‌ରେ କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ ଏବଂ ନିର୍ଗୁଣ୍ଡି-ବାରଙ୍ଗ ସେକ୍ସନରେ କି.ମି.399.20 ଠାରୁ କି.ମି.418.363 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 221.46 ଲକ୍ଷ, EMD (ଟଙ୍କାରେ): 2,60,700/-।

(2) ଟେଣ୍ଡର ସଂ.eTenderEastKUR-172-2024,ତା.21.08.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ୍-ସାଳଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 225.23 ଲକ୍ଷ, EMD (ଟଙ୍କାରେ): 2,62,600/-।

(3) ଟେଣ୍ଡର ସଂ.e-tender-eastkur-173-2024,ତା.21.08.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ପରିସୀମା ଅଧୀନସ୍ଥ ରଘୁନାଥପୁର-ପାରାଦ୍ୱୀପ ସେକ୍ସନରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 199.23 ଲକ୍ଷ, EMD (ଟଙ୍କାରେ): 2,49,600/-।

(4) ଟେଣ୍ଡର ସଂ.e-tender-eastkur-174-2024,ତା.21.08.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ପରିସୀମା ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.70 ଲକ୍ଷ, EMD (ଟଙ୍କାରେ): 2,35,400/-।

ଶେଷ ହେବା ଅବଧି : 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.09.2024 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-490/P/24-25

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH
At/PO-Nabaghanpur, Dist-Nayagarh,Ph-06753-252049, Email:nayagarhrw2006@yahoo.in

No.Tender-Online-NayagarhDivn.-01/2024-25 Date:02.09.2024

**e-Procurement Notice**

No.O-244:1.Name of the Work:Composite Building Work. 2.Total No. of Projects:01 (One) No.of Project. 3.Class of Contractor: a) Estimated cost above Rs.20.00 Lakhs & upto Rs.3.00 Crore: B Class (of Odisha PWD) or relevant class of other licensing authorities.b) Estimated cost upto Rs.40.00 Lakhs: C Class (of Odisha PWD) or relevant class of other licensing authorities. c) Estimated cost upto Rs.20.00 Lakhs: D Class (of Odisha PWD) or relevant class of other licensing authorities. 4. Estimated Cost put to tender: Rs.70.04 Lakh. 5. Time for Completion: 06 (Six) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagarh | No:-Tender-Online-Divn. Nayagarh-01/2024-25 | 11.09.2024 at 11.00 A.M. | 26.09.2024 upto 5.30 P.M. | 27.09.2024 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.

OIPR-25106/11/0002/2425 Sd./- Executive Engineer, Rural Works Division, Nayagarh

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

GOVERNMENT OF ODISHA
DISTRICT PROJECT OFFICE, SAMAGRA SIKSHYA, KEONJHAR
Email ID: dpckeonjhar@gmail.com, Ph.: 06766-254103 (Office)
Letter No. 2051/CIVIL Date: 02.09.2024 (File No. 257)

**TENDER CALL NOTICE**

TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT

No. n-79: The undersigned invites tenders as per terms and conditions laid down in the Letter No. 2048 dated 02.09.2024 for procurement and installation of 732 Nos. incinerator & 732 Nos. vending machine for different Schools of Keonjhar district. The detail can be downloaded from https://kendujhar.odisha.gov.in/ https://osepa.odisha.gov.in.

**DETAIL DATES RELATING TO BID**

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 18.09.2024 at 5.00 P.M. (Through Regd./Speed Post only) |
| Date of Technical BID Opening | 19.09.2024 at 10.30 A.M. |
| Date of Financial BID Opening | 19.09.2024 (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

By the order of Collector-cum-Chairman, SS, Keonjhar

Sd./- 02.09.2024
District Project Co-ordinator
Samagra Sikshya, Keonjhar

OIPR-27120/11/0002/2425

# ମହାପ୍ରଭୁଙ୍କୁ ଲାଗିହେଲା ସପ୍ତପୁରି ପିଠା

## ଶ୍ରୀମନ୍ଦିରରେ ବସ୍ତ୍ର ହରଣ ନୀତି ସମ୍ପନ୍ନ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)



ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରି ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା ନାମରେ ପାଳନ କରାଯାଏ। ଏହି ଅମାବାସ୍ୟା ତିଥିରେ ଭଗବାନ ଶ୍ରୀଜଗନ୍ନାଥଙ୍କଠାରେ ସପ୍ତପୁରି ପିଠା ଭୋଗ ଲାଗିଥାଏ। ତେବେ ମଙ୍ଗଳବାର ଅମାବାସ୍ୟା (ମଳ) ଅବସରରେ ଶ୍ରୀମନ୍ଦିର ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଯାଇଛି। ସପ୍ତପୁରୀ (ସାତପୁର) ବିଶିଷ୍ଟ ପିଠା ପ୍ରସ୍ତୁତ କରାଯାଇ ଠାକୁରଙ୍କଠାରେ ଭୋଗଲାଗି କରାଯାଇଥିଲା। ସପ୍ତପୁରି ପିଠା ଭୋଗ ନୀତି ପୂର୍ବରୁ ସୋମବାର ଅଠରନଳା ନିକଟରେ ଅବସ୍ଥିତ ଅଲାମଚଣ୍ଡୀ ମନ୍ଦିରରୁ ଆବଶ୍ୟକ ତାଡ଼ ଶ୍ରୀମନ୍ଦିରକୁ ଆସିଥିଲା। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରି ପିଠା ଲାଗି ହୋଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ୩ ବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ରୋଷ ଘରେ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ପରେ ସାତପୁରି ଭୋଗ ତାଟ ରୋଷ ଘରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ମଣୋହି କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ତାଟ ଥାଇ ବନ୍ଦାପନା କରିଥିଲେ। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ପରେ ଶ୍ରୀମନ୍ଦିରରୁ ସପ୍ତପୁରି ତାଟ ରାଜନଅରକୁ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳି ସହ ସପ୍ତପୁରି ପିଠା ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ବିଜେ କରିଥିଲା। ସେହିପରି ଅମାବାସ୍ୟା ତିଥି ଅବସରରେ କୃଷ୍ଣଲୀଳା କ୍ରମରେ ଶ୍ରୀମନ୍ଦିରରେ ବସ୍ତ୍ର ହରଣ ଲୀଳା ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ନିକଟରେ ଥିବା ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ଗୋପୀଙ୍କ ବସ୍ତ୍ର ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା ଘଟଣା, ଯୁବକ ଗିରଫ

ନିରାକାରପୁର, ୩।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ଓରବରସିଂହ ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ଏକତରଫା ପ୍ରେମ କରି ନିର୍ଯାତନା ଦେବାରୁ ଯୁବତୀ ଜଣଙ୍କ ଗତ ୧ତାରିଖରେ ଆତ୍ମହତ୍ୟା କରିଥିଲେ। ଏନେଇ ଯୁବତୀଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୯୯/୨୪)ରୁଜୁକରି ତଦନ୍ତ ଚଳାଇବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁଶୀଲ କୁମାର ମଙ୍ଗରାଜ। ସୂଚନାଥାଉ କି, ଗତ ୧ତାରିଖରେ ଯୁବତୀ ଜଣଙ୍କ ଘରେ ଆତ୍ମହତ୍ୟା କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଶତାୟୁ ମହିଳାଙ୍କ ପରଲୋକ

ଟାଙ୍ଗୀ,୩।୯(ରଘୁନାଥ ସାହୁ)

ନୂଆପଡା ଗ୍ରାମର ଶତାୟୁ ମହିଳା ନେତ୍ରମଣି ମହାନ୍ତିଙ୍କ ଗତ ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପି ଓ ଧର୍ମପରାୟଣ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବରପାଇ ଅଞ୍ଚଳର ବହୁ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରାଜେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଗାଡ଼ି ସାଇଡ୍‌ମରାକୁ ନେଇ ଯୁବକଙ୍କୁ ଛୁରାମାଡ଼

ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)



ଆହତ ଯୁବକ ଏନ୍. କାର୍ତ୍ତିକ।

ଭୁବନେଶ୍ୱରର ମହର୍ଷି କଲେଜ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗାଡ଼ି ସାଇଡ୍‌ମରାକୁ ନେଇ ୩ଜଣ ଯୁବକ ବଚସା କରି ଏହି କାଣ୍ଡ ଘଟାଇଛନ୍ତି। ଛୁରାମାଡ଼ରେ ଆହତ ଯୁବକ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗନଗର ଅଞ୍ଚଳର ଏନ୍. କାର୍ତ୍ତିକ୍। ଘଟଣା ପରେ କାର୍ ଯୋଗେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଛୁରାମାଡ଼ରେ କାର୍ତ୍ତିକଙ୍କ ଡାହାଣ ହାତର ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ବାମ ହାତର ବୁଢ଼ା ଅଙ୍ଗୁଳିରେ ମଧ୍ୟ ଛୁରି ବାଜିଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ କାର୍ତ୍ତିକ ଏହି ଘଟଣା ସଂକ୍ରାନ୍ତରେ ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ୪୦ରେ କାର୍ତ୍ତିକ ତାଙ୍କର ଜଣେ ବନ୍ଧୁଙ୍କ ସହିତ ବାଇକରେ ମହର୍ଷି କଲେଜ ରୋଡ୍‌ରେ କୌଣସି କାମରେ ଯାଉଥିଲେ। ଏହି ସମୟରେ ଏକ କାର୍‌ରେ ୩ ଜଣ ଯୁବକ ସେହି ରାସ୍ତାରେ ଯାଇ କାର୍ତ୍ତିକଙ୍କ ବାଇକ୍‌କୁ ସାଇଡ୍ ମାରିଥିଲେ। କାର୍ତ୍ତିକ ଓ ତାଙ୍କ ସାଙ୍ଗ ଏହାକୁ ବିରୋଧ କରି କାର୍ ଠିକ୍‌ରେ ଚଳାଇବାକୁ କହିଥିଲେ। ଏହାପରେ କାର୍‌ରେ

### ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସର ତଦନ୍ତ

ଥିବା ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୁଣ୍ଡାମାନଙ୍କୁ ଡାକିବାକୁ ଧମକ ଦେଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ୍ କାର୍‌ରୁ ଜଣେ ଯୁବକ ଛୁରି ଧରି ଆସି କାର୍ତ୍ତିକଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତ ଜଣଙ୍କ ଛାତିକୁ ଲକ୍ଷ୍ୟ କରି ଆକ୍ରମଣ କରିବା ବେଳେ କାର୍ତ୍ତିକ ହାତ ଦେଖାଇ ଦେଇଥିଲେ। ଫଳରେ ତାଙ୍କ ହାତରେ ଛୁରି ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଯୁବକମାନେ ସ୍ଥାନୀୟ ଅଞ୍ଚଳର ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି।

## ଏସ୍‌ସିବିରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ପାଇଁ ଆଲୋଚନା

କଟକ,୩।୯(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ପାଇଁ ହାଇଦ୍ରାବାଦସ୍ଥିତ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି (ଏଆଇଜି) ଟିମ୍‌ର ଉପସଭାପତି ସନ୍ତୋଷ କୁମାର ସାହୁ ମଙ୍ଗଳବାର ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଓ ଯକୃତ ପ୍ରତିରୋପଣ ପାଇଁ ନିୟୋଜିତ ଥିବା ଡାକ୍ତରୀ ଟିମ୍ ସହିତ ଆଲୋଚନା କରିଛନ୍ତି। ଉକ୍ତ ଆଲୋଚନାବେଳେ ଆସନ୍ତା ସପ୍ତାହ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ମେଡିକାଲ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୩ ତାରିଖରେ ଏଆଇଜି ଟିମ୍ ଏସ୍‌ସିବି ମେଡିକାଲର ହେପାଟୋଲୋଜି ବିଭାଗରେ ୪ଜଣଙ୍କ ସ୍କ୍ରିନିଂ କରିଥିଲା। ସେମାନଙ୍କ ମଧ୍ୟରୁ ପ୍ରତିରୋପଣ ପାଇଁ ୨ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏନେଇ ସନ୍ତୋଷ କହିଛନ୍ତି, ପ୍ରତିରୋପଣ ସଂକ୍ରାନ୍ତରେ ସମସ୍ତ ଆଲୋଚନା କରାଯାଇଛି। ମେଡିକାଲ ପକ୍ଷରୁ ସମସ୍ତ ପ୍ରସ୍ତୁତି ପରେ ଟିମ୍‌କୁ ଅବଗତ କରାଯିବ। ଫଳରେ ଟିମ୍ ଏସ୍‌ସିବିରେ ପହଞ୍ଚିବ ଏବଂ ପ୍ରତିରୋପଣ କରାଯିବ।

# ଭ୍ରାତୃପ୍ରେମର ନିଦର୍ଶନ ଦେଲା 'ସତ୍ୟ ଶିବ ସୁନ୍ଦର'



ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

ସତ୍ୟ, ଶିବ ଓ ସୁନ୍ଦର ୩ ଭାଇ। ବଡ଼ଭାଇ ସତ୍ୟ ଅବିବାହିତ ହେବା ସହ ପିତାଙ୍କ ଭଳି ସମସ୍ତଙ୍କର ଅଳିଅର୍ଦ୍ଦଳି ସହି ପରିବାରର ମଙ୍ଗଳ ପାଇଁ କାମ କରୁଛନ୍ତି। ଭାଇ-ଭାଇ ଭିତରେ ରହିଛି ଅତୁଟ ସ୍ନେହ ଓ ଭଲପାଇବା। ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ଓ ବୁଝାମଣା ପାଇଁ ପରିବାରଟି ବେଶ୍ ହସଖୁସିରେ ଚାଲିଥିବାବେଳେ କାଳର କରାଳ ଗତିରେ ପରିବାରରେ ଉଠିଛି ଝଡ଼। ସାନଭାଇ ସୁନ୍ଦର ଅପହରଣ ହୋଇଥିବା ନାଟକ ରଚି ଭାଇମାନଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଯାନ୍ତି। ପରବର୍ତ୍ତୀ ସମୟରେ ସେ ଧରାପଡ଼ନ୍ତି ଏବଂ ତାଙ୍କୁ ଭୁଲ୍ ବାଟକୁ ନେଇଥିବା ପ୍ରକୃତ ଦୋଷୀ ମଧ୍ୟ ଦଣ୍ଡ ପାଆନ୍ତି। ତେବେ ସୁନ୍ଦର ଏଭଳି କାଣ୍ଡ କରିବା ପଛର କାରଣ କେହି ଜାଣିବାକୁ ଚେଷ୍ଟା କରନ୍ତି ନାହିଁ। ଆଉ ସତକଥା ଜାଣିବା ବେଳକୁ ହାତରେ ସମୟ ନ ଥାଏ। ସୁନ୍ଦର ବ୍ଲଡ କ୍ୟାନ୍ସରରେ ପୀଡିତ ହୋଇଥିବା କଥା ଜାଣିବା ପରେ ଭାଇମାନେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ବାଟରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରନ୍ତି। ଏମିତି ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ ଗତିକରେ ନାଟକ 'ସତ୍ୟ ଶିବ ସୁନ୍ଦର'। ବିଏମ୍‌ସି ରିକ୍ରିଏଶନ କ୍ଲବ୍ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ସତ୍ୟ ଶିବ ସୁନ୍ଦର'। ଏହି ନାଟକକୁ ଡ. ସୁଧାଂଶୁ ନାୟକ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ମନ୍ମଥ ମିଶ୍ର ଏବଂ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ମନୋଜ କୁମାର ପଟ୍ଟନାୟକ। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ନାଟକକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୌସୁମୀରେ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ବ୍ୟବସ୍ଥା

ଭୁବନେଶ୍ୱର,୩।୯ (ଅନୁରାଧା ମହାରଣା)

ମୌସୁମୀରେ ନିରବଚ୍ଛିନ୍ନ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ (ଇକୋର) କୋଟଭାଲାସା-କିରାଣ୍ଡୁଲ (କେକେ) ରେଳ ମାର୍ଗରେ ସ୍ୱତନ୍ତ୍ର ହିଲ୍ ଗ୍ୟାଙ୍ଗ ଏବଂ ଟନେଲ ରକ୍ଷଣାବେକ୍ଷଣ ଦଳ ଗଠନ ତଥା ନିୟୋଜିତ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଅରୁଣାଚଳ ପ୍ରଦେଶରେ ଥିବା ଜାତୀୟ ପର୍ବତାରୋହଣ ସଂସ୍ଥା (ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂ) ପର୍ବତାରୋହଣରେ ୨୦ରୁ ଅଧିକ ରେଳ କର୍ମଚାରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ପଦକ୍ଷେପକୁ ଆଧାର କରି ଇଞ୍ଜିନିୟରିଂ, ଟ୍ରାକ୍ସନ ଏବଂ ଆକ୍ସିଡେଣ୍ଟ ରିଲିଫ ବିଭାଗର ଅତିରିକ୍ତ ୩୦ଜଣ କର୍ମଚାରୀ ଆସନ୍ତା ଅକ୍ଟୋବରରେ ଉକ୍ତ ଅନୁଷ୍ଠାନରେ ବିଶେଷଜ୍ଞ ତାଲିମ ନେବାକୁ ପୂର୍ବତଟ ରେଳପଥ ପକ୍ଷରୁ ସ୍ଥିର କରାଯାଇଛି। ଏହି ଦଳଗୁଡିକୁ ନୂତନ ଜରୁରିକାଳୀନ ଉପକରଣ ଏବଂ ଯୋଗାଯୋଗ ପ୍ରଣାଳୀ ସହିତ ପ୍ରସ୍ତୁତି ପାଇଁ ଧ୍ୟାନ ଦିଆଯାଇଛି। ଟ୍ରାକ୍ ରକ୍ଷଣାବେକ୍ଷଣ କ୍ଷମତା ବୃଦ୍ଧି ପାଇଁ ପୂର୍ବତଟ ରେଳପଥ ବୋଡାଭାରା-ବୋରାଗୁହାଲୁ ଘାଟ ସେକ୍ସନରେ ପରୀକ୍ଷାମୂଳକ ଭିତ୍ତିରେ ଏକ ନୂତନ ଟ୍ରାକ୍ ସାମଗ୍ରୀ ରିଲିଫ ଟ୍ରେନ ପ୍ରସ୍ତୁତି ବ୍ୟବସ୍ଥା କରିଛି। ଶୃଙ୍ଗାଭରାପୁକୋଟା ଷ୍ଟେଶନରେ ଅବସ୍ଥିତ ଏହି ଟ୍ରେନ ନିକଟ ଅତୀତରେ ଆରାକୁରେ ଏହାର ପାରଦର୍ଶିତା ପ୍ରତିପାଦନ କରିବା ସହିତ ଏହାର ସୁବିଧାକୁ ପୂର୍ଣ୍ଣ କରିଛି ଏବଂ ପ୍ରୋକ୍ଲେନ, କମ୍ପ୍ରେସର ଏବଂ ପିଉମାଟିକ ବ୍ରେକର୍ ଭଳି ଅତ୍ୟାବଶ୍ୟକ ଉପକରଣ ସହିତ ଡିଜାଇନ୍ କରାଯାଇଛି। ଏହି ଷ୍ଟ୍ରାଟେଜିକ ପ୍ଲେସମେଣ୍ଟ ବୋଲ୍ଡର ଅବରୋଧ କିମ୍ବା ଅନ୍ୟାନ୍ୟ ଟ୍ରାକ୍ ସମ୍ବନ୍ଧୀୟ ଜରୁରିକାଳୀନ ପରିସ୍ଥିତିରେ ପ୍ରତିକ୍ରିୟା ସମୟକୁ ହ୍ରାସ କରିବ ବୋଲି ଆଶା କରାଯାଉଛି। ନିରାପତ୍ତା ବ୍ୟବସ୍ଥାରେ ଯୋଗଦେଇ ଏକ ନୂତନ ଫ୍ଲାଇଙ୍ଗ ସ୍କାଡ୍ ହାଇଡ୍ରୋଲିକ ରେଲିଂ ଉପକରଣ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସହିତ ଆରାକୁ ଷ୍ଟେଶନ ଠାରେ ନିୟୋଜିତ କରାଯାଇଛି।

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH
At/PO-Nabaghanpur, Dist-Nayagarh,Ph-06753-252049, Email:nayagarhrw2006@yahoo.in

No.Tender-Online-NayagarhDivn.-01/2024-25 Date:02.09.2024

e-Procurement Notice

No.O-244:1.Name of the Work:Composite Building Work. 2.Total No. of Projects:01 (One) No.of Project. 3.Class of Contractor: a) Estimated cost above Rs.20.00 Lakhs & upto Rs.3.00 Crore: B Class (of Odisha PWD) or relevant class of other licensing authorities.b) Estimated cost upto Rs.40.00 Lakhs: C Class (of Odisha PWD) or relevant class of other licensing authorities. c) Estimated cost upto Rs.20.00 Lakhs: D Class (of Odisha PWD) or relevant class of other licensing authorities. 4. Estimated Cost put to tender: Rs.70.04 Lakh. 5. Time for Completion: 06 (Six) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagarh | No:-Tender-Online-Divn. Nayagarh-01/2024-25 | 11.09.2024 at 11.00 A.M. | 26.09.2024 upto 5.30 P.M. | 27.09.2024 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in.
OIPR-25106/11/0002/2425 Sd./- Executive Engineer, Rural Works Division, Nayagarh

# ନବଜାତ ଶିଶୁଙ୍କ ଭେଣ୍ଟିଲେଟର କେୟାର ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)

### ମଣିପାଲ ହସ୍ପିଟାଲ

ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର ମିଳିତ ସହଯୋଗରେ ହସ୍ପିଟାଲ ପରିସରରେ ଏକ ଜାତୀୟସ୍ତରର କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ପୋଲାଣ୍ଡର ପ୍ରସିଦ୍ଧ ଶିଶୁରୋଗ ବିଶେଷଜ୍ଞ ଡା. ବୋରିସ୍ କ୍ରାମର ଏବଂ ମଣିପାଲ ହସ୍ପିଟାଲ ବେଙ୍ଗାଲୁରୁ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ତଥା ଅଧକ୍ଷ ଡା. କାର୍ତ୍ତିକ୍ ନାଗେସ୍‌ଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟରୁ ୮୦ରୁ ଊର୍ଦ୍ଧ୍ୱ ଶିଶୁରୋଗ ବିଶେଷଜ୍ଞ ଏବଂ ୧୦ ଜଣ ଅଭିଜ୍ଞ ତଥା ବରିଷ୍ଠ ପ୍ରଫେସର ଯୋଗଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ ୨୮ ସପ୍ତାହ ପୂର୍ବରୁ ଜନ୍ମଲାଭ କରିଥିବା ନବଜାତ ଶିଶୁଙ୍କ ଜୀବନ ରକ୍ଷା କରିବା ପାଇଁ ଭେଣ୍ଟିଲେଟର ବ୍ୟବହାର ସମୟରେ କେଉଁ ସବୁ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଧ୍ୟାନ ଦେବାକୁ ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭେଣ୍ଟିଲେଟରରେ ଥିବାବେଳେ ନବଜାତ ଶିଶୁଙ୍କ ଫୁସ୍‌ଫୁସ୍‌ର କିଭଳି ଯତ୍ନ ନେବା ଉଚିତ୍ ତାହାକୁ ଗୋଟିଏ ଛେଳିର ଫୁସ୍‌ଫୁସ୍ ଉପରେ ଲାଇଭ୍ ପ୍ରଦର୍ଶନ କରି ଡାକ୍ତରମାନଙ୍କୁ ବୁଝାଇ ଦିଆଯାଇଥିଲା। ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ଶିଶୁରୋଗ ବିଭାଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ ଏବଂ ଡା. ଅଭିଲିପ୍ସା ଆଚାର୍ଯ୍ୟଙ୍କ ଦ୍ୱାରା ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁଙ୍କ ଭେଣ୍ଟିଲେଟର ଚିକିତ୍ସା, ସେମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟର ଯତ୍ନ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ହସ୍ପିଟାଲ ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଉକ୍ତ କର୍ମଶାଳା ନିଶ୍ଚିତ ଭାବେ ଡାକ୍ତରମାନଙ୍କୁ ସମୟ ପୂର୍ବରୁ ଜନ୍ମଲାଭ କରିଥିବା ଶିଶୁଙ୍କ ସଫଳ ଚିକିତ୍ସାରେ ସହାୟକ ହେବ। ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଜାନକୀ ବଲ୍ଲଭ ପ୍ରଧାନ ଆଗାମୀ ଦିନରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅନ୍ୟାନ୍ୟ ବିଭାଗରେ ମଧ୍ୟ ଏଭଳି କର୍ମଶାଳା ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ସୂଚନା ଦେଇଥିଲେ।

# ୪, ୩୯୨ ଅଭିଯୋଗରୁ ୨,୭୭୯ର ସମାଧାନ




ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)

ପାରିବାରିକ ହିଂସାର ଶିକାର ହୋଇ ଯେଉଁ ମହିଳାମାନେ ଥାନା କିମ୍ବା କୋର୍ଟକୁ ନ ଯାଇ ସମସ୍ୟାର ଆପୋସ ସମାଧାନ ଚାହୁଁଛନ୍ତି, ସେମାନଙ୍କ ପାଇଁ 'ମାଧମ' ରହିଛି। ସମସ୍ୟାର ପନ୍ଥା ବାହାର କରି ଆପୋସ ସମାଧାନ କରୁଛି ମହିଳା ସହଯୋଗ କେନ୍ଦ୍ର 'ମାଧମ'। କମିଶନରେଟ୍ ପୋଲିସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭେଲପମେଣ୍ଟ (ଆଇଏସ୍‌ଡି)ର ମିଳିତ ସହଯୋଗରେ କଟକ ଓ ଭୁବନେଶ୍ୱର ଡିସିପି ଅଫିସରେ କାର୍ଯ୍ୟ କରୁଥିବା 'ମାଧମ'କୁ ଇତିମଧ୍ୟରେ ୧୦ବର୍ଷ ପୂରଣ ହୋଇଛି। ଏହି ଅବସରରେ ମଙ୍ଗଳବାର କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ମାଧମ'ର ୧୦ବର୍ଷର ବାର୍ଷିକ ରିପୋର୍ଟକୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଉନ୍ମୋଚନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ୧୦ ବର୍ଷରେ ମୋଟ ୫ ହଜାର ୬୧୬ଜଣ ମହିଳା ଏହି କେନ୍ଦ୍ରକୁ ଆସିଛନ୍ତି। ସେମାନଙ୍କର ୪ ହଜାର ୩୯୨ ଅଭିଯୋଗକୁ ପଞ୍ଜୀକୃତ କରାଯାଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ମାଧ୍ୟମରେ ଅଦ୍ୟାବଧି ୨ହଜାର ୭୭୯ଟି ଅଭିଯୋଗର ସମାଧାନ କରାଯାଇଛି। ତେବେ ପଞ୍ଜୀକୃତ ଅଭିଯୋଗ ମଧ୍ୟରେ ପାରିବାରିକ ହିଂସା ସମ୍ବନ୍ଧୀୟ ଅଭିଯୋଗ ଅଧିକ ରହିଛି। ଏହାବ୍ୟତୀତ ପ୍ରେମ ପ୍ରତାରଣା, କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ଠକେଇ ଆଦି ଘଟଣାକୁ ନେଇ ମଧ୍ୟ ମହିଳାମାନେ ଏହି କେନ୍ଦ୍ରର ସହଯୋଗ ଲୋଡୁଛନ୍ତି। ପୋଲିସ ପାଖରେ ସମୟ ଅଭାବ ଥିବାବେଳେ ଅଭିଯୋଗ ସମାଧାନ କରିବାରେ 'ମାଧମ' ଏକ ବିଶେଷ ଭୂମିକା ଗ୍ରହଣ କରିଛି। ପୋଲିସ ସହ ମିଳିତ ଭାବେ କାମ କରିବା ଦ୍ୱାରା ଅନେକ ସମ୍ବେଦନଶୀଳ ମାମଲାରେ 'ମାଧମ' ସଫଳତା ପାଇଛି ବୋଲି ଆଇଏସ୍‌ଡି ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ କହିଛନ୍ତି। କମିଶନର ପଣ୍ଡା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ମାଧମ ସହ ଥିବା ଚୁକ୍ତିନାମାକୁ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କଟକ ଡିସିପି ପ୍ରକାଶ ଆର୍ ଏବଂ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/24-25/E-Tender/51,ତା.27.08.2024ରିଖ

(1) ଟେଣ୍ଡର ସଂ.E-tender-EastKUR-171-2024,ତା.21.08.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ଟାଇ ଲାଇନ୍‌ରେ କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ ଏବଂ ନିର୍ଗୁଣ୍ଡି-ବାରଙ୍ଗ ସେକ୍ସନରେ କି.ମି.399.20 ଠାରୁ କି.ମି.418.363 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 221.46 ଲକ୍ଷ, EMD (ଟଙ୍କାରେ) : 2,60,700/-।

(2) ଟେଣ୍ଡର ସଂ.eTenderEastKUR-172-2024,ତା.21.08.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ୍-ସାଳଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 225.23 ଲକ୍ଷ, EMD (ଟଙ୍କାରେ) : 2,62,600/-।

(3) ଟେଣ୍ଡର ସଂ.e-tender-eastkur-173-2024,ତା.21.08.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ପରିସୀମା ଅଧୀନସ୍ଥ ରଘୁନାଥପୁର-ପାରାଦ୍ୱୀପ ସେକ୍ସନରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 199.23 ଲକ୍ଷ, EMD (ଟଙ୍କାରେ) : 2,49,600/-।

(4) ଟେଣ୍ଡର ସଂ.e-tender-eastkur-174-2024,ତା.21.08.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ପରିସୀମା ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ ସମୟାବଧି 30.09.2025 ପର୍ଯ୍ୟନ୍ତ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.70 ଲକ୍ଷ, EMD (ଟଙ୍କାରେ) : 2,35,400/-।

ଶେଷ ହେବା ଅବଧି : 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.09.2024 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-490/P/24-25

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha
GOVERNMENT OF ODISHA
DISTRICT PROJECT OFFICE, SAMAGRA SIKSHYA, KEONJHAR
Email ID: dpckeonjhar@gmail.com, Ph.: 06766-254103 (Office)
Letter No. 2051/CIVIL Date: 02.09.2024 (File No. 257)

TENDER CALL NOTICE

TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT

No. n-79: The undersigned invites tenders as per terms and conditions laid down in the Letter No. 2048 dated 02.09.2024 for procurement and installation of 732 Nos. incinerator & 732 Nos. vending machine for different Schools of Keonjhar district. The detail can be downloaded from https://kendujhar.odisha.gov.in/ https://osepa.odisha.gov.in.

DETAIL DATES RELATING TO BID

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 18.09.2024 at 5.00 P.M. (Through Regd./Speed Post only) |
| Date of Technical BID Opening | 19.09.2024 at 10.30 A.M. |
| Date of Financial BID Opening | 19.09.2024 (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

By the order of Collector-cum-Chairman, SS, Keonjhar
Sd./- 02.09.2024
District Project Co-ordinator
Samagra Sikshya, Keonjhar
OIPR-27120/11/0002/2425

# 'ଜାତୀୟ ଶିକ୍ଷାନୀତି ଦ୍ୱାରା ଛାତ୍ରୀଛାତ୍ରଙ୍କ ବିକାଶ ହେବ'



କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟ ଅତିଥିମାନେ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ବିକାଶ ଆଣିବା ପାଇଁ ଜାତୀୟ ଶିକ୍ଷାନୀତି ପ୍ରଣୟନ ହେବା ଏକାନ୍ତ ଆବଶ୍ୟକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାରଙ୍କ ୧୦୦ ଦିନର କାର୍ଯ୍ୟସାରଣୀ ମଧ୍ୟରେ ଓଡ଼ିଶାରେ ଜାତୀୟ ଶିକ୍ଷାନୀତି ପ୍ରଣୟନକୁ ପ୍ରାଥମିକତା ମିଳିଛି। ବିଶ୍ୱବିଦ୍ୟାଳୟ ସଂସ୍କୃତିକୁ ବଜାୟ ରଖିବା ଏବଂ ମହାବିଦ୍ୟାଳୟଗୁଡ଼ିକୁ ସ୍ୱାୟତ୍ତତା ପ୍ରଦାନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦିଗରେ ଆମେ କାର୍ଯ୍ୟ କରୁଛୁ। ଜାତୀୟ ଶିକ୍ଷାନୀତି ପରି ଏକ ମୌଳିକ ଶିକ୍ଷାନୀତି ଆମ ରାଜ୍ୟରେ ପ୍ରଣୟନ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ଉପଯୁକ୍ତ ଶୈକ୍ଷିକ ପରିବେଶ ପାଇପାରିବେ, ଯାହା ସେମାନଙ୍କ ଦକ୍ଷତା ସହ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷାନୀତି ପ୍ରଣୟନ ନିମନ୍ତେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ସଂସ୍ଥାନ, ନୂଆଦିଲ୍ଲୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ମାତୃଭାଷାରେ ପାଠପଢ଼ା ହେଲେ ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ହେବ। ଆସନ୍ତା ୨୦୩୬ ମସିହାରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ମିଳିବାର ୧୦୦ ବର୍ଷ ପୂର୍ତ୍ତି ପାଳନ ହେବ। ଏହା ମଧ୍ୟରେ ଓଡ଼ିଶାର ସାମାଜିକ ଏବଂ ଅର୍ଥନୈତିକ ବିକାଶ କରିବା ଆମ ସମସ୍ତଙ୍କ ଲକ୍ଷ୍ୟ। ଜାତୀୟ ଶିକ୍ଷାନୀତି ପ୍ରଣୟନ ହେବା ଦ୍ୱାରା ଆମେ ଏହି ଲକ୍ଷ୍ୟକୁ ଶୀଘ୍ର ହାସଲ କରିପାରିବା ବୋଲି ମୋର ଆଶା ଓ ବିଶ୍ୱାସ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ସଂସ୍ଥାନ, ନୂଆଦିଲ୍ଲୀର କୁଳପତି ପ୍ରଫେସର ଶଶୀକଳା ୱାଞ୍ଜରୀ ଜାତୀୟ ଶିକ୍ଷାନୀତି ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପ୍ଲାନିଂ ଓ ଡେଭେଲପମେଣ୍ଟ ନିର୍ଦ୍ଦେଶକ ପ୍ରଫେସର କୁମାର ସୁରେଶ, ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନ ଏବଂ ପ୍ରଶାସନ ସଂସ୍ଥାନ ନୂଆଦିଲ୍ଲୀର କୁଳପତି, ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି, ମହାବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷା-ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରେଭେନ୍‌ଶା ନାମ ପରିବର୍ତ୍ତନ ମନ୍ତବ୍ୟ ନେଇ ତର୍ଜମା ଆବଶ୍ୟକ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ମନ୍ତବ୍ୟ ପ୍ରସଙ୍ଗ ବର୍ତ୍ତମାନ ରାଜ୍ୟ ରାଜନୀତିରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ପ୍ରସଙ୍ଗରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସୂର୍ଯ୍ୟବଂଶୀ କହିଛନ୍ତି, ରେଭେନ୍‌ଶା ନାମ ପରିବର୍ତ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିଗତ ମତ। ସେ ଏହି ପ୍ରସଙ୍ଗରେ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି। ଗଣତନ୍ତ୍ରରେ ସୌନ୍ଦର୍ଯ୍ୟ ହେଉଛି ଭିନ୍ନ ମତ। ଚାଇନା କିମ୍ବା ଉତ୍ତର କୋରିଆ ନୁହେଁ ଯେଉଁଠି, ସରକାର ଯାହା କହିବେ ତାହା ହେବ। କେନ୍ଦ୍ର ମନ୍ତ୍ରୀ ପରିପ୍ରକାଶ କରିଛନ୍ତି, ସଭ୍ୟ ସମାଜ ତାହାର ତର୍ଜମା କରିବା ଦରକାର। ଆଜି ବି ଚିନ୍ତା କରିବା ଦରକାର ଯେ, କର୍ନଟପ୍ଲେସ୍‌ର ନାମ କାହିଁକି ବଦଳି କର୍ତ୍ତବ୍ୟ ପଥ ହେଲା। ରେଭେନ୍‌ଶା ସିଏ, ଯିଏ ଭୂୟାଁ ଆନ୍ଦୋଳନ ରତନା ନାୟକଙ୍କ ଦ୍ୱାରା ହୋଇଥିଲାବେଳେ ତାହାକୁ ପ୍ରତ୍ୟାଖ୍ୟାତ କରିଥିଲେ। ସେ କେତେଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇଥିଲେ ଓ ଆଜୀବନ କାରାଦଣ୍ଡ ଦେଇଥିଲେ, ପୁଣି ଆଉ କେତେଜଣ ଓଡ଼ିଆଙ୍କୁ କଳାପାଣି ମଧ୍ୟ ପଠାଇଥିଲେ। ନଅଙ୍କ ଦୁର୍ଭିକ୍ଷ ସମୟରେ ରେଭେନ୍‌ଶା ସାହେବ କ'ଣ କରୁଥିଲେ, ସେ ୭୦ଦିନିଆ ଟୁର୍‌ରେ ବାହାରିଥିଲେ। ଖାଦ୍ୟଶସ୍ୟ ମହଜୁଦ ଥିବା ନେଇ ରେଭିନ୍ୟୁ ବୋର୍ଡକୁ କହିଥିଲେ, ଯେତେବେଳେ କି ବାଲେଶ୍ୱର, କଟକ ଆଦି ଜିଲାର ଜିଲାପାଳ ଏକଥାକୁ ମନା କରିଥିଲେ। ଏସବୁ କଥାକୁ ବିଚାର କଲେ ତର୍ଜମାର ଆବଶ୍ୟକତା ଅଛି ବୋଲି କହିହେବ। ତେବେ ଏ ନେଇ ସରକାରଙ୍କର ଯାହା ମତ ରହିବ, ମନ୍ତ୍ରୀ ଭାବେ ମଧ୍ୟ ମୋର ସମାନ ମତ ହେବ। କିନ୍ତୁ ବ୍ୟକ୍ତିଗତ ଭାବେ କହିବି, ତର୍ଜମା ହେବାର ଆବଶ୍ୟକତା ଅଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଚଳଚ୍ଚିତ୍ର 'ଆଶ୍ରମ' ଟିମ୍

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

'ଆଶ୍ରମ' ଫିଲ୍ମକୁ ଟ୍ୟାକ୍ସ ଫ୍ରି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଚଳଚ୍ଚିତ୍ରର ଟିମ୍ ଭେଟିଛନ୍ତି। ଫିଲ୍ମର ଟ୍ୟାକ୍ସ ଫ୍ରି, ସିନେମା ପଲିସି ଏବଂ ଇଣ୍ଡଷ୍ଟ୍ରିର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ନିର୍ଦ୍ଦେଶକ ତଥା ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଏବଂ ପ୍ରଯୋଜକ ତପନ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।



ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମରେ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ନୃତ୍ୟାଞ୍ଜଳି ସମ୍ମାନ ଏବଂ ଦେବୁ ବ୍ରହ୍ମାଙ୍କୁ ଧ୍ରୁବ ଚରଣ ସମ୍ମାନରେ ସମ୍ମାନିତ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

## ସଂସ୍କୃତି ବିଭାଗ ସଚିବ, ନିର୍ଦ୍ଦେଶକଙ୍କୁ ଭେଟିଲେ ସଂକୀର୍ତ୍ତନ କଳାକାର

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ କର୍ମକର୍ତ୍ତା ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଷ୍ଣୁପଦ ସେଠୀ ଏବଂ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କୁ ଭେଟିଛନ୍ତି। ପରିଷଦର ସଭାପତି ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ, ସମ୍ପାଦକ ସୁଦର୍ଶନ ଚମ୍ପତି, କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, କାର୍ଯ୍ୟକାରୀ ସଭାପତି ବିଜନ ମହାନ୍ତି, ଉପସଭାପତି ସନ୍ତୋଷ ସାହୁ, ଯୁଗ୍ମସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ସଚିବ ଏବଂ ନିର୍ଦ୍ଦେଶକଙ୍କୁ ଭେଟିଥିଲେ। ଅନ୍‌ଲାଇନ ପଞ୍ଜୀକରଣ ଓ ସ୍ୱଚ୍ଛ ବ୍ୟବସ୍ଥା ଅବଲମ୍ବନ, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି ବୃଦ୍ଧି କରିବା ଆଦି ଉପରେ ଆଲୋଚନା ହୋଇଥିଲା।

# ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ନୃତ୍ୟାଞ୍ଜଳି ସମ୍ମାନ

- ଦେବୁ ବ୍ରହ୍ମାଙ୍କୁ ପ୍ରଥମ ଧ୍ରୁବ ଚରଣ ସମ୍ମାନ
- 'ଦେବଦାସୀ'ର ୧୯ତମ ବାର୍ଷିକ ନୃତ୍ୟ ଉତ୍ସବ 'ନୃତ୍ୟାଞ୍ଜଳି' ଉଦ୍‌ଯାପିତ

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଦେବଦାସୀ ଅନୁଷ୍ଠାନର ୧୯ତମ ବାର୍ଷିକ ନୃତ୍ୟ ଉତ୍ସବ 'ନୃତ୍ୟାଞ୍ଜଳି' ମଙ୍ଗଳବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦେବୁ ବ୍ରହ୍ମା ଓ ସମ୍ପାଦକ ରୋଜାଲିନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଗୁରୁ ଧନେଶ୍ୱର ସ୍ୱାଇଁ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ନୃତ୍ୟାଞ୍ଜଳି ସମ୍ମାନ-୨୦୨୪ ଏବଂ ଦେବୁ ବ୍ରହ୍ମାଙ୍କୁ ପ୍ରଥମ ଧ୍ରୁବ ଚରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ମୀରା ଏକକ ବୃନ୍ଦନୃତ୍ୟକୁ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ କଲ୍ୟାଣୀ ମହାନ୍ତି ଓ ମମତା ବରିହା ପରିବେଷଣ କରିଥିଲେ। ପରେ ବର୍ଷା ପ୍ରିୟଦର୍ଶିନୀ ଦାସ ଏକକ ନୃତ୍ୟ ଓ ଶେଷରେ ଦେବଦାସୀ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପ୍ତିରଞ୍ଜନ


@ ଆନନ୍ଦ


@ ସୋମନାଥ


@ ରୂପଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୭ ଦଫା ଦାବିରେ ପାଚିକା ସହାୟିକାଙ୍କ ଆନ୍ଦୋଳନ



ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା- ସହାୟିକା ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ବିଧାନସଭା ପରିସରକୁ ଧସେଇ ପଶିବାବେଳେ ପୋଲିସ ସହ ଧସ୍ତାଧସ୍ତି
- ଗଣଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସିଆଇଟିୟୁ ନେତୃତ୍ୱରେ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ୧୭ ଦଫା ଦାବି ନେଇ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମାଷ୍ଟରକ୍ୟାଣ୍ଟିନଠାରୁ ପାଚିକା ସହାୟିକାମାନେ ଏକ ଶୋଭାଯାତ୍ରାରେ ବାହାରି ବିଧାନସଭା ସମ୍ମୁଖରେ ପହଞ୍ଚି ବିଭିନ୍ନ ସ୍ଲୋଗାନ ଦେଇ ଦାବି ଉପସ୍ଥାପନ କରିଥିଲେ। ସେମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ପରିସରକୁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ ସଂଘର ଏକ ୭ଜଣିଆ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ପାଚିକା ସହାୟିକାଙ୍କୁ ଶ୍ରମିକ ତଥା ଶିକ୍ଷା ବିଭାଗରେ ୪ର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା ପ୍ରଦାନ, ମାସିକ ୨୬ହଜାର ଟଙ୍କା ଦରମା, ବେଆଇନ ଛଟେଇ ବନ୍ଦ ଓ ପୁନଃ ନିଯୁକ୍ତି, ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସାମାଜିକ ସୁରକ୍ଷା, ଅବସର ପରେ ମାସିକ ୧୦ ହଜାର ଟଙ୍କା ପେନସନ ସହ ଅନ୍ୟାନ୍ୟ ଦାବି ରହିଥିବା ସଂଘର ସାଧାରଣ ସମ୍ପାଦିକା ଈଶାନୀ ଷଡ଼ଙ୍ଗୀ କହିଛନ୍ତି। ୟୁନିୟନର ସଭାପତି ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସିଆଇଟିୟୁର ରାଜ୍ୟ ଉପସଭାପତି ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସମ୍ପାଦିକା ପୁଷ୍ପା ଦାସ, ସମ୍ପାଦିକା କ୍ଷୀରମଣି ମହାନ୍ତ, ରାଜ୍ୟ ସମ୍ପାଦକ ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରେସ୍ ମାର୍କ ଦାବିରେ ଓଟିଇଟି ପରୀକ୍ଷାର୍ଥୀଙ୍କ ଧାରଣା

କଟକ,୩।୯ (କାର୍ତ୍ତିକ ସାହୁ)

ଗ୍ରେସ୍‌ମାର୍କ ପ୍ରଦାନ ଦାବିରେ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପରୀକ୍ଷାର୍ଥୀମାନେ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ପରୀକ୍ଷାର୍ଥୀମାନେ ପୂର୍ବାହ୍ନ ୧୧ଟାରୁ ଧାରଣାରେ ବସିଥିଲେ। ତେବେ ବୋର୍ଡ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବା ପରେ ଆଗାମୀ ଦିନରେ ପରୀକ୍ଷାର୍ଥୀଙ୍କ ଅଭିଯୋଗର ତଦନ୍ତ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ, ଗତ ମାସ ୧୭ ତାରିଖ ଅପରାହ୍ନରେ ହୋଇଥିବା ଓଟିଇଟି ପେପର-୨ ପରୀକ୍ଷା ସମୟରେ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ ସଂଯୋଗ କଟିଯାଇଥିଲା। ଅଧିକାଂଶ କେନ୍ଦ୍ରରେ ଆଲୋକ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ପରୀକ୍ଷାର୍ଥୀମାନେ ଉତ୍ତର ଖାତାରେ ଲେଖି ପାରି ନ ଥିଲେ। ପରୀକ୍ଷାର୍ଥୀମାନେ ୧ରୁ ଦେଢ଼ ଘଣ୍ଟା ସମୟ ନଷ୍ଟ କରିଥିଲେ ମଧ୍ୟ ବିଦ୍ୟୁତ୍ ସରବରାହ ଠିକ୍ ହୋଇ ନ ଥିଲା। ଅପରପକ୍ଷରେ ଉତ୍ତର ଲେଖିବା ନିମନ୍ତେ ପରୀକ୍ଷାର୍ଥୀଙ୍କୁ ଅଧିକ ସମୟ ଦିଆଯାଇ ନ ଥିଲା, ଯଦ୍ୱାରା ସେମାନେ ପେପର-୨ରେ ଗ୍ରେସ୍ ମାର୍କ ପ୍ରଦାନ କରିବାକୁ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ପରୀକ୍ଷା କେନ୍ଦ୍ରରେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ସହ ଯେଉଁ ଜିଲାର ପରୀକ୍ଷାର୍ଥୀ ସେହି ଜିଲାରେ ପରୀକ୍ଷା ଦେବାର ସୁବିଧା କରିବା ପାଇଁ ଚଳିତବର୍ଷ ଓଟିଇଟି ପରୀକ୍ଷା ଆବେଦନ ଶୁଳ୍କ ବା ଫି'କୁ ବୃଦ୍ଧି କରାଯାଇଥିଲା। ମାତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଲୋକ ବ୍ୟବସ୍ଥା ନ କରିବା ପରି ବିଷୟକୁ ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ଓଟିଇଟି ପରୀକ୍ଷା ସମୟରେ ବିଦ୍ୟୁତ୍ କଟିଯିବା ନେଇ ସେତେବେଳେ ଯେଉଁ ପରୀକ୍ଷା କେନ୍ଦ୍ରରୁ ଅଭିଯୋଗ ଆସିଥିଲା ସେଠାରେ ଅଧିକ ସମୟ ଦେବାକୁ ବୋର୍ଡ ପକ୍ଷରୁ କୁହାଯାଇଥିଲା। ତେବେ ଧାରଣାକାରୀ ପରୀକ୍ଷାର୍ଥୀମାନେ ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କ ପରୀକ୍ଷାକେନ୍ଦ୍ର, ରୋଲ୍ ନମ୍ବର ଆଦି ବୋର୍ଡକୁ ଜଣାଇଲେ ତାହାର ତଦନ୍ତ କରି ଗ୍ରେସ୍ ମାର୍କ ଦିଆଯିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।


କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ପରୀକ୍ଷାର୍ଥୀମାନେ ଧାରଣାରେ ବସିଛନ୍ତି।

ମୁଲତବୀ ଆଲୋଚନା

# ଅସତ୍ୟ ନୁହେଁ ସୌଦାଗର...

ଭୁବନେଶ୍ୱର,୩।୯(ଅନିଲ ଦାସ)

ସୁଭଦ୍ରା ଯୋଜନାରେ ରାଜ୍ୟ ସରକାର ମହିଳାମାନଙ୍କୁ ପ୍ରତାରଣା କରିଛନ୍ତି। ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତିରୁ ବିଚ୍ୟୁତ ହୋଇଛନ୍ତି। ୨ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ କହି ବର୍ଷକୁ ୧୦ ହଜାର ଆକାରରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୧୮ରୁ ୨୧ ବର୍ଷୀୟା ମହିଳାଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ ଓ ସମସ୍ତ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯାଉ। ଅସତ୍ୟ ନୁହେଁ ସୌଦାଗର ତୋ ବାକ୍ୟ ତୁହି ରକ୍ଷା କର। ନଚେତ୍ ମହିଳାମାନେ ସେମାନଙ୍କୁ ବାହାର ରାସ୍ତା ଦେଖାଇଦେବେ। ଏଭଳି ଢଙ୍ଗରେ ବିରୋଧୀ ଦଳ ସଦସ୍ୟମାନେ ସୁଭଦ୍ରା ଯୋଜନାକୁ ନେଇ ମୁଲତବୀ ଆଲୋଚନାରେ ସରକାରଙ୍କୁ ଘେରିଛନ୍ତି।

ମଙ୍ଗଳବାର ବିଧାନସଭାରେ ରାଜ୍ୟ ସରକାର.... ପ୍ରତାରଣା ପ୍ରତିଶ୍ରୁତିରେ ପରିଣତ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭକରି ବିଜେଡି ସଭ୍ୟ ଅରୁଣ ସାହୁ କହିଲେ, ଭାଜପା କ୍ଷମତାକୁ ଆସିବା ପୂର୍ବରୁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ୨ ବର୍ଷରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦେବୁ। ଏବେ ବର୍ଷକୁ ୧୦ ହଜାର ଦେବାକୁ ନିଷ୍ପତ୍ତି ନେଇଛି। ଏଥିରେ ୨୦୧୧ ଜନଗଣନା ଅନୁଯାୟୀ ୨୧ ବର୍ଷରୁ ୧ କୋଟି ୩୦ ଲକ୍ଷ ମହିଳାଙ୍କୁ ସାମିଲ କରାଯିବ। ମାତ୍ର ୧୮ରୁ ୨୧ ବର୍ଷ ମହିଳାମାନେ ବାଦ୍ ପଡ଼ିବେ। ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଅଛନ୍ତି। ବଡ଼ ଇଞ୍ଜିନକୁ କୁହନ୍ତୁ ଏହି ଯୋଜନା ପାଇଁ ପଇସା ଦିଅନ୍ତୁ। ରାଜ୍ୟ ସରକାର ୫ ହଜାର ଟଙ୍କା ଦେବେ। ଏଥିରେ କି ଉଦ୍ୟମିତା ହେବ। ଯଦି ଦୁଇଟି କିସ୍ତିରେ ୨୫ ହଜାର କରି ଟଙ୍କା ଦିଆଯାଇଥାଆନ୍ତା ତେବେ ମହିଳାମାନେ କିଛି କରିପାରି ଥାଆନ୍ତେ। ଏଥିରେ କ'ଣ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିବେ। ଏହା ଏକ ଭଲ ଯୋଜନା। ସରକାର ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ କଲେ ଏହା ଆହୁରି ଭଲ ହେବ। ନିଜ କଥା ନିଜେ ରକ୍ଷା କରନ୍ତୁ ବୋଲି ଅରୁଣ କହିଥିଲେ। ବିଜେଡି ସଭ୍ୟ ଗଣେଶ୍ୱର ବେହେରା କହିଥିଲେ, ଅସତ୍ୟ ନୁହେଁ ସୌଦାଗର ତୋ ବାକ୍ୟ ତୁହି ରକ୍ଷା କର। ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସରକାର ତାହାକୁ ପାଳନ କରନ୍ତୁ। ୨୦୨୪ରେ ରାଜ୍ୟରେ ୨ କୋଟି ୩୨ ଲକ୍ଷ ମହିଳା ଥିବାବେଳେ ରାଜ୍ୟ ସରକାର ୧ କୋଟି ୮ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ସବ୍‌କା ସାଥ୍ ନୁହେଁ ଏହା ହାଫ୍‌କା ସାଥ୍। ଯାହା କହିଥିଲେ ତାହା ପାଳନ କରନ୍ତୁ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଗୌତମ ବୁଦ୍ଧ ଦାସ କହିଥିଲେ, ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପ୍ରତାରଣାରେ ପରିଣତ ହୋଇଛି। ମା' ସୁଭଦ୍ରା ନାମରେ ଯୋଜନା କରି ୨ ବର୍ଷରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦେବେ ବୋଲି କହିଥିଲେ। ବାରମ୍ବାର ଗାଇଡଲାଇନ, ଏସ୍‌ଓପି ବଦଳାଯାଉଛି। ସୁଭଦ୍ରା ଯୋଜନାକୁ ନେଇ ମହିଳାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିହୋଇଛି। ଯା ଯା, ନଣନ୍ଦ ଭାଉଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଲାଣି କିଏ ଟଙ୍କା ପାଇବ। କଂଗ୍ରେସ ସଭ୍ୟ ଅଶୋକ ଦାସ କହିଲେ, ପୂର୍ବ ସରକାରଙ୍କ ଗାଥା କହି ଯୋଜନାର ବାଟବଣା କଲେ ହେବ ନାହିଁ। କହିଥିଲେ ୨ ବର୍ଷରେ ଦେବେ। ଏବେ ୫ ବର୍ଷରେ ଦେବେ। ବର୍ଷକୁ ଯେଉଁ ୧୦ ହଜାର ଟଙ୍କାର ଭାଉଚର ଦିଆଯିବ ଦିନକୁ ତାହା ୨୭ ଟଙ୍କା ୭୭ ପଇସା ପଡୁଛି। ଏହା କେଉଁ ସଶକ୍ତୀକରଣରେ ଲାଗି ପାରିବ। ୧୮ରୁ ୨୧ ବର୍ଷ ମହିଳାଙ୍କ ଭୋଟ ନେଲେ ତାଙ୍କୁ କାହିଁକି ଏହି ଯୋଜନାରୁ ବାଦ ଦିଆଯିବ। ପୂର୍ବ ସରକାର ସମୟରେ କାଳିଆ, ବଳିଆ ଯୋଜନା ମନଇଚ୍ଛା ଦଳୀୟ ଭିତ୍ତିରେ ଦିଆଗଲା। ଏହି ଯୋଜନା ନିରପେକ୍ଷ ଭାବେ ହିତାଧିକାରୀଙ୍କୁ ଦିଆଯାଉ ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ସୋଫିଆ ଫିର୍ଦ୍ଦୌଷ କହିଲେ, ସରକାର ନୂଆକରି ଆସିଲେ ୧୦୦ ଦିନିଆ କାର୍ଯ୍ୟକ୍ରମ କରିବେ କହିଲେ। ୧୦୦ ଦିନ ସରିବାକୁ ବସିଲାଣି। ସରକାର ନିଜକୁ ଶିଶୁ କହୁଛନ୍ତି। ଅଫିସରମାନେ ଜାଣି ସାରିଲେଣି ଏମାନେ ଶିଶୁ ସେମାନଙ୍କୁ ଯୁଆଡକୁ ବୁଲାଇଲେ କିଛି ଅସୁବିଧା ନାହିଁ। ରାଜ୍ୟରେ ମଦ ବନ୍ଦ କଲେ ନାହିଁ। ସ୍ୱାମୀମାନେ ସ୍ତ୍ରୀଙ୍କଠାରୁ ଏଟିଏମ କାର୍ଡ ଛଡାଇ ନେବେ ମଦ ପିଇବାକୁ। ୬୦ ବର୍ଷ ପରେ କେଏଫସି ହୋଇ ପାରିଥିଲା। ମାସକୁ ମାତ୍ର ୮୩୩ ଟଙ୍କା ପଡୁଛି ଏହି କମ ପଇସାରେ ଲକ୍ଷପତି ଦିଦି ସ୍ୱପ୍ନ କିପରି ପୂରଣ ହୋଇ ପାରିବ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ଶାସକ ଦଳ ସଦସ୍ୟ ବାବୁ ସିଂ, ଦୁର୍ଗା ପ୍ରସନ୍ନ ନାୟକ, ସନ୍ତୋଷ ଖଟୁଆ ଏବଂ ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରମୁଖ କହିଥିଲେ, ବିରୋଧୀ ଦଳ ଯଦି ବିରୋଧ କରିବାର ଅଛି କରନ୍ତୁ। ଏହି ଯୋଜନାକୁ ନେଇ ସବୁ ମାଆମାନେ ଖୁସି ଅଛନ୍ତି। ମୋହନ ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି।

ମୁଲତବୀ ଆଲୋଚନାର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି , ଗାଇଡଲାଇନ ଅନୁଯାୟୀ ପରିବାର ଯେତେ ଜଣ ଯୋଗ୍ୟ ମହିଳା ଥିବେ ସମସ୍ତଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ୨୧ରୁ ୬୦ ବର୍ଷର ସବୁ ମହିଳାଙ୍କୁ ସାମିଲ କରାଯିବ। ପ୍ରତିବର୍ଷ ପ୍ରଥମ କିସ୍ତି ରକ୍ଷା ବନ୍ଧନ ଓ ଦ୍ୱିତୀୟ କିସ୍ତି ଅନ୍ତର୍ଜାତୀୟ ମହିଳା ଦିବସ(ମାର୍ଚ୍ଚ ୮) ତାରିଖରେ ପ୍ରଦାନ କରାଯିବ। ସମସ୍ତ ହିତାଧିକାରୀଙ୍କୁ ସୁଭଦ୍ରା କାର୍ଡ ପ୍ରଦାନ କରାଯିବ। ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏକ ବ୍ୟାପକ ପୁରସ୍କାର ଓ ସ୍ୱୀକୃତି କାର୍ଯ୍ୟକ୍ରମ ଆରମ୍ଭ କରିବେ। ଗ୍ରାମ ପଞ୍ଚାୟତ/ ପୌର ସଂସ୍ଥାରେ ଯେଉଁମାନେ ସର୍ବାଧିକ ଡିଜିଟାଲ କାରବାର କରିଥିବେ ସେମାନଙ୍କ ମଧ୍ୟରୁ ୧୦୦ ଜଣ ମହିଳାଙ୍କୁ ୫୦୦ ଟଙ୍କା ଅତିରିକ୍ତ ଦେୟ ବାବଦରେ ପ୍ରଦାନ କରାଯିବ। ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଏହି ଯୋଜନାର ଲାଭ ପାଇ ପାରିବେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ବ୍ୟକ୍ତ କରି ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲି ଯାଇଥିଲେ।



■ ସୁଭଦ୍ରା ଯୋଜନାକୁ ନେଇ ମାଆମାନେ ଖୁସି: ଭାଜପା
■ ସବୁ ଯୋଗ୍ୟ ମହିଳା ସାମିଲ ହେବେ: ଉପମୁଖ୍ୟମନ୍ତ୍ରୀ

ପ୍ରଶ୍ନୋତ୍ତର

## ଆମ ଓଡ଼ିଶା ନବୀନ ଓଡ଼ିଶାରେ ଜିଲାକୁ ମିଳିଛି ୩୨୮୩ କୋଟି

ଭୁବନେଶ୍ୱର,୩।୯(ଅନିଲ ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଥିଲା। ଏ ବାବଦରେ ସମସ୍ତ ଜିଲ୍ଲାକୁ ମୋଟ ୩୨୮୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଜଗନ୍ନାଥ ସଂସ୍କୃତିରେ ସଂରକ୍ଷଣ, ପୂଜାସ୍ଥଳୀ ନିକଟରେ ସୁବିଧା ତଥା ଐତିହ୍ୟସ୍ଥଳୀ ଗୁଡିକର ବିକାଶ, ପ୍ରାଥମିକ ବିଦ୍ୟାଳୟ/ କ୍ରୀଡ଼ା/ ମିଶନ ଶକ୍ତି ଭିତ୍ତିଭୂମିର ବିକାଶ, ଅନ୍ୟାନ୍ୟ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ ଇତ୍ୟାଦି ବର୍ଗରେ ମୋଟ ୯୦,୬୨୪ଟି ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ପରେ ତତ୍‌ସମ୍ବନ୍ଧୀୟ ଖର୍ଚ୍ଚ ସାର୍ଟିଫିକେଟ (ୟୁସି) ପ୍ରଦାନ କରିବାକୁ ରାଜ୍ୟ ସରକାର ସମସ୍ତ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ଖାରସୁଗୁଡା ଜିଲାର ୭୮ଟି ପଞ୍ଚାୟତ ନିମନ୍ତେ ମୋଟ ୩୭କୋଟି ୬୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

## ୧୦ ବର୍ଷରେ ବିଭିନ୍ନ ପ୍ରକଳ୍ପ ପାଇଁ କଟାଯାଇଛି ୧୮,୯୭୯ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର,୩।୯(ଅନିଲ ଦାସ)

ଜଙ୍ଗଲ ଜମିରେ ଶିଳ୍ପ, ଖଣି ଓ ସଡ଼କ, ରେଳପଥ ପ୍ରକଳ୍ପ ନିମନ୍ତେ ରାଜ୍ୟରେ ଗତ ୧୦ବର୍ଷରେ ଅର୍ଥାତ୍ ୨୦୧୪ରୁ ୨୦୨୩ ମଧ୍ୟରେ ବିଭିନ୍ନ ଜିଲାରେ ମୋଟ ୧୮,୯୭୯. ୫୨୬ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି, ପ୍ରସ୍ତାବିତ ରକ୍ଷିତ ଜଙ୍ଗଲ ଜମି, ଗ୍ରାମ୍ୟ ଜଙ୍ଗଲ ଜମି, ଡିଏଲସି ଜମି ଓ ଅନ୍ୟାନ୍ୟ କିସମର ଜଙ୍ଗଲ ଜମିକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଚୂଡାନ୍ତ ଅନୁମୋଦନ ପ୍ରଦାନ କରିଛନ୍ତି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଉପରୋକ୍ତ ଜଙ୍ଗଲ ଜମି ପ୍ରତି ବଦଳରେ ବିଭିନ୍ନ ଜିଲାରେ ୧୨,୬୨୫ହେକ୍ଟର ଜଙ୍ଗଲ ଜମିରେ ଏବଂ ୬୧୦୧ ହେକ୍ଟର ଅଣଜଙ୍ଗଲ ଜମିରେ କ୍ଷତିପୂରକ ବନୀକରଣ କରାଯାଇ ୫୪ କୋଟି ୭୩ ଲକ୍ଷ ୬୧ହଜାର ୩୮୩ ଟଙ୍କା ବ୍ୟୟରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି।

## ଭଙ୍ଗାହେଲାଣି ୧୪୪୩ ବେଆଇନ ମଦଭାଟି

ଭୁବନେଶ୍ୱର,୩।୯(ଅନିଲ ଦାସ)

୧୯୫୭ ଜଣ ଗିରଫ, ୧୮୩ ଗାଡ଼ି ଜବତ

ବେଆଇନ ମଦ କାରବାର ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୦ ତାରିଖରୁ ଆରମ୍ଭ ହୋଇଥିବା ଚଢ଼ାଉ ଅଭିଯାନ ଜାରି ରହିଛି। ଏହି ବେଆଇନ ମଦ ଭାଟି ଓ ବିକ୍ରୟ କେନ୍ଦ୍ରଗୁଡିକୁ ଅବକାରୀ ବିଭାଗର ବିଭିନ୍ନ ଟିମ୍ ପକ୍ଷରୁ ଖୋଜି ବାହାର କରିବା ସହିତ ସମ୍ପୂର୍ଣ୍ଣ ରୂପେ ଭଙ୍ଗା ଯାଉଛି। ଏହିକ୍ରମରେ ସମଗ୍ର ରାଜ୍ୟର ୧୪୪୩ଟି ବେଆଇନ ମଦ ଭାଟିକୁ ଭାଙ୍ଗି ନଷ୍ଟ କରାଯିବା ସହ ପାଖାପାଖି ୧୦ଟିରୁ ଉର୍ଦ୍ଧ୍ୱ ଭାଟିକୁ ବୁଲଡୋଜର ଯୋଗେ ସମ୍ପୂର୍ଣ୍ଣ ରୂପେ ଧୂଳିସାତ କରାଯାଇଛି। ଏଥିମଧ୍ୟରୁ କେବଳ ରାଜଧାନୀର ୫୧ଟି ବେଆଇନ ମଦ ଭାଟିକୁ ନଷ୍ଟ କରାଯାଇଛି।

ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଜି ସୁଦ୍ଧା ବେଆଇନ ମଦ କାରବାର ନେଇ ୩୬୧୮ଟି ମାମଲା ରୁଜୁ ହେବା ସହିତ ୧୫୧୯ ସ୍ଥାନରେ ଚଢ଼ାଉ କରାଯାଇ ୧୯୫୭ ଜଣଙ୍କୁ ଗିରଫ କରାଯାଇଛି। ଏହି କ୍ରମରେ ୧ ଲକ୍ଷ ୮୩ ହଜାର ୬୬୯ ଲିଟର ବେଆଇନ ମଦ ଏବଂ ୧୭ ଲକ୍ଷ ୨୬ ହଜାର ୫୦୯ କେଜି ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଏଥିସହ ବେଆଇନ କାର୍ଯ୍ୟରେ ବ୍ୟବହୃତ ୧୮୩ଟି ଗାଡି ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଛି।

ଏହି ଚଢ଼ାଉ କାର୍ଯ୍ୟକ୍ରମ ସମ୍ପର୍କରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୂର୍ବରୁ ଚାଲି ଆସିଥିବା ଏହି ସମସ୍ତ ବେଆଇନ କାରବାର ଉପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବେ। ଆଗକୁ ଏହିଭଳି ଅଭିଯାନକୁ ଆହୁରି ଜୋରଦାର କରାଯିବ ଏବଂ ସମସ୍ତ ବେଆଇନ କାରବାର ଉପରେ ରୋକ ଲଗାଯିବ।

## ୫୦ ହଜାର କୋଟିର ଖଣି ରାଜସ୍ୱ ଆଦାୟ ଲକ୍ଷ୍ୟଧାର୍ଯ୍ୟ: ମନ୍ତ୍ରୀ ବିଭୂତି

ଭୁବନେଶ୍ୱର,୩।୯(ସୁନିତ୍ ମିଶ୍ର)

ଓଡ଼ିଶା ସବୁ ପ୍ରକାର ଖଣିଜ ପଦାର୍ଥରେ ସମୃଦ୍ଧ। ଖଣିଜ ପଦାର୍ଥର ସୁବିନିଯୋଗକରି ରାଜ୍ୟର ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ବର୍ତ୍ତମାନ ଯୋଜନାବଦ୍ଧ ପ୍ରୟାସର ଆବଶ୍ୟକତା ଅଛି। ଡବଲ ଇଞ୍ଜିନ ସରକାର ଲୋକଙ୍କୁ ଆବଶ୍ୟକ ସେବା ଏବଂ ସୁବିଧା ପ୍ରଦାନ କରିଛି। ରାଜ୍ୟର ସର୍ବମୟ ପ୍ରଗତି ନିମନ୍ତେ ସଂକଳ୍ପବଦ୍ଧ ହୋଇ ଦେଶର ଅଗ୍ରଣୀ ରାଜ୍ୟଗୁଡ଼ିକ ସହ ସମକକ୍ଷ ହେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଆଲୋଚନା ଶେଷରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ଖଣିଜ ସମ୍ପଦର ସୁବିନିଯୋଗ ସହ ସାମଗ୍ରିକ ବିକାଶ କରିବା ନିମନ୍ତେ ଏକ ଦାୟିତ୍ୱବାନ୍ ରାଜ୍ୟ ଭାବେ ଜନସାଧାରଣଙ୍କ ଜୀବନଧାରଣର ମାନ ବଢ଼ାଇବାରେ ଭାଜପା ସରକାର ଆଗାମୀ ଦିନରେ ବିଶେଷ ଯତ୍ନବାନ୍ ହେବେ। ଦେଶରେ ଖଣିଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସଫଳତା ସର୍ବଜନବିଦିତ। ଆମ ରାଜ୍ୟରେ ଦେଶର ୯୬% କ୍ରୋମାଇଟ୍, ୯୨% ନିକେଲ୍, ୫୧% ବକ୍ସାଇଟ୍, ୪୩% ମାଙ୍ଗାନିଜ, ୩୩% ଲୁହାପଥର ଏବଂ ୨୪% କୋଇଲା ଗଚ୍ଛିତ ଅଛି। ଏହାସତ୍ତ୍ୱେ ରାଜ୍ୟର ଆଖିଦୃଶିଆ ପ୍ରଗତି ନ ହେବା ଚିନ୍ତାଯୋଗ୍ୟ ବିଷୟ। ଏହା ବର୍ତ୍ତମାନ ରାଜ୍ୟ ନିମନ୍ତେ ଏକ ବିରାଟ ଆହ୍ୱାନ। ମନ୍ତ୍ରୀ ଆହୁରି କହିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୫ରେ ଏମ୍ ଆଣ୍ଡ ଏମ୍ (ଡି ଆଣ୍ଡ ଆର୍) ଆକ୍ଟ, ୧୯୫୭ରେ ବ୍ୟାପକ ସଂଶୋଧନ ପରେ ଦେଶରେ ଖଣିଜ ଉତ୍ପାଦନ ଏବଂ ଖଣି ରାଜସ୍ୱ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ସହ ଏକ ଉଲ୍ଲେଖନୀୟ ଅଧ୍ୟାୟ ସୃଷ୍ଟିହେଲା। ଏହି ଆଇନର ଅନୁସାରେ ପୁରାତନ ପଦ୍ଧତିରେ ହେଉଥିବା ଖଣି କାର୍ଯ୍ୟପଦ୍ଧତିରେ ରାଜ୍ୟ ସରକାର ସୁଧାର ଆଣିବା ଦ୍ୱାରା ରାଜସ୍ୱ ଆଦାୟ କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି କରିପାରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ବାବଦକୁ ୪୬୩୯୬.୨୭ କୋଟି ଟଙ୍କା ଆଦାୟ ହୋଇଛି। ଚଳିତ ବର୍ଷ ୨୦୨୪-୨୫ ଆର୍ଥିକ ବର୍ଷରେ ୩୧ ଜୁଲାଇ ୨୦୨୪ ସୁଦ୍ଧା ଅଦ୍ୟାବଧି ୧୬୬୮୩.୩୫ କୋଟି ଟଙ୍କା ଆଦାୟ ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ଅପେକ୍ଷା ଶତକଡ଼ା ୧୬.୮୦% ଅଧିକ। ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଖଣି ରାଜସ୍ୱ ବାବଦକୁ ୫୦,୦୦୦ କୋଟି ଟଙ୍କା ଆଦାୟ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଓଡିଏମ୍‌ଏଫ୍ ରୁଲ୍‌ସ, ୨୦୧୫ର ପ୍ରଣୟନ ଦ୍ୱାରା ଜିଲାଗୁଡିକରେ ଡିଏମ୍‌ଏଫ୍(ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ) ଟ୍ରଷ୍ଟ ଗଠନ କରାଗଲା। ନିୟମାନୁସାରେ, ଡିଏମ୍‌ଏଫ୍ ଟ୍ରଷ୍ଟକୁ ନିଲାମ କରାଯାଉଥିବା ଖଣିର ରୟାଲ୍‌ଟିରେ ୧୫ ଶତାଂଶ ଏବଂ ପ୍ରଚଳିତ ଥିବା ଲିଜ ଖଣିର ରୟାଲଟିରେ ୩୦ ଶତାଂଶ ଅର୍ଥ ପଇଠ କରାଯାଉଛି। ଏହି ଅର୍ଥରେ ଖଣି ଅଞ୍ଚଳର ଅଧିବାସୀମାନଙ୍କ ନିମନ୍ତେ ଅନେକ ମଙ୍ଗଳକାରୀ କାର୍ଯ୍ୟ କରାଯାଉଛି। ଗୁରୁ ଖଣିଜ ପଦାର୍ଥର ଉତ୍ପାଦନ ନିମନ୍ତେ ୩୮୫ଟି ଖଣିଜ ବ୍ଲକ୍ ମଧ୍ୟରୁ ୨୦୫ଟି ଖଣି କାର୍ଯ୍ୟକ୍ଷମ ଅଛି। ୧୮୦ଟି ଖଣି ଅଣ-କାର୍ଯ୍ୟକ୍ଷମ ଅଛି। ୧୦୨ଟି ଖଣିରୁ ଲୌହାପଥର, ମାଙ୍ଗାନିଜ, କ୍ରୋମାଇଟ, ବକ୍ସାଇଟ ଇତ୍ୟାଦି ଉତ୍ପାଦିତ ହେଉଥିବାବେଳେ ୩୩ଟି ଖଣିରୁ କୋଇଲା, ୭ଟି ଖଣିରୁ ରତ୍ନପଥର, ୫୬ଟି ଖଣିରୁ ସାଜସଜ୍ଜା ପଥର ଏବଂ ଅନ୍ୟ ୭ଟି ଖଣିରୁ ମଧ୍ୟ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ଉତ୍ପାଦିତ ହେଉଛି। କାର୍ଯ୍ୟକ୍ଷମ ହୋଇପାରି ନ ଥିବା ୧୮୦ଟି ଖଣିର ବୈଧାନିକ ଆବଶ୍ୟକତାକୁ ଅନୁଧ୍ୟାନକରି ଏହି ଖଣିଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାକୁ ଆଗାମୀ ଦିନରେ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

## ମେଣ୍ଟବେଳେ ଜୟନାରାୟଣ ମନ୍ତ୍ରୀ ଥିଲେ, ଏବେ କିନ୍ତୁ ହେଲେନି: କଳିକେଶ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

■ କିଛି ଖଣି ସଂସ୍ଥା ଆମ ଅଞ୍ଚଳ ଲୋକଙ୍କୁ ଗୋଲାମକରି ରଖିଛନ୍ତି: ସାଗର
■ ବିଧାୟକ ଇଂଲିଶରେ ନ କହି ଓଡ଼ିଆରେ କୁହନ୍ତୁ: ଟଙ୍କଧର
■ ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ତଦନ୍ତ ହେଉ: ଅମରେନ୍ଦ୍ର

ଇସ୍ପାତ ଓ ଖଣି ବିଭାଗ ଖର୍ଚ୍ଚଦାବି ଆଲୋଚନା ବେଳେ ମଙ୍ଗଳବାର ବିରୋଧୀ ଓ ଶାସକ ଦଳ ସଦସ୍ୟ ପରସ୍ପର ବିରୋଧରେ ଦୋଷ ଲଦାଲଦି ହୋଇଥିବା ଦେଖିବାକୁ ମିଳିଛି। ଶାସକ ଦଳର କୌଣସି ଭିଜନ ନ ଥିବା ବିରୋଧୀ ଅଭିଯୋଗ ଆଣିଥିବାବେଳେ ବିଜେଡି ୨୪ ବର୍ଷରେ ଖଣିରୁ ବ୍ୟାପକ ଅର୍ଥ ଲୁଟ୍‌ପାଟ କରିଥିବା ଶାସକ ଦଳ ସଦସ୍ୟ ସମାଲୋଚନା କରିଛନ୍ତି। ବିରୋଧୀ ଦଳ ସଦସ୍ୟ କଳିକେଶ ସିଂଦେଓ କହିଛନ୍ତି, ବିଜେଡି କ୍ଷମତାକୁ ଆସିବା ପୂର୍ବରୁ ରାଜ୍ୟରେ ମାସ ମାସ ଧରି ଶିକ୍ଷକମାନଙ୍କୁ ଦରମା ମିଳିପାରୁ ନ ଥିଲା। ହେଲେ ବିଜେଡି ସରକାର ଆସିବା ପରେ ଓଡ଼ିଶାର ବହୁ ଉନ୍ନତି ହୋଇଛି। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ମେଣ୍ଟ ସରକାର ଥିବାବେଳେ ସରକାରରେ ବର୍ତ୍ତମାନର ଶାସକ ଦଳ ମଧ୍ୟ ସାମିଲ ଥିଲା। ହେଲେ ଏବେ ଭାଜପା ସରକାର ଖଣି ରାଜସ୍ୱକୁ ବ୍ୟବହାରକରି ରାଜ୍ୟର କିଛି ଉନ୍ନତି କରିବାର ଲକ୍ଷ୍ୟ ରଖିଥିବା ମନେ ହେଉନାହିଁ। ଜୟନାରାୟଣ ମିଶ୍ର ମେଣ୍ଟ ସରକାର ସମୟରେ ମନ୍ତ୍ରୀ ଥିଲେ। ଏବେ ତାଙ୍କ ସରକାରରେ ସେ ମନ୍ତ୍ରୀ ହୋଇନାହାନ୍ତି ସେଥିଲାଗି ଦୁଃଖିତ। ଏବେ ଯିଏ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ସେ ଜଣେ ଭିଙ୍କ ଲୋକ। ହେଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ସେ ୨ ଦିନରେ ୨ ପ୍ରକାର ତଥ୍ୟ ରଖିଲେଣି। ବିଜେଡି ସରକାରକୁ କେବେହେଲେ ଆଦାନୀ, ଅମ୍ବାନୀ ସରକାର କୁହାଯାଉ ନ ଥିଲା। ଆମେ ଗୁଜରାଟରେ କେବେ ବିକ୍ରି ହେଇନୁ ବୋଲି କଳିକେଶ କହିଥିଲେ। ତେବେ ଏହି ସମୟରେ ପଏଣ୍ଟ ଅଫ୍ ଅର୍ଡର ଆଣି ଶାସକ ଦଳ ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, କଳିକେଶ ଇଂଲିଶରେ କହୁଛନ୍ତି। ଓଡ଼ିଶା ବିଧାନସଭା, ଏଠି ଓଡ଼ିଆରେ କହିବା ପରିବର୍ତ୍ତେ କାହିଁକି ଇଂଲିଶରେ କହୁଛନ୍ତି ବୋଲି ପ୍ରଶ୍ନ କରିଥିଲେ।

କଂଗ୍ରେସ ବିଧାୟକ ସାଗର ଚନ୍ଦ୍ର ଦାସ କହିଛନ୍ତି, ମାଇନିଂ ଅଞ୍ଚଳର ଆଦିବାସୀ ଓ ଦଳିତମାନଙ୍କର କିଛି ସୁବିଧା ନାହିଁ। ଖଣି ସଂସ୍ଥାଗୁଡିକ ସେମାନଙ୍କୁ ଭଡା ଦେଇ ଲୁଟ୍ କରିଛନ୍ତି। କମ୍ପାନୀଗୁଡ଼ିକ ସେମାନଙ୍କ ନିୟମ ବଦଳାଇବା ଦରକାର। କିଛି ଖଣି ସଂସ୍ଥା ଆମ ଅଞ୍ଚଳ ଲୋକଙ୍କୁ ଗୋଲାମ କରି ରଖିଥିବାରୁ ସେଗୁଡିକର କାର୍ଯ୍ୟଧାରା, ବିସ୍ଥାପିତଙ୍କ ସ୍ଥିତି ଜାଣିବା ଲାଗି ହାଉସ କମିଟି ମାଇନିଂ ଏରିଆକୁ ଗସ୍ତ କରିବା ଦରକାର। ଶାସକ ଦଳ ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଖଣିଜ ସମ୍ପଦର ମୂଲ୍ୟାଙ୍କନ ସହ ବେଆଇନ ଖଣି ଉତ୍ପାଦନ ରୋକିବା ବିଭାଗର ଦାୟିତ୍ୱ। ଗତ ୨୪ ବର୍ଷରେ ରାଜ୍ୟରେ ନା ଶିଳ୍ପ କ୍ଷେତ୍ରରେ ବୃଦ୍ଧି ଘଟିଛି ନା ଲୋକଙ୍କ ରୋଜଗାର ବଢ଼ିଛି, ନା ନିଯୁକ୍ତି ବୃଦ୍ଧି ଘଟିଛି। ଏସବୁ ହୋଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ଲୋକ ଦାଦନ ଖଟିବାକୁ ଯାଇ ନ ଥାଆନ୍ତେ ବୋଲି ଇରାଶିଷ କହିଛନ୍ତି। ଶାସକ ଦଳର ଅମରେନ୍ଦ୍ର ଦାସ କହିଛନ୍ତି, ପାରାଦୀପ ଉପକୂଳରେ ବୁଡିଥିବା ବ୍ଲାକ୍‌ରୋଜ୍ କାହାର। ଜାହାଜରେ କାହା ଲୁହା ପଥର ଚୋରା ଚାଲଣ ହେଉଥିଲା। ଜାହାଜର କ୍ୟାପ୍‌ଟେନ ମରିଗଲେ ନା ମାରିଦିଆଗଲା। ସେସବୁଚପାଇଦେବାକୁବହୁତ ପ୍ରୟାସ କରାଯାଇଛି। ନୂଆ ସରକାର ଏସବୁର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର** No.PP-
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

୨୦୨୪-୨୫ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ତା.୩୦.୦୯.୨୦୨୪ ରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧. | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (GSP Training) | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ ରାଜ୍ୟ ହସ୍ତଶିଳ୍ପ ମେରିଟ ପୁରସ୍କାରପ୍ରାପ୍ତ ଓ ରାଜ୍ୟ ହସ୍ତଶିଳ୍ପ ନମୁନା ପୁରସ୍କାରପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ ଜଣ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୁନ ୩ ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଗୁରୁଙ୍କ ମାସିକ ପାରିତୋଷିକ ଟ.୩୦,୦୦୦/- (ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ) ଓ ଟ.୨୫,୦୦୦/- (ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୫୦୦୦/- । ତାଲିମ ଅବଧି: ଗ୍ରୁପ A ହସ୍ତଶିଳ୍ପ – ୬ ମାସ ଓ ଗ୍ରୁପ B ହସ୍ତଶିଳ୍ପ– ୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCP Training) | ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empaneled MCP) ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫ ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୁନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ A) ଓ ଟ.୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦/- । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ– ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ– ୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (CVP Training) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରି କୌଶଳ ଅଭିବୃଦ୍ଧି ତାଲିମ ଓ ଯନ୍ତ୍ରପାତି ଯୋଗାଣ କାର୍ଯ୍ୟକ୍ରମ ପାଇଁ ୨ ଗୋଟି ବା ତତୋଽଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । ଶିକ୍ଷାର୍ଥୀ ଅନ୍ୟୁନ ଓଡିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ ରୁ ୫୦ ବର୍ଷ ବୟସ ମଧ୍ୟରେ ହୋଇଥିବେ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୨୨,୫୦୦/- (ଗ୍ରୁପ୍ A) ଓ ଟ. ୨୦,୦୦୦/- (ଗ୍ରୁପ୍ B) ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୨,୦୦୦ /- । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ– ୧୨ ମାସ ଓ ଗ୍ରୁପ B ହସ୍ତଶିଳ୍ପ– ୬ ମାସ । |
| ୨. | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା (Construction of Workshed for Handicraft Artisans) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୪୦ ବର୍ଗ ଫୁଟର କର୍ମଶାଳା ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-) ର ଅନୁଦାନ । ଆବେଦନକାରୀଙ୍କର ନାମ ହସ୍ତଶିଳ୍ପ ସର୍ବେକ୍ଷଣ ତାଲିକାରେ ଥିବ/ କାରିଗରଙ୍କ ପରିବାରର କେବଳ ଜଣେ ସଦସ୍ୟ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ହେବେ / ପରିବାରର କୌଣସି ସଦସ୍ୟ ସରକାରୀ ଚାକିରି କରିନଥିବେ/ କାରିଗରଙ୍କ ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ / କାରିଗରଙ୍କ ବାର୍ଷିକ ରୋଜଗାରର ପ୍ରାୟ ୫୦ ପ୍ରତିଶତ ଟଙ୍କା ତାଙ୍କର ହସ୍ତଶିଳ୍ପ ବୃତ୍ତିରୁ ରୋଜଗାର ହେଉଥିବା ଆବଶ୍ୟକ । |
| ୩ | ଶିଳ୍ପୀ ଉନ୍ନତି ଯୋଜନା (Silpi Unnati Yojana) | ୧୮ ରୁ ୬୦ ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ ତାଲିମପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/- ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତଳ ଏବଂ ଡୋକ୍ରା କାମ ପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/- ର) ଆର୍ଥିକ ଅନୁଦାନ ସହାୟତା । |

ବି.ଦ୍ର.: ଗ୍ରୁପ A ହସ୍ତଶିଳ୍ପ – ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, କାଠ ଖୋଦେଇ, ପଥର ଖୋଦେଇ, ରୁପା ତାରକସି କାମ, କଂସା ଓ ପିତଳ କାମ ଏବଂ ଡୋକ୍ରା କାମ ।
ଗ୍ରୁପ୍ B ହସ୍ତଶିଳ୍ପ – ଅନୁମୋଦିତ ଅନ୍ୟାନ୍ୟ ୪୪ ଗୋଟି ହସ୍ତଶିଳ୍ପ ।

ଉପରୋକ୍ତ ସମସ୍ତ ଯୋଜନାଗୁଡିକର ସବିଶେଷ ତଥ୍ୟ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଆଗ୍ରହୀ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ, ସେମାନେ ଉପରୋକ୍ତ ଯୋଜନା ଗୁଡିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ https://crafts.odisha.gov.in/ ୱେବ୍‌ସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ ଆବେଦନ କରିବାକୁ ଚାହୁଁଥିବା ଯୋଜନାରେ Apply Now ଉପରେ Click କରି ଆବେଦନ କରିପାରିବେ । ଆବେଦନ କରିବାର ଅନ୍ତିମ ତାରିଖ ୩୦.୦୯.୨୦୨୪ । ଏଥି ସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପନିର୍ଦ୍ଦେଶକ (ହସ୍ତଶିଳ୍ପ)/ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) / ହସ୍ତଶିଳ୍ପ ବିକାଶ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା-୧୮୦୦ ୩୪୫୬୭୮୫୦ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./– ନିର୍ଦ୍ଦେଶିକା
OIPR-31042/11/0006/2425 ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର**
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)
ସଂଖ୍ୟା–୨୯୦୪ ତାରିଖ ୦୨.୦୯.୨୪

**ସମ୍ବଲପୁର ଜିଲ୍ଲାରେ ହସ୍ତକୃତ ଭାବେ ମଳ ସଫେଇ କର୍ମଚାରୀଙ୍କ ସର୍ବେକ୍ଷଣ କାର୍ଯ୍ୟ ନିମନ୍ତେ ସୂଚନା**

No.F–44:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ହସ୍ତକୃତ ଭାବେ ମଳ ସଫେଇ କର୍ମଚାରୀଙ୍କ ସର୍ବେକ୍ଷଣ କାର୍ଯ୍ୟକ୍ରମ ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ସର୍ବେକ୍ଷଣକୁ ଗ୍ରାମାଞ୍ଚଳରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳରେ ନିର୍ବାହୀ ଅଧିକାରୀ ଏବଂ ସମ୍ବଲପୁର ମହାନଗର ନିଗମଙ୍କ ଦ୍ୱାରା ତା.୦୫.୦୯.୨୦୨୪ ରୁ ୧୨.୦୯.୨୦୨୪ ରିଖ ମଧ୍ୟରେ କରାଯିବ । ଏହି କାର୍ଯ୍ୟରେ ଜଡ଼ିତ ଥିବା ବ୍ୟକ୍ତିବିଶେଷମାନଙ୍କୁ ନିର୍ଦ୍ଧାରିତ ଆତ୍ମ ଘୋଷଣା ଫର୍ମରେ ଆବେଦନ କରିବା ଓ ଯାଞ୍ଚ କାର୍ଯ୍ୟରେ ସହାୟତା କରିବା ପାଇଁ ଅନୁରୋଧ କରାଯାଉଛି । ଏଥିନିମନ୍ତେ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳର ନିର୍ବାହୀ ଅଧିକାରୀ ଏବଂ ସମ୍ବଲପୁର ମହାନଗର ନିଗମଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଛି ।

OIPR-24174/11/0003/2425 ସ୍ୱା./– ଜିଲ୍ଲାପାଳ, ସମ୍ବଲପୁର

**DISTRICT EDUCATION OFFICE, BALANGIR**
**(DISTRICT PROJECT MANAGEMENT UNIT, MID DAY MEAL)**
dpmumdmbgr@gmail.com
No. 257/MDM Dt.30.08.24

**SHORT TENDER CALL NOTICE**

No. n-78: Sealed tenders are invited in the prescribed from the intending **individual/firm/agents** having valid agent's licence for Sub-division-wise transportation of food stuff (rice) under PM Poshan (MDM) feeding programme from RRC-cum-DRC godowns/OSWC godowns/RMC godowns of Balangir district to the WSHG at the designated school points/SHG points or as instructed from time to time without transit for one year. The detailed tender papers and documents can be obtained from the District Project Management Unit, MDM, which is functioning in the Office of the District Education Officer, Balangir on payment of Rs.10,000/- (Rupees ten thousand) only in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, MDM, Balangir"**. The details of the tender notice and other documents are available in office website **http://balangir.nic.in** of Balangir district.

| | |
|---|---|
| Date of Commencement of sale of the Tender Document | 02.09.2024 |
| Last date of sale of tender document | 18.09.2024 till 5.00 P.M. |
| Last date & time of receipt of tender documents | 18.09.2024 till 5.00 P.M. |
| Date & time opening of tender documents | 19.09.2024 at 4.30 P.M. |
| Venue for Opening of Tender documents | Conference Hall of Collectorate, Balangir |

Notwithstanding anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

OIPR-27055/11/0002/2425 Sd./- Collector, Balangir

**STATE SELECTION BOARD**
**DEPARTMENT OF HIGHER EDUCATION**
**GOVERNMENT OF ODISHA**
**NOTICE**
**ADVERTISEMENT FOR RE-ENGAGEMENT OF RETIRED GOVERNMENT SERVANTS IN STATE SELECTION BOARD**

**No. SSB(E) 30/2024/430/SSB Dated: 03.09.2024**

No. N-93: Applications are invited from the eligible desirous retired Government Servants below the age of 65 (Sixty five) years having good service records and physically fit for re-engagement as Officer on Special Duty (OSD) on contractual basis to do the base level work in the O/o. State Selection Board, Higher Education Department against the vacant posts of Junior Assistant and Junior Typist (State Cadre) in State Selection Board in pursuance of guidelines enshrined in GA & PG Department Resolution No. 23750/Gen, dated 27.08.2014 and Finance Department Office Memorandum No. 24533/F, dated 29.09.2022.

The details of Criteria, Remuneration, Vacancies and Period of engagement along with prescribed application format are available in the official website of State Selection Board: **www.ssbodisha.ac.in**.

The filled in application should reach to **Secretary, Sate Selection Board, Higher Education Department, Ashok Nagar, Unit - II, Bhubaneswar, Dist.: Khurda, PIN - 751009** within 15 days from the date of issue of the advertisement. Applications received thereafter shall not be entertained.

**Sd./- Secretary, State Selection Board**
**OIPR-11015/11/0016/2425**

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

# ସାକ୍ଷ୍ୟ ଦେଲେ ଏଡିଜି ବୋଥ୍ରା

- ଦାଖଲ ସିଡି ପ୍ରଦର୍ଶନ ପାଇଁ ପିଟିଶନ୍ ଦେଲେ ସରକାରୀ ଓକିଲ
- ଅବ୍‌ଜେକଶନ ଫାଇଲ କରିବେ ପ୍ରତିପକ୍ଷ ଓକିଲ
- ୬୦ ନମ୍ବର ସାକ୍ଷୀ ଭାବେ କୋର୍ଟକୁ ଆସିଲେ ଏଡିଜି ବୋଥ୍ରା

ବଲାଙ୍ଗୀର/ପାଟଣାଗଡ଼,୩ା୯(ବୀରେନ୍ଦ୍ର କୁମାର ଝାଙ୍କର/ସଚ୍ଚିଦାନନ୍ଦ ମହାକୁର)



କୋର୍ଟରେ ସାକ୍ଷ୍ୟ ଦେଇ ଆଡିଶନାଲ ଡିଜି ଅରୁଣ ବୋଥ୍ରା ଫେରୁଛନ୍ତି।

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ମଙ୍ଗଳବାର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ତଥା ବର୍ତ୍ତମାନର ଏଡିଜି ଅରୁଣ ବୋଥ୍ରା ସାକ୍ଷ୍ୟ ଦେଇଛନ୍ତି। ୬ବର୍ଷ ତଳେ ଘଟିଥିବା ପାର୍ସଲ ବୋମା ବିସ୍ଫୋରଣ ମାମଲାର ୬୦ ନମ୍ବର ସାକ୍ଷୀ ଭାବେ ବୋଥ୍ରା ସାକ୍ଷ୍ୟ ପ୍ରଦାନ କରିଛନ୍ତି। ପାର୍ସଲ ବୋମା ବିସ୍ଫୋରଣ ଘଟଣା ସେତେବେଳେ ଦେଶବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ତେବେ କ୍ରାଇମବ୍ରାଞ୍ଚ ଆଇଜି ବୋଥ୍ରା ଏହି ମାମଲାର ତଦନ୍ତକାରୀ ଟିମ୍‌କୁ ଉଚିତ୍ ପରାମର୍ଶ ଦେଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏକ ଦାୟିତ୍ୱସମ୍ପନ୍ନ ଭୂମିକା ନିର୍ବାହ କରିଥିଲେ। କିଭଳି ଭାବେ ସେ ଘଟଣାର ତଦାରଖ କରିଥିଲେ,ସେତେବେଳେ କ'ଣ ସବୁ ପଦକ୍ଷେପ ନିଆଯାଇଥିଲା ଓ କିଭଳି ପ୍ରମାଣ ପାଇଥିଲେ ସେସବୁ ସାକ୍ଷ୍ୟ ପ୍ରଦାନ କରିଥିଲେ। ସାକ୍ଷ୍ୟ ଗ୍ରହଣ ଚାଲିଥିବା ବେଳେ ସରକାରୀ ଓକିଲଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚ ଦାଖଲ କରିଥିବା କ୍ରାଇମ୍‌ସିନ୍ ସିଡି ପ୍ରଦର୍ଶନ କରିବାକୁ ପିଟିଶନ୍ ଦାଖଲ କରାଯାଇଥିଲା। ସାକ୍ଷ୍ୟ ଗ୍ରହଣ ବେଳେ କୋର୍ଟରେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ ଏବଂ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଓକିଲ ପ୍ରମୋଦ ମିଶ୍ର ଉପସ୍ଥିତ ଥିଲେ। ପ୍ରତିପକ୍ଷ ଓକିଲ ମିଶ୍ର କହିଛନ୍ତି ଯେ, ସରକାରୀ ଓକିଲ ଯେଉଁ ଶିଡି ପ୍ରଦର୍ଶନ ପାଇଁ ପିଟିଶନ୍ ଦେଇଛନ୍ତି, ତା' ଉପରେ ଅବ୍‌ଜେକଶନ୍ ହେବ। ଏହା ଉପରେ ଶୁଣାଣି ପରେ କୋର୍ଟ ଯାହା ରାୟ ଦେବେ ବୋଲି ସେ କହିଛନ୍ତି। ମଙ୍ଗଳବାର ଏଡିଜି ବୋଥ୍ରାଙ୍କ ସାକ୍ଷ୍ୟଗ୍ରହଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ତାଙ୍କୁ ଆଉ ଥରେ ସାକ୍ଷ୍ୟ ଦେବାକୁ କୋର୍ଟକୁ ଆସିବାକୁ ପଡ଼ିପାରେ ବୋଲି ସରକାରୀ ଓକିଲ କାନୁନ୍‌ଗୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ ତାରିଖରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶକୁ ଚହଲାଇ ଦେଇଥିଲା। ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବାବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ଏବେ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି।

# ଜେଲ ଏଡିଜିଙ୍କ ନାଁରେ ଫେକ୍ ଆକାଉଣ୍ଟ

**ସମ୍ପର୍କୀୟଙ୍କୁ ଟଙ୍କା ମାଗୁଛନ୍ତି ସାଇବର ଠକ**

ଭୁବନେଶ୍ୱର,୩ା୯(ସତ୍ୟଜିତ୍ ରାଉତ)




ଇନ୍‌ଷ୍ଟାଗ୍ରାମ୍‌ରେ ଏଡିଜିଙ୍କ ଫେକ୍ ଆକାଉଣ୍ଟ।

ସାଇବର ଠକମାନେ ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ, ନେତା, ଅଭିନେତା ଆଦି ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ଅଧିକାଂଶ ସମୟରେ ଟାର୍ଗେଟ୍ କରୁଛନ୍ତି। ଏହାରି ଭିତରେ ଜେଲ ଏଡିଜି ଅମିତାଭ ଠାକୁରଙ୍କୁ ମଧ୍ୟ ସାଇବର ଅପରାଧୀମାନେ ଛାଡ଼ି ନାହାନ୍ତି। ଅମିତାଭଙ୍କ ନାମରେ ଇନ୍‌ଷ୍ଟାଗ୍ରାମରେ କେହି ସାଇବର ଠକ ଫେକ୍ ଆକାଉଣ୍ଟ ଖୋଲି ଟଙ୍କା ଠକେଇ କରିବାକୁ ପ୍ରୟାସ କରିଛନ୍ତି। ଏନେଇ ମଙ୍ଗଳବାର ଜଣାପଡ଼ିବା ପରେ ଏଡିଜି ଠାକୁର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅମିତାଭଙ୍କ ନାଁରେ ଖୋଲାଯାଇଥିବା ଉକ୍ତ ଫେକ୍ ଆକାଉଣ୍ଟରେ ୬ଟି ପୋଷ୍ଟ କରାଯିବା ସହ ସତ ଆକାଉଣ୍ଟ ଭଳି ବାୟୋରେ ମଧ୍ୟ ଅପଡେଟ୍ କରାଯାଇଛି। ଅମିତାଭଙ୍କ ଜଣେ ସମ୍ପର୍କୀୟଙ୍କୁ ସାଇବର ଠକ ଉକ୍ତ ଆକାଉଣ୍ଟରୁ ଟଙ୍କା ସାହାଯ୍ୟ ମାଗିବା ସହ ପରବର୍ତ୍ତୀ ସମୟରେ ଫେରାଇ ଦେବେ ବୋଲି କହିଥିଲେ। ସମ୍ପର୍କୀୟ ଜଣଙ୍କ ଏନେଇ ଅମିତାଭଙ୍କୁ ପଚାରିବାରୁ ଘଟଣା ଜଣାପଡ଼ିଥିଲା। ତେବେ କେହି ଉକ୍ତ ଫେକ୍ ଆକାଉଣ୍ଟକୁ ସତ ବୋଲି ଭାବି ଟଙ୍କା ନ ଦେବାକୁ ଏଡିଜି ଠାକୁର ପରାମର୍ଶ ଦେଇଛନ୍ତି।

# ଡିଡିଏମ୍‌ଙ୍କ ଆୟଠାରୁ ୫୧୯% ଅଧିକ ସମ୍ପତ୍ତି ଠାବ

**ଗିରଫ ହେଲେ ଧରଣୀଧର ନାୟକ**

ଭୁବନେଶ୍ୱର,୩ା୯(ସତ୍ୟଜିତ୍ ରାଉତ)



ଧରଣୀଧର ନାୟକ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅନୁଗୋଳ ଜିଲା ତାଳଚେର ମଣ୍ଡଳ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍) ଧରଣୀଧର ନାୟକଙ୍କୁ ମଙ୍ଗଳବାର ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ଯାଞ୍ଚ ପରେ ଧରଣୀଧରଙ୍କ ୫ କୋଟିର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହି ସମ୍ପତ୍ତି ତାଙ୍କର ପ୍ରକୃତ ଆୟଠାରୁ ୫୧୯ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆୟବହିର୍ଭୂତ ସମ୍ପତ୍ତି ଅର୍ଜନ କରିବାରେ ଧରଣୀଧରଙ୍କ ସ୍ତ୍ରୀଙ୍କର ମଧ୍ୟ ଭାଗୀଦାର ରହିଛି। ତେଣୁ ଧରଣୀଧରଙ୍କ ସମେତ ତାଙ୍କ ସ୍ତ୍ରୀଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୫/୨୦୨୪) ରୁଜୁ କରାଯାଇଛି। ଧରଣୀଧରଙ୍କୁ ଗିରଫ ପରେ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଧରଣୀଧରଙ୍କ ଠାବ ସମ୍ପତ୍ତି ପଥର ମାଫିଆ ଏବଂ ଖଣି ମାଫିଆ ପ୍ରମୁଖଙ୍କଠାରୁ ଆସିଥିବା ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ଟିମ୍ ସୋମବାର ଧରଣୀଧରଙ୍କ ଘର ସମେତ ତାଳଚେର, କେନ୍ଦୁଝର, ଭୁବନେଶ୍ୱରର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଭିଜିଲାନ୍ସ ଟିମ୍ ଧରଣୀଧରଙ୍କ ଭୁବନେଶ୍ୱର ପଟିଆ ଶିଶୁବିହାରସ୍ଥିତ ସୁରେଖା ଅର୍କିଡ୍ ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍, ସୁନ୍ଦରପଦାରେ ଏକ ଡୁପ୍ଲେକ୍ସ, କେନ୍ଦୁଝର ଜିଲା ତେଲକୋଇ ଜଗମୋହନପୁର ଅଞ୍ଚଳରେ ଦୁଇଟି ମାର୍କେଟ କମ୍ପ୍ଲେକ୍ସ ସମେତ ମୋଟ ୧୧ଟି ପ୍ଲଟ୍ ଠାବ କରିଥିଲା। ଏଥିସହ ଘରୁ ନଗଦ ୯ ଲକ୍ଷ ୮୫ ହଜାର ୧୨୦ ଟଙ୍କା, ୫୪.୭୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ଗୋଟିଏ ଚାରିଚକିଆ ଯାନ (ଟାଟା ପଞ୍ଚ୍) ଓ ୨ଟି ଦୁଇଚକିଆ ଯାନ ଆଦି ବିପୁଳ ସମ୍ପତ୍ତି ଠାବ କରିଥିଲା।

# ବାଘଛାଲ ଜବତ, ୩ ଗିରଫ

## ୨ ଜଣଙ୍କୁ ଛାଡ଼ିଦେଲେ ବନ ବିଭାଗ କର୍ମଚାରୀ

ଫୁଲବାଣୀ/ ଖଜୁରିପଡ଼ା,୩ା ୯ (ରାକେଶ କୁମାର ରାଉତ/ ବିଦ୍ୟୁର ବେହେରା)



ଜବତ ବାଘଛାଲ ଓ ବନ୍ଧୁକ।

ଫୁଲବାଣୀ ବନ ବିଭାଗ କର୍ମଚାରୀମାନେ ଖଜୁରିପଡ଼ା ବ୍ଲକ୍ ଗୁଦାରି ଏଆର୍ ଷ୍ଟ୍ରିପ୍ ନିକଟରେ ବାଘଛାଲ ବିକ୍ରି ପାଇଁ ଯୋଜନା ଚାଲିଥିବା ବେଳେ ଚଢ଼ାଉକରି ୩ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ପିରୀକୁଡ଼ି ପଞ୍ଚାୟତ ପାକାଡ଼ାମ୍ବା ଗ୍ରାମର ତ୍ରିନାଥ କହଁର, ଗୁମୁରିଖୋଲ ଗ୍ରାମର ସଞ୍ଜୟ ମଲିକ ଏବଂ ସଦର ଥାନା ଅଞ୍ଚଳ ଦଡ଼କି ଗ୍ରାମର ପ୍ରଭାତ ମଲିକ। ସେମାନଙ୍କଠାରୁ ଏକ କଲରାପତରିଆ ବାଘଛାଲ ସହ ଦେଶୀ ବନ୍ଧୁକ ଜବତ ହୋଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଆଉ ୨ ଜଣଙ୍କୁ ବନ ବିଭାଗ କର୍ମଚାରୀମାନେ ଜାଣିଶୁଣି ଛାଡ଼ି ଦେଇଥିବା ବିଶେଷ ସୂତ୍ରରୁ ଜଣାପଡଛି। କାହିଁକି ସେ ୨ ଜଣଙ୍କୁ ଛଡ଼ାଗଲା ସେନେଇ ତଦନ୍ତ ହେଲେ ସବୁ କଥା ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ବାଘଛାଲ ଚାଲାଣ ନେଇ ବନ ବିଭାଗ ଖବର ପାଇବା ପରେ ଏଥିପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ୨ ଦିନ ତଳେ ଗୁଦାରୀ ନିକଟରେ ବାଘଛାଲ ମୂଲଚାଲ ଚାଲିଥିବା ବେଳେ ଏହି ଟିମ୍ ଚଢ଼ାଉ କରିଥିଲା। ବନ ବିଭାଗ ପକ୍ଷରୁ ୭୧ /୨୪-୨୫ରେ ମାମଲା ରୁଜୁ ହୋଇଛି। ଗିରଫ ଯୁବକମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨ ଜଣଙ୍କୁ ଜାଣିଶୁଣି ଛାଡିଦେବା ସମ୍ପର୍କରେ ରେଞ୍ଜର ଶିବାନନ୍ଦ ଲେଙ୍କାଙ୍କୁ ପଚାରିବାରୁ ସେ କହିଲେ, ଆମେ ଏହି ଘଟଣାରେ କାହାରିକୁ ଛାଡ଼ିନାହୁଁ।

# ସରକାରୀ ବାସଭବନରୁ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ

ଢେଙ୍କାନାଳ, ୩ା୯(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଜିଲା ପୋଲିସ କାର୍ଯ୍ୟାଳୟ ପଛ ପାଖରେ ଥିବା ସରକାରୀ ବାସଭବନରୁ କବାଟ ଭାଙ୍ଗି ମଙ୍ଗଳବାର ଜଣେ ପୋଲିସ କର୍ମଚାରୀଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କ ନାମ ଆଦିତ୍ୟ କୁମାର ନାୟକ। ତାଙ୍କ ଘର କଣ୍ଟାବଣିଆ ଥାନା ସଞ୍ଜପଡ଼ା ଆମନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗତ ଦୁଇଦିନ ହେବ ସେ ଅଫିସ ଆସୁ ନ ଥିବାରୁ ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ତାଙ୍କ ଘର କବାଟ ଭାଙ୍ଗିବାରୁ ଖଟ ଉପରେ ତାଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନାରେ କେସ୍ ନଂ-୩୮।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।

**ଗୋଡ଼ରୁ ଅଳତା ଲିଭିନି**

# ଟଙ୍କା, ଫ୍ରିଜ୍ ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ମାରିଦେଲେ

ଖଇରା, ୩ା୯(ଉତ୍କଳବନ୍ଧୁ ପଣ୍ଡା)



ସ୍ୱାମୀଙ୍କ ସହ ଲକ୍ଷ୍ମୀପ୍ରିୟା

ବାଲେଶ୍ୱର ଜିଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ତେନ୍ତଲାଗଡ଼ିଆ ଗ୍ରାମର ମାତ୍ର ୩ମାସ ତଳେ ବିବାହ କରିଥିବା ନବବଧୂ ଲକ୍ଷ୍ମୀପ୍ରିୟା ସେଠୀ(୨୧)ଙ୍କ ରହସ୍ୟଜନକ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଯୌତୁକ ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ସୁଦାମ ସେଠୀ ମଙ୍ଗଳବାର ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୭୦/୨୪) ରୁଜୁ କରି ତଦନ୍ତ ଚଳାଇଛି।

ଭଦ୍ରକ ସାଇଣ୍ଟିଫିକ ଟିମ୍‌ର ତଦନ୍ତରେ ଲକ୍ଷ୍ମୀପ୍ରିୟାଙ୍କ ବାମହାତରେ କ୍ଷତ ହୋଇଥିବା ଦେଖିବାକୁ ମିଳିଛି। ସେହିଭଳି ଘରସାରା ରକ୍ତଛିଟା ପଡିବା ପୋଲିସକୁ ସନ୍ଦେହରେ ପକାଇଛି। ଖଇରା ଥାନା ଶେରପୁର ଗ୍ରାମନିବାସୀ ବାପା ସୁଦାମଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଗତ ଜୁନରେ ତାଙ୍କ ସାନଝିଅ ଲକ୍ଷ୍ମୀପ୍ରିୟାଙ୍କ ବିବାହ ଜଗନ୍ନାଥ ଦାସଙ୍କ ସହ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦକୁ ସମସ୍ତ ଗହଣା ସାଙ୍ଗକୁ ମୋଟା ଅଙ୍କର ଅର୍ଥ ପ୍ରଦାନ କରିଥିଲେ। ପୁନଶ୍ଚ ୧ଲକ୍ଷ ଟଙ୍କା, ଫ୍ରିଜ୍ ପାଇଁ ସ୍ୱାମୀ, ଶାଶୁ, ନଣନ୍ଦ, ନଣନ୍ଦେଇ ନିର୍ଯାତନା ଦେଉଥିଲେ। ଏଥିପାଇଁ ଭଦ୍ରଲୋକଙ୍କ ଉପସ୍ଥିତିରେ ବୁଝାମଣା ମଧ୍ୟ ହୋଇଥିଲା। ଶେଷରେ ଶ୍ୱଶୁର ଘର ଲୋକ ତାଙ୍କୁ ମାରି ଫ୍ୟାନରେ ଟାଙ୍ଗି ଦେବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେଉଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଖଇରା ପୋଲିସ ସ୍ୱାମୀ ଜଗନ୍ନାଥ ଓ ଶାଶୁ ଯଶୋଦାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲେ ପଣ୍ଡୁ ମଲେ ମଶା**
**ଗୋଡ଼ ଫାଟୁ ଦେଲେ ମୁରୁକି ହସା।**

ପଣ୍ଡୁ ପୂର୍ଣ୍ଣିମା ପରେ ଶୀତ ବଢ଼ିଥାଏ। ମଶା ଥଣ୍ଡା ସହିପାରନ୍ତି ନାହିଁ। ଥଣ୍ଡା ପଡ଼ିଲେ ମଶା ମରିଯାନ୍ତି। ସେମାନଙ୍କ ଉପଦ୍ରବ କମିଯାଏ। ସେହିପରି ଶୀତ ହେତୁ ଲୋକଙ୍କର ଗୋଡ଼ ତଳିପା ଫାଟେ, ଚାଲିଲା ବେଳେ ଗୋଡ଼କୁ କାଟେ। ଏପରିସ୍ଥଳେ ଗୋଡ଼କୁ କାଟୁଛି ପଚାରିଲେ ଉକ୍ତ ବ୍ୟକ୍ତି ଲାଜରେ କିଛି ନ କହି ପାରି କେବଳ ମୁରୁକି ହସିଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅସଙ୍ଗରେ ସଙ୍ଗୀତା**
**ଅସଙ୍ଗରେ ସଙ୍ଗୀ ହେଲେ**
**କାଠ ଘଣ୍ଟି ଲମ୍ବିତା।**

ଉତ୍ତମବ୍ୟକ୍ତିଙ୍କସଙ୍ଗେବନ୍ଧୁତାକରିବାସବୁଠାରୁବୁଦ୍ଧିମାନରକାର୍ଯ୍ୟ ।ସେମାନଙ୍କରସୁପରାମର୍ଶ ଅନେକ ପ୍ରକାର ବିପଦରୁ ରକ୍ଷା କରିଥାଏ ।ପରନ୍ତୁ କୁ -ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୯ ବର୍ଷୀୟା ବାଳିକାଙ୍କୁ ବଳାତ୍କାର

**୫୫ବର୍ଷୀୟ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର, ୩ା୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ୯ ବର୍ଷୀୟା ଶିଶୁକନ୍ୟାଙ୍କୁ ୫୫ ବର୍ଷୀୟ ପଡ଼ୋଶୀ ବଳାତ୍କାର କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଧଡିଆ ବେହେରା। ଅଭିଯୁକ୍ତ ଧଡ଼ିଆଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ପୀଡ଼ିତା ଶିଶୁକନ୍ୟାଙ୍କ ମା' ଭୁବନେଶ୍ୱରର ଏକ ଘରୋଇ କଲେଜରେ କାମ କରୁଥିବାବେଳେ ବାପା ଜଣେ ରଙ୍ଗ ମିସ୍ତ୍ରି। ସୋମବାର ମା' ଓ ବାପା ଶିଶୁକନ୍ୟାଙ୍କୁ ଘରେ ଏକୁଟିଆ ଛାଡ଼ି କାର୍ଯ୍ୟକୁ ଚାଲି ଯାଇଥିଲେ। ଏହାର ସୁଯୋଗ ନେଇ ନିକଟରେ ରହୁଥିବା ଧଡ଼ିଆ ଶିଶୁକନ୍ୟାଙ୍କ ଘରେ ବଳପୂର୍ବକ ପଶିଥିଲେ। ଏହି ସମୟରେ ଉକ୍ତ ଘରର କବାଟ ଆଦିକୁ ଧଡ଼ିଆ ବନ୍ଦକରି ଦେଇଥିଲେ। ନାବାଳିକା ଶିଶୁକନ୍ୟାଙ୍କୁ ଧଡ଼ିଆ ବଳାତ୍କାର କରିଥିଲେ। ପରେ ଏହି ବିଷୟରେ କାହାକୁ ଜଣାଇଲେ ଶିଶୁକନ୍ୟାଙ୍କୁ ମାରିବାର ଧମକ ଦେଇ ଘରୁ ଚାଲିଯାଇଥିଲେ। ପରେ ଶିଶୁକନ୍ୟାଙ୍କ ମା'ଘରକୁ ଫେରି ଝିଅ କାନ୍ଦୁଥିବାର ଦେଖିବାକୁ ପାଇଥିଲେ। କ'ଣ ହୋଇଛି ବୋଲି କାରଣ ପଚାରିବାରୁ ଶିଶୁକନ୍ୟା ଜଣଙ୍କ ଘଟଣା ବିଷୟରେ କହିଥିଲେ। ଏନେଇ ପୀଡ଼ିତାଙ୍କ ମା' ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ପୋଲିସ ପୋକ୍ସୋ ଆକ୍ଟ ସହ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୪୩/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# କଲେଜ ଛାତ୍ରଙ୍କ ଗଳିତ ମୃତଦେହ ଜବତ

ଅମରପାଲି, ୩ା୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଯାଲୋଏ ପଞ୍ଚାୟତ ଅଧୀନ ଜାମଗାଁ ନିକଟ ନାଳରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ମଙ୍ଗଳବାର ଜବତ ହୋଇଛି। ମୃତକ ବୀରମହାରାଜପୁର ଥାନା ଜାମଗାଁର ଯଦୁ ମହାକୁରଙ୍କ ପୁଅ ରାଜେଶ ମହାକୁର(୧୭)ବୋଲି ଜଣାପଡିଛି। ସେ କଦୋଦର ସ୍ଥିତ ମା' ଉମାଦେବୀ ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ଦୁଇ ଦିନ ହେଲା ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ନ ପାଇବାରୁ ସୋମବାର ବୀରମହାରାଜପୁର ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସକାଳୁ ଗ୍ରାମ ନିକଟସ୍ଥ ଏକ ନାଳରେ ଏକ ମୃତଦେହ ପଡ଼ିଥିବା ଦେଖି ଲୋକେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ବୌଦ୍ଧରୁ ସାଇଣ୍ଟିଫିକ ଟିମ୍ ଓ ସୋନପୁରରୁ ସନ୍ଧାନୀ କୁକୁର ଆଣି ପୋଲିସ ତଦନ୍ତ କରିଛି। ଛାତ୍ରଙ୍କୁ ହତ୍ୟା କରି ଉକ୍ତ ନାଳରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟଆସିବା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ବୀରମହାରାଜପୁର ଥାନା ଅଧିକାରୀ ଶୋଭାକର ସେଠ କହିଛନ୍ତି।

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

## ଝାରପଡ଼ା ଜେଲରେ କଏଦୀଙ୍କୁ ଆକ୍ରମଣ ଘଟଣା

ଭୁବନେଶ୍ୱର,୩ା୯(ସତ୍ୟଜିତ୍ ରାଉତ)

ଝାରପଡ଼ା ଜେଲର ଗୁମର କଥା ସାମ୍ନାକୁ ଆଣିବାରୁ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣା ଏବେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ନିକଟରେ ପହଞ୍ଚିଛି। ଏହି ଘଟଣାକୁ କେନ୍ଦ୍ର କରି ଆଇନଜୀବୀ ସୁନୀଲ କୁମାର ରଥ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଡାଏରୀ (ନଂ.୧୪୨୭୬/ଆଇଏନ୍/୨୦୨୪) ରୁଜୁ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସୌମ୍ୟକାନ୍ତଙ୍କୁ ୨୦ ଲକ୍ଷ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ସୁନୀଲ ଅଭିଯୋଗପତ୍ରରେ ଦାବି କରିଛନ୍ତି। ଏହି ଘଟଣାରେ ସୋମବାର ଜେଲ ଏଡିଜି ଅମିତାଭ ଠାକୁର ଓ ଡିଆଇଜି ଅନସୂୟା ଜେନା ଝାରପଡ଼ା ଜେଲରେ ପହଞ୍ଚି ତନାଘନା କରିଥିଲେ। ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଡିଜି ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ସୌମ୍ୟକାନ୍ତ ଜେଲରେ ଚାଲୁଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)ଙ୍କୁ ଚିଠି ଲେଖିଥିଲେ। ଡିଏଲ୍‌ଏସ୍‌ଏ ଟିମ୍ ଶନିବାର ଜେଲରେ ଚଢ଼ାଉ କରି ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଜବତ କରିଥିଲା। ଏହାକୁ ନେଇ ରବିବାର ମୁନା ଓ ସହଯୋଗୀମାନେ ସୌମ୍ୟକାନ୍ତଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ।

# ବିକ୍ରି ପାଇଁ ମୂଲଚାଲ ବେଳେ ବଜ୍ରକାପ୍ତା ଉଦ୍ଧାର

**ଅଭିଯୁକ୍ତଙ୍କୁ ଗିରଫକଲା ବନ ବିଭାଗ**

ନବରଙ୍ଗପୁର/କୋଡ଼ିଙ୍ଗା, ୩ା୯(ସଦାଶିବ ପ୍ରହରାଜ/ସମରେନ୍ଦ୍ର ପଟ୍ଟନାୟକ)




ଜବତ ବଜ୍ରକାପ୍ତା, ଗିରଫ ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀମାନେ।

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବନାଞ୍ଚଳ ଅଧୀନ ବାଗିନୀ ଗ୍ରାମ ନିକଟରେ ବିକ୍ରି ପାଇଁ ଫୋନରେ ମୂଲଚାଲ ଚାଲିଥିବାବେଳେ ବନ ବିଭାଗ ଚଢ଼ାଉକରି ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। ଘଟଣାସ୍ଥଳରୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋଷାଗୁମୁଡ଼ା ବ୍ଲକ୍ ଜୁନାପାଣି ଗ୍ରାମର କମଳ ସିଂ ଗୌଡ଼।

ବଜ୍ରକାପ୍ତା ବିକ୍ରି ଯୋଜନା କରାଯାଉଥିବା ନେଇ ବନ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶରେ କୋଡ଼ିଙ୍ଗା ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ବନପାଳ ପ୍ରଭାତ ବିଷୋୟୀ, ବନରକ୍ଷୀ ଉମାଶଙ୍କର ପାଣିଗ୍ରାହୀ, ଦୀପକ ପ୍ରଧାନ, କୋଡ଼ିଙ୍ଗା ବନାଞ୍ଚଳ ପାରା ଷ୍ଟାଫ୍ ଏବଂ ବନଖଣ୍ଡ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସୋମବାର ରାତିରୁ ଘଟଣାସ୍ଥଳରେ ଜଗିଥିଲେ। ଅଭିଯୁକ୍ତ ଜଣଙ୍କ ସେଠାରେ ପହଞ୍ଚି ଗ୍ରାହକଙ୍କୁ ଫୋନ କରିବାବେଳେ ସକାଳ ପ୍ରାୟ ୭ଟାରେ ବନ ବିଭାଗ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଏକ ଜୀବନ୍ତ ବଜ୍ରକାପ୍ତା, ଗୋଟିଏ ବାଇକ୍ ଏବଂ ଏକ ମୋବାଇଲ ଫୋନ୍ ଜବତ କରାଯାଇଛି। ବଜ୍ରକାପ୍ତାଟିକୁ ଅଭିଯୁକ୍ତ ୫୦ହଜାର ଟଙ୍କାରେ କଳାହାଣ୍ଡିରୁ କିଣିଥିଲେ। ଏହାକୁ ୫ଲକ୍ଷ ଟଙ୍କାରେ ବିକ୍ରି କରିବାର ଯୋଜନା ଥିଲା ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜବତ ବଜ୍ରକାପ୍ତାର ଓଜନ ପ୍ରାୟ ୮.୯୭୦ କି.ଗ୍ରା. ରହିଛି। କୋଡିଙ୍ଗା ରେଞ୍ଜ ଅଫିସରେ ବଜ୍ରକାପ୍ତାଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରଖାଯାଇଛି।

# ଏମିତି ଅଞ୍ଚଳ ରହିବନି ଯେଉଁଠି କାର୍ଯ୍ୟକର୍ତ୍ତା ନ ଥିବେ: ମୁଖ୍ୟମନ୍ତ୍ରୀ

**ଭାଜପାର ସଦସ୍ୟତା ଅଭିଯାନ-୨୦୨୪ର ଶୁଭାରମ୍ଭ**




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟସ୍ତରୀୟ ସଦସ୍ୟତା ଅଭିଯାନ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ବରିଷ୍ଠ ନେତାମାନେ।

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ରାଜଧାନୀରୁ ଆରମ୍ଭ କରି ଓଡ଼ିଶାର ଏମିତି କୌଣସି ଉପାନ୍ତ ଅଞ୍ଚଳ ରହିବ ନାହିଁ ଯେଉଁଠି ଭାଜପାର ସଦସ୍ୟ ନ ଥିବେ। ସଦସ୍ୟତା ଅଭିଯାନର ଗୁରୁଦାୟିତ୍ୱ ଆମ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନ୍ୟସ୍ତ ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ 'ସଦସ୍ୟତା ଅଭିଯାନ-୨୦୨୪'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏକ ନୂଆ ଓଡ଼ିଶା ଗଠନକରି ରାଜ୍ୟକୁ ବିକଶିତ କରିବାକୁ ଆମକୁ ସଂକଳ୍ପ ନେବାକୁ ହେବ। ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଆମକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ରାଜ୍ୟରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ଶାସନ ବ୍ୟବସ୍ଥାକୁ ହଟାଇବା ପାଇଁ ଆମ କାର୍ଯ୍ୟକର୍ତ୍ତାମାନେ ବହୁ ସଂଘର୍ଷ କରିଛନ୍ତି। କାର୍ଯ୍ୟକର୍ତ୍ତାମାନଙ୍କ କଠିନ ପରିଶ୍ରମ ଯୋଗୁ ଓଡ଼ିଶାବାସୀ ଆମ ଉପରେ ଆସ୍ଥାପ୍ରକଟ କରି ଆମକୁ ଭୋଟ ଦେଇଛନ୍ତି। ପ୍ରଥମ ଥର ଲାଗି ଭାଜପା ରାଜ୍ୟରେ ଏକାକୀ ସରକାର ଗଠନ କରିପାରିଛି। ବର୍ତ୍ତମାନ ଅଧିକରୁ ଅଧିକ ସଦସ୍ୟଙ୍କୁ ଆମ ସଙ୍ଗଠନ ସହ ଯୋଡ଼ିବାର ସମୟ ଆସିଛି। ଆମେ ଯେଉଁମାନେ ଏବେ ବଡ଼ ଦାୟିତ୍ୱରେ ବସିଛେ, ତା'ର ପ୍ରଥମ ସୋପାନ ସଙ୍ଗଠନର ତୃଣମୂଳସ୍ତରରୁ ହିଁ ଆରମ୍ଭ ହୋଇଛି। ସଦସ୍ୟତା ହେଉଛି କାର୍ଯ୍ୟକର୍ତ୍ତା ଚୟନର ମୂଳ ଆଧାର। ସଙ୍ଗଠନ ଚଳାଇବାର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତ୍ତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଭାଜପା ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ। ଏହି ଦଳ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସକରେ। ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିଚାରଧାରାରେ ବିଶ୍ୱାସ ରଖି ଛିଡ଼ାହୋଇଥିବା ଏହି ଦଳ ବହୁ ସଂଘର୍ଷ ପରେ ୧୮ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ସହ ଆଜି ବିଶ୍ୱର ୧ ନମ୍ବର ରାଜନୈତିକ ଦଳ ହୋଇପାରିଛି। ସମାଜର ସବୁ ବର୍ଗ ଓ ସବୁସ୍ତରର ଲୋକଙ୍କୁ ଯୋଡ଼ି ଭାଜପାକୁ ଆହୁରି ଶକ୍ତିଶାଳୀ କରିବାକୁ ହେବ ବୋଲି ମନମୋହନ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ବର୍ଷ ହେବ ଦେଶକୁ ବିକାଶ ପଥରେ ଆଗେଇ ନେଉଛନ୍ତି। ଓଡ଼ିଶାରେ ଲୋକେ ଭାଜପା ଉପରେ ଆସ୍ଥା ପ୍ରକଟ କରିଥିବାରୁ ରାଜ୍ୟରେ ଦଳ ଏକାକୀ ସରକାର ଗଠନ କରିଛି। ଗୋଟି ଗୋଟି ସଦସ୍ୟ ଯୋଡ଼ି ବର୍ତ୍ତମାନ ଆମେ ଏହି ସ୍ଥାନରେ ପହଞ୍ଚିପାରିଛୁ। ୧୯୮୦ରେ ଭାଜପା ଆରମ୍ଭ ହେଲା। ୧୯୮୯ ପର୍ଯ୍ୟନ୍ତ ଆମେ ମାତ୍ର ୧% ଭୋଟ ପାଇଁ ସଂଘର୍ଷ କରୁଥିଲୁ। ସଦସ୍ୟଙ୍କ ସଂଖ୍ୟା ୪୧ ଲକ୍ଷ ହୋଇଛି। ଭୋଟ ସଂଖ୍ୟା ବଢ଼ି ୪୦%ରେ ପହଞ୍ଚିଛି। ଲୋକ ସଭାରେ ୪୫% ଭୋଟ ମିଳିଛି। ବିଧାୟକ ସଂଖ୍ୟା ମଧ୍ୟ ଧୀରେ ଧୀରେ ବଢ଼ି ଆଜି ୭୮ ଏବଂ ସହଯୋଗୀଙ୍କ ସଂଖ୍ୟା ସହ ମିଶି ମୋଟ୍ ୮୧ରେ ପହଞ୍ଚିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ, ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର, ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସଦସ୍ୟତା ଅଭିଯାନ ରାଜ୍ୟ ସଂଯୋଜକ ରଞ୍ଜନ ପଟେଲ, ସହ ସଂଯୋଜକ ଅଶୋକ ମିଶ୍ରଙ୍କ ସମେତ ମନ୍ତ୍ରୀ, ଏମ୍‌ପି, ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଦସ୍ୟତା ଗ୍ରହଣ କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ରାଜ୍ୟ ପଦାଧିକାରୀମାନଙ୍କୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପଦାଧିକାରୀଙ୍କୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯେପରି ଅଧିକ ସଦସ୍ୟ ଯୋଡ଼ିହେବେ ସେଥିପ୍ରତି ଧ୍ୟାନଦେବାକୁ କୁହାଯାଇଛି।

# ଛାତ୍ର ସଂସଦ ନିର୍ବାଚନ ନ ହେଲେ ରାସ୍ତାକୁ ଓହ୍ଲାଇବୁ: ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ନ ହେବା ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିବା ଦୁର୍ଭାଗ୍ୟଜନକ। ବିଜେଡି ରାସ୍ତାରେ ଭାଜପା ସରକାର ଯାଉଥିବା ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉଦିତ୍ କହିଛନ୍ତି, ଏଭଳି ନିଷ୍ପତ୍ତିକୁ ଛାତ୍ର କଂଗ୍ରେସ ସହ୍ୟ କରିବ ନାହିଁ। ଛାତ୍ର ସଂସଦ ନିର୍ବାଚନ ନ ହେଲେ ଛାତ୍ର କଂଗ୍ରେସ ରାଜ୍ୟବ୍ୟାପୀ ରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ଉଦିତ୍ ଆହୁରି କହିଛନ୍ତି, ୨୦୧୭ରେ ଶେଷଥର ନିର୍ବାଚନ ହୋଇଥିଲା। ୧୮ ଅଗଷ୍ଟ ୨୦୧୭ରେ ନିର୍ବାଚନ ସିଡ୍ୟୁଲ ଘୋଷଣା କରାଯାଇଥିଲା। ୨୦୨୪ ଅଗଷ୍ଟ ୧୯ରେ ନିର୍ବାଚନ ହେବ ନାହିଁ ବୋଲି ଆଇନ ମନ୍ତ୍ରୀ ଘୋଷଣାକଲେ। ମାତ୍ର ଗୋଟିଏ ଦିନ ପରେ କହିଲେ, ନୂଆ ସରକାର, ସମୟର ଓ ପ୍ରସ୍ତୁତିର ଅଭାବ ପାଇଁ ନିର୍ବାଚନ ହୋଇପାରିବ ନାହିଁ। ମୂଳ କଥାଟି ହେଉଛି ସରକାରୀ କଳକୁ ଲଗାଇ ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ କବ୍‌ଜା କରିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ସେଥିପାଇଁ ଆସନ୍ତା ବର୍ଷ ନିର୍ବାଚନ କରିବା ପାଇଁ କୁହାଯାଇଛି। ହୁଏତ ଆସନ୍ତା ବର୍ଷ ନିର୍ବାଚନ ନ ହୋଇପାରେ। ବିଭିନ୍ନ ଆଳରେ ୨୦୧୭ରୁ ୨୦୨୩ ପର୍ଯ୍ୟନ୍ତ ବିଜେଡି ସରକାର ରାଜ୍ୟରେ ନିର୍ବାଚନ ବନ୍ଦକଲେ। କ୍ୟାମ୍ପସ୍‌ରେ ହିଂସା ଆଳରେ ୨୦୧୯, ୨୦୨୨ ଓ ୨୦୨୩ରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିଦିଆଗଲା। ୨୦୨୦ ଓ ୨୦୨୧ରେ କରୋନା ପାଇଁ ଏବଂ ୨୦୧୮ରେ ତିତିଲି ମହାବାତ୍ୟା ପାଇଁ ନିର୍ବାଚନ ବନ୍ଦ ହୋଇଥିଲା। ଏବିଭିପି ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ହାଇକୋର୍ଟରେ କେସ୍ କରିଥିଲା। ମାତ୍ର ଏବେ ଏହାର ଆଭିମୁଖ୍ୟ ବଦଳିଯାଇଛି। ରେଭେନ୍‌ଶା ନାମ ବଦଳାଯିବା ପ୍ରସଙ୍ଗରେ ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାମ ପରିବର୍ତ୍ତନ ଡ୍ରାମାରେ ନ ମାତି ବରଂ ରେଭେନ୍‌ଶାକୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରନ୍ତୁ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଛାତ୍ରକଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଓ ଅନ୍ୟ ଛାତ୍ରନେତା।

# ଭାଜପା କାର୍ଯ୍ୟାଳୟରୁ ସୁନୀତିଙ୍କୁ ବାହାର କରିଦେଲେ

**ଯେଉଁ ଅଭିଯୋଗ କରାଯାଉଛି, ସେଥିରେ ବହୁ ବିଧାୟକ, ନେତା ବି ଦଳରୁ ବାହାରିଯିବେ: ସୁନୀତି**



ସୁନୀତ ମୁଣ୍ଡ୍ ନିଲମ୍ବନର କାରଣ ଜାଣିବା ପାଇଁ ମଙ୍ଗଳବାର ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଯାଇଥିବାବେଳେ ତାଙ୍କୁ ଦଳର ମହିଳା କର୍ମୀମାନେ ବିରୋଧ କରୁଛନ୍ତି।

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ଭାଜପାରୁ ଭୁବନେଶ୍ୱର ମେୟର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ସୁନୀତି ମୁଣ୍ଡ୍‌ଙ୍କୁ ଗତ ସପ୍ତାହରେ ଦଳରୁ ନିଲମ୍ବନ କରିଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ଦଳରୁ ନିଲମ୍ବିତ କରିଦେଇଥିବା ବେଳେ ସୁନୀତିଙ୍କୁ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ହଟହଟା ହେବାକୁ ପଡ଼ିଛି। ସେ ନିଲମ୍ବନର କାରଣ ବୁଝିବା ଲାଗି ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିବା ବେଳେ କେତେଜଣ ଦଳୀୟ ମହିଳା କର୍ମୀ ତାଙ୍କୁ ଘୋଷାରି ନେଇ ବାହାରକୁ କାଢ଼ି ଦେଇଥିଲେ। ଦଳ ବିରୋଧରେ ଗଣମାଧ୍ୟମରେ ମନ୍ତବ୍ୟ ଦେଉଥିବା କାରଣ ଦର୍ଶାଇ ତାଙ୍କୁ ସେଠାରୁ ବାହାର କରି ଦିଆଯାଇଥିବା ଜଣେ ମହିଳା କର୍ମୀ କହିଥିଲେ।

ଏନେଇ ସୁନୀତିଙ୍କ ମତାମତ ନେବାରୁ ସେ କହିଛନ୍ତି, ଦଳ ନିଲମ୍ବନ କରିବା ବିଷୟ ଗଣମାଧ୍ୟମରୁ ଜାଣିଥିଲେ। କାରଣ ବିଷୟରେ ଜାଣିବାକୁ ପ୍ରଥମେ ପ୍ରଭାରୀଙ୍କୁ ଟେଲିଫୋନ କରିଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ଏହାପରେ ସହପ୍ରଭାରୀଙ୍କୁ ପଚାରିବାରୁ ସେ କାରଣ ଜାଣି ନ ଥିବା କହିଥିଲେ। ଦଳର କେତେଜଣ କର୍ମକର୍ତ୍ତାଙ୍କଠାରୁ ଜାଣିବାକୁ ପାଇଲେ ଯେ, ବନ୍ତ ଥାନାରେ କିଛି ଅର୍ଥ ହେରଫେର ନେଇ ତାଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ସେହି କାରଣରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏପରି ଦେଖିଲେ ଏଭଳି ଅଭିଯୋଗକୁ ଆଧାରକରି ଦଳରୁ କାଢ଼ାଗଲେ ବହୁ ବିଧାୟକ, ନେତା ଦଳରୁ ନିଲମ୍ବନ ହୋଇଯିବେ। ବ୍ୟକ୍ତିଗତ ଜୀବନରେ କ'ଣ ଯଦି ହେଉଛି ତାକୁ ଦଳୀୟ ଅନୁଶାସନ ଭଙ୍ଗ ବୋଲି କେମିତି କୁହାଯାଇପାରିବ। ଏହି ଅଭିଯୋଗର ଉତ୍ତର ରଖିବା ଲାଗି ଏକ ଚିଠି କରାଯାଇଛି, ଯାହାର ଉତ୍ତର ୭ ଦିନ ମଧ୍ୟରେ ରଖିବାକୁ କୁହାଯାଇଛି। ହେଲେ ସେହି ଚିଠି ଅନ୍ୟ ଏକ ମାଧ୍ୟମରୁ ସେ ଯୋଗାଡ଼କଲେ। ତାହା ତାଙ୍କ ପାଖକୁ ଆସିନାହିଁ। ତେଣୁ ଏହା ପଛରେ କିଏ ଷଡ଼ଯନ୍ତ୍ର କରୁଛି ତାହା ପଦାରେ ପଡ଼ିଯିବ ବୋଲି ତାଙ୍କୁ ଦଳୀୟ କାର୍ଯ୍ୟାଳୟରୁ ଧକ୍କାମାରି କାଢ଼ି ଦିଆଗଲା ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଏ ବିଷୟରେ କଥା ହେବାକୁ ଦଳୀୟ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ କାର୍ଯ୍ୟକ୍ରମ ଚାଲିଥିବାରୁ ଅପେକ୍ଷା କରିଥିଲେ। ହେଲେ ଏହି ସମୟରେ ଗଣମାଧ୍ୟମ ତାଙ୍କୁ ନିଲମ୍ବନ କାରଣ ପଚାରିଥିଲେ। ଏନେଇ ପ୍ରତିକ୍ରିୟା ଦେବା ବେଳେ କେତେଜଣ ମହିଳା କର୍ମୀ ତାଙ୍କୁ ଧକ୍କା ମାରିଥିଲେ। ତେଣୁ ଅନୁଶାସନ କିଏ ଭଙ୍ଗ କରୁଛି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ଶୀର୍ଷ ନେତୃତ୍ୱଙ୍କ ଉପରେ ଭରସା ଅଛି। ନ୍ୟାୟ ନିଶ୍ଚିତ ମିଳିବ ବୋଲି ସେ ଆଶା ରଖିଥିବା ସେ କହିଛନ୍ତି।

## ବିଜେଡିରୁ ଇସ୍ତଫା ଦେଲେ ବିଷ୍ଣୁ ଚରଣ ପରିଡ଼ା

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୩।୯
(ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର-କଟକ ବିଧାୟକଙ୍କ ପୂର୍ବତନ ପ୍ରତିନିଧି ତଥା ଚୌଦ୍ୱାର ନଗର ବିଜେଡିର ପୂର୍ବତନ ସଭାପତି ବିଷ୍ଣୁ ଚରଣ ପରିଡ଼ା ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ଏନେଇ ସେ ତାଙ୍କ ଇସ୍ତଫାପତ୍ରକୁ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନିକଟକୁ ପଠାଇଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ଏ ସମ୍ପର୍କରେ ପରିଡ଼ା କହିଛନ୍ତି, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ତାଙ୍କୁ ଦଳରେ ସାମିଲ କରି ପ୍ରାଥମିକ ସଭ୍ୟ ଭାବେ ଗ୍ରହଣ କରିଥିଲେ। ୨୦୦୯ରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ତାଙ୍କୁ ଜିଲା ଯୁବ ବିଜେଡି ସଭାପତି ଦାୟିତ୍ୱ ଦେଇଥିଲେ। ଦଳୀୟ ସଙ୍ଗଠନ ସୁଚାରୁରୂପେ ପରିଚାଳନା କରିଥିବାରୁ ୨୦୧୩ରେ ତାଙ୍କୁ ଚୌଦ୍ୱାର ନଗର ବିଜେଡି ସଭାପତି ଦାୟିତ୍ୱ ଦିଆଯାଇଥିଲା। ଏଥିସହ ଚୌଦ୍ୱାର ପୌରପାଳିକାର ୧ନମ୍ବର ୱାର୍ଡରେ କାଉନ୍‌ସିଲର ପଦବୀ ପାଇଁ ନିର୍ବାଚନ ଲଢ଼ି ସେ ବିଜୟୀ ହୋଇଥିଲେ। ଏହାପରେ ସେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପ୍ରତିନିଧି ହୋଇଥିଲେ। ହେଲେ ଦଳରେ ମତଭେଦ ଦେଖାଦେବା ସହ ପଦ ପଦବୀର କିଛି ମୂଲ୍ୟ ନ ଥିବା ଅନୁଭବ କରି ଗତ ଜାନୁୟାରୀ ୧୬ରେ ଚୌଦ୍ୱାର ନଗର ସଭାପତି ଓ ବିଧାୟକଙ୍କ ପ୍ରତିନିଧି ପଦରୁ ସେ ଇସ୍ତଫା ଦେଇଥିଲେ। ଖୁବ୍‌ଶୀଘ୍ର ସେ ଭାଜପାରେ ଯୋଗଦେଇପାରନ୍ତି।

# ଢିଙ୍କିଆ ପଞ୍ଚାୟତ ନିର୍ବାଚନ: ଭାଜପା ସମର୍ଥିତ ପ୍ରାର୍ଥୀ ଘୋଷିତ

ଏରସମା,୩।୯ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ହେବାକୁ ଯାଉଥିବା ନିର୍ବାଚନ ପାଇଁ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କ ନାମ ସୋମବାର ରାତିରେ ଘୋଷଣା କରାଯାଇଛି। ସେ ହେଲେ ବାସନ୍ତୀ ଖଟୁଆ। ଏହି ଅବସରରେ ଏରସମା ଭାଜପା କାର୍ଯ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯାଇ ପ୍ରାର୍ଥିନୀ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଭାଜପା ନେତା ସତ୍ୟସାରଥି ମହାନ୍ତି, ତପନ କୁମାର ବେହେରା, ନିର୍ଲିପ୍ତ ଜେନା, ରାଜଶ୍ରୀ ପଟ୍ଟନାୟକ, ଅମରେନ୍ଦ୍ର ଦଳାଇ, କ୍ଷେତ୍ର ମୋହନ ସାହୁ, ନଟବର ସେଠୀ, ସୁବାସ ନାୟକ, ଶ୍ରୀଧର ଭୋଳ, ରାଜୀବ ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ସୁଶାନ୍ତ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୪ରେ ଢିଙ୍କିଆରେ ପଞ୍ଚାୟତ ନିର୍ବାଚନ ପାଇଁ ଘୋଷଣା କରାଯାଇଛି।

# ପଦ୍ମ ଧରିଲେ ଉପାଧ୍ୟକ୍ଷଙ୍କ ସମେତ ୯ କାଉନ୍‌ସିଲର

**ପୁରୁଷୋତ୍ତମପୁର ଏନ୍‌ଏସି**

ପୁରୁଷୋତ୍ତମପୁର,୩।୯(ସୀମାଞ୍ଚଳ ମିଶ୍ର)



ଭାଜପାରେ ଯୋଗଦେଇଥିବା ଉପାଧ୍ୟକ୍ଷ ଓ କାଉନ୍‌ସିଲରମାନେ।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିରେ ବିଜେଡି ଦୁର୍ଗ ଭାଙ୍ଗିଛି। ଏନ୍‌ଏସିର ବିଜେଡି ଉପାଧ୍ୟକ୍ଷ, ୬ ଜଣ କାଉନ୍‌ସିଲର ଓ ଦୁଇ ଜଣ ସ୍ୱାଧୀନ କାଉନସିଲର ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହାପରେ ରାତିରେ ସେମାନେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇ ପଦ୍ମ ଧରିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପସଭାପତି ବିରଞ୍ଚି ତ୍ରିପାଠୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଘୁମୁସର ଜିଲା ସମ୍ପାଦକ ଅନିଲ କୁମାର ପଣ୍ଡା, ସଂଯୋଜକ ଯଜ୍ଞନାରାୟଣ ଦାଶ ଓ ଯୁବନେତା ସୀତାରାମ ପାଣିଗ୍ରାହୀ, ପୁରୁଷୋତ୍ତମପୁର ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ସେମାନେ ଭାଜପାରେ ମିଶିଛନ୍ତି। ପୁରୁଷୋତ୍ତମପୁରର ବରିଷ୍ଠ ବିଜେଡି ନେତା ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ରଙ୍କ ସମେତ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଭାସ୍କର ବେହେରା, ସୁଜାତା ବେହେରା, ଯମୁନା ବେହେରା, ଲିଙ୍ଗରାଜ ବେହେରା, ଅର୍ଚ୍ଚନା ପଣ୍ଡା, ଗିରିଜା ବେହେରା ଓ ସ୍ୱାଧୀନ କାଉନସିଲର ଭବାନୀଶଙ୍କର ନାହାକ ଏବଂ ପ୍ରମୋଦ କୁମାର ଆଚାରୀ ଭାଜପାରେ ସାମିଲ ହୋଇ ପଦ୍ମ ଧରିଛନ୍ତି। ଫଳରେ ଗତ ପୌର ନିର୍ବାଚନରେ ଖାତା ଖୋଲିପାରି ନ ଥିବା ଭାଜପାର କାଉନସିଲର ସଂଖ୍ୟା ଏବେ ୯ରେ ପହଞ୍ଚିଥିବା ବେଳେ ବିଜେଡି କାଉନସିଲରଙ୍କ ସଂଖ୍ୟା ୪ କୁ ଖସିଆସିଛି। ସୂଚନାଯୋଗ୍ୟ, ୧୪ଟି ୱାର୍ଡ ବିଶିଷ୍ଟ ଏହି ଏନ୍‌ଏସିରେ ନିର୍ବାଚନ ହୋଇଥିବା ୧୩ଟି ୱାର୍ଡ ମଧ୍ୟରୁ ୧୦ଟିରେ ବିଜେଡି ଓ ୩ ଟିରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ସ୍ୱାଧୀନ ପ୍ରାର୍ଥୀଭାବେ ବିଜୟୀ ହୋଇ ପରେ ସେ ଓ ତାଙ୍କ ସ୍ୱାମୀ ୪ନଂ ୱାର୍ଡର କାଉନସିଲର ଅଶୋକ କୁମାର ମହାକୁଡ ବିଜେଡିରେ ମିଶିଥିଲେ।

# ବିଡିଓଙ୍କ ବିରୋଧରେ ୫ ବିଧାୟକଙ୍କ ଧାରଣା

**ଧର୍ମଶାଳାରେ ତେଜୁଛି ରାଜନୈତିକ ଅଶାନ୍ତି**

ଯାଜପୁର/ଧର୍ମଶାଳା/କାଏମା
(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି),୩।୯



ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ୫ ବିଧାୟକଙ୍କ ସମେତ ଅନ୍ୟ ନେତାମାନେ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରତିବାଦ କରୁଛନ୍ତି।

ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମଧ୍ୟରେ କଳି ବଢ଼ିବାରେ ଲାଗିଛି। କଳାପଥର ଖାଦାନ ଲୁଟ, ସରକାରୀ ଜମି ଜବରଦଖଲ, କଳ୍ପତରୁଙ୍କ ପ୍ରତିମୂର୍ତ୍ତିରେ ଗେରୁଆ କପଡ଼ା ଢାଙ୍କିବା ପ୍ରସଙ୍ଗ ଠାରୁ ଆରମ୍ଭ କରି ଧର୍ମଶାଳା ବିଡିଓଙ୍କ ମନଇଚ୍ଛା କାର୍ଯ୍ୟ ବିରୋଧରେ ଅଭିଯୋଗ ମଧ୍ୟ ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ବିଡିଓଙ୍କ ଉପସ୍ଥିତିରେ ବିଜେଡି ଜନପ୍ରତିନିଧିଙ୍କୁ ଭାଜପା କର୍ମୀ ଗାଳିଗୁଲଜ କରିବା ପ୍ରତିବାଦରେ ମଙ୍ଗଳବାର ପ୍ରଣବଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ୫ ଜଣ ବିଧାୟକ ସାମିଲ ହୋଇ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ଧର୍ମଶାଳାର ପୂର୍ବତନ ବିଧାୟକ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଘୋଡ଼ାଇବା ଅଭିଯୋଗକୁ ନେଇ ଗତ ୨୮ ତାରିଖ ବିଜେଡିର ଜିଲା ପରିଷଦ ସଭ୍ୟଙ୍କ ସମେତ ସମିତିସଭ୍ୟ ଓ ସରପଞ୍ଚମାନେ ଧର୍ମଶାଳା ବିଡିଓଙ୍କୁ ଦାବିପତ୍ର ଦେବାକୁ ଯାଇଥିଲେ। ହେଲେ ବିଧାୟକ ହିମାଂଶୁଙ୍କ କେତେକ ସମର୍ଥକ ବିଡିଓଙ୍କ ଉପସ୍ଥିତିରେ ଏହି ପ୍ରତିନିଧିମାନଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ସେମାନେ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଜିଲାପାଳ ଏହାର ତଦନ୍ତ କରି ନ୍ୟାୟ ଦେବାପାଇଁ ୩ଦିନ ସମୟ ନେଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍, ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ସମେତ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ, ଜିଲା ପରିଷଦ ଅଧ୍ୟକ୍ଷା ନଳିନିପ୍ରଭା ଜେନା ପ୍ରମୁଖ ଯୋଗ ଦେଇ ଧର୍ମଶାଳାରେ ସ୍ଥିତି ବିଗିଡ଼ି ଯାଇଥିବା କହିଛନ୍ତି। ଧର୍ମଶାଳା ବ୍ଲକରେ ବିଡିଓ ମନଇଚ୍ଛା କାର୍ଯ୍ୟ କରୁଥିବା ଓ ଜନପ୍ରତିନିଧିଙ୍କୁ ମାଡ଼ ମରାଯାଇଥିବା ଘଟଣାରେ ସେ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ କିମ୍ବା ତାଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି କହି ଏମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କହିଛନ୍ତି, ସେମିତି କିଛି ଘଟି ନ ଥିଲା। ଉକ୍ତ ଅଭିଯୋଗ ଉପରେ ଜିଲାପାଳ ତଦନ୍ତ କରୁଛନ୍ତି, ଯାହା ସେ ପଦକ୍ଷେପ ନେବେ।

ସେପଟେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ୨୦ ଜଣରୁ ଅଧିକ ବିଧାୟିକା ବିଧାୟକ ମୁଖ୍ୟ ଶାସନ ସଚିବଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ାଯାଉ: ମେୟର ସୁବାସ

କଟକ,୩।୯(ଶିଲ୍ପା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ନ କରି ଏହାର ଭିତ୍ତିଭୂମି ସଜାଡ଼ାଯିବା ଓ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)ମେୟର ସୁବାସ ସିଂ କହିଛନ୍ତି। କଟକ ଟାଉନ୍‌ହଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ସେ ଏଭଳି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ଏହି ବିଶ୍ୱବିଦ୍ୟାଳୟ ଓଡ଼ିଆଙ୍କ ସହ ଜଡ଼ିତ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ୬୩ ଏକର ଜାଗାରେ ନିର୍ମାଣ କରାଯାଇଛି। ବିଶ୍ୱର ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ଜାଗା ନାହିଁ। ଏହି ବିଶ୍ୱବିଦ୍ୟାଳୟରେ ପ୍ରଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ନିଯୁକ୍ତି କିଭଳି ହେବ ଏବଂ ଅଧିକ ବିଭାଗ ଖୋଲିବା ଦିଗରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନର ଆବଶ୍ୟକତା ନାହିଁ ବୋଲି ମେୟର କହିଛନ୍ତି।



ସୁବାସ ସିଂ

ଗତ ଶନିବାର ସ୍ୱାୟତ୍ତ ଶାସନ ଦିବସରେ କଟକରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବା ଅବସରରେ ଗଣମାଧ୍ୟମରେ କହିଥିଲେ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ହେବା ଆବଶ୍ୟକ। ଏହାର ତାଙ୍କର ବ୍ୟକ୍ତିଗତ ମତ। ଏହା ଉପରେ ବିତର୍କ ଓ ଆଲୋଚନା ହେବା ଆବଶ୍ୟକ।

**ବିଏମ୍‌ଏଫ୍‌ର ନୂତନ ଉତ୍ପାଦ**

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍‌)ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ମିଡ୍‌କ୍ୟାପ ୧୫୦ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ)୨୦୨୪ ସେପ୍ଟେମ୍ବର ୩ରେ ଖୋଲିଥିବାବେଳେ ୨୦୨୪ ସେପ୍ଟେମ୍ବର ୧୩ ରେ ବନ୍ଦହେବ। ସେହିଭଳି ନିବେଶକମାନେ ବନ୍ଧନ ନିଫ୍ଟି ମିଡ୍‌କ୍ୟାପ ୧୫୦ଇଣ୍ଡେକ୍ସ ଫଣ୍ଡରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରଣକାରୀ, ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏବଂ ସିଧାସଳଖ https://bandhanmutual.com/nfo/bandhan-nifty-midcap-150-index-fund/ ରେ ନିବେଶ କରାଯାଇପାରିବ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................

ବୟସ:......................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୭% ହାରରେ ହେବ ଜିଡିପି ଅଭିବୃଦ୍ଧି

## ବିଶ୍ୱବ୍ୟାଙ୍କ ଆକଳନ

ନୂଆଦିଲ୍ଲୀ,୩।୯ (ଅନୁରାଧା ମହାରଣା)

ଅର୍ଥନୈତିକ କ୍ଷେତ୍ରରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି। ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ବିଶ୍ୱବ୍ୟାଙ୍କ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଆକଳନକୁ ବୃଦ୍ଧିକରିଛି। ବିଶ୍ୱବ୍ୟାଙ୍କ ପୂର୍ବରୁ ଭାରତର ଅର୍ଥନୀତି ୬.୬ ପ୍ରତିଶତ ହାରରେ ବୃଦ୍ଧିପାଇବ ବୋଲି ଆକଳନ କରିଥିଲା। ତେବେ ବର୍ତ୍ତମାନ ବିଶ୍ୱବ୍ୟାଙ୍କ ଏହାର ଆକଳନକୁ ବଦଳାଇଛି ଏବଂ ଭାରତୀୟ ଅର୍ଥନୀତି ୭ ପ୍ରତିଶତ ହାରରେ ବୃଦ୍ଧିପାଇବ ବୋଲି ଆକଳନ କରିଛି। ଗତ ସପ୍ତାହରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଏପ୍ରିଲ-ଜୁନ୍ ତ୍ରୈମାସରେ ଭାରତର



ଆର୍ଥିକ ଅଭିବୃଦ୍ଧି ୬.୭ ପ୍ରତିଶତକୁ ହ୍ରାସ ପାଇଛି। ବିଶ୍ୱବ୍ୟାଙ୍କ କହିଛି, କୃଷିକ୍ଷେତ୍ରରେ ଉନ୍ନତି ଏବଂ ଗ୍ରାମାଞ୍ଚଳର ଚାହିଦା ବୃଦ୍ଧି ଭାରତର ଅର୍ଥନୀତିକୁ ସମର୍ଥନ କରିବ। ମଙ୍ଗଳବାର ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବିଶ୍ୱସ୍ତରରେ ଆହ୍ୱାନପୂର୍ଣ୍ଣ ପରିବେଶ ସତ୍ତ୍ୱେ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ଦୃଢ଼ତା ପରିଲକ୍ଷିତ ହେଉଛି। କୃଷିକ୍ଷେତ୍ରରେ ଉନ୍ନତି ଦ୍ୱାରା ଶିଳ୍ପରେ ସାମାନ୍ୟ ମନ୍ଥରତା ଆଂଶିକ ଭାବେ ବନ୍ଦ ହୋଇଯିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ସେବା କ୍ଷେତ୍ର ସୁଦୃଢ଼ ରହିବ ଏବଂ କୃଷି କ୍ଷେତ୍ରରେ ଆଶା କରାଯାଉଥିବା ଉନ୍ନତି ହେତୁ ଗ୍ରାମାଞ୍ଚଳର ଘରୋଇ ବ୍ୟବହାରରେ ଉନ୍ନତି ହେବ। ଏପ୍ରିଲ-ଜୁନ୍ ତ୍ରୈମାସିକ ପାଇଁ ଭାରତର ଅର୍ଥନୀତି ମନ୍ଥର ହୋଇଥିବାବେଳେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ଗତ ସପ୍ତାହରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୬.୭%ରେ ବୃଦ୍ଧି ପାଇଛି। ଲୋକ ସଭା ନିର୍ବାଚନ ସମୟରେ ସରକାରୀ ଖର୍ଚ୍ଚ ହ୍ରାସ ଏବଂ ବ୍ୟବହାର ବନ୍ଦ ହେବା ଦ୍ୱାରା ଜିଡିପି ଅଭିବୃଦ୍ଧି ହ୍ରାସ ହୋଇଥିବା କୁହାଯାଉଛି। ତେବେ ଜୁନ୍ ତ୍ରୈମାସିକ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଜିଡିପି ଅଭିବୃଦ୍ଧି ୭.୧% ବୋଲି ଆକଳନ କରିଛି।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୩।୯ (ଅଭୟ ଦାଶ)

ଚଳିତ ସପ୍ତାହ ବଜାର କାରବାରର ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୪(୪.୪୦) ପଏଣ୍ଟ କମି ୮୨,୫୫୫ (୮୨,୫୫୫.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧ (୧.୧୫) ପଏଣ୍ଟ ହ୍ରାସ ଘଟି ୨୫,୨୮୦ (୨୫,୨୭୯.୮୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ବିଓଆଇର ୩୩୩ ଦିନିଆ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୩।୯ (ଅଭୟ ଦାଶ)

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ବହୁ ପ୍ରତୀକ୍ଷିତ ୩୩୩ ଦିନିଆ ଯୋଜନା 'ଷ୍ଟାର ଧନ ବୃଦ୍ଧି ଫିକ୍ସଡ ଡିପୋଜିଟ୍ ସ୍କିମ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବାର୍ଷିକ ୭.୯୦% ସର୍ବାଧିକ ସୁଧହାରରେ ଅତି ବରିଷ୍ଠ ନାଗରିକଙ୍କ ନିମନ୍ତେ ଏହି ନୂତନ ଯୋଜନା ଆରମ୍ଭ ହୋଇଛି। ସେହିଭଳି ଷ୍ଟାର ଧନ ବୃଦ୍ଧି ଡିପୋଜିଟ୍ ସ୍କିମ୍ (ଯୋଜନା) ଅନ୍ତର୍ଗତ ବରିଷ୍ଠ ନାଗରିକମାନଙ୍କୁ ୩୩୩ ଦିନର ସ୍ଥାୟୀ ଜମା ଉପରେ ବାର୍ଷିକ ୭.୭୫%ର ଆକର୍ଷଣୀୟ ସୁଧ ହାର ପ୍ରଦାନ କରାଯାଉଥିବା ବେଳେ ଅନ୍ୟାନ୍ୟ

बैंक ऑफ़ इंडिया Bank of India BOI

ଗ୍ରାହକଙ୍କୁ ବାର୍ଷିକ ଶତକଡା ୭.୨୫% ସୁଧ ହାର ପ୍ରଦାନ କରାଯାଉଛି। ସେହିପରି ବ୍ୟାଙ୍କ ପକ୍ଷରୁ ଏହି ଜମା ଉପରେ ଋଣ ଓ ଅପରିପକ୍ୱ ଉଠାଣ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏପରିକି ଗ୍ରାହକମାନେ ବିଓଆଇର ଯେକୌଣସି ଶାଖା ପରିଦର୍ଶନକରି କିମ୍ବା ବିଓଆଇ ଓମନି ନିଓ ଆପ୍/ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍‌ର ବ୍ୟବହାର ମାଧ୍ୟମରେ ଷ୍ଟାର ଧନ ବୃଦ୍ଧି ସ୍ଥାୟୀ ଜମାଖାତା ଖୋଲିପାରିବେ। ଏହି ସଂଶୋଧିତ ସୁଧ ହାର ୨୦୨୪ ସେପ୍ଟେମ୍ବର ୧ ରୁ ସୀମିତ ସମୟ ପାଇଁ ଲାଗୁ କରାଯାଇଛି।

## ଭିଡିଲ୍ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ

ଭୁବନେଶ୍ୱର,୩।୯ (ଅଭୟ ଦାଶ)

ଭିଡିଲ୍ ସିଷ୍ଟମ ଲିମିଟେଡ୍ (ଭିଡିଲ୍) ନିକଟରେ ଉଲ୍ଲେଖନୀୟ ସଫଳତା ଲାଭ କରିଛି। ଏପରିକି କମ୍ପାନୀ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ପଞ୍ଜୀକୃତ (ତାଲିକାଭୁକ୍ତ) ହୋଇଯାଇଛି। କମ୍ପାନୀ ପକ୍ଷରୁ ମଙ୍ଗଳବାର ଏକ ତାଲିକାଭୁକ୍ତ ସମାରୋହ (ଲିଷ୍ଟିଂ ସେରିମନି)ର ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ଏକ ପଞ୍ଚ ତାରକା ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏନ୍‌ଏସ୍‌ଇ ମୁଖପାତ୍ର ଅଭିକ୍ ଗୁପ୍ତା ଓ ଭିଡିଲ୍‌ର ଏମ୍‌ଡି ତଥା ସିଇଓ ଧୀରଜ କୋଚର କମ୍ପାନୀର ଲିଷ୍ଟିଂ ବେଲ୍ ବଜାଇଥିଲେ। ଚିଲିକା ବିଧାୟକ ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଏଫିନିଟି ଗ୍ଲୋବାଲ କ୍ୟାପିଟାଲ ମାର୍କେଟର ପ୍ରତିଷ୍ଠାତା ସଞ୍ଜୟ ଭଲୋଟିଆ, ନିର୍ଦ୍ଦେଶକ ଶ୍ରୁତି ଭାଲୋଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ ଭିଡିଲ୍‌ର ନିର୍ଦ୍ଦେଶିକା ତପସ୍ୱିନୀ ପଣ୍ଡା, ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ପାତ୍ର, ପ୍ରମୋଟର ମନ୍ଦାକିନୀ ପଣ୍ଡା, କମ୍ପାନୀ ସେକ୍ରେଟାରି ପ୍ରିୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରଥମ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ଭାବେ 'ଭିଡିଲ୍ ସିଷ୍ଟମ ଲିମିଟେଡ୍ (ଭିଡିଲ୍) ଏନ୍‌ଏସ୍‌ଇରେ ପଞ୍ଜୀକୃତ ହୋଇଛି। ମଙ୍ଗଳବାର ସକାଳ ୧୦ ଘଣ୍ଟିକାରେ କମ୍ପାନୀର ଲିଷ୍ଟିଂ ବେଲ୍ ରିଙ୍ଗ୍ ହୋଇଥିଲା। ବିଶେଷକରି କାରବାର ପ୍ରାରମ୍ଭରେ ଏହାର ଶେୟାର ଇସୁ ପ୍ରାଇସ୍ ୧୧୨ ଟଙ୍କା ଥିବାବେଳେ ୧୭୪ ଟଙ୍କାରେ ଲିଷ୍ଟିଂ ହୋଇଛି।


**ଇଂ. ରାଜେଶ କୁମାର ମହାକୁଡ଼ଙ୍କ ସମ୍ମାନଜନକ ଡକ୍ଟରେଟ ଲାଭ**



ଯୁବନେତା ତଥା ବାଲେଶ୍ୱର ଜିଲ୍ଲାର ଖଇରା-ସିମୁଳିଆ ଅଞ୍ଚଳର ସୁପରିଚିତ ସମାଜସେବୀ ଇଂଜିନିୟର ରାଜେଶ କୁମାର ମହାକୁଡ଼ଙ୍କୁ ଆମେରିକା ସ୍ଥିତ "ୱାଶିଂଟନ ଡିଜିଟାଲ ୟୁନିଭରସିଟି" ତରଫରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ମୁମ୍ବାଇଠାରେ ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଇଞ୍ଜିନିୟର ରାଜେଶ କୁମାର ମହାକୁଡ଼ଙ୍କୁ ସମାଜସେବା କ୍ଷେତ୍ରରେ ସମ୍ମାନଜନକ ଡକ୍ଟରେଟ ଉପାଧି ୱାଶିଂଟନ ଡିଜିଟାଲ ୟୁନିଭରସିଟିର ଶିକ୍ଷା ପରାମର୍ଶ ଦାତା ଡ଼ ରାଣ୍ଡିମା ପାଥରେଜ, ମୁମ୍ବାଇ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଡ଼ ଦୀନେଶ କୁମ୍ବଲେ, ସିଏସଏମ ୟୁନିଭରସିଟିର କୁଳପତି ଡ଼ କେଶରୀଲାଲ ବର୍ମା, ସାଂସଦ ସୁଖଦେଓ ଭଗତ, ସୁପ୍ରିମ କୋର୍ଟ ଆଡ଼ଭୋକେଟ ମନୋଜ ଚନ୍ଦ୍ରନାୟାର ପ୍ରମୁଖ ଉପସ୍ଥିତ ରହି ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ମାଟିଆଳପଦା ଗ୍ରାମର ରାମଚନ୍ଦ୍ର ମହାକୁଡ଼ ଓ ସୁକାନ୍ତି ମହାକୁଡ଼ଙ୍କ ପୁତ୍ର ଡାକ୍ତର ଇଂଜିନିୟର ରାଜେଶ କୁମାର ମହାକୁଡ଼ଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡକ୍ଟରେଟ୍ ଉପାଧି ମିଳିବା ସହିତ ଏବେ ନିୟମ ଓ ସ୍ୱୀକୃତିଭିତ୍ତିରେ ନାମ ପରିବର୍ତ୍ତନ ହୋଇ ଇଞ୍ଜିନିୟର ଡକ୍ଟର ରାଜେଶ କୁମାର ମହାକୁଡ଼ ହେଲା।

ଧ-୧୨୩୫


## ବଜାରରେ ଅଲ୍ ନ୍ୟୁ ଟିଭିଏସ୍ ଜୁପିଟର ୧୧୦



ଭୁବନେଶ୍ୱର,୩।୯ (ଅଭୟ ଦାଶ)

ଟିଭିଏସ୍ ମୋଟର କମ୍ପାନୀର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଟିଭିଏସ୍ ଜୁପିଟର ୧୧୦ର ସର୍ବଭାରତୀୟ ଅନାବରଣ (ଉନ୍ମୋଚନ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଘରୋଇ ବଜାରରେ ଏହାର ଅନାବରଣ ସହ ବଜାର ପ୍ରବେଶ କାର୍ଯ୍ୟକ୍ରମ ମଙ୍ଗଳବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଟିଭିଏସ୍ ଜୁପିଟର ୧୧୦ ରେ ୧୧୩.୩ ସିସି, ସିଙ୍ଗିଲ ସିଲିଣ୍ଡର, ୪ଷ୍ଟ୍ରୋକ୍ ଇଞ୍ଜିନ ଆଦି ରହିଛି, ଯାହା ୫.୯ କିଲୋୱାଟ୍ ଶକ୍ତି ଓ ୯.୮ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି।

ସେହିଭଳି ଆଇ-ଗୋ ଆସିଷ୍ଟ ପ୍ରଯୁକ୍ତି ପାଇଁ ଏହାର ପୂର୍ବ ମଡେଲ ତୁଳନାରେ ଏଥିରେ ମାଇଲେଜରେ ୧୦%ବୃଦ୍ଧି ହୋଇଛି। ଏଥିରେ ଇଣ୍ଟେଲିଜେଣ୍ଟ ଇଗ୍ନିସନ ଓ ସ୍ୱୟଂକ୍ରିୟ ଷ୍ଟାର୍ଟ-ଷ୍ଟପ୍ ସୁବିଧା ଓ ଇଣ୍ଟିଗ୍ରେଟେଡ ଷ୍ଟାର୍ଟର ଜେନେରେଟର ଭଳି ଅନେକ ସୁବିଧା ସାମିଲ ରହିଛି। ବିଶେଷକରି ଏହାର ସାମ୍ନାରେ ବଡ଼ ଇନ୍ଧନ ଟାଙ୍କି, ଲମ୍ବା ସିଟ, ଗୋଡ଼ ରଖିବା ଲାଗି ଅଧିକ ସ୍ଥାନ ଓ ବଡି ବାଲାନ୍ସ ପ୍ରଯୁକ୍ତି ଆରାମକୁ ବଢ଼ାଉଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଏଥିରେ ଦୁଇଟି ହେଲ୍‌ମେଟ୍ ରଖିବା ପାଇଁ ଉପଯୁକ୍ତ ସ୍ଥାନ,ମେଟାଲ ମ୍ୟାକ୍ସ ବଡି, ଫଲୋ ମି ହେଡ୍‌ଲ୍ୟାମ୍ପ, ଟର୍ନ ସିଗ୍‌ନାଲ ଲ୍ୟାମ୍ପ ରେଷ୍ଟ, ଜରୁରିକାଳୀନ ବ୍ରେକିଂ ପାଇଁ ସତର୍କ ସୂଚନା ଆଦି ସାମିଲ ରହିଛି।

ଅଲ୍ ନ୍ୟୁ ଟିଭିଏସ୍ ଜୁପିଟର ୧୧୦ ସ୍କୁଟର ଡ୍ରମ୍, ଡ୍ରମ୍ ଆଲୟ, ଡ୍ରମ୍ ଏସ୍‌ଏକ୍ସସି ଓ ଡିସ୍କ ଏସ୍‌ଏକ୍ସସି ଭଳି ଚାରିଟି ଭାରିଆଣ୍ଟରେ ଉପଲବ୍ଧ। ଏପରିକି ଡନ୍ ବ୍ଲୁ ମ୍ୟାଟ, ଗାଲାଟିକ କପର ମ୍ୟାଟ, ଟାଇଟାନିୟମ ଗ୍ରେ ମ୍ୟାଟ, ଷ୍ଟାରଲାଇଟ ବ୍ଲୁ ମ୍ୟାଟ, ଲୁନାର ହ୍ୱାଇଟ ଗ୍ଲସ୍ ଓ ମେଟେଓର ରେଡ୍ ଗ୍ଲସ୍ ରଙ୍ଗରେ ଉପଲବ୍ଧ ହେଉଥିଲାବେଳେ ଏହାର ବଜାର ଦର (ଏକ୍ସ ଶୋ'ରୁମ୍ ମୂଲ୍ୟ ଓଡ଼ିଶା) ୭୮,୬୦୦ ଟଙ୍କାରୁ ଆରମ୍ଭ ହେଉଛି।

ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପସଭାପତି ତଥା କମ୍ୟୁଟର ବିଜ୍‌ନେସ୍ ଏବଂ କର୍ପୋରେଟ ବ୍ରାଣ୍ଡ ଓ ମିଡିଆ ମୁଖ୍ୟ ଅନିରୁଦ୍ଧ ହାଲ୍‌ଦାର କହିଥିଲେ, ଗତ ଦଶନ୍ଧି ମଧ୍ୟରେ ଟିଭିଏସ୍ ସ୍କୁଟର ପୋର୍ଟଫୋଲିଓରେ ଟିଭିଏସ୍ ଜୁପିଟର ୧୧୦ ଅଗ୍ରିମ ସ୍ଥାନ ଅଧିକାର କରିଛି। ଏପରିକି ଗତ କିଛି ବର୍ଷ ମଧ୍ୟରେ ୬.୫ନିୟୁତ ପରିବାର ଏହା ଉପରେ ଭରସା ପ୍ରକଟ କରିଛନ୍ତି, ଯାହା ଏହାକୁ ଭାରତର ଅନ୍ୟତମ ବୃହତ୍ ଅଟୋମୋଟିଭ ବ୍ରାଣ୍ଡରେ ପରିଣତ କରିଛି। ସେହିପରି ସମ୍ପୂର୍ଣ୍ଣ ନୂଆ ଟିଭିଏସ୍ ଜୁପିଟରରେ 'ଜ୍ୟାଦା କା ଫାଏଦା'ର ମୂଳମନ୍ତ୍ରକୁ ଆହୁରି ଦୃଢ଼ କରାଯାଇଛି।

## ୫୦ କମ୍ପାନୀ କଳା ତାଲିକାଭୁକ୍ତ

ନୂଆଦିଲ୍ଲୀ,୩।୯ (ଅନୁରାଧା ମହାରଣା)





ଟେଲି ମାର୍କେଟିଂ କମ୍ପାନୀଗୁଡ଼ିକ ମୋବାଇଲ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଜୀବନକୁ କଷ୍ଟସାଧ କରିଦେଇଛନ୍ତି। ଏଭଳି କମ୍ପାନୀ ବିରୋଧରେ ଅନ୍‌ଲାଇନ ଠକେଇର ଅଭିଯୋଗ ମଧ୍ୟ ଆସିଛି। ଟେଲିକମ୍ ସେକ୍ଟର ନିୟାମକ(ଟିଆର୍‌ଏଆଇ) ଟେଲି ମାର୍କେଟିଂ କମ୍ପାନୀଗୁଡିକ ବିରୋଧରେ ବିଭିନ୍ନ ପ୍ରକାର ପ୍ରାୟ ୮ ଲକ୍ଷ ଅଭିଯୋଗ ଗ୍ରହଣ କରିଥିବାବେଳେ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଟିଆର୍‌ଏଆଇ ଟେଲିକମ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ଟେଲିକମ୍ କମ୍ପାନୀଗୁଡିକ ପ୍ରାୟ ୫୦ଟି ଟେଲି ମାର୍କେଟିଂ କମ୍ପାନୀକୁ କଳା ତାଲିକାଭୁକ୍ତ କରିଛନ୍ତି।

ଟିଆର୍‌ଏଆଇ ସୂଚନା ଦେଇଛି ଯେ ନିକଟ ଅତୀତରେ ସ୍ପାମ୍ କଲ୍ ଏବଂ ମେସେଜରେ ବହୁ ବୃଦ୍ଧି ଘଟିଛି। ୨୦୨୪ ବର୍ଷର ପ୍ରଥମାର୍ଦ୍ଧରେ (ଜାନୁଆରୀରୁ ଜୁନ୍), ପଞ୍ଜୀକୃତ ହୋଇ ନ ଥିବା ଟେଲି ମାର୍କେଟର (ୟୁଟିଏମ୍) ବିରୋଧରେ ୭.୯ ଲକ୍ଷରୁ ଅଧିକ ଅଭିଯୋଗ ଦାଖଲ କରାଯାଇଥିଲା। ଏହି ସମସ୍ୟାକୁ ଗାମ୍ଭୀରତାର ସହ ଗ୍ରହଣକରି ଟିଆର୍‌ଏଆଇ ୨୦୨୪ ଅଗଷ୍ଟ ୧୩ରେ ସମସ୍ତ ପ୍ରବେଶ ପ୍ରଦାନକାରୀଙ୍କୁ କଠୋର ନିର୍ଦ୍ଦେଶନାମା ଜାରି କରିଥିଲା। ଏସ୍‌ଆଇପି, ପିଆର୍‌ଆଇ କିମ୍ବା ଅନ୍ୟାନ୍ୟ ଟେଲିକମ୍ ଉତ୍ସ ବ୍ୟବହାରକରି ପଞ୍ଜୀକୃତ ହୋଇ ନ ଥିବା ଟେଲି ମାର୍କେଟର ଏବଂ ମେସେଜ ପ୍ରେରକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହିପରି ଟେଲି ମାର୍କେଟରର ପ୍ରୋତ୍ସାହନମୂଳକ ଭଏସ୍ କଲ୍ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ କୌଣସି ପଞ୍ଜୀକୃତ ହୋଇ ନ ଥିବା ଟେଲି ମାର୍କେଟର ସିଷ୍ଟମର ଅପବ୍ୟବହାର କରୁଥିବା ଗୁରୁତର ପରିଣାମର ସମ୍ମୁଖୀନ ହେବାକୁ ପଡିବ। ସେଗୁଡିକ ମଧ୍ୟ କଳା ତାଲିକାଭୁକ୍ତ ହୋଇ ୨ ବର୍ଷ ପର୍ଯ୍ୟନ୍ତ ସମସ୍ତ ଟେଲିକମ ଉତ୍ସରୁ ବିଚ୍ଛିନ୍ନ କରାଯିବ।

ନିର୍ଦ୍ଦେଶନାମା ଅନୁସାରେ ସ୍ପାମ୍ କଲ୍ ଏବଂ ବାର୍ତ୍ତା ପାଇଁ ଉତ୍ସଗୁଡିକର ଅପବ୍ୟବହାର କରୁଥିବା କମ୍ପାନୀଗୁଡିକ ବିରୋଧରେ ଟେଲିକମ୍ କମ୍ପାନୀଗୁଡିକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରାୟ ୫୦ଟି କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଛି। ୨.୭୫ ଲକ୍ଷରୁ ଅଧିକ ଏସ୍‌ଆଇପି, ଡିଆଇଡି, ମୋବାଇଲ ନମ୍ବର ଏବଂ ଟେଲିକମ୍ ଉତ୍ସଗୁଡିକ ବିଚ୍ଛିନ୍ନ କରାଯାଇଛି। ସ୍ପାମ୍ କଲ୍ ହ୍ରାସକରି ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନରେ ଏହି ପଦକ୍ଷେପଗୁଡିକର ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି।


# Classified Everyday

**0674-2580101, 2549949**



**MATRIMONIAL**

**BRIDE WANTED**

Handsome Brahmin boy 1995, 5'6". B.Tech Serving Manager Nationalised Bank. "SUNASANSAR". 9937512659. D-75991

**GROOM WANTED**

Brahmin boy 1994, B.Tech NIT, MBA IIM Engineer Bangalore. 9853366347. D-1204



**REAL ESTATE**

**SALE**

Gharabari boundary plot Nakhara East Engineering College backside, close to SNH- 8018471169. D-75985

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1231

**Fully furnished 3BHK Pent house SBA-1700sqft. with two Nos. of covered parking, 3 years old, at Indus Valley near Lalchand Jewellers, Raghunathpur, Bhubaneswar. Contact- 9776681678.** D-75818

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1229





Newly open health benefits SPA special offer @ 799 Bapujinagar. 8018429809. D-76149

Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA by expert therapist. Contact- 6371861658. D-76150

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

**LOST**

I, Subhadra Swain have with declare that one of the chain RSD and ROR (Patta) linked to my property Khata No.- 460/170, Plot No.-1047, area AC.0.2400dec. Belows were being lost details of the same is (1) RSD No.-11522101488, dated 22.09.21 executed by Dillip Kumar Swain in favour of Girish Chandra Jena, (2) ROR in respect of Khata No.-460/169 stands in the name of Girish Chandra Jena. If any person found this, kindly inform me the following number, Subhadra Swain, Mob- 9938502709, 8382048807. D-1236

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name Manorama Pradhan to Manorama Hati and declare that Manorama Pradhan and Manorama Hati is one and same person. D-1228

I, Sila Malik (24), W/o- Babu Palei, Vill- Bakulagaon, P.O.- Langaleswar, P.S.- Khallikote, Ganjam, state that in my Aadhaar my name recorded as Sila Palei. But my HSC Certificate my name is recorded Sila Malik. Both Sila Malik & Sila Palei is one and same person. I known as Sila Malik, W/o- Babu Palei as affidavit before Executive Magistrate, Khallikote, Ganjam. D-1238

By virtue of an affidavit (No.4511, Dt.27.08.2024) before the Notary Public, Talcher, I have changed my name from Premalata to Premalata Pradhan in my husband's Army discharged Book and PPO. Henceforth, I shall be known as Premalata Pradhan, W/o Kalandi Charan Pradhan, resident of Vill- Takua, P.O./P.S.- Kaniha, Dist.- Angul, State Odisha for all future purposes. D-1240

An affidavit before the Executive Magistrate, Jagatsinghpur on 31.07.24, Gitalakhmi Nayak, At- Bania, P.O.- Bangurigaon, P.S.- Kakatpur, Dist- Puri, 752118, Odisha declare that I have changed my name from Gitanjali Nayak to Gitalakhmi Nayak. Henceforth, I shall be known as Gitalakhmi Nayak for all future purposes. D-1237

By virtue of an affidavit sworn before the Notary Public, Junagarh, I, Bikram Naik, Village- Kaliakundal, P.S.- Junagarh, Dist.- Kalahandi declare that I have changed my name from Bikram Rana to Bikram Naik for all purposes. That both the names relates to same and one person. D-1239

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱ ପ୍ରାଣକୃଷ୍ଣ ରାଏ**

ଆବିର୍ଭାବ : ୧୫.୦୧.୧୯୪୩

ତିରୋଧାନ : ୨୫.୦୮.୨୦୨୪

ଆପଣଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ନିମନ୍ତେ ଆପଣ ସମସ୍ତଙ୍କ ନିକଟରେ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ।

-: ଶୋକସନ୍ତପ୍ତ :-

ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ

ଧ-୭୫୭୭୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-

classifieddharitri@gmail.com

Your Classified Advertisement published in Dharitri will be listed free in Dharitri Online Edition:

**dharitriepaper.in**

## ମଲ୍ଲୀ ଗଛ ଲଗାଉଥିଲେ...

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟାଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



## ଆଖୁରେ ଅଗବିନ୍ଧା ପୋକ ଲାଗିଲେ...

କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆପୋକ ମଧ୍ୟ ଲାଗିବା ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କକରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।



# ସୋରିଷ ଚାଷ ପାଇଁ ଜମି ଚୟନ

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ଚଳିତ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ। ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।



**ଧାନ :** ଡିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗକରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗକରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗକରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍‌ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା - ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

### ଏ ମାସର କୃଷି ସୂଚନା

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫଲ୍ ଆର୍ମିୱାର୍ମ ଦମନ ପାଇଁ ସ୍ପାଇନୋଟୋରାମ ୧୧.୭% ଏସ୍.ସି. ୦.୫ ମି.ଲି./ଲିଟର ପାଣିରେ ଗୋଳାଇ ପ୍ରୟୋଗ କରନ୍ତୁ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଫଳଚାଷ :** ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍+ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟିଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣିକୁଆଁ ସବୁ କାଟିଦିଅନ୍ତୁ।

**ଫୁଲଚାଷ :** ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ୍ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲସନ, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ପ୍ରାଣୀଙ୍କୁ ପ୍ରତିଷେଧକ ଟିକା

ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ । ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।



## ଚିନାବାଦାମରେ ଜଳ ନିୟନ୍ତ୍ରଣ



ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ତେଣୁ ଜମିରୁ ପାଣି କାଟି ଦିଅନ୍ତୁ । ଚେରର ଭାଡୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

## ମାଛ ଚାଷ



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଡାଲିଜାତୀୟ ବିହନ ବିଶୋଧନ



ଡାଲିଜାତୀୟ ବିହନ ବିଶୋଧନ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗକରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ। ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

## ଜାଣି ରଖନ୍ତୁ

- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।



## ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

# ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ଦିନ ଓ ଭେନ୍ୟୁ ଧାର୍ଯ୍ୟ

**ଦୁବାଇ, ୩।୯ (ପି.ଟି.):** ଆଇକନିକ ଲର୍ଡ୍ସରେ ତୃତୀୟ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଆସନ୍ତାବର୍ଷ ଜୁନ୍ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜୁନ୍ ୧୬କୁ ରିଜର୍ଭ ଦିବସ ରଖାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ତରଫରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଲର୍ଡ୍ସଠାରେ ପ୍ରଥମ ଡବ୍ଲ୍ୟୁଟିସି ଫାଇନାଲ ଅନୁଷ୍ଠିତ ହେଉଛି। ଏହା ପୂର୍ବରୁ ଦୁଇଟି ଟାଇଟଲ ମ୍ୟାଚ ସାଉଥମ୍ପଟନ (୨୦୨୧) ଓ ଓଭାଲ (୨୦୨୩)ରେ ଅନୁଷ୍ଠିତ ହୋଇଥିଲା। ଭାରତ ଏହି ଦୁଇଟି ଫାଇନାଲରେ ଭାଗ ନେଇଥିଲା। ଉଦ୍‌ଘାଟନୀ ସଂସ୍କରଣ ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡଠାରୁ ପରାଜିତ ହୋଇଥିବା ବେଳେ ଗତବର୍ଷ ଦଳ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଥିଲା। ବର୍ତ୍ତମାନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଆଗରେ ପ୍ରଥମ ସ୍ଥାନରେ ରହିଛି। ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଭାରତ ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ତେବେ ନ୍ୟୁଜିଲାଣ୍ଡ (୩ୟ), ଇଂଲଣ୍ଡ (୫ମ), ଦକ୍ଷିଣ ଆଫ୍ରିକା (୬ଷ୍ଠ) ଏବଂ ବାଂଲାଦେଶ (୭ମ) ଆଦି ଦେଶ ଫାଇନାଲ ଦୌଡ଼ରେ ରହିଛନ୍ତି।

# ସୁଆରେଜଙ୍କ ଅବସର ଘୋଷଣା

**ମଣ୍ଟେଭିଡିଓ (ଉରୁଗୁଏ), ୩।୯ (ଏପି):** ଷ୍ଟାର ଷ୍ଟ୍ରାଇକର ଲୁଇସ୍ ସୁଆରେଜ ଫୁଟ୍‌ବଲରୁ ଅବସର ନେବେ ବୋଲି ଘୋଷଣା କରିଛି। ଶୁକ୍ରବାର ସେଣ୍ଟେନାରିଓ ଷ୍ଟାଡିୟମରେ ପାରାଗୁଏ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟରରେ ସେ ତାଙ୍କ ଦେଶ ଉରୁଗୁଏ ପାଇଁ ଶେଷ ଥର ପାଇଁ ଖେଳିବେ। ଏଥିସହିତ ତାଙ୍କ ଦୀର୍ଘ



୧୭ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିବାକୁ ଯାଉଛି। ଏକ ଖବରଦାତା ସମ୍ମିଳନୀରେ ଅବସର ଘୋଷଣା କଲା ବେଳେ ତାଙ୍କ ଆଖିରୁ ଲୁହକୁ ରୋକି ପାରି ନ ଥିଲେ। ସେ କହିଥିଲେ ଇଞ୍ଜୁରୀ ପାଇଁ ଅବସର ନେଉନାହାନ୍ତି। ତାଙ୍କୁ ବର୍ତ୍ତମାନ ୩୭ବର୍ଷ ବୟସ ହେଲାଣି। ପରବର୍ତ୍ତୀ ବିଶ୍ୱକପ୍‌ରେ ଖେଳିବା ତାଙ୍କ ପାଇଁ ସହଜ ହେବ ନାହିଁ। ୨୦୦୭ରେ ପଦାର୍ପଣ କରିଥିବା ସୁଆରେଜ ଉରୁଗୁଏ ତରଫରୁ ୧୪୨ ମ୍ୟାଚ ଖେଳି ୬୯ ଗୋଲ୍ କରିଛନ୍ତି। ଦେଶର ସେ ହେଉଛନ୍ତି ସର୍ବକାଳୀନ ଅଗ୍ରଣୀ ଗୋଲ ସ୍କୋରର। ସେ ୪ ବିଶ୍ୱକପ୍ ଏବଂ ୫ କୋପା ଆମେରିକା ଖେଳିଛନ୍ତି। ତାଙ୍କ ନେତୃତ୍ୱରେ ଉରୁଗୁଏ ୨୦୧୧ରେ କୋପା ଟାଇଟଲ ଜିତିଥିଲା।

# ଉଗାଣ୍ଡା ଅଲିମ୍ପିଆନଙ୍କୁ ଜାଳିଦେଲେ ପ୍ରେମିକ




ରେବେକା ଚିପଟେଗୀ

**ନାଇରୋବି, ୩।୯ (ପି.ଟି.)**

କେନିଆରେ ବାସ କରୁଥିବା ଉଗାଣ୍ଡାର ଅଲିମ୍ପିକ୍ସ ଆଥଲେଟ ରେବେକା ଚିପଟେଗୀଙ୍କୁ ତାଙ୍କ ପ୍ରେମିକ ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଶରୀର ୭୫ ପ୍ରତିଶତ ଜଳି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚିପଟେଗୀ ଜଣେ ଦୂରଗାମୀ ଧାବିକା। ପ୍ୟାରିସ୍ ଅଲିମ୍ପିକ୍ସରେ ଉଗାଣ୍ଡାର ପ୍ରତିନିଧିତ୍ୱ କରି ସେ ୪୪ ତମ ସ୍ଥାନରେ ରହିଥିଲେ। ଟ୍ରାନ୍ସ ନୋଜିଆ ପ୍ରଦେଶରେ ରେବେକା ରହୁଥିବା ବେଳେ ପ୍ରେମିକ ଡିକସନ ଏଣ୍ଡିଏମାଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସୋମବାର ଡିକସନ୍ ଯୁକ୍ତିତର୍କ ପରେ ଏକ ପେଟ୍ରୋଲ ଭର୍ତ୍ତି କ୍ୟାନ୍ ଆଣିଥିଲେ। ରେବେକାଙ୍କ ଉପରେ ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଉପରେ ରେବେକାଙ୍କ ପିତା ମାତା ଏକ ଜମି କିଣା ମାମଲା ଆଡକୁ ଇଙ୍ଗିତ କରିଛନ୍ତି। ରେବେକା ଆଥଲେଟିକ୍ ସେଣ୍ଟର ନିକଟରେ ଏକ ଜମି କିଣିଥିବା ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ରହିଥିଲା। ଅଗ୍ନିକାଣ୍ଡ ପୂର୍ବରୁ ଉକ୍ତ ଜମିକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବା ପଡୋଶୀ ମାନେ ଅଭିଯୋଗ କରିଛନ୍ତି। ୨୦୨୩ରେ ଉଗାଣ୍ଡାର ଅଲିମ୍ପିକ୍ସ ଆଥଲେଟ ଓ ଷ୍ଟିପଲ ଚେଜର ବେଞ୍ଜାମିନ କିପ୍ଲାଗାଟଙ୍କ କ୍ଷତ ବିକ୍ଷତ ମୃତଦେହ ମିଳିଥିଲା। ୨୦୨୨ରେ ମଧ୍ୟ କେନିଆ ଜନ୍ମିତ ବାହାରିନ୍ ଆଥଲେଟ ଡାମାରିସ୍ ମୁଥିଙ୍କ ମୃତ ଦେହ ମିଳିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଗଳା ଦବାଇ ହତ୍ୟା କରାଯାଇଥିବା ଜଣା ପଡିଥିଲା।

# ପାକିସ୍ତାନ କୁସ୍ତିଯୋଦ୍ଧାଙ୍କଠାରୁ ପଦକ ପ୍ରତ୍ୟାହାର

**କରାଚୀ, ୩।୯ (ପି.ଟି.)**

ପାକିସ୍ତାନ କୁସ୍ତିଯୋଦ୍ଧା ଅଲି ଅସାଦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଯେଉଁ ବ୍ରୋଞ୍ଜ ପଦକ ଜିତିଥିଲେ ତାହା ପ୍ରତ୍ୟାହାର କରି ନିଆଯାଇଛି। ଏହାଛଡ଼ା ତାଙ୍କୁ ୪ ବର୍ଷ ବାସନ୍ଦ ମଧ୍ୟ କରାଯାଇଛି। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ତରଫରୁ ହୋଇଥିବା ଡୋପ୍ ଟେଷ୍ଟରେ ସେ ଶକ୍ତିବର୍ଦ୍ଧକ ଡ୍ରଗ୍ସ ବ୍ୟବହାର କରିଥିବା ଜଣାପଡ଼ିଥିଲା। ପାକିସ୍ତାନ କୁସ୍ତି ମହାସଂଘ ତରଫରୁ ଏ ବିଷୟରେ ସ୍ପଷ୍ଟ କରିଦିଆଯାଇଛି। ଅଲି ଅସାଦ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଇଭେଣ୍ଟ ସମୟରେ ସେ ଶକ୍ତିବର୍ଦ୍ଧକ ଔଷଧ ସେବନ କରିଥିବା ଆଇଟିଏ ଦ୍ୱାରା ତଦନ୍ତ ପରେ ଜଣାପଡ଼ିଥିଲା। ଚଳିତ ସପ୍ତାହରେ ଏହି ମାମଲା ଉପରେ ରୁଲିଂ ଦିଆଯାଇଥିଲା। ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ପାକିସ୍ତାନ ଭାରୋତ୍ତୋଳକ ଏବଂ କୁସ୍ତିଯୋଦ୍ଧାମାନେ ଡୋପ୍ ଟେଷ୍ଟରେ ଧରାପଡ଼ି ସେମାନଙ୍କ ମହାସଂଘ ଦ୍ୱାରା ବାସନ୍ଦ ହେବା ଅନେକ



ଅଲି ଅସାଦ

ଦୃଷ୍ଟାନ୍ତ ରହିଛି। ଗତ ମେ ମାସରେ ଆଣ୍ଟି ଡୋପିଙ୍ଗ ନିୟମ ଉଲ୍ଲଂଘନ କରି ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ ପାକିସ୍ତାନର ୪ ଭାରୋତ୍ତୋଳକଙ୍କୁ ବାସନ୍ଦ କରିଥିଲା। ୨୦୨୧ ନଭେମ୍ବର ୧୦ରେ ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସିକୁ ସେମାନଙ୍କ ସାମ୍ପଲ ଦେବାକୁ ମନା କରିଦେବାରୁ ୨୦୨୨ରେ ଅବଦୁର ରେହମନ ଶର୍ଜିଲ ବଟ୍ଟ, ଗୁଲାମ ମୁସ୍ତାଫ୍ ଓ ଫରହାନ ଅମ୍‌ଜାଦ ସସ୍‌ପେଣ୍ଡ ହୋଇଥିଲେ।

# ପାକିସ୍ତାନ ବିପକ୍ଷରେ ବାଂଲାଦେଶର କ୍ଲିନ୍ ସୁଇପ୍

**ରାୱଲପିଣ୍ଡି (ପାକିସ୍ତାନ), ୩।୯ (ଏପି)**

**କ୍ରିକେଟ ଟେଷ୍ଟ ସିରିଜ**

ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ୬ ଉଇକେଟରେ ଜିତି ନେଇଛି ବାଂଲାଦେଶ। ଏଥିସହିତ ଦଳ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ମ୍ୟାଚ ଜିତିବା ଲାଗି ମଙ୍ଗଳବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ବାଂଲାଦେଶ ହାତରେ ୧୦ ଉଇକେଟ ଥିବାବେଳେ ବିଜୟ ପାଇଁ ୧୪୩ ରନ ଆବଶ୍ୟକ କରୁଥିଲା। ଭ୍ରମଣକାରୀ ଦଳ ୪ ଉଇକେଟ ବିନିମୟରେ ମ୍ୟାଚ ଜିତି ନେଇଥିଲା। ଶକିବ ଅଲ ହସନ ଚୌକା ମାରି ଦଳକୁ ବିଜୟୀ କରାଇଥିଲେ। ବାଂଲାଦେଶର ଏହା ହେଉଛି ଦ୍ୱିତୀୟ ଦ୍ୱିପାକ୍ଷିକ ଟେଷ୍ଟ ସିରିଜ ବିଜୟ। ପୂର୍ବରୁ ୨୦୦୯ରେ ଦଳ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଭ୍ରମଣକାରୀ ଦଳ ପ୍ରଥମ ଟେଷ୍ଟ ମ୍ୟାଚ ୧୦ ଉଇକେଟରେ ବିଜୟୀ ହୋଇଥିଲା। ରାୱଲପିଣ୍ଡିଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଦିବସ ଖେଳ ବର୍ଷା ଯୋଗୁ ସମ୍ଭବ ହୋଇ ନ ଥିଲା। ଫଳରେ ମ୍ୟାଚ ୪ଦିନ ବିଶିଷ୍ଟ ହୋଇଯାଇଥିଲା। ବାଂଲାଦେଶ ଏହାର ଦ୍ୱିତୀୟ ଇନିଂସରେ ୪ ଉଇକେଟ ବିନିମୟରେ ୧୮୫ ରନ କରିଥିଲା। ଶକିବ ୨୧ ରନ ଏବଂ ମୁସ୍‌ଫିର ରହିମ ୨୨ରନ କରି ଅପରାଜିତ ରହିଥିଲେ। ସୂଚନାଯୋଗ୍ୟ, ପାକିସ୍ତାନ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ଗତ ୧୦ଟି ମ୍ୟାଚ ମଧ୍ୟରେ ଗୋଟିଏ ହେଲେ ବିଜୟ ହାସଲ କରିପାରି ନାହିଁ। ଶେଷଥର ପାଇଁ ୨୦୨୧ ଡିସେମ୍ବରରେ ରାୱଲପିଣ୍ଡିଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ହାସଲ କରିଥିଲା। ମଙ୍ଗଳବାର ଲିଟନ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ମେହିଦି ହସନ ମିରାଜ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୨୭୪।
ବାଂଲାଦେଶ ପ୍ରଥମ ଇନିଂସ: ୨୬୨।
ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୭୨।
ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୮୫/୪ (ଜାକିର ହସନ-୪୦, ନଜମୁଲ ହୋନେସ ସାନ୍ତୋ-୩୮, ମୋମିନୁଲ ହକ୍-୩୪ ; ଆଘା ସଲମନ-୧/୧୭, ଖୁରମ ଶେହଜାଦ-୧/୪୦)।




ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ବାଂଲାଦେଶ ଦଳ।

# ପ୍ରଥମ ଥର ସେମିରେ ଏମ୍ମା ନାଭାରୋ

**ନ୍ୟୁୟର୍କ, ୩।୯ (ପି.ଟି.)**

**ୟୁଏସ୍ ଓପନ**

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ ଇଭେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଏମ୍ମା ନାଭାରୋ। ମଙ୍ଗଳବାର ପଉଲା ବଡୋସାଙ୍କୁ ୬-୨ ଓ ୭-୫ରେ ପରାସ୍ତ କରି ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଏମ୍ମା। ଅନ୍ୟ ପକ୍ଷରେ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଜାନିକ୍ ସିନର ଓ ଆଲେକ୍ସ ଡି ମିନାଉର। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଇଟାଲୀର ଜାନିକ୍ ସିନର ବିଶ୍ୱ ମାନ୍ୟତାର ୧୪ତମ ସ୍ଥାନରେ ଥିବା ଆମେରିକାର ଟମି ପଲ୍‌ଙ୍କୁ ୭-୬(୭/୩), ୭-୬(୭/୫) ଓ ୬-୧ର ସିଧାସଳଖ ସେଟରେ ପରାସ୍ତ କରିଥିଲେ। ଏହା ସହିତ ରୁଷିଆର ଡାନିଲ୍ ମେଡଭେଡେଭଙ୍କ ସହିତ ସେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବେ। ୨୩ ବର୍ଷୀୟ ସିନର ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନରେ ମେଡଭେଡେଭଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ପ୍ରଥମ ଦୁଇ ସେଟରେ ପଛୁଆ ରହିଥିଲେ ମଧ୍ୟ ସିନର ଶେଷରେ ଚାମ୍ପିୟନ ହୋଇଥିଲେ। ପରେ ୱିମ୍ବଲଡନ୍ କ୍ୱାର୍ଟର ଫାଇନାଲରେ ମଧ୍ୟ ଉଭୟ ଖେଳାଳି ପରସ୍ପରକୁ ଭେଟିଥିଲେ, ଯେଉଁଥିରେ ମେଡଭେଡେଭ ବିଜୟୀ ହୋଇଥିଲେ।

ସୋମବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ମ୍ୟାଚ୍‌ରେ ସିନର ୪-୧ରେ ପଛୁଆ ରହିଥିଲେ। ଦୁଇ ପଏଣ୍ଟ ବ୍ରେକ ସହିତ ପ୍ରତ୍ୟାବର୍ତ୍ତନ କରିଥିବା ସିନର ଟାଇବ୍ରେକରରେ ଜିତିଥିଲେ। ପ୍ରଥମ ଦୁଇ ସେଟ ଟାଇବ୍ରେକରରେ ଜିତିବା ପରେ ତୃତୀୟ ସେଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅନ୍ୟ ଏକ ପ୍ରି କ୍ୱାର୍ଟର ମ୍ୟାଚରେ ୧୦ ନମ୍ବର ସିଡ୍ ଆଲେକ୍ସ ଡି ମିନାଉର୍ ୬-୦, ୩-୬, ୬-୩ ଓ ୭-୫ ସେଟରେ ଜୋର୍ଡାନ୍ ଥମ୍ପସନଙ୍କୁ ପରାସ୍ତ କରିଥିଲେ। ବ୍ରିଟେନ୍‌ର ଜେକ୍ ଡ୍ରେପରଙ୍କୁ କ୍ୱାର୍ଟର ଫାଇନାଲରେ ଭେଟିବେ ମିନାଉର୍।

ମହିଳା ସିଙ୍ଗଲ୍ସ ବର୍ଗରେ ଇଗା ସ୍ୱିଟେକ୍ ଓ ବିଟ୍ରିଜ୍ ହଦଦ ମାଇୟା ନିଜ ମ୍ୟାଚ୍ ଜିତି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସ୍ୱିଟେକ୍ ୬-୪, ୬-୧ରେ ଲିଉଡେଲା ସାମସୋନୋଭାଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ବିଟ୍ରିଜ୍ ହଦଦ ମାଇୟା ୬-୨, ୩-୬ ଓ ୬-୩ରେ କାରୋଲିନ୍ ଓଜନିଆକିଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟରରେ ସ୍ୱିଟେକ୍- ଜେସିକା ପେଗୁଲା ଓ ବିଟ୍ରିଜ୍ ହଦଦ ମାଇୟା-କାରୋଲିନା ମୁଚୋଭାଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ।



ଆଲଡିଲା ସୁଜିଆଦିଙ୍କ ସହ ରୋହନ ବୋପାନ୍ନା।

## ସେମିରେ ବୋପାନ୍ନା-ସୁଜିଆଦି

ଇଣ୍ଡୋନେସିଆର ଆଲଡିଲା ସୁଜିଆଦିଙ୍କୁ ସାଥୀ କରି ଖେଳୁଥିବା ଭାରତର ରୋହନ ବୋପାନ୍ନା ୟୁଏସ୍ ଓପନ ମିକ୍ସଡ ଡବଲ୍ସ ଇଭେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଅଷ୍ଟମ ସିଡ୍ ବୋପାନ୍ନା-ଆଲଡିଲା ଯୋଡି ୭-୬ (୪), ୨-୬ ଓ ୧୦-୭ ସେଟରେ ବାର୍ବରା କ୍ରେଜିକୋଭା-ମାଥ୍ୟୁ ଏବଡେନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ୧ ଘଣ୍ଟା ୩୩ ମିନିଟ ଧରି ଚାଲିଥିଲା। ସେମି ଫାଇନାଲରେ ଡୋନାଲ୍ଡ ୟଙ୍ଗ-ଟେଲର ଟାଉନସେଣ୍ଡଙ୍କୁ ଭେଟିବେ ବୋପାନ୍ନା-ଆଲଡିଲା ଯୋଡି। ପୂର୍ବରୁ ପୁରୁଷ ଡବଲ୍ସ ମୁକାବିଲାରୁ ବୋପାନ୍ନା ବିଦାୟ ନେଇ ସାରିଛନ୍ତି।

# କ୍ରିକେଟ ପ୍ରଶଂସକରୁ ବ୍ୟାଡ୍‌ମିଣ୍ଟନ

**ପ୍ୟାରିସ୍, ୩।୯ (ପି.ଟି.)**

**ନିତ୍ୟାଙ୍କ ପାରାଲିମ୍ପିକ୍ସ ଯାତ୍ରା**

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପଦକ ତାଲିକାରେ ଆଉ ଏକ ବ୍ରୋଞ୍ଜ ପଦକ ଯୋଡ଼ିଛନ୍ତି ପାରା ଶଟଲର ନିତ୍ୟା ସୁମତି ଶିବନ। ଏସ୍-୬ ବର୍ଗର ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଇଣ୍ଡୋନେସିଆର ରିନା ମାର୍ଲିନାଙ୍କୁ ୨୧-୧୪, ୨୧-୬ ସେଟରେ ପରାସ୍ତ କରିଥିଲେ ସୁମତି। ଗ୍ରୁପ ପର୍ଯ୍ୟାୟରେ ୩ ମ୍ୟାଚ୍‌ରୁ ଦୁଇଟିରେ ବିଜୟୀ ହୋଇ ନିତ୍ୟା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପୋଲାଣ୍ଡର ଓଲିୱିଆ ସ୍କିଗିଏଲଙ୍କୁ ୨୧-୪, ୨୧-୭ରେ ପରାସ୍ତ କରି ସେମିରେ ପହଞ୍ଚିଥିଲେ। ତେବେ ସେମି ଫାଇନାଲରେ ଲିନ୍ ସୁଆଙ୍ଗବାଉଙ୍କଠାରୁ ହାରି ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଖେଳିଥିଲେ। ପ୍ରଥମ ଥର ଏକ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ନିତ୍ୟା ବ୍ରୋଞ୍ଜ ପଦକ ବିଜୟୀ



ହୋଇଛନ୍ତି। ନିତ୍ୟାଙ୍କ ସଫଳତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି।

ତାମିଲନାଡୁରେ ଜନ୍ମ ଗ୍ରହଣ କରିଥିବା ନିତ୍ୟା ପିଲାବେଳୁ କ୍ରିକେଟ ଫ୍ୟାନ ରହିଥିଲେ। ଭାଇ ଜଣେ ଜିଲା ସ୍ତରର କ୍ରିକେଟର ହୋଇଥିବା ବେଳେ ଘରର ମାହୋଲ କ୍ରୀଡ଼ା ଅନୁକୂଳ ରହିଥିଲା। ୨୦୧୬ ଅଲିମ୍ପିକ୍ସ କିନ୍ତୁ ନିତ୍ୟାଙ୍କ ପାଇଁ ଟର୍ନିଂ ପଏଣ୍ଟ ରହିଥିଲା। ବ୍ୟାଡ୍‌ମିଣ୍ଟନ ପ୍ରତି ଆଗ୍ରହ ଆସିବା ପରେ ନିୟମିତ ଖେଳିବା ଆରମ୍ଭ କରିଥିଲେ। ବାପାଙ୍କର ଜଣେ ସହକର୍ମୀ ଯିଏ କି ଜଣେ ପୂର୍ବତନ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ତାଙ୍କ ସଂସ୍ପର୍ଶରେ ଆସିବା ପରେ ନିତ୍ୟାଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆସିଥିଲା। ଲକ୍‌ଡାଉନ୍ ସମୟରେ ନିଜ ଦକ୍ଷତାର ବିକାଶ ଉପରେ କାମ କରିବା ସହିତ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ହାସଲ କରିଥିଲେ। ଅଳ୍ପ ଦିନର କ୍ୟାରିୟରରେ ନିତ୍ୟା ୨୦୨୨ ହାଙ୍ଗ୍‌ଝୋ ଏସିଆନ୍ ଗେମ୍ସର ମହିଳା ଓ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

# ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ୬ରୁ

**ଭୁବନେଶ୍ୱର, ୩।୯ (ତପନ ସ୍ୱାଇଁ):** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆନୁକୂଲ୍ୟରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍ (ବାଳିକା ଓ ବାଳକ) ଚଳିତ ମାସ ୬ ତାରିଖରୁ ଆରମ୍ଭ ହେବ। ଏକାଡେମୀ ପରିସରରେ ଏହା ୮ ପର୍ଯ୍ୟନ୍ତ ଚାଲିବ। ଉଭୟ ବର୍ଗର ଟପ୍-୧୦ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ସହ ୨୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା ବ୍ୟତୀତ ୬, ୭ ଓ ୯ ବର୍ଷରୁ କମ୍ ବର୍ଷର ଶ୍ରେଷ୍ଠ ଖେଳାଳିମାନଙ୍କୁ ଟ୍ରଫି ଦିଆଯାଇ ଉତ୍ସାହିତ କରାଯିବ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି' ୬୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ଖେଳାଳିମାନେ ବିକ୍ରମ କେଶରୀ ବିଶ୍ୱାଳଙ୍କ ସହ ଯୋଗାଯୋଗ କରି ନାମ ପଞ୍ଜୀକୃତ କରିପାରିବେ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ଜଣାଇଛନ୍ତି। ଚଳିତ ମାସ ୫ ତାରିଖ ହେଉଛି ନାମ ପଞ୍ଜୀକରଣର ଶେଷ ଦିବସ। ପ୍ରତିଯୋଗିତାରେ ମୋଟ ୮ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ। ଉଭୟ ବାଳିକା ଓ ଓପନ ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ୩୭ତମ ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଜାତୀୟ ପ୍ରତିଯୋଗିତା ହାଇଦ୍ରାବାଦରେ ଆସନ୍ତା ଅକ୍ଟୋବର ୪ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଅଜୟ ରାତ୍ରାଙ୍କୁ ଚୟନକର୍ତ୍ତା ନିଯୁକ୍ତ କଲା ବିସିସିଆଇ

**ନୂଆଦିଲ୍ଲୀ, ୩।୯ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ପୂର୍ବତନ ଉଇକେଟକିପର ଅଜୟ ରାତ୍ରାଙ୍କୁ ପୁରୁଷ କ୍ରିକେଟ ଦଳର ଅନ୍ୟତମ ଚୟନକର୍ତ୍ତା ଭାବେ ନିଯୁକ୍ତି ଦେଇଛି। ସଲିଲ ଆଙ୍କୋଲାଙ୍କ ସ୍ଥାନରେ ତାଙ୍କ ୫ ଜଣିଆ ସିଲେକ୍ସନ କମିଟିରେ ସ୍ଥାନ ମିଳିଛି। ଅଜିତ ଅଗରକର କମିଟିର ମୁଖ୍ୟ ଅଛନ୍ତି। ଏହାର ସମସ୍ତ ସଦସ୍ୟ ବିଭିନ୍ନ ଜୋନ୍‌ରୁ ପ୍ରତିନିଧିତ୍ୱ କରୁଛନ୍ତି। ରାତ୍ରା ଉତ୍ତରାଞ୍ଚଳରୁ ପ୍ରତିନିଧିତ୍ୱ କରୁଛନ୍ତି। ଅଜୟ ରାତ୍ରାଙ୍କୁ ବିସିସିଆଇ ଉପଦେଷ୍ଟା କମିଟି ନିଯୁକ୍ତି ଦେଇଛି। ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେଉଥିବା ବେଳେ ରାତ୍ରାଙ୍କୁ ନିଯୁକ୍ତି ମିଳିଛି। ଗୁରୁବାର ଦୁଲିପ ଟ୍ରଫି ଆରମ୍ଭ ବେଳେ ସେ ତାଙ୍କ ଦାୟିତ୍ୱ ଗ୍ରହଣ କରିବେ।

# କ୍ୱାର୍ଟରରେ ହାରିଲେ ପୂଜା ଜାତ୍ୟାନ

**ଅଭନି ଲେଖରା ପଞ୍ଚମ**

**ପ୍ୟାରିସ୍, ୩।୯ (ପି.ଟି.):** ପ୍ୟାରିସ୍ ପାରାଲିମ୍ପିକ୍ସର ମହିଳା ରିକର୍ଭ ଆର୍ଚେରୀ ଇଭେଣ୍ଟରେ ଭାରତର ପୂଜା ଜାତ୍ୟାନ କ୍ୱାର୍ଟର ଫାଇନାଲରେ ଚାଇନାର ଉ ଚୁନୟାନଙ୍କ ନିକଟରୁ ୬-୪ରେ ପରାଜିତ ହୋଇଛନ୍ତି। ପୂର୍ବରୁ ସେ ସିଧାସଳଖ ୬-୦ରେ ତୁର୍କୀର ୟାଗମୁର ସେଙ୍ଗୁଲଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଡବଲ ପାରାଲିମ୍ପିକ୍ସ ପଦକ ବିଜୟିନୀ ଅଭନି ଲେଖରା ଏସ୍‌ଏଚ୍-୧ ମହିଳା ୩ ପୋଜିଶନ ରାଇଫଲ ଇଭେଣ୍ଟରେ ପଞ୍ଚମ ସ୍ଥାନରେ ରହିଥିଲେ। ସପ୍ତମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଅଭନିଙ୍କୁ ନିରାଶ ହେବାକୁ ପଡିଛି।

# ମରିସସ୍ ସହ ଡ୍ର ରଖିଲା ଭାରତ

**ହାଇଦ୍ରାବାଦ, ୩।୯:** ଗଚିବାଓଲି ଷ୍ଟାଡିୟମରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ମଙ୍ଗଳବାର ଆରମ୍ଭ ହୋଇଛି। ମରିସସ୍ ବିପକ୍ଷରେ ଗୋଲଶୂନ୍ୟ ଡ୍ର ସହ ଭାରତ ଏହାର ଅଭିଯାନ ଆରମ୍ଭ କରିଛି। ନୂଆ କୋଚ୍ ମାନୋଲୋ ମାର୍କେଜଙ୍କ ଅଧୀନରେ ଭାରତ ଏହାର ପ୍ରଥମ ମ୍ୟାଚ୍ ଖେଳିଥିଲା। ଦଳ ୮୫ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ସ୍କୋର କରିବାରେ ସଫଳ ହୋଇ ନ ଥିଲା।




ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ ସହ ଉପସ୍ଥିତ କର୍ମକର୍ତ୍ତା।

# ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ପାଇଁ ଓଡ଼ିଶା ଦଳ ଚୟନ

**ଭୁବନେଶ୍ୱର, ୩।୯ (ତପନ ସ୍ୱାଇଁ)**

**ବିହାରର ଗୟାଠାରେ ୫ରୁ ୮ ପର୍ଯ୍ୟନ୍ତ ପ୍ରତିଯୋଗିତା**

ବିହାରର ଗୟାଠାରେ ଚଳିତ ମାସ ୫ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପାଇଁ ମଙ୍ଗଳବାର ଓଡ଼ିଶା ଦଳ ଚୟନ ହୋଇଛି। ଦଳ ଚୟନ ପାଇଁ ଅଗଷ୍ଟ ୧୨ରୁ ଭୁବନେଶ୍ୱର ପୋଖରିପୁଟ ଓ ସହିଦନଗରସ୍ଥିତ ଇନ୍‌ଡୋରେ ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଚୟନ ଶିବିର ଓ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୪୦ରୁ ଉର୍ଦ୍ଧ୍ୱ ସିନିୟର ଓ ଜୁନିୟର ମହିଳା ଓ ପୁରୁଷ ଖେଳାଳି ଭାଗ ନେଇଥିଲେ। ଶିବିର ପରିଚାଳନା କରିଥିଲେ ଜାତୀୟ ସ୍ତରର କୋଚ ଭି. ମୁରଲୀ କ୍ରିଷ୍ଣା, ଗୋବର୍ଦ୍ଧନ ରେଢ୍ଢୀ, ଓଡିଶା କୋଚ ସୋମେନ ଦାସ ଓ ସୁରେନ୍ଦ୍ର ନେପାଳ। ରାଜ୍ୟ ଦଳରେ ସିନିୟର ବର୍ଗରୁ ତହସିଫ ଖାଁ, କେ. ଜଗଦୀଶ ଆର୍ଯ୍ୟା ମାଝୀ, ଆୟୁଷ ପଟ୍ଟନାୟକ, ଅବିନାଶ ମହାନ୍ତି, ଅର୍ନିବାଣ ମଣ୍ଡଳ, ପରସ ମାଥୁର, ଆୟୁଷ ଦାସ, ଗୀତାଶ୍ରୀ ଦେ, ହର୍ଷିତା ରାଉତ, ପୂର୍ବା ପ୍ରତ୍ୟାଶା ପଣ୍ଡା, ପ୍ରଗତି ପରିଡା, ବିଶାଖା ଟପ୍ପୋ, ଇସିତା ମହାନ୍ତି, ନିଶିତା ମହାନ୍ତି ଖେଳିବାକୁ ମନୋନୀତ ହୋଇଛନ୍ତି। ସେହିପରି ଜୁନିଅର ବର୍ଗରେ ମୟଙ୍କ ଭରଦ୍ୱାଜ, ଶ୍ରୀୟାଂଶ ପରିଡା, ଶ୍ରୀୟାଂସ ଜେନା, ଶୁଭ୍ରକେତନ ମଲିକ, ଗୀତାଶ୍ରୀ ଦେ, ଅସ୍ୱାକି ମିଶ୍ର, ଆଦ୍ୟ ପାଢ଼ୀ ଏବଂ ସ୍ୱିଟି ପ୍ରିୟା ପ୍ରଧାନ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଦଳରେ ମେନେଜର ଭାବେ କମଲ ଦାସ, କୋଚ ଭି. ମୁରଲୀ କ୍ରିଷ୍ଣା, ସୋମେନ ଦାସ, ସୁରେନ୍ଦ୍ର ନେପାଳ ଓ ଦଳର ଫିଜିଓ ଅରୁଣ କେ. ଏସ. ରାଜ୍ୟ ଦଳ ସହ ଗୟା ଯାତ୍ରା କରିଛନ୍ତି । ଚୟନ କମିଟି ଅଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ ଓ ଆବାହକ ଓସବା ସମ୍ପାଦକ ନିଲିନ କୁମାରଙ୍କ ସହ କମଲ ଦାସ, ବିଜୟ ବାଗ, ଜୟପ୍ରକାଶ ସିଂ, ମନୋରଞ୍ଜନ ପଣ୍ଡା, ବିବେକ କର, ସୁବ୍ରତ କାନୁନଗୋ ଏବଂ ସୋମେନ ଦାସ ଦଳ ଚୟନ କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ